ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୩/୨୦୧୯ (୧୬ ପୃଷ୍ଠା) | Bhubaneswar, Tuesday, July 23/2019 | ★★★★
୪୫ଶ ଭାଗ ୨୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ଅପକମିଂ ଆକ୍ସନ ଫିଲ୍ମରେ କଙ୍ଗନା**

ଅଭିନେତ୍ରୀ କଙ୍ଗନା ରଣାଓ୍ୱତ୍ ଅପକମିଂ ଆକ୍ସନ ଥ୍ରିଲର 'ଧାକଡ଼'ରେ ଜଣେ ଗୁପ୍ତଚର ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି।

୦୨

୧୫

**ଋତୁପର୍ଣ୍ଣାଙ୍କୁ ଡବଲ୍ ସ୍ୱର୍ଣ୍ଣ**

ଓଡ଼ିଆ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଋତୁପର୍ଣ୍ଣା ପଣ୍ଡା ଘାନାରେ ଅନୁଷ୍ଠିତ ଜେଇ ୱିଲସନ ଇଣ୍ଟରନ୍ୟାଶନାଲ ସିରିଜର ମିକ୍ସଡ୍ ଓ ମହିଳା ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି।



# ଚନ୍ଦ୍ରୟାନ-୨ ସଫଳ

- ୪୮ ଦିନ ଯାତ୍ରା ପରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ।
- ଏହି ମିଶନ୍ ଚନ୍ଦ୍ରର ନୂଆ ଦିଗ ଉନ୍ମୋଚନ କରିବ- ପ୍ରଧାନମନ୍ତ୍ରୀ
- ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତିର ଏକ ଐତିହାସିକ ଦିନ- ଇସ୍ରୋ ଅଧ୍ୟକ୍ଷ



ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ),୨୨।୭(ଆଇଏଏନ୍‌ଏସ୍)

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଭାରତର ଦ୍ୱିତୀୟ ଲୁନାର ମିଶନ୍ ଚନ୍ଦ୍ରୟାନ-୨କୁ ସୋମବାର ସଫଳତାର ସହ ଉତ୍‌କ୍ଷେପଣ କରାଯାଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାଓ୍ୱନ ମହାକାଶ କେନ୍ଦ୍ରରୁ ଅପରାହ୍ନ ୨ଟା ୪୩ରେ ଛଡାଯାଇଥିବା 'ବାହୁବଳୀ' ନାମକ ଜିଏସ୍‌ଏଲ୍‌ଭି ରକେଟ୍ ଏହାକୁ ୧୬ ମିନିଟ ମଧ୍ୟରେ ପୃଥିବୀର କକ୍ଷପଥରେ ଅବସ୍ଥାପିତ କରିଥିଲା। ପୃଥିବୀର କକ୍ଷପଥରେ ଏହା ୨୩ଦିନ ଘୂରିବା ପରେ ଚନ୍ଦ୍ର ଅଭିମୁଖେ ଯାତ୍ରା କରିବ। ୩୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୪୩.୪ ମିଟର ଲମ୍ବ ଓ ୬୪୦ଟନ୍ ଓଜନର ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍ ୩.୮ ଟନ୍ ବିଶିଷ୍ଟ ଚନ୍ଦ୍ରୟାନ-୨ ସ୍ପେସ୍‌କ୍ରାଫ୍ଟକୁ ପୃଥିବୀର କକ୍ଷପଥରେ ଅବସ୍ଥାନ କରାଇବାକୁ ସମର୍ଥ ହୋଇପାରିଛି। ୪୮ ଦିନ ଯାତ୍ରା କରିବା ପରେ ଚନ୍ଦ୍ରୟାନ-୨ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ। ଏଥିପାଇଁ ଚନ୍ଦ୍ରୟାନକୁ ୩,୮୪,୪୦୦ କିଲୋମିଟର ଯାତ୍ରା କରିବାକୁ ପଡିବ। ଚନ୍ଦ୍ରଯାନର ସଫଳ ଉତ୍‌କ୍ଷେପଣ ପରେ ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ଆଜିର ଦିବସକୁ ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତିର ଏକ ଐତିହାସିକ ଦିନ ଭାବେ ବର୍ଣ୍ଣନା କରିଛନ୍ତି। ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍ ଚନ୍ଦ୍ରୟାନ-୨କୁ ପୃଥିବୀର ନିର୍ଦ୍ଦିଷ୍ଟ କକ୍ଷପଥରେ ଅବସ୍ଥାନ କରାଇଥିବାରୁ ଶିବନ୍ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ଭାରତ ପାଇଁ ଏହା ଐତିହାସିକ ଯାତ୍ରାର ଆରମ୍ଭ ବୋଲି ସେ କହିଥିଲେ। ଚନ୍ଦ୍ରୟାନ-୨ ଲଞ୍ଚ୍ କରିବା ପରେ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରତାଳି ଦେଇ ଇସ୍ରୋ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଚନ୍ଦ୍ରୟାନ-୨ ଭାରତର ଏକ ସ୍ୱତନ୍ତ୍ର ଅଭିଯାନ। କାରଣ ଚନ୍ଦ୍ରର ଦକ୍ଷିଣ ମେରୁରେ ଏହା ବୈଜ୍ଞାନିକ ☞ପୃଷ୍ଠା-୪

# ରାଜ୍ୟରେ ମହିଳା, ନାବାଳିକା ଅସୁରକ୍ଷିତ

- ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ
- ଶୂନ୍ୟକାଳରେ ସରକାରଙ୍କୁ ପ୍ରଦୀପ୍ତ, ନରସିଂହଙ୍କ ସମାଲୋଚନା
- ଗୃହ ବାରମ୍ବାର ମୁଲତବୀ, ସର୍ବଦଳୀୟ ବୈଠକ ବିଫଳ
- କଂଗ୍ରେସର କକ୍ଷତ୍ୟାଗ, ଗାନ୍ଧୀମୂର୍ତ୍ତି ତଳେ ଧାରଣା
- ପୋଡିୟମ ତଳେ ବସିଲା ଭାଜପା



ଭୁବନେଶ୍ୱର,୨୨।୭(ବ୍ୟୁରୋ)

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ଦିନକୁ ଦିନ ନାବାଳିକା ଏବଂ ମହିଳାଙ୍କ ଉପରେ ହିଂସା ବଢ଼ିବାରେ ଲାଗିଛି। ଗତ ଶନିବାର ଅନୁଗୋଳର ୮ ବର୍ଷୀୟା ନାବାଳିକାଙ୍କୁ ଦୁର୍ବୃତ୍ତ ଉଠାଇ ନେଇ ବଳାତ୍କାର କରିଥିଲେ। ଏପରି କି ମୃତ ଭାବି ପୀଡ଼ିତାଙ୍କୁ ଦୁର୍ବୃତ୍ତମାନେ ଅଳିଆଗଦାରେ ଫିଙ୍ଗିଦେଲେ। କେବଳ ଅନୁଗୋଳ ନୁହେଁ, ଭବାନୀପାଟଣାରେ ମଧ୍ୟ ରହୁଥିବା ଜଣେ ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଗୃହ ମୁଖ୍ୟ ଯୌନ ନିର୍ଯାତନା ଦେଉଥିଲେ। ରାଜ୍ୟରେ ମା, ଭଉଣୀଙ୍କ ରକ୍ଷକ ସାଜିଥିବା ବ୍ୟକ୍ତିବିଶେଷ ଏବେ ଭକ୍ଷକ ସାଜିଛନ୍ତି। ସରକାରଙ୍କ ଉଦାସୀନତା ହିଁ ସେମାନଙ୍କୁ ପ୍ରୋତ୍ସାହନ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏହି ଦୁଇ ଘଟଣାକୁ ବାଦ୍ ଦେଲେ ସରକାର ବାଳିକା ନିଖୋଜ ନେଇ ରଖିଥିବା ତଥ୍ୟ ମଧ୍ୟ ଉଦ୍‌ବେଗଜନକ। ଚଳିତ ବର୍ଷ ମାତ୍ର ୩ ମାସରେ ୫୦୨ ଝିଅ ନିଖୋଜ ହୋଇଛନ୍ତି। କିଛିଦିନ ପୂର୍ବେ ନିର୍ବାଚନ ସମୟରେ କେନ୍ଦ୍ରାପଡ଼ା ଜିଲାରେ ଗୁଳିକାଣ୍ଡ ଘଟିଥିଲା। ଏହା ପୂର୍ବରୁ ପୁରୀ ଜିଲା ପଟ୍ଟନାୟିକିଆରେ ହୋଇଥିଲା ଟ୍ରିପଲ ମର୍ଡର। ଏହିଭଳି କେତେକ ସ୍ପର୍ଶକାତର ପ୍ରସଙ୍ଗ ନେଇ ଶୂନ୍ୟକାଳ ଏବଂ ଦ୍ୱିତୀୟାର୍ଦ୍ଧରେ ଗୃହରେ ସରକାରଙ୍କୁ ଘେରିଥିଲେ ବିରୋଧୀ। ଏପରି କି ଶୂନ୍ୟକାଳରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଉଭୟ ଭାଜପା ଏବଂ କଂଗ୍ରେସ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବି କରିଥିଲେ।

ଶୂନ୍ୟକାଳରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି ଯେ, ବିଧାୟକ ସୁରେଶ ରାଉତରାୟଙ୍କ ଏକ ପ୍ରଶ୍ନର ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି ଯେ, ରାଜ୍ୟରେ ବହୁସଂଖ୍ୟକ ଝିଅ ନିଖୋଜ ହୋଇଛନ୍ତି। ଏମାନଙ୍କୁ ସରକାର ଠିକ୍‌ଭାବେ ଠାବ କରିପାରୁନାହିଁ। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୧୬ରେ ୧୨୯୧ ଝିଅ ହଜିଥିବାବେଳେ ମାତ୍ର ୭୦୦ ଜଣଙ୍କୁ ଠାବ କରାଯାଇଥିଲା। ୨୦୧୭ରେ ୧୩୬୦ ଝିଅ ହଜିଥିବାବେଳେ ୭୩୭ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଚଳିତ ବର୍ଷ କେବଳ ୩ ମାସରେ ୫୦୨ ଝିଅ ନିଖୋଜ ହୋଇଛନ୍ତି। ସେଥିରୁ ମାତ୍ର ୭୯ଜଣଙ୍କୁ ଠାବ କରାଯାଇପାରିଛି। ସରକାରଙ୍କ ହାତରେ ପୋଲିସ ପ୍ରଶାସନ ରହିଛି, ଗୋଇନ୍ଦା ସଂସ୍ଥା ଇତ୍ୟାଦି ଦିନରାତି କାମ କରୁଛନ୍ତି। ତଥାପି ଦିନକୁ ଦିନ ଛୋଟ ଛୋଟ ଝିଅ ନିଖୋଜ ହୋଇଯାଉଛନ୍ତି। ଲଗାତର ୫ମ ଥର ଜିତିଥିବା ମୁଖ୍ୟମନ୍ତ୍ରୀ କ'ଣ କରୁଛନ୍ତି ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିଛନ୍ତି। ସେହିପରି କୌଣସି ଗରିବ ଲୋକ ଥାନାରେ ମାମଲା କଲେ ତାହାକୁ ସମ୍ବେଦନଶୀଳଭାବେ ନିଆଯାଉନାହିଁ। ଓଲଟା ମାମଲା ରୁଜୁ କରିଥିବା ପରିବାରଙ୍କୁ ଖୋଜିବାକୁ କୁହାଯାଉଛି। ନେତା, ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କଥା ଗଲେ ତଦନ୍ତ ଆରମ୍ଭ ହେଉଛି। କେତେଦିନ ରାଜ୍ୟରେ ଏପରି ଚାଲିବ। ୧୦ରୁ ୧୨ ବର୍ଷିଆ ବାଳିକାଙ୍କୁ ନେଇ ଇଞ୍ଜେକ୍‌ଶନ ଦିଆଯାଇ ସେମାନଙ୍କୁ ଯୌନ ବ୍ୟବସାୟ ପାଇଁ ପ୍ରସ୍ତୁତ କରାଯାଉଛି। ଏ ଧାରା ଦିନକୁ ଦିନ ବଢିବାରେ ଲାଗୁଛି। ରାଜ୍ୟରେ ଝିଅବୋହୂଙ୍କ ଇଜ୍ଜତ ରହୁ ନ ଥିବା ପ୍ରଦୀପ୍ତ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଶୂନ୍ୟକାଳରେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ନରସିଂହ କହିଥିଲେ ଯେ, ବିଧାନସଭାରେ କ'ଣ ପାଇଁ ଆଲୋଚନା କରାଯାଉଛି, ତାହା ବେଳେବେଳେ ଭାବିବାକୁ ପଡୁଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ବିଭିନ୍ନ ସମୟରେ ଆଲୋଚନା ଏବଂ ଗଠନଧର୍ମୀ ପ୍ରସ୍ତାବ ଦିଆଯାଉଛି, ହେଲେ ତାହାର କାର୍ଯ୍ୟକାରିତା ଦେଖିବାକୁ ମିଳୁନାହିଁ। ସେପଟେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖି ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ଥିବା କହି ଚୁପ୍ ହୋଇ ବସିପଡୁଛନ୍ତି। ବଳାତ୍କାର ମାମଲାରେ ୟୁପି ଦେଶରେ ପ୍ରଥମ ସ୍ଥାନରେ ରହିଛି। ହେଲେ ଯଦି ଜନସଂଖ୍ୟାର ଆକାରକୁ ଦେଖି ବଳାତ୍କାର ସଂଖ୍ୟାକୁ ହିସାବକୁ ନିଆଯାଏ ତେବେ ପ୍ରତିଶତରେ ଓଡ଼ିଶା ସର୍ବାଗ୍ରେ ରହିବ। ରାଜ୍ୟରେ ବ୍ୟାପକ ସଂଖ୍ୟାରେ ଝିଅ ହଜୁଥିବା ନେଇ ସରକାର ଗୃହରେ ଉତ୍ତର ରଖିଛନ୍ତି। ହେଲେ ସେମାନଙ୍କୁ ଖୋଜି ପୋଲିସ ବାହାର କରିପାରୁନାହିଁ। ଭବାନୀପାଟଣାରେ ରହୁଥିବା ବଲାଙ୍ଗୀରର ଝିଅଟି ନିର୍ଯାତନାରେ ଶିକାର ହୋଇଛି। ସେହିପରି ଅନୁଗୋଳ ଘଟଣାରେ ଗିରଫ କଥା କୁହାଯାଉଛି। ହେଲେ କୌଣସି ଘଟଣା ଘଟିବା ପରେ ଗିରଫ କ'ଣ ଏହାର ସମାଧାନ। ରାଜ୍ୟରେ ଏମିତି ଅପରାଧ ବଢ଼ି ଚାଲିଥିବ ଏବଂ ସରକାର ଖାଲି ଗିରଫ କରି ଚାଲିଥିବେ। ଗୋଟିଏ ଘଟଣା ପାଇଁ ଜେ.ବି. ପଟ୍ଟନାୟକଙ୍କ ସରକାର ଚାଲିଯାଇଥିଲା। ହେଲେ ସେ ସରକାର ସମ୍ବେଦନଶୀଳ ଥିଲେ ଓ ଜନମତକୁ ସମ୍ମାନ ଦେଇ ଗୃହରେ ଉତ୍ତର ରଖୁଥିଲେ। ବର୍ତ୍ତମାନ ଦୈନିକ ୭ ଜଣ ମହିଳା ବଳାତ୍କାରର ଶିକାର ହେଉଥିବା ବେଳ ସରକାର ଆଇନ ତା' ବାଟରେ ଯିବ ବୋଲି କହି ଖସିଯାଉଥିବା ନରସିଂହ କହିଥିଲେ। ସେହିପରି ପୋଲିସ ଡ୍ୟୁଟି ପୋଷାକ ନ ପିନ୍ଧି ପୀଡ଼ିତାଙ୍କ ପାଖକୁ ଯିବାର ନିୟମ ରହିଛି, ହେଲେ ☞ପୃଷ୍ଠା-୪


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

## ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

ଧରିତ୍ରୀ ଏବଂ ପ୍ରଗତିବାଦୀ ଖବରକାଗଜରେ ତା୧୦.୦୭.୨୦୧୯ ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା ୨୫.୦୭.୨୦୧୯, ୨୬.୦୭.୨୦୧୯ ଏବଂ ୨୯.୦୭.୨୦୧୯ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଶୁଣାଣୀ ହେବାକୁ ଧାର୍ଯ୍ୟ ହୋଇଥିଲା । ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ଅନୁଯାୟୀ ଅନୁଷ୍ଠିତ ହୋଇପାରୁନାହିଁ । ପରିବର୍ତ୍ତିତ ଶୁଣାଣୀ ତାରିଖ ଖବରକାଗଜ ଏବଂ Website ମାଧ୍ୟମରେ ଦରଖାସ୍ତକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ



No.150-A

## ଓଡ଼ିଶା ସରକାର

## ଜଳସମ୍ପଦ ବିଭାଗ

### ପାଣି ପଞ୍ଚାୟତ ଓ ଚାଷୀ ଭାଇଭଉଣୀ ମାନଙ୍କୁ ନିବେଦନ

ଚଳିତବର୍ଷ ମୌସୁମୀ ପ୍ରବାହରେ ଅନିୟମିତତା ଯୋଗୁଁ ରାଜ୍ୟରେ ଏପର୍ଯ୍ୟନ୍ତ ବର୍ଷାର ପରିମାଣ ସ୍ୱାଭାବିକ ଠାରୁ ବହୁତ କମ୍ ହୋଇଅଛି । ଏଥିଯୋଗୁଁ ରାଜ୍ୟରେ ଥିବା ନଦୀ, ନାଳ, ବିଭିନ୍ନ ଜଳଭଣ୍ଡାର ଏବଂ ବ୍ୟାରେଜ ଗୁଡ଼ିକରେ ଜଳସେଚନ ଯୋଗାଇ ଦେବାପାଇଁ ଆବଶ୍ୟକତାରୁ କମ୍ ପରିମାଣର ଜଳ ଉପଲବ୍ଧ ଅଛି । ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ତରଫରୁ ଜଳଭଣ୍ଡାର ଏବଂ ବ୍ୟାରେଜ ଗୁଡ଼ିକରେ ଉପଲବ୍ଧ ଥିବା ଜଳର Rotational Irrigation ଦ୍ୱାରା ଚାଷଜମିରେ ସୁଷମ ବଣ୍ଟନପାଇଁ ବ୍ୟବସ୍ଥା କରାଯାଉଛି ।

ଏତଦ୍ୱାରା ପାଣି ପଞ୍ଚାୟତର ସମସ୍ତ ସଦସ୍ୟ ତଥା ଚାଷୀ ଭାଇଭଉଣୀ ମାନଙ୍କୁ ନିବେଦନ କରାଯାଉଅଛି ଯେ ଜଳ ସଞ୍ଚୟ କରିବାରେ ସାହାଯ୍ୟ କରନ୍ତୁ । ସେମାନେ ଏଥିରେ ସହଯୋଗ କରି ଚାଷ କରାଯାଇଥିବା ଜମିରେ ଫସଲର ସୁରକ୍ଷା କରିବାରେ ସହାୟକ ହୁଅନ୍ତୁ ।

ଇଂ. ଅକ୍ଷୟ କୁମାର ବାନାର୍ଜୀ
ସର୍ବୋଚ୍ଚ ଯନ୍ତ୍ରୀ,ଜଳସମ୍ପଦ

32031/11/0004/1920




କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ଉଦ୍‌ଯାପିତ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ମହିଳା ଓ ପୁରୁଷ ବିଭାଗ ଚାମ୍ପିୟନ ଭାରତର ଆହିକା ମୁଖାର୍ଜୀ ଓ ହରମୀତ ଦେଶାଇ ଟ୍ରଫି ସହ। ପ୍ରତିଯୋଗିତାରେ ଭାରତ ୭ଟି ଯାକ ସ୍ୱର୍ଣ୍ଣପଦକ ଜିତି କ୍ଲିନ୍ ସୁଇପ୍ କରିଛି।

(ରିପୋର୍ଟ ଖେଳ ପୃଷ୍ଠାରେ)

**ଆଜିର ସମ୍ପାଦକୀୟ**

ଆଜି ଅସଲି, କାଲି ନକଲି

**ଆଜିର ମନ୍ତବ୍ୟ**

"କଂଗ୍ରେସରେ ନେତୃତ୍ୱ ସଙ୍କଟ କିଛିନାହିଁ। ରାହୁଲ ଗାନ୍ଧୀ ଦଳର କ୍ୟାପ୍‌ଟେନ ଅଛନ୍ତି ଓ ଭବିଷ୍ୟତରେ ମଧ୍ୟ ରହିବେ।

-ଅଶୋକ ଗେହ୍‌ଲଟ
ରାଜସ୍ଥାନ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୨୦୨୧ ସୁଦ୍ଧା ଦେଶର ଇସ୍ପାତ ଉତ୍ପାଦନ ୧୨୮.୬ ନିୟୁତ ଟନ୍ ଏବଂ ୨୦୨୩ ସୁଦ୍ଧା ଇସ୍ପାତ ବ୍ୟବହାର ୧୪୦ ନିୟୁତ ଟନ୍ ଛୁଇଁବ।

-ଅର୍ଥନୈତିକ ସର୍ଭେ





NATIONAL EGG CO-ORDINATION COMMITTEE | 22.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 59 | 105 | 115 |
| DKL | 57 | 102 | 112 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 56 | 101 | 111 |
| BHM | 55 | 100 | 110 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers




*ସର୍ତ୍ତ ବ୍ୟବସ୍ଥାବଳୀ ଲାଗୁ | TATA MOTORS - 9748164499, 7328829029

Authorised Dealer

TRUPTI AUTOMOTIVES – Angul, Jajpur, Dhenkanal, Cuttack, Jagatsinghpur, Kendrapada – 9583040249, 9583040257
CONSORTIUM AUTOMOBILES – Khorda, Puri, Nayagarh, Kandhmal, Ganjam, Gajpati – 7375087787
PAL MOVERS – Balasore, Bhadrak, Mayurbhanj, Keonjhar – 9437960713, 9938405992
JALAN AUTOMOBILES – Sambalpur, Deogarh, Jharsuguda, Sundergarh, Rourkela – 9437057805, 7381062295
LAXMI SALES AND SERVICE – Bargarh, Balangir, Sonepur, Boudh, Nuapda – 8144917704, 8144917701
KALINGA AUTO SYNDICATE – Koraput, Nabarangpur, Malkangiri, Kalahandi, Rayagada – 9937167720, 7682826345



ଗାନ୍ଧୀ ପରିବାରରୁ କେହି ନେତୃତ୍ୱ ନ ନେଲେ କଂଗ୍ରେସ ୨୪ ଘଣ୍ଟା ମଧ୍ୟରେ ଭାଗ ଭାଗ ହୋଇଯିବ।
- ନଟବର ସିଂ
ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### ୟୁପି: ବଜ୍ରପାତରେ ୩୩ ମୃତ

**ଲକ୍ଷ୍ନୌ,୨୨।୭(ପି.ଟି.)-** ଉତ୍ତରପ୍ରଦେଶ (ୟୁପି)ରେ ବଜ୍ରପାତ ଭୟଙ୍କର ପରିସ୍ଥିତି ସୃଷ୍ଟିକରିଛି। ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ଯୋଗୁ ୩୩ ଲୋକଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ଉତ୍ତରପ୍ରଦେଶ ହରିମ୍ପୁରରେ ବଜ୍ରପାତରେ ୩ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାବେଳେ ଜଲୌନ୍ ଜିଲାରେ ୪, ଝାନ୍ସୀରେ ୫, ଘାଜିପୁରରେ ୩, ଯୌନ୍ପୁର, ପ୍ରତାପଗଞ୍ଜ, କାନ୍ପୁର ଡେହାଟ୍ ଓ ଚିତ୍ରକୁଟରେ ଜଣେ ଲେଖାଏ, କାନପୁର ଓ ଫତେପୁର ୭ ଜଣ ଲେଖାଏ ବ୍ୟକ୍ତି ପ୍ରାଣ ହରାଇଥିବା ସୋମବାର ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଏଥିସହ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖପ୍ରକାଶ କରିଥିବାବେଳେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବଜ୍ରପାତରେ ଆହତ ହୋଇଥିବା ୪ ବ୍ୟକ୍ତିଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାଲାଗି ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଆର୍‌ଟିଆଇ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୨୨।୭-** ବିରୋଧୀ ଦଳଗୁଡ଼ିକର ତୀବ୍ର ପ୍ରତିବାଦ ସତ୍ତ୍ୱେ ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ସଂଶୋଧନ ବିଲ୍ ସୋମବାର ଲୋକ ସଭାରେ ଗୃହୀତ ହୋଇଛି। ୧୭୮ ଜଣ ବିଲ୍ ସପକ୍ଷରେ ଭୋଟ ଦେଇଥିବାବେଳେ ୭୯ ଜଣ ବିରୋଧରେ ଭୋଟ ଦେଇଥିଲେ। ଉକ୍ତ ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ମୁଖ୍ୟ ସୂଚନା କମିଶନର (ସିଆଇସି) ଏବଂ ସୂଚନା କମିଶନରମାନଙ୍କ କାର୍ଯ୍ୟକାଳ ଓ ବେତନ ଧାର୍ଯ୍ୟ କରିବା କ୍ଷମତା କେନ୍ଦ୍ର ସରକାରଙ୍କୁ ମିଳିବ। ଏଥିସହିତ ସୂଚନା କମିଶନ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଅନ୍ୟାନ୍ୟ ନିଯୁକ୍ତି ସର୍ତ୍ତାବଳୀ ସରକାର ସ୍ଥିର କରିବେ। ସୂଚନା ଅଧିକାର ଆଇନକୁ ଦୁର୍ବଳ କରିଦେବା ପାଇଁ ସରକାର ଏହି ବିଲ୍ ଆଣିଥିବା ବିରୋଧୀ ଅଭିଯୋଗ କରିବା ସହ ଜାତୀୟ ମାନବାଧିକାର କମିଶନ ଭଳି ସିଆଇସିକୁ କ୍ଷମତା ବିହୀନ କରିବାକୁ ଯୋଜନା ହୋଇଥିବା କହିଛନ୍ତି। ଏହା ସଂଶୋଧନ ବିଲ୍ ନୁହେଁ ଉଚ୍ଛେଦ ବିଲ୍ ବୋଲି କଂଗ୍ରେସ ନେତା ଶଶି ଥରୁର କହିଥିଲେ।

### ଦୁର୍ନୀତିଗ୍ରସ୍ତଙ୍କୁ ଗୁଳି ମନ୍ତବ୍ୟ
### କ୍ରୋଧରେ କହିଥିଲି: ସତ୍ୟପାଲ୍



**ଶ୍ରୀନଗର,୨୨।୭(ପି.ଟି.)-** ଆତଙ୍କବାଦୀମାନେ ନିରୀହ ଲୋକଙ୍କୁ ନ ମାରି ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଗୁଳି କରିବା ଉଚିତ ବୋଲି ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଥିବା ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ ସୋମବାର ଏଥିପାଇଁ ଦୁଃଖପ୍ରକାଶ କରିଛନ୍ତି। କ୍ରୋଧ ଓ ନୈରାଶ୍ୟର ବଶବର୍ତ୍ତୀ ହୋଇ ସେ ଏଭଳି କହିଦେଇଥିଲେ ବୋଲି ସେ ସଫେଇ ଦେଇଛନ୍ତି। ରାଜ୍ୟରେ ଦୁର୍ନୀତି ବଢ଼ିଚାଲିଥିବାରୁ ଏଥିରେ ସେ ଅତିଷ୍ଠ ହୋଇପଡିଲେଣି। ତେବେ ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଭାବେ ତାଙ୍କର ଏଭଳି କହିବାର ନ ଥିଲା ବୋଲି ସତ୍ୟପାଲ କହିଛନ୍ତି। ରବିବାର କାର୍ଗିଲ ଅଞ୍ଚଳରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବାବେଳେ ସତ୍ୟପାଲ୍ କହିଥିଲେ, ଯେଉଁ ବନ୍ଧୁକଧାରୀ ଯୁବକମାନେ ନିଜ ଲୋକଙ୍କୁ ହତ୍ୟା କରୁଛନ୍ତି। ନିରୀହମାନଙ୍କୁ ନ ମାରି ଯେଉଁମାନେ କଶ୍ମୀରର ସମ୍ପତ୍ତି ଲୁଟୁଛନ୍ତି ସେମାନଙ୍କୁ ହତ୍ୟା କର ବୋଲି କହିଥିଲେ।

### [ଇତିହାସର ଆଇନାରେ]
### ଜୁଲାଇ ୨୩ର ପ୍ରମୁଖ ଘଟଣା

୧୯୪୨ ଜୁଲାଇ ୨୩ରେ ବୁଲ୍‌ଗେରିଆ କବି ତଥା କମ୍ୟୁନିଷ୍ଟ ନେତା ନିକୋଲା ଭାପଟସରୋଭ ଫାଏରିଂ ସ୍କ୍ୱାଡ ଦ୍ୱାରା ମୃତ୍ୟୁଦଣ୍ଡ ପାଇଥିଲେ। ବୁଲଗେରିଆର ଏହି ବିପ୍ଳବୀ କବି ପେସାରେ ଜଣେ ମେଶିନିଷ୍ଟ ଥିଲେ ଏବଂ ଅବସର ସମୟରେ ବିପ୍ଳବାତ୍ମକ ଲେଖା ଲେଖୁଥିଲେ।

୧୯୭୨ ଜୁଲାଇ ୨୩ରେ ଆମେରିକା ଏହାର ପ୍ରଥମ ଆର୍ଥ-ରିସୋର୍ସ ସାଟେଲାଇଟ୍ ଲ୍ୟାଣ୍ଡସାଟ୍-୧ ଲଞ୍ଚ୍ କରିଥିଲା। ଆମେରିକା ଲ୍ୟାଣ୍ଡସାଟ୍ ପ୍ରୋଗ୍ରାମ୍‌ର ଏହା ହେଉଛି ପ୍ରଥମ ସାଟେଲାଇଟ୍।

## ମହାକାଶ ଗବେଷଣାରେ ବଡ଼ ସଫଳତା
# ପୃଥିବୀ କକ୍ଷରେ ଚନ୍ଦ୍ରୟାନ-୨

**ନୂଆଦିଲ୍ଲୀ,୨୨।୭**

ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ସୋମବାର ଚନ୍ଦ୍ରୟାନ-୨କୁ ସଫଳତାର ସହ ଉତ୍କ୍ଷେପଣ କରି ଇତିହାସ ସୃଷ୍ଟି କରିଛି। ସେପ୍ଟେମ୍ବର ୬ରେ ଏହା ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ। ଚନ୍ଦ୍ରକୁ ଯାନ ପଠାଇବାରେ ଭାରତ ଚତୁର୍ଥ ରାଷ୍ଟ୍ର ହେବାକୁ ଯାଉଥିବା ବେଳେ ଏହାର ଅନ୍ଧକାର ପାର୍ଶ୍ୱରେ ଅବତରଣ କରାଇବାରେ ପ୍ରଥମ ରାଷ୍ଟ୍ର ହେବ। ଏହି ନୂଆ କୀର୍ତ୍ତିମାନ ପାଇଁ ଇସ୍ରୋକୁ ଅଭିନନ୍ଦନର ସୁଅ ଛୁଟିଛି।

ଲ୍ୟାଣ୍ଡର୍, ରୋଭର୍ ଓ ଅର୍ବିଟରକୁ ନେଇ ମହାକାଶ ଯାଇଛି ଜିଏସ୍ଏଲ୍‌ଭି ମାର୍କ-୩ ରକେଟ୍। ଚନ୍ଦ୍ରୟାନ ଲାଗି ବ୍ୟୟ ହୋଇଛି ୬୦୩ କୋଟି। ପୂରା ମିଶନରେ ବ୍ୟୟ ହୋଇଛି ୯୭୮ କୋଟି। ୪୮ଦିନ ଅଭିଯାନ ପରେ ଚନ୍ଦ୍ରୟାନ-୨ ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳକୁ ଯିବ। ଏହି ଅଞ୍ଚଳକୁ ଅନ୍ୟ କୌଣସି ଦେଶର ଯାନ ଏବେ ସୁଦ୍ଧା ଯାଇନାହିଁ। ଜିଏସ୍ଏଲ୍‌ଭି ମାର୍କ-୩ ରକେଟ ନିର୍ମାଣ ଲାଗି ଖର୍ଚ୍ଚ ହୋଇଛି ୩୭୫ କୋଟି ଓ ଏହାର ଓଜନ ୬୪୦ ଟନ୍, ଲମ୍ୱ ୪୩.୪ ମିଟର। ଇସ୍ରୋର ଅଧିକାରୀମାନେ ଏହାକୁ ବି କହୁଛନ୍ତି 'ଫ୍ୟାଟ୍‌ବୟ'। ବାହୁବଳୀ ରକେଟ ଚନ୍ଦ୍ରୟାନ-୨କୁ ନେଇ ପୃଥିବୀ କକ୍ଷପଥରେ ଛାଡିଛି। ଚନ୍ଦ୍ରପୃଷ୍ଠରେ ସୁରକ୍ଷିତ ଭାବେ ଅବତରଣ କରି ଲ୍ୟାଣ୍ଡର୍ ଅର୍ବିଟର୍ ଓ ରୋଭର୍ ସହ ଯୋଗାଯୋଗ ରକ୍ଷା କରି ବେଙ୍ଗାଲୁରୁ ନିକଟସ୍ଥ ବ୍ୟାଲାଲୁରେ ଥିବା ଇଣ୍ଡିଆନ୍ ଡିପ୍ ସ୍ପେଶ୍ ନେଟ୍‌ୱର୍କ (ଆଇଡିଏସ୍ଏନ୍) ସହ ଯୋଗାଯୋଗ ରକ୍ଷାକରିବ। ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠର ୧୦୦ କିଲୋମିଟର ଉଚ୍ଚରୁ ସଫ୍ଟ ଲ୍ୟାଣ୍ଡ କରିବ।

ଚନ୍ଦ୍ରୟାନ-୨ର ଛଅଚକିଆ ରୋବୋଟିକ ଭେହିକିଲ୍ ରୋଭର ପ୍ରଜ୍ଞା ୫୦୦ ମିଟର ଗତିକରି ଦୁଇଟି ବିଷୟରେ ଅନୁଧ୍ୟାନ କରିବ। ଏହା କେବଳ ଲ୍ୟାଣ୍ଡର ସହ ଯୋଗାଯୋଗ କରିପାରିବ। ପ୍ରଜ୍ଞା ସୌରଶକ୍ତି ସଂଗ୍ରହ କରି ଗତି କରିବ।



ଅର୍ବିଟର୍‌ର ମିଶନ୍ ଲାଇଫ୍ ଏକ ବର୍ଷ। ଏହା ଚନ୍ଦ୍ରପୃଷ୍ଠର ୮ଟି ବିଷୟରେ ପରୀକ୍ଷା ନିରୀକ୍ଷା କରିବ। ଚନ୍ଦ୍ରପୃଷ୍ଠର ୧୦୦ କିଲୋମିଟର ଉଚ୍ଚରୁ ଲ୍ୟାଣ୍ଡର ଅର୍ବିଟରରୁ ବାହାରିବା କ୍ଷଣି ଫଟୋନେବା ଆରମ୍ଭ କରିଦେବ। ୩୦ କିଲୋମିଟର ଉଚ୍ଚରେ ପହଞ୍ଚିବା କ୍ଷଣି ତାହା କେଉଁଠାରେ ଅବତରଣ କରିବ ତାହା ନିଜେ ସ୍ଥିର କରିବ। ଲ୍ୟାଣ୍ଡିଂର ୧୨ ଘଣ୍ଟା ପରେ ଲ୍ୟାଣ୍ଡରରୁ ପ୍ରଜ୍ଞା ରୋଭର ବାହାରି ଚନ୍ଦ୍ରପୃଷ୍ଠରେ ଅନୁଧ୍ୟାନ କରିବା ଆରମ୍ଭ କରିଦେବ। ଏହି ତଥ୍ୟ ରୋଭର ପ୍ରଜ୍ଞା ଲ୍ୟାଣ୍ଡର ବିକ୍ରମକୁ ପଠାଇବ ଓ ଲ୍ୟାଣ୍ଡର ତାହାକୁ ଅର୍ବିଟରକୁ ପଠାଇବା ପରେ ଅର୍ବିଟର ତାହାକୁ ପୃଥିବୀକୁ ପଠାଇବ।

### ଚନ୍ଦ୍ରୟାନ-୨ର ବିଶେଷତ୍ୱ

- ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ଅବତରଣ କରିବାର ଏହା ପ୍ରଥମ ମିଶନ୍।
- ନିଜସ୍ୱ ଜ୍ଞାନକୌଶଳରେ ଚନ୍ଦ୍ରୟାନ-୨କୁ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ଭାରତର ଏହା ପ୍ରଥମ ପ୍ରୟାସ ।
- ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡ୍ କରିବାରେ ଆମେରିକା, ରୁଷିଆ ଓ ଚାଇନା ପରେ ଭାରତ ବିଶ୍ୱର ଚତୁର୍ଥ ଦେଶ।

**ଅର୍ବିଟର:** ଏହାର ଓଜନ ୨,୩୭୯ କିଲୋଗ୍ରାମ। ଏଥିରେ ୮ଟି ପେଲୋଡ୍ ରହିଛି। ଏହା ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଡିପ୍ ସ୍ପେସ ନେଟ୍‌ୱାର୍କ (ଆଇଡିଏସଏନ)କୁ ତଥ୍ୟ ପଠାଇବ। ଏହାର ଲ୍ୟାଣ୍ଡର ସହ ବି ସମ୍ପର୍କ ରହିବ। ଟେରାଇନ ମ୍ୟାପିଂ କ୍ୟାମେରା ପୂରା ଚନ୍ଦ୍ରର ଏଲିଭେସନ ମଡେଲ ପ୍ରସ୍ତୁତ କରିବ। ଲାର୍ଜ ଏରିଆ ସଫ୍ଟ ଏକ୍ସ-ରେ ସ୍ପେକ୍ଟ୍ରୋମିଟର ଚନ୍ଦ୍ରପୃଷ୍ଠର ବିଭିନ୍ନ ଉପାଦାନ ଉପରେ ପରୀକ୍ଷା କରିବ । ସୋଲାର ଏକ୍ସରେ ମନିଟର-ସୋଲାର ଏକ୍ସରେ ସ୍ପେକ୍ଟ୍ରମର ଇନପୁଟ ଉପଲବ୍ଧ କରାଇବ।

**ଲ୍ୟାଣ୍ଡର ବିକ୍ରମ:** ଏହାର ଓଜନ ୧,୪୭୧ କିଲୋଗ୍ରାମ। ପ୍ରତି ସେକେଣ୍ଡରେ ଦୁଇ ମିଟର ଗତି କରିବ। ବେଙ୍ଗାଲୁରୁର ଆଇଡିଏସଏନ ସହ ଅର୍ବିଟର ଓ ରୋଭରର ସମ୍ପର୍କ କରାଇବ। ସରଫେସ ଥର୍ମୋ ଫିଜିକାଲ ଏକ୍ସପେରିମେଣ୍ଟ-ଚନ୍ଦ୍ରର ଥର୍ମାଲ କଣ୍ଡକ୍ଟିଭିଟି ଉପରେ ତଥ୍ୟ ସଂଗ୍ରହ କରିବ। ଲେଙ୍ଗମ୍ୟୁର ପ୍ରୋବ ଚନ୍ଦ୍ରପୃଷ୍ଠ ସମ୍ପର୍କରେ ଅଧ୍ୟୟନ କରିବ।

**ରୋଭର ପ୍ରଜ୍ଞା:** ଏହା ସୌର ଶକ୍ତି ସାହାଯ୍ୟରେ ଏହା ପ୍ରତି ସେକେଣ୍ଡରେ ଏକ ସେଣ୍ଟିମିଟର ଗତି କରିବ।



### ୨୦୦୩ରୁ ଆରମ୍ଭ ହୋଇଥିଲା ମିଶନ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୨୦୦୦ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ବାର୍ତ୍ତାରେ ଚନ୍ଦ୍ରୟାନ ମିଶନ ସମ୍ପର୍କରେ ଘୋଷଣା କରିଥିଲେ। ଭାରତର ଏହି ମୁନ୍ ମିଶନ୍ ୨୦୦୩ରୁ ଆରମ୍ଭ ହୋଇଥିଲା।

**୨୦୦୩ ଏପ୍ରିଲ:** ଗ୍ରହଜଗତ ଓ ମହାକାଶ ବିଜ୍ଞାନ, ଭୂବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନ, ଜ୍ୟୋତିର୍ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ, ଇଞ୍ଜିନିୟରିଂ ଓ ଯୋଗାଯୋଗ ବିଜ୍ଞାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଭାରତର ୧୦୦ରୁ ଊର୍ଦ୍ଧ୍ୱ ଖ୍ୟାତନାମା ବୈଜ୍ଞାନିକଙ୍କୁ ନେଇ ଚନ୍ଦ୍ର ଅଭିଯାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଚନ୍ଦ୍ର ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଟାସ୍କଫୋର୍ସ ସୁପାରିସ୍ ଉକ୍ତ ବୈଠକରେ ଅନୁମୋଦନ ଲାଭ କରିଥିଲା।

**୨୦୦୩ ନଭେମ୍ବର:** ମୁନ୍ ମିଶନକୁ ସରକାର ଅନୁମୋଦନ କରିଥିଲେ।

**୨୦୦୮ ଅକ୍ଟୋବର ୨୨:** ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୧ ସଫଳତାର ସହ ଉତ୍କ୍ଷେପଣ କରାଯାଇଥିଲା।

**୨୦୦୮ ନଭେମ୍ବର ୨୬:** ଚନ୍ଦ୍ରୟାନ-୧ରେ ଥିବା ସ୍ୱଦେଶୀ ଜ୍ଞାନକୌଶଳଯୁକ୍ତ ଟେରେନ ମ୍ୟାପିଙ୍ଗ୍ କ୍ୟାମେରା ପ୍ରଥମେ କାର୍ଯ୍ୟକ୍ଷମ ହୋଇ ଚନ୍ଦ୍ରପୃଷ୍ଠର ଫଟୋ ଉତ୍ତୋଳନ ପୃଥିବୀକୁ ପଠାଇଥିଲା।

**୨୦୦୯ ଜାନୁୟାରୀ ୨୯:** ଚନ୍ଦ୍ରୟାନ-୧ ମହାକାଶରେ ପ୍ରଥମ ୧୦୦ ଦିନ ପୂରଣ କରିବା ପରେ ଭାରତ, ୟୁରୋପ ଓ ଆମେରିକାର ବୈଜ୍ଞାନିକମାନେ ଏହାର ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ।

**୨୦୦୯ ଅଗଷ୍ଟ ୨୮:** ଚନ୍ଦ୍ରାୟନ-୧ ଦୁଇବର୍ଷ ପାଇଁ କାର୍ଯ୍ୟକ୍ଷମ ରହିବ ବୋଲି ଆଶା କରାଯାଉଥିବାବେଳେ ଏହିଦିନ ହଠାତ ତାହା ସହ ଯୋଗାଯୋଗ ବନ୍ଦ ହୋଇଯାଇଥିଲା। ଏହି ଯାନ ଚନ୍ଦ୍ରର କକ୍ଷପଥରେ ୩୧୨ ଦିନ କାର୍ଯ୍ୟକ୍ଷମ ରହିଥିଲା। ତେବେ ଏହା ପ୍ରାଥମିକ ଲକ୍ଷ୍ୟ ୯୫ ପ୍ରତିଶତ ସମ୍ପୂର୍ଣ୍ଣ କରିଥିବାରୁ ମିଶନ ସଫଳ ହୋଇଥିବା ବୈଜ୍ଞାନିକମାନେ କହିଥିଲେ।

**୨୦୦୭ ନଭେମ୍ବର ୧୨:** ଚନ୍ଦ୍ରୟାନ-୨ ପ୍ରକଳ୍ପ ଲାଗି ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ରୁଷିଆ ଫେଡେରାଲ ସ୍ପେସ୍ ଏଜେନ୍ସି (ରସ୍‌କସ୍‌ମସ୍) ଓ ଇସ୍ରୋ ମଧ୍ୟରେ ରାଜିନାମା ସ୍ୱାକ୍ଷର ହୋଇଥିଲା।

**୨୦୦୮ ସେପ୍ଟେମ୍ବର ୧୮:** ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଉକ୍ତ ମିଶନକୁ ଅନୁମୋଦନ କରାଯାଇଥିଲା।

**୨୦୦୯ ଅଗଷ୍ଟ:** ଇସ୍ରୋ ଏବଂ ରସ୍‌କସ୍‌ମସ୍ ଚନ୍ଦ୍ରୟାନ-୨ର ଡିଜାଇନ୍ ସମ୍ପୂର୍ଣ୍ଣ କରିଥିଲେ। ତେବେ ଲ୍ୟାଣ୍ଡର ନିର୍ମାଣ କରିବାରେ ରୁଷିଆ ବିଳମ୍ବ କରିବାରୁ ଏହାର କାର୍ଯ୍ୟକ୍ରମକୁ ବାରମ୍ବାର ସ୍ଥଗିତ ରଖିବାକୁ ପଡିଥିଲା। ଶେଷରେ ରସ୍‌କସ୍‌ମସ୍ ଚୁକ୍ତିନାମାରୁ ଓହରିଯିବାରୁ ଭାରତ ଏକାକୀ ମୁନ୍ ମିଶନକୁ ଆଗେଇନେବାକୁ ନିଷ୍ପତ୍ତି ନେଇଥିଲା।

**୨୦୧୯ ଜୁନ୍ ୨୮:** ଲଞ୍ଚ ଭେହିକିଲ୍ ଜିଏସ୍ଏଲ୍‌ଭି ଏମ୍‌କେ୩-ଏମ୍୧ ଏବଂ ଚନ୍ଦ୍ରୟାନ-୨ରେ ବ୍ୟାଟେରି ସଂଯୋଗ ହୋଇ ଉତ୍କ୍ଷେପଣ ପାଇଁ ପ୍ରସ୍ତୁତ ହୋଇଥିଲା।

**୨୦୧୯ ଜୁନ୍ ୨୯:** ରୋଭରର ସମସ୍ତ ପରୀକ୍ଷା ଶେଷ ହେବା ପରେ ଏହାକୁ ଲ୍ୟାଣ୍ଡର ବିକ୍ରମ ସହିତ ସଂଯୋଗ କରାଯାଇଥିଲା।

**୨୦୧୯ ଜୁନ୍ ୩୦:** ମହାକାଶ ଯାନର ବୈଦ୍ୟୁତିକ ଯାଞ୍ଚ ଏବଂ ପାଇରୋ ଆର୍ମିଂ କାର୍ଯ୍ୟ ଏବଂ ବ୍ୟାଟେରିଂ ଚାର୍ଜିଂ ଶେଷ ହୋଇଥିଲା।

**୨୦୧୯ ଜୁଲାଇ ୧:** ଜିଏସ୍ଏଲ୍‌ଭି ରକେଟରେ ସଂଯୋଗ ହେବା ଲାଗି ଚନ୍ଦ୍ରୟାନ-୨ ପ୍ରସ୍ତୁତ ହୋଇଥିଲା। ୬ ତାରିଖ ସୁଦ୍ଧା ସଂଯୋଗ ସମ୍ପୂର୍ଣ୍ଣ ହେବା ସହ ସମସ୍ତ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଥିଲା।

**୨୦୧୯ ଜୁଲାଇ ୭:** ଜିଏସ୍ଏଲ୍‌ଭି ଏମ୍‌କେ୩-ଏମ୍୧କୁ ଲଞ୍ଚ୍ ପ୍ୟାଡ୍‌କୁ ନିଆଯାଇଥିଲା।

**୨୦୧୯ ଜୁଲାଇ ୮:** ଉତ୍କ୍ଷେପଣ ପାଇଁ ପ୍ରଥମ ରିହରସାଲ ହୋଇଥିଲା। ସମସ୍ତ ଯାଞ୍ଚ ଓ ସମ୍ପୂର୍ଣ୍ଣ ରିହରସାଲ ପ୍ରକ୍ରିୟା ୧୨ ତାରିଖରେ ଶେଷ ହୋଇଥିଲା।

**୨୦୧୯ ଜୁଲାଇ ୧୯:** ଏହି ଦିନ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ ହେବାର ଥିଲା। ତେବେ ଏଥିରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଶେଷ ମୁହୂର୍ତ୍ତରେ ଇସ୍ରୋ କର୍ତ୍ତୃପକ୍ଷ ଉତ୍କ୍ଷେପଣକୁ ସ୍ଥଗିତ ରଖିଥିଲେ।

## ଚେକ୍ ବାଉନ୍ସ ମାମଲା
# ଅଭିନେତ୍ରୀଙ୍କୁ ୬ ମାସ ଜେଲଦଣ୍ଡ

**ମୁମ୍ବାଇ,୨୨।୭(ପି.ଟି.)**

ଏକ ଚେକ୍ ବାଉନ୍ସ ମାମଲାରେ ଅଭିନେତ୍ରୀ କୋଏନା ମିତ୍ରଙ୍କୁ ମୁମ୍ବାଇର ଏକ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୬ ମାସ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଅନ୍ଧେରୀ ମେଟ୍ରୋପଲିଟାନ୍ କୋର୍ଟ ମାଜିଷ୍ଟ୍ରେଟ୍ କେତକୀ ଚଭାନ୍ ରାୟରେ ମଡେଲ୍ ତଥା ଅଭିଯୋଗକାରିଣୀ ପୁନମ୍ ସେଠୀଙ୍କୁ ୪.୬୪ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

୨୦୧୩ର ଏହି ମାମଲା ଅନୁଯାୟୀ ମିତ୍ର ୨୨ ଲକ୍ଷ ଟଙ୍କା ସେଠୀଙ୍କଠାରୁ କରଜରେ ଆଣିଥିବାବେଳେ ଠିକ୍ ସମୟରେ ପୈଠକରି ନ ଥିଲେ। ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସେ ୩ ଲକ୍ଷ ଟଙ୍କାର ଏକ ଚେକ୍ ସେଠୀଙ୍କୁ ଦେଇଥିଲେ। କିନ୍ତୁ ଏହାକୁ ବ୍ୟାଙ୍କ ଗ୍ରହଣ କରି ନ ଥିଲା। ୨୦୧୩ରେ ସେଠୀ ଏକ ଲିଗାଲ୍ ନୋଟିସ୍ ମିତ୍ରଙ୍କ ନିକଟକୁ ପଠାଇଥିଲେ। ମାମଲା କୋର୍ଟରେ ଗଡ଼ିବା ପରେ ଶେଷରେ ମିତ୍ରଙ୍କୁ ଜେଲ୍‌ଦଣ୍ଡାଦେଶ ମିଳିଛି। ପ୍ରକାଶଥାଉ କି, ମିତ୍ର 'ମୁସାଫିର୍', 'ଏକ୍ ଖିଲାଡ଼ି ଏକ୍ ହସିନା', ଆପ୍‌ନା ସପ୍‌ନା ମନି ମନି' ଆଦି ଫିଲ୍ମରେ ଅଭିନୟ କରିଛନ୍ତି।



### ଇରାନରେ ୧୭ ସିଆଇଏ ଗୁପ୍ତଚର ଗିରଫ

**ତେହେରାନ୍,୨୨।୭(ପି.ଟି.)-** ଆମେରିକା ଗୋଇନ୍ଦା ସଂସ୍ଥା ସିଆଇଏ (ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି)ର ୧୭ ଗୁପ୍ତଚରଙ୍କୁ ଇରାନ ଗିରଫ କରିଥିବା ସୋମବାର ଘୋଷଣା କରିଛି। ସେମାନଙ୍କ ମଧ୍ୟରୁ କେତେକଙ୍କୁ ଦୀର୍ଘକାଳୀନ ଜେଲଦଣ୍ଡାଦେଶ ଦିଆଯାଇଥିବାବେଳେ ଆଉ କେତେକଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିବା ଜଣାପଡ଼ିଛି। ଇରାନ ସୁରକ୍ଷା ସଂସ୍ଥା ସିଆଇଏ ଗୁପ୍ତଚର ନେଟୱାର୍କର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଥିଲା। ଇରାନ-ଆମେରିକା ମଧ୍ୟରେ ଅଣୁଚୁକ୍ତିକୁ ନେଇ ବାଦବିବାଦ ଲାଗିବା ଓ ଇରାନ ଉପରେ ଆର୍ଥିକ କଟକଣା ଲଗାଯାଇଥିଲା। ଆମେରିକା ସିଆଇଏର ଭିଜା ଟ୍ରାପ୍‌ରେ ଫସିବା ପରେ ଇରାନର ଏହି ନାଗରିକମାନେ ଏଭଳି କାର୍ଯ୍ୟ ଜାରି ରଖିଥିଲେ ବୋଲି ଅଧିକାରୀମାନେ କହିଛନ୍ତି।

## ସମୟ ଗଡାଇବାକୁ ସରକାରଙ୍କ ଉଦ୍ୟମ
# ମୋତେ ବଳିବୋଦା କରନାହିଁ: ବାଚସ୍ପତି

**ବେଙ୍ଗାଲୁରୁ,୨୨।୭(ପି.ଟି.)**

**କର୍ଣ୍ଣାଟକ ଆସ୍ଥାଭୋଟ**

କର୍ଣ୍ଣାଟକ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆଣିଥିବା ଆସ୍ଥାଭୋଟ ଉପରେ କ୍ରମାଗତ ତୃତୀୟ ଦିନ ପାଇଁ ଆଲୋଚନା ଜାରି ରହିଥିବାବେଳେ ଭୋଟ ପ୍ରକ୍ରିୟାକୁ ବିଳମ୍ବିତ କରିବା ଲାଗି ବାଚସ୍ପତି କେ.ଆର୍. ରମେଶ କୁମାରଙ୍କ ଉପରେ ଚାପ ପକାଯାଇଥିଲା। ବିଦ୍ରୋହୀ ବିଧାୟକମାନେ ଦେଇଥିବା ଇସ୍ତଫା ଉପରେ ବାଚସ୍ପତି ଏ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି। ଇସ୍ତଫା ନିଷ୍ପତ୍ତି ନ ସରିବା ପର୍ଯ୍ୟନ୍ତ ଆସ୍ଥାଭୋଟ ନ ନେବା ଲାଗି ବାଚସ୍ପତିଙ୍କୁ କଂଗ୍ରେସ କହିଥିଲା। ତେବେ ବାଚସ୍ପତି ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ତାଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଦେଇ ସରକାର ସୋମବାର ସୁଦ୍ଧା ଆସ୍ଥାଭୋଟ ପ୍ରକ୍ରିୟା ଶେଷ କରିବାକୁ ବାରମ୍ବାର ସ୍ମରଣ କରାଇଦେଇଥିଲେ। 'ଆମକୁ ସମସ୍ତେ ଦେଖୁଛନ୍ତି। ଦୟାକରି ମୋତେ ବଳିବୋଦା କରନାହିଁ। ଆମକୁ ଲକ୍ଷ୍ୟରେ ପହଞ୍ଚିବାକୁ ହେବ' ବୋଲି ବାଚସ୍ପତି କହିଥିଲେ।



କେ.ଆର୍. ରମେଶ କୁମାର

କଂଗ୍ରେସ-ଜେଡିଏସ୍ ମେଣ୍ଟରୁ ୧୬ ଜଣ ବିଧାୟକ ଇସ୍ତଫା ଦେବା ଏବଂ ଦୁଇ ଜଣ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିନେବା ପରେ ସରକାରରେ ସଙ୍କଟ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଗୁରୁବାର ଆସ୍ଥାଭୋଟ ଲୋଡିଥିଲେ ମଧ୍ୟ ଏହା ଉପରେ ଆଲୋଚନା ଶେଷ ହେଉନାହିଁ। ରାଜ୍ୟପାଳଙ୍କ ତାଗିଦ ସତ୍ତ୍ୱେ ଶୁକ୍ରବାର ଆସ୍ଥାଭୋଟ ନ କରି ବାଚସ୍ପତି ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ସୋମବାର ଆଲୋଚନା ଜାରି ରହିଥିବାବେଳେ ଭୋଟ ପ୍ରକ୍ରିୟାକୁ ଆଉ ଦୁଇ ଦିନ ଘୁଞ୍ଚାଇବା ପାଇଁ ମେଣ୍ଟ ସରକାର ଚାହୁଁଥିବା ଜଣାପଡିଛି।

## ମୋଦି ସରକାରଙ୍କ ଦ୍ୱିତୀୟ ପାଳି
# ୫୦ ଦିନର ରିପୋର୍ଟ କାର୍ଡ

**ନୂଆଦିଲ୍ଲୀ,୨୨।୭(ପି.ଟି.)**

କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରର ଦ୍ୱିତୀୟ ପାଳିରେ ୫୦ ଦିନ ପୂରଣ ହୋଇଛି। ଏହି ସମୟ ମଧ୍ୟରେ ବିକାଶ ଧାରାକୁ ଆଗେଇ ନେବା ଲାଗି ଆଲୋଚନା ଜାରି ରହିଛି। ଗତ ଥର ଅପେକ୍ଷା ଏଥର ସଂସ୍କାର କାର୍ଯ୍ୟ ଅଧିକ ମାତ୍ରାରେ ଆଗେଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭ୍‌ଡ଼େକର ସରକାରର ରିପୋର୍ଟ କାର୍ଡ ଉପସ୍ଥାପନ କରିଛନ୍ତି। ଜନମଙ୍ଗଳ କାର୍ଯ୍ୟ, ଲୋକଙ୍କୁ ନ୍ୟାୟ ଓ ସଂସ୍କାର କାର୍ଯ୍ୟ ଲାଗି ସରକାର ପଦକ୍ଷେପ ଗ୍ରହଣ କରିଥିବା ସେ କହିଛନ୍ତି।

ଭାଜପା କ୍ଷମତାକୁ ଆସିବା ପରେ ମେ ୩୦ରେ ମୋଦି ଦ୍ୱିତୀୟ ଥର ଲାଗି ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥଗ୍ରହଣ କରିଥିଲେ। ଦେଶକୁ ୫ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ କରିବା ଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଥିଲେ। ଦ୍ରୁତ ଭିତ୍ତିଭୂମି ବିକାଶ, ସାମାଜିକ ନ୍ୟାୟ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଚନ୍ଦ୍ରୟାନ-୨ ସଫଳତା ପରେ ଗଗନୟାନ ୨୦୨୨ରେ ପ୍ରେରଣ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ଜାଭ୍‌ଡେକର ପ୍ରକାଶ କରିଛନ୍ତି। ଜଳଶକ୍ତି ମିଶନ ସହ ଅନେକ ଐତିହାସିକ ନିଷ୍ପତ୍ତି ସରକାର ନେଇଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ନୂଆ ପୁଞ୍ଜିନିବେଶ ସୁବିଧା ଯୋଗାଇ ଦିଆଯିବ। କୃଷକ, ଯବାନ, ଶ୍ରମିକ, ମଧ୍ୟମ ବର୍ଗ, ବ୍ୟବସାୟୀ ଓ ଯୁବବର୍ଗ ଦେଶ ବିକାଶରେ ଅଗ୍ରଣୀ ଭୂମିକା ତୁଲାଇବେ।



ପ୍ରକାଶ ଜାଭ୍‌ଡ଼େକର

ଗତ ୫୦ ଦିନର ସରକାରରେ ପ୍ରତି କୃଷକଙ୍କୁ ୬ ହଜାର ଟଙ୍କା ସହାୟତା, କେତେକ ଫସଲର ଏମ୍‌ଏସ୍‌ପି ବୃଦ୍ଧି, ୧୦ ହଜାର କୃଷକ ସଙ୍ଗଠନ ଗଠନ କରାଯାଇଥିବା ଜାଭ୍‌ଡ଼େକର କହିଛନ୍ତି। ଏଥିସହ ପୁଞ୍ଜିନିବେଶ ବୃଦ୍ଧି ଲାଗି ପବ୍ଲିକ ସେକ୍ଟର ବ୍ୟାଙ୍କକୁ ୭୦ ହଜାର କୋଟି ଟଙ୍କା ପ୍ରଦାନ, ଜମ୍ମୁ-କଶ୍ମୀରରେ ଆତଙ୍କବାଦ କମିବା, ଆର୍ଥିକ ପଳାତକଙ୍କୁ କାଠଗଡ଼ାକୁ ଆଣିବା ଆଦି ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିସହ ଭାରତ ବିମ୍‌ଷ୍ଟେକ୍, ଜି-୨୦ ସମ୍ମିଳନୀରେ ଯୋଗଦେଇ ନିଜର ପକ୍ଷ ରଖିବା ସହ ବୈଦେଶିକ ନୀତିରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ଦୁର୍ନୀତି ବିରୋଧରେ ଲଢ଼େଇ କରିବା, ପୋକ୍ସୋ ଆଇନ କଡ଼ାକଡ଼ି କରିବା, ମେଡ଼ିକାଲ ଶିକ୍ଷାରେ ସଂସ୍କାର ଆଣିବା ଆଦି ମୋଦି ସରକାରର ୫୦ ଦିନର ରିପୋର୍ଟ କାର୍ଡ ବୋଲି ଜାଭ୍‌ଡ଼େକର କହିଛନ୍ତି।

## ଗୁପ୍ତଚର ଭୂମିକାରେ କଙ୍ଗନା

**ନୂଆଦିଲ୍ଲୀ:**

ଅଭିନେତ୍ରୀ କଙ୍ଗ୍‌ନା ରଣାଓ୍ୱତ୍ ଅପକମିଂ ଆକ୍ସନ ଥ୍ରିଲର 'ଧାକଡ଼'ରେ ଜଣେ ଗୁପ୍ତଚର ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ କଙ୍ଗ୍‌ନା କହନ୍ତି, 'ଏହା ଏକ ଆକ୍ସନ୍ ଫିଲ୍ମ। ଏଥିରେ ଜଣେ ମହିଳା ଅତି ଦୁଃସାହସିକତା ପରିଚୟ ଦେଇ ଏକ ବିଶେଷ ଶୈଳୀରେ ଅଭିନୟ କରିଛନ୍ତି, ଯାହା ହିନ୍ଦୀ ଫିଲ୍ମରେ ଆଦୌ ଦେଖିବାକୁ ମିଳିନାହିଁ। ଏହା ଅତ୍ୟନ୍ତ ରୋମାଞ୍ଚକର, ଅତି ଜଟିଳ ବିଷୟ ଆଧାରିତ ଏବଂ ଗୋଇନ୍ଦାଗିରି ସମ୍ବଳିତ କାହାଣୀକୁ ନେଇ ଗତିଶୀଳ।'

ଏଥିରେ କଙ୍ଗ୍‌ନା 'ଅଗ୍ନି' ନାମରେ ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେବେ ରଜନୀଶ 'ରାଜି' ଘାଇ। ସମ୍ପୂର୍ଣ୍ଣ ଫିଲ୍ମରେ ନୃତ୍ୟାଭିନୟର ନିର୍ଦ୍ଦେଶନା ଦେବାକୁ ନିର୍ମାତାମାନେ ହଲିଉଡ୍‌ରୁ ଜଣେ ନୃତ୍ୟ ନିର୍ଦ୍ଦେଶକ ଆଣିବା ଉଦ୍ୟମରେ ଅଛନ୍ତି। ଭାରତ, ଦକ୍ଷିଣ-ପୂର୍ବ ଏସିଆ, ମଧ୍ୟପ୍ରାଚ୍ୟ ଓ ୟୁରୋପରେ ଏହାର ଶୁଟିଂ ଚାଲିବ। ବର୍ତ୍ତମାନ କଙ୍ଗ୍‌ନା 'ଜଜ୍‌ମେଣ୍ଟାଲ ହୈ କ୍ୟା'ର ରିଲିଜ ଅପେକ୍ଷାରେ ଅଛନ୍ତି। ଏହା ଶୁକ୍ରବାର ରିଲିଜ ହେବାକୁ ଯାଉଛି।



### ଏମ୍‌ଟିଏନ୍ଏଲ୍ ବିଲ୍ଡିଂରେ ନିଆଁ

**ମୁମ୍ବାଇ,୨୨।୭(ଆଇଏଏନ୍ଏସ୍)**

ମୁମ୍ବାଇର ବାନ୍ଦ୍ରାଠାରେ ଥିବା ମହାନଗର ଟେଲିଫୋନ୍ ନଗର ଲିଃ (ଏମ୍‌ଟିଏନ୍ଏଲ୍) ବିଲ୍ଡିଂରେ ସୋମବାର ଅପରାହ୍ନରେ ନିଆଁ ଲାଗିଯାଇଛି। ଉକ୍ତ ବିଲ୍ଡିଂରେ ପାଖାପାଖି ୧୦୦ ଜଣ ଫସିଥିବାବେଳେ ସେମାନଙ୍କ ମଧ୍ୟରୁ ୬୦ ଜଣଙ୍କୁ ଉଦ୍ଧାର କରାଗଲାଣି। ଅପରାହ୍ନ ୩ଟା ୧୦ରେ ଏହି ୯ ମହଲା ବିଲ୍ଡିଂର ଚତୁର୍ଥ ମହଲାରେ ନିଆଁ ଲାଗିଯାଇଥିଲା। କ୍ରମେ ଏହା ଉପର ମହଲାଗୁଡ଼ିକୁ ବ୍ୟାପିବାରେ ଲାଗିଥିଲା। ଜନଗହଳିପୂର୍ଣ୍ଣ ଏସ୍.ଭି. ରୋଡ୍‌ରେ ଥିବା ଉକ୍ତ ସ୍ଥାନକୁ ୩୧ଟି ଦମକଳ ଗାଡ଼ି ପଠାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅନେକ ଛାତ ଉପରେ ରହିଯାଇଥିବା ଜଣାପଡିଛି। ନିଆଁ କିପରି ଲାଗିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ତାର ପୋଡିଯିବାର ଗନ୍ଧ ପ୍ରଥମେ ଆସିଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ସଂକ୍ଷେପରେ

### ଓଏଚ୍ଆରସି ଅଧ୍ୟକ୍ଷ ପଦବୀ ମାମଲା
## ହାଇକୋର୍ଟ ଦେଲେ ଡେଡ୍ ଲାଇନ

**କଟକ ଅଫିସ,୨୨।୭:** ଓଡ଼ିଶା ମାନବାଧିକାର କମିଶନ(ଓଏଚ୍ଆରସି) ପଦବୀକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏ ସଂକ୍ରାନ୍ତରେ ହାଇକୋର୍ଟ ଡେଡ୍‌ଲାଇନ ଧାର୍ଯ୍ୟ କରିଛନ୍ତି। ଅଗଷ୍ଟ ୫ ସୁଦ୍ଧା ଉକ୍ତ ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାର ନେବାକୁ ରାୟରେ କୁହାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଓଏଚ୍ଆରସିରେ ଦୀର୍ଘଦିନ ଧରି ସ୍ଥାୟୀ ଭାବେ ଅଧ୍ୟକ୍ଷ ପଦବୀରେ କାହାରିକୁ ନିଯୁକ୍ତି ମିଳିଲା ନାହିଁ। ହେଲେ ଜଷ୍ଟିସ ବୀର କିଶୋର ମିଶ୍ର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ କିଛିଦିନ କାର୍ଯ୍ୟ ତୁଲାଇଲେ। କିନ୍ତୁ ତାଙ୍କର ଅବସର ପରେ ସେହି ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଗଲାନାହିଁ। ଫଳରେ ଅନେକ ମାନବାଧିକାର ଉଲ୍ଲଂଘନ ସଂକ୍ରାନ୍ତ ମାମଲା ବଢ଼ିଚାଲିଲା। ତେଣୁ ଏହି ପଦବୀ ପୂରଣ ପାଇଁ ଆବେଦନକାରୀ ଦ୍ୱୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ପଶ୍ଚିମ ଓଡ଼ିଶା ବନ୍ଦ ଘଟଣା
## ରାଜ୍ୟ ଆଇନଜୀବୀ ପରିଷଦକୁ ପକ୍ଷଭୁକ୍ତ ନିର୍ଦ୍ଦେଶ

**କଟକ ଅଫିସ,୨୨।୭:** ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଦୀର୍ଘଦିନ ହେବ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ବନ୍ଦ ଡାକରା ଦିଆଯାଇ ଆସୁଛି। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଯାଉଥିଲାବେଳେ ଏ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ସୋମବାର ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ରାଜ୍ୟ ଆଇନଜୀବୀ ପରିଷଦକୁ ଏହି ମାମଲାରେ ପକ୍ଷଭୁକ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଆଇନଜୀବୀ ପରିଷଦ ଏହି ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରିଛି ସେ ସଂକ୍ରାନ୍ତରେ ଜବାବ ରଖିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆସନ୍ତା ଅଗଷ୍ଟ ୧୯ରେ ମାମଲାର ଶୁଣାଣି ହେବ। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

### ଚନ୍ଦ୍ରାୟନ – ୨




# ଖୁବ୍‌ଶୀଘ୍ର ସୁରଟ୍‌କୁ ଉଡ଼ିବ ବିମାନ

## ସପ୍ତାହକୁ ୨ଥର ଚାଲିବ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର ଭୁବନେଶ୍ୱରରୁ ସୁରଟ୍‌କୁ ସିଧାସଳଖ ବିମାନ ଚଳାଚଳ କରିବ। ସପ୍ତାହରେ ୨ଥର ଏହି ବିମାନ ଚାଲିବ। ଏ ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୋମବାର ଟୁଇଟ୍ କରି ଜଣାଇଛନ୍ତି। ଅପରାଜିତା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଭେଟିବା ପରେ ଏହି ସୂଚନା ଦେଇଛନ୍ତି। ଅପରାଜିତା ଓ ସୁରଟ ଏମ୍‌ପି ଦର୍ଶନା ଜର୍‌ଦୋସ ମନ୍ତ୍ରୀ ପୁରୀଙ୍କୁ ଭେଟିଥିଲେ। ସୁରଟରୁ ସିଧାସଳଖ ଭୁବନେଶ୍ୱରକୁ ବିମାନ ଚଳାଚଳ ପାଇଁ ଉଭୟେ ମନ୍ତ୍ରୀଙ୍କୁ ଅନୁରୋଧ ଜଣାଇଥିଲେ। ଏ ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଭଲ ଖବର ହେଉଛି ଅତିଶୀଘ୍ର ଉଭୟ ସ୍ଥାନକୁ ସପ୍ତାହରେ ୨ଥର ବିମାନ ଚଳାଚଳ କରିବ। ଅପରାଜିତା ଏହି ସୂଚନା ଦେବା ପରେ ଓଡ଼ିଶାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ସୂଚନାଯୋଗ୍ୟ, ୨୦୧୮ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସୁରଟକୁ ବିମାନ ଚଳାଚଳ ପାଇଁ ତତ୍କାଳୀନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଚିଠି ଲେଖିଥିଲେ। ସୁରଟରେ ଅଧିକାଂଶ ଓଡ଼ିଆ ଲୋକ ନିଜ ପରିବାର ସହିତ ରହୁଛନ୍ତି। ସେମାନେ ସବୁବେଳେ ଟ୍ରେନ୍ ଉପରେ ଭରସା କରୁଛନ୍ତି। ତେଣୁ ବିମାନ ସେବା ଆରମ୍ଭ ହେଲେ ଲୋକେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ।


ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଅପରାଜିତା ଷଡ଼ଙ୍ଗୀ ବିମାନସେବା ଚଳାଚଳ ପାଇଁ ଦାବିପତ୍ର ପ୍ରଦାନ କରୁଛନ୍ତି।

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ
# ଦକ୍ଷତା ବିକାଶରେ ଓଡ଼ିଶା ୧ ନମ୍ବର

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଆଜି ଦକ୍ଷତା ବିନା ମାନବ ସମ୍ବଳ କଥା ଚିନ୍ତା କରାଯାଇପାରିବ ନାହିଁ। ଦକ୍ଷତାର ଗୁଣାତ୍ମକ ବିକାଶ ଜରୁରୀ ଅଟେ। ଓଡ଼ିଆ କାରିଗରମାନଙ୍କ ଦକ୍ଷତା ଲାଗି ଓଡ଼ିଶା ଆଜି ଦେଶର ବହୁ ରାଜ୍ୟକୁ ପଛରେ ପକାଇ ଦକ୍ଷତା ବିକାଶ କ୍ଷେତ୍ରରେ ଶୀର୍ଷ ସ୍ଥାନ ହାସଲ କରିପାରିଛି, ଯାହାକି ଆମମାନଙ୍କ ଲାଗି ଗର୍ବର ବିଷୟ ବୋଲି କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସୋମବାର ଆୟୋଜିତ ଦକ୍ଷତା ବିକାଶ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାହୁ କହିଥିଲେ, ସବୁବେଳେ ଓଡ଼ିଆମାନଙ୍କ ମଧ୍ୟରେ ଦକ୍ଷତା ରହିଆସିଛି। ହଜାର ବର୍ଷର ପୁରୁଣା କୋଣାର୍କ ମନ୍ଦିର ପ୍ରତି ଦୃଷ୍ଟି ପକାଇଲେ ଏହା ସ୍ୱତଃ ପ୍ରମାଣିତ ହୋଇଯାଏ। ସେତେବେଳେ କାରିଗରଙ୍କୁ କୌଣସି ଦକ୍ଷତା ବିକାଶ ତାଲିମ୍ ଦିଆଯାଉ ନ ଥିଲା। କିନ୍ତୁ ସେମାନଙ୍କ ନିପୁଣତା ତାଙ୍କ କାର୍ଯ୍ୟଶୈଳୀରେ ପରିଦର୍ଶିତ ହେଉଛି। ଏବେ ଆମେ କେବଳ ଦକ୍ଷତାକୁ ଏକ ନୂଆ ଢାଞ୍ଚା ଦେଉଛନ୍ତି, ତା' ଛଡ଼ା ଆଉ କିଛି ନୁହେଁ। ସେ ଆହୁରି କହିଥିଲେ, ଓଡ଼ିଶାରେ ଏବେ ବି ଆବଶ୍ୟକ ଦକ୍ଷ ଶ୍ରମିକ ତଥା କାରିଗର ନାହାନ୍ତି। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟ ହାତକୁ ନିଆଯାଇଛି। ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଯୁବବର୍ଗ ଏଥିରୁ ସମ୍ପୂର୍ଣ୍ଣ ଭାବେ ଉପକୃତ ହୋଇପାରିବେ। ସେମାନେ ଭବିଷ୍ୟତରେ କେବେ ନିଯୁକ୍ତି ସଂକ୍ରାନ୍ତ ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ମନ୍ତ୍ରୀ ସାହୁ ଆଶା ପ୍ରକାଶ କରିଛନ୍ତି।



ଦକ୍ଷତା ବିକାଶ କର୍ମଶାଳାକୁ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଉଦ୍‌ଘାଟନ କରୁଛନ୍ତି।

ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ଏହି ସମାରୋହରେ କୁଳପତି ପଦ୍ମଜା ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସଭାପତି ମୁକ୍ତିକାନ୍ତ ମିଶ୍ର ଯୋଗଦେଇ ଅଭିଭାଷଣ ରଖିଥିଲେ। ରେଜିଷ୍ଟ୍ରାର ଈପ୍‌ସିତା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ସରିତା ସୂପକାର ପ୍ରାରମ୍ଭରେ ଅଭିଭାଷଣ ରଖିଥିବାବେଳେ ସଂଯୋଜକ ରାଜକୁମାର ଯୋଶୀ ଧନ୍ୟବାଦ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ସହାୟତାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୯୦ଲକ୍ଷ ଟଙ୍କା ବ୍ୟୟରେ ଏହି ଦକ୍ଷତା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀମାନଙ୍କୁ ବିଭିନ୍ନ ତାଲିମ୍ ଦିଆଯିବ। ଉକ୍ତ ଶିବିରରେ ଯୋଗଦେଇଥିବା ୪୨୦ ଜଣ ଛାତ୍ରୀଙ୍କୁ ୭ଟି ବିଷୟ ଯଥା- ମେଡିକାଲ ଲ୍ୟାବ ଟେକ୍‌ନୋଲୋଜି, ଡିଜିଟାଲ ଇଲେକ୍‌ଟ୍ରୋନିକ୍ସ, ୟୁନିଟ୍ ଗେମିଂ ଓ ଆନିମେଶନ, କମ୍ପ୍ୟୁଟର ଆକାଉଣ୍ଟାନ୍ସି, ରିଟେଲ ଓ ହସ୍‌ପିଟାଲିଟି, ଫ୍ୟାଶନ ଡିଜାଇନିଂ, ଐତିହ୍ୟ ଓ ଇକୋ ଟୁରିଜିମ୍ ଉପରେ ତାଲିମ୍ ମିଳିବ। ଦିନକୁ ୨ଘଣ୍ଟା ଧରି ଥିଓରି ଓ ପ୍ରାକ୍ଟିକାଲ ଦୁଇଟି ପର୍ଯ୍ୟାୟରେ ତାଲିମ୍ ଦିଆଯିବ। ଛାତ୍ରୀମାନେ ପାଠପଢ଼ା ପରେ ନିଜେ କିଛି କରିବା ସହ ନିଜ ଭବିଷ୍ୟତକୁ ସୁଦୃଢ଼ କରିପାରିବେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି।






### ଏଚ୍ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା ଘଟଣା
# ଆଶ୍ରୟ ଗୃହ ନିର୍ଦ୍ଦେଶକ ଗିରଫ

ଭବାନୀପାଟଣା,୨୨।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଥିବା ଆଶ୍ରୟ ଗୃହ ପ୍ରୟାସଠାରେ ବଲାଙ୍ଗୀରର ଜଣେ ଏଚ୍ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ସୋମବାର ଭବାନୀପାଟଣା ଟାଉନ୍ ଥାନା ପୋଲିସ ଉଭୟ ପୀଡ଼ିତା ଓ ତାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପ୍ରୟାସ ସଂସ୍ଥାର ନିର୍ଦ୍ଦେଶକ ସରୋଜ ଦାଶଙ୍କୁ ଗିରଫ କରିଛି। ତାଙ୍କୁ ଘଟଣା ସମ୍ପର୍କରେ ପୋଲିସ ଅଧିକ ପଚରାଉଚରା ଜାରି ରଖିଛି। ରବିବାର ରାତି ପ୍ରାୟ ୯ଟାରେ କଳାହାଣ୍ଡି ଶିଶୁ ମଙ୍ଗଳ ସମିତି ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ୩୭୬(୨)(ଏନ୍)(୩) ଆଇପିସି ଓ ପୋକ୍‌ସୋ ଆଇନର ଦଫା ୬ରେ ଏକ ମାମଲା (ନଂ. ୧୬୦/୧୯) ରୁଜୁ ହୋଇଛି। ଏହି ମାମଲାର ଚୂଡ଼ାନ୍ତ ଫଇସଲା ନ ହେବା ଯାଏଁ ପ୍ରୟାସ ଶିଶୁ ଯତ୍ନ କେନ୍ଦ୍ରକୁ ବନ୍ଦ କରିବା ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିଶୁ ମଙ୍ଗଳ ସମିତି କଳାହାଣ୍ଡି ପକ୍ଷରୁ ଭିଜନ ସଂସ୍ଥା ଦ୍ୱାରା ପରିଚାଳିତ ଶିଶୁ ଯତ୍ନକେନ୍ଦ୍ର ପ୍ରୟାସରେ ଥିବା ୪ବାଳକ ଓ ୫ଜଣ ବାଳିକାଙ୍କୁ ଉଦ୍ଧାର କରି ଭବାନୀପାଟଣାଠାରେ ଥିବା ମୁକ୍ତ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି।

### ହାଇକୋର୍ଟରୁ ମିଳିଲା ସର୍ତ୍ତମୂଳକ ଜାମିନ
# ଜେଲରୁ ମୁକୁଳିବେ ସାରଥି

କଟକ ଅଫିସ,୨୨।୭

କେନ୍ଦ୍ରାପଡ଼ା ଜିଲା ବାରିମୂଳ ଆଶ୍ରମର ପ୍ରତିଷ୍ଠାତା ସାରଥି ଓରଫ ସନ୍ତୋଷ ରାଉଳ ଜେଲ୍‌ରୁ ମୁକୁଳିବେ। ସାରଥିଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ହାଇକୋର୍ଟ ଜାମିନ ବଳରେ ସାରଥି ଜେଲ୍‌ରୁ ମୁକୁଳିବା ସ୍ପଷ୍ଟ ହୋଇଛି। ସାରଥିଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌ର ଦଫା ୪୨୦ ଲାଗିଥିଲାବେଳେ ଏଥିରେ ସର୍ବାଧିକ ୭ବର୍ଷ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏ କ୍ଷେତ୍ରରେ ସାରଥି ସାଢ଼େ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜେଲ୍‌ରେ ବିତାଇ ସାରିଲେଣି। ତେଣୁ ତାଙ୍କୁ ଏହି ମାମଲାରେ ଜାମିନ ପ୍ରଦାନ କରାଗଲା ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ତେବେ ସାରଥିଙ୍କୁ ଜାମିନ ପ୍ରଦାନ କ୍ଷେତ୍ରରେ ହାଇକୋର୍ଟ କେତେକ ସର୍ତ୍ତ ଲାଗୁ କରିଛନ୍ତି। ସର୍ତ୍ତାରୋପ ଅନୁଯାୟୀ, ୨ଲକ୍ଷ ଟଙ୍କା ଏବଂ ଦୁଇଜଣ ଜାମିନଦାରଙ୍କ ବଦଳରେ ସେ ଜାମିନରେ ଯାଇପାରିବେ। ପୀଡ଼ିତା କିମ୍ବା ଏହି ମାମଲାର ସାକ୍ଷୀଙ୍କ ସହିତ ସେ କୌଣସି ଯୋଗାଯୋଗ କରିବେ ନାହିଁ। ତାଙ୍କ ବିରୋଧରେ ଥିବା ପ୍ରମାଣକୁ ନଷ୍ଟ କରିବେ ନାହିଁ। ସାରଥିଙ୍କ ବିରୋଧରେ ଥିବା ପ୍ରତ୍ୟେକ ମାମଲାରେ ସେ ନିମ୍ନ ଅଦାଲତରେ ହାଜର ହେବେ ବୋଲି ହାଇକୋର୍ଟ ଜାମିନ ଦେବା ସମୟରେ ସର୍ତ୍ତ ରଖିଛନ୍ତି। ଜାମିନରେ ଥିବା ସମୟରେ ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବାକୁ ଅଦାଲତ ସର୍ତ୍ତ ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ମାନସ ଚାନ୍ଦ ମାମଲା ପରିଚାଳନା କରୁଥିଲେ।




1246.2019


### ଏସ୍‌ସିବି ମେଡିକାଲ
# ୭ମାସରେ ଆସିଲେଣି ୨୮ ଜିଲାର ଡେଙ୍ଗୁ ରୋଗୀ

- ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ମନିଟରିଂ ସେଲ୍ ରଖିବାକୁ ପରାମର୍ଶ
- ଛାତ୍ରୀଛାତ୍ରମାନଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଯିବ

କଟକ ଅଫିସ,୨୨।୭

ଏସ୍‌ସିବି ମେଡିକାଲକୁ ଗତ ଜାନୁଆରୀରୁ ଜୁଲାଇ ୨୨ ମଧ୍ୟରେ ୨୮ଟି ଜିଲାରୁ ଡେଙ୍ଗୁ ରୋଗୀ ଚିକିତ୍ସା ନିମନ୍ତେ ଆସିଛନ୍ତି। ଏହି ସମୟ ମଧ୍ୟରେ ମୋଟ୍ ୨୯୦୭ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୯୯ ଜଣଙ୍କ ରକ୍ତ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ଚିହ୍ନଟ ରୋଗୀଙ୍କ ମଧ୍ୟରେ ଭଦ୍ରକରୁ ସର୍ବାଧିକ ୨୧ ଜଣ ଥିବାବେଳେ ଯାଜପୁର, କଟକ, ଜଗତ୍‌ସିଂହପୁରରୁ ୧୮ ଜଣ ଲେଖାଏ ପଜିଟିଭ ରୋଗୀ ରହିଛନ୍ତି। ସେହିପରି ବାଲେଶ୍ୱରରୁ ୧୩ ଜଣ ପଜିଟିଭ ରୋଗୀ ଥିବାବେଳେ ବାକି ଜିଲାଗୁଡ଼ିକରୁ ୨ରୁ ୫ ଜଣ ମଧ୍ୟରେ ରୋଗୀ ରହିଛନ୍ତି। ରାଜ୍ୟର ମାଲକାନଗିରି ଓ ନବରଙ୍ଗପୁରକୁ ଛାଡ଼ିଦେଲେ ବାକି ସମସ୍ତ ଜିଲାରୁ ଏସ୍‌ସିବି ମେଡିକାଲକୁ ଡେଙ୍ଗୁ ରୋଗୀ ଆସିଥିବା ସହକାରୀ ଡେଙ୍ଗୁ ନୋଡାଲ ଅଫିସର ଡା. ଶ୍ରୀପ୍ରସାଦ ମହାନ୍ତି କହିଛନ୍ତି। ତେବେ ଜୁଲାଇରୁ ରୋଗୀସଂଖ୍ୟା ବଢ଼ିବାରେ ଲାଗିଛି। ମୋଟାମୋଟି ଭାବେ କଟକ ଜିଲା ଓ ସହର ଡେଙ୍ଗୁ ପ୍ରବଣ ଭାବେ ଜଣାଶୁଣା। ପ୍ରତିବର୍ଷ କଟକ ସହରରେ ଡେଙ୍ଗୁ ଉଗ୍ରରୂପ ଧାରଣ କରିଥାଏ। ଚଳିତବର୍ଷ ଜିଲାରେ ଡେଙ୍ଗୁ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ପ୍ରଶାସନ ଅଣ୍ଟା ଭିଡ଼ିଛି। ସହରରେ ଥିବା ସମସ୍ତ ଶିଳ୍ପସଂସ୍ଥାଗୁଡ଼ିକର ପାରିପାର୍ଶ୍ୱିକ ପରିବେଶ ସଫା ନ ରହୁଥିବାରୁ ଡେଙ୍ଗୁଜ୍ୱର ଦେଖାଦେଇଛି। ଏଡିସ୍ ମଶା ଏହି ଜ୍ୱରର କାରଣ। ଶିଳ୍ପାଞ୍ଚଳ ମଧ୍ୟରେ ଏହି ମଶା ବଂଶ ବୃଦ୍ଧିର ଉତ୍ସ ଓ ଅଣ୍ଡାଦାନ ସ୍ଥାନକୁ ସମୂଳେ ନିପାତ କରିବାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୁରୁତ୍ୱ ଦେଇଛନ୍ତି। ସେହିପରି ସିଏମ୍‌ସି ପକ୍ଷରୁ ସଫେଇ ଓ ମଶାଧୂଆଁ ସ୍ପ୍ରେ, ମଶାତେଲ ପକାଇବା କାର୍ଯ୍ୟ ଜାରି ରହିଥିବାବେଳେ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟରେ ଏକ ମନିଟରିଂ ସେଲ୍ ରଖିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଆୟୁଷ ଡାକ୍ତରମାନେ ଜିଲାର ବିଭିନ୍ନ ସ୍କୁଲକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ଡେଙ୍ଗୁରୋଗର କାରଣ ଓ ତାହାର ପ୍ରତିକାର ସମ୍ପର୍କରେ ସଚେତନ କରାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓ ବେସରକାରୀ ସ୍ତରର ସମସ୍ତ ସଙ୍ଗଠନ ଏବଂ ଅନୁଷ୍ଠାନ ନିଜ ଅଞ୍ଚଳରେ ଏଡିସ୍ ମଶା ଡିମ୍ବ ଦେଇପାରିବା ସ୍ଥାନଗୁଡ଼ିକୁ ନଷ୍ଟ କରିବା ପାଇଁ ପଦକ୍ଷେପ ନେବା ଜରୁରୀ। ପରିବାର ଓ ଗୋଷ୍ଠୀର ସଦସ୍ୟମାନେ ଘରେ, ସାହିରେ, ଗାଁରେ ତଥା ୱାର୍ଡଗୁଡ଼ିକରେ ପରିଷ୍କାର ପାଇଁ ସାମୂହିକ ଉଦ୍ୟମ ଜାରି ରଖିଲେ ଡେଙ୍ଗୁର ପ୍ରତିରୋଧ କରିବା ସମ୍ଭବ ହୋଇପାରିବ ବୋଲି ଜିଲାପାଳ ଚୟନୀ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆୟେଶା
ପରିବାରବର୍ଗ


ଡ଼ିଡ଼ି
ପରିବାରବର୍ଗ


ସ୍ୱାଗତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୮ ଶ୍ରେଣୀ ପାଇଁ ଲାଗୁ ହେବ ପାସ୍ ଫେଲ୍ ବ୍ୟବସ୍ଥା

- ଏଣିକି ପ୍ରତିବର୍ଷ ବାର୍ଷିକ ପରୀକ୍ଷା
- ୫ମ ଶ୍ରେଣୀରେ ଫେଲ୍ ହେଲେ ଆଉ ଥରେ ପରୀକ୍ଷା ସୁଯୋଗ
- ବର୍ଷରେ ୪ଥର ଅଭିଭାବକ ବୈଠକ

ଭୁବନେଶ୍ୱର, ୨୨।୭(ବ୍ୟୁରୋ): ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ବ୍ୟବସ୍ଥା ଆସିବାକୁ ଯାଉଛି। ୨୦୦୯ ପୂର୍ବରୁ ଛାତ୍ରୀଛାତ୍ରମାନେ ବାର୍ଷିକ ପରୀକ୍ଷା ଦେଇ ଆସୁଥିଲେ। ପାସ୍ କରିପାରୁ ନ ଥିବା ପିଲାଙ୍କୁ ପୁନର୍ବାର ସେହି ଶ୍ରେଣୀରେ ପାଠ ପଢୁଥିଲେ। ରାଇଟ୍ ଟୁ ଏଜୁକେଶନ ଆକ୍ଟ ଅନୁଯାୟୀ ୨୦୦୯ରୁ ପ୍ରଥମରୁ ୮ମ ଶ୍ରେଣୀ ଯାଏ ବାର୍ଷିକ ପରୀକ୍ଷା ଓ ପାସ୍‌ଫେଲ୍ ବ୍ୟବସ୍ଥା ଉଠାଇ ଦିଆଯାଇଥିଲା। ଏହାଦ୍ୱାରା ପିଲାମାନେ ଶିକ୍ଷା କ୍ଷେତ୍ରରେ ଦୁର୍ବଳ ହେଉଥିବା ଲକ୍ଷ୍ୟ କରାଯିବା ପରେ ରାଜ୍ୟ ସରକାର ଏନେଇ ଗୁରୁତର ଭାବେ ଚିନ୍ତା କରିଛନ୍ତି। ଅନ୍ୟପଟେ ପିଲାମାନଙ୍କ ବାର୍ଷିକ ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ନେବାକୁ କେନ୍ଦ୍ର ସରକାର ନିକଟରେ ରାଜ୍ୟ ଉପରେ ଛାଡିଦେଇଛନ୍ତି। ଏହାକୁ ଦୃଷ୍ଟିରେ ନିକଟରେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡିଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଏଥର ପ୍ରତିବର୍ଷ ପିଲାମାନେ ପୂର୍ବଭଳି ବାର୍ଷିକ ପରୀକ୍ଷା ଦେବେ। ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ପାସ୍‌ଫେଲ୍ ବ୍ୟବସ୍ଥା ନାହିଁ। କିନ୍ତୁ ୫ମ ଶ୍ରେଣୀରେ ଫେଲ୍ ହେଲେ ଛାତ୍ରୀଛାତ୍ରମାନେ ଆଉଥରେ ପରୀକ୍ଷା ଦେବେ। ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ପିଲାମାନେ ବାର୍ଷିକ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ପାସ୍‌ଫେଲ୍ ବ୍ୟବସ୍ଥା ନାହିଁ। ହେଲେ ୮ମ ଶ୍ରେଣୀରେ ଫେଲ୍ ହେଲେ ପିଲାଙ୍କୁ ସେହି ଶ୍ରେଣୀରେ ଆଉଥରେ ପଢ଼ିବାକୁ ପଡିବ ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ୫ମ ଏବଂ ୮ମ ଶ୍ରେଣୀରେ ବୋର୍ଡ ପରୀକ୍ଷା ହେବା ସାଙ୍ଗକୁ ସବୁ ଶ୍ରେଣୀରେ ବାର୍ଷିକ ପରୀକ୍ଷା କରାଯିବା ନେଇ ବିଚାର କରାଯାଉଛି।

ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସୁଧାର ଆଣିବା ସକାଶେ ଆଉ ଏକ ନୂଆ ବ୍ୟବସ୍ଥା ହୋଇଛି। ୨୦୧୦ରୁ ପ୍ରତ୍ୟେକ ବର୍ଷ ୨ଥର ସ୍କୁଲରେ ଅଭିଭାବକମାନଙ୍କ ବୈଠକ ଲାଗି ସରକାର ନିଷ୍ପତ୍ତି ନେଇଥିଲେ। ପ୍ରଧାନଶିକ୍ଷକଙ୍କ ଜରିଆରେ ଅଭିଭାବକମାନଙ୍କ ବୈଠକ ଡକାଯାଉଥିଲା। ଦୀର୍ଘଦିନ ହେବ ଏହି ବ୍ୟବସ୍ଥା ଚାଲିଥିଲେ ମଧ୍ୟ ଏହାକୁ ଠିକଣା ଢଙ୍ଗରେ କାର୍ଯ୍ୟକାରୀ କରାଯାଉ ନ ଥିବା ଜଣାପଡିବା ପରେ ବିଭାଗ ପକ୍ଷରୁ ଏଥିରେ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ହୋଇଛି। ମନ୍ତ୍ରୀଙ୍କ ସୂଚନା ମୁତାବକ, ଏଣିକି ବର୍ଷକୁ ୪ଥର ଅଭିଭାବକମାନଙ୍କ ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଛି। ଯଦି ଏଥିରେ ଖିଲାପ କରାଯାଏ ତେବେ ଅଭିଭାବକମାନଙ୍କ ସଭାପତି ଥିବା ବ୍ୟକ୍ତିଙ୍କୁ ଦାୟିତ୍ୱରୁ ମୁକ୍ତ କରାଯିବ।

# ମୋ ସ୍କୁଲ ଯୋଜନାରେ ଆଉ ୫୦୮ ବିଦ୍ୟାଳୟ ସାମିଲ

- ଖର୍ଚ୍ଚ ହେବ ୫କୋଟି ୮୨ଲକ୍ଷ ଟଙ୍କା
- ଅକ୍ଟୋବର ସୁଦ୍ଧା ୧ହଜାର ସ୍କୁଲ ପାଠାଗାରକୁ କ୍ରିୟାଶୀଳ କରାଯିବ

ଭୁବନେଶ୍ୱର, ୨୨।୭(ବ୍ୟୁରୋ) ମୁଖ୍ୟମନ୍ତ୍ରୀଙ୍କ ଗୋଷ୍ଠୀ-ସମ୍ପୃକ୍ତ ଶିକ୍ଷା କାର୍ଯ୍ୟକ୍ରମ 'ମୋ ସ୍କୁଲ' ଯୋଜନାରେ ୧୬ଟି ଜିଲାର ଆଉ ୫୦୮ଟି ବିଦ୍ୟାଳୟକୁ ସାମିଲ କରାଯାଇଛି। ଏହି ଜିଲାଗୁଡ଼ିକ ହେଲା ଅନୁଗୋଳ, ବରଗଡ଼, ବଲାଙ୍ଗୀର, କଟକ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, କଳାହାଣ୍ଡି, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼ ଓ ନବରଙ୍ଗପୁର। ଏସବୁ ଜିଲାରେ ମୋ ସ୍କୁଲ ଯୋଜନାରେ ମୋଟ ୫,୮୨, ୭୬,୫୧୮ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୩,୮୮,୫୧,୦୧୨ ଟଙ୍କା ଅନୁଦାନ ଯୋଗାଇ ଦେଇଥିବା ବେଳେ ଜନସାଧାରଣଙ୍କଠାରୁ ୧,୯୪,୨୫,୫୦୬ ଟଙ୍କା ପାଣ୍ଠି ସଂଗୃହୀତ ହୋଇଛି। ମୋ ସ୍କୁଲ ଯୋଜନାର କାର୍ଯ୍ୟନିର୍ବାହୀ ବୈଠକ ସୋମବାର ଓପେପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ୧ ହଜାର ସ୍କୁଲ ପାଠାଗାରକୁ କ୍ରିୟାଶୀଳ କରାଯିବା ସହ ପଠନ ପ୍ରୋତ୍ସାହନ କେନ୍ଦ୍ରରେ ପରିଣତ କରାଯିବ। ୫ହଜାର ସ୍କୁଲରେ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ୫-ଟି କାର୍ଯ୍ୟକ୍ରମ କରାଯିବ। ୧୦୦ଟି ଓଡ଼ିଆ ଓ ଇଂଲିଶ ମାଧ୍ୟମ ସ୍କୁଲର ସଫଳ କାହାଣୀ ସଂଗ୍ରହ କରାଯାଇ ସଚେତନତା ସୃଷ୍ଟି କରାଯିବ। ବିଭିନ୍ନ ଯୋଗାଯୋଗ ବ୍ୟବସ୍ଥା ଓ ୱେବ୍ ପୋର୍ଟାଲ ମାଧ୍ୟମରେ ୨ଲକ୍ଷ ପୂର୍ବତନ ଛାତ୍ରୀଛାତ୍ରଙ୍କ ସହ ଯୋଗାଯୋଗ କରାଯିବ। ମୋ ସ୍କୁଲ ଯୋଜନା ରାଜ୍ୟର ସବୁ ହାଇସ୍କୁଲକୁ ସମ୍ପ୍ରସାରଣ କରାଯିବ। ଚଳିତବର୍ଷ ଶେଷ ସୁଦ୍ଧା ୫୦ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ହାଇସ୍କୁଲକୁ ଏହି ଯୋଜନାରେ ସର୍ବାଗ୍ରେ ସାମିଲ କରାଯିବ। ବିଭିନ୍ନ ସ୍କୁଲକୁ ମଞ୍ଜୁର ହୋଇଥିବା କାର୍ଯ୍ୟ ଅକ୍ଟୋବର ୩୧ସୁଦ୍ଧା ଶେଷ କରାଯିବ। ଅଗଷ୍ଟ ୧୫ ସୁଦ୍ଧା ଏହି ଯୋଜନା ଅଧୀନସ୍ଥ ହାଇସ୍କୁଲଗୁଡ଼ିକୁ ୱେବ୍ ପୋର୍ଟାଲ ସହ ସଂଯୋଗ କରାଯିବାକୁ ପ୍ରସ୍ତାବ ରହିଥିବା ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୋ ସ୍କୁଲ ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି। ଉକ୍ତ ବୈଠକରେ ପ୍ରାଥମିକ ଶିକ୍ଷା, ଏସ୍‌ସିଇଆର୍‌ଟି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମୋ ସ୍କୁଲ ଯୋଜନାର ସ୍ୱତନ୍ତ୍ର ଅଧିକାରୀ, ମୁଖ୍ୟ ପରିଚାଳନା ଅଧିକାରୀ, ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଏବଂ ଓପେପା ଅର୍ଥ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମୋ ସ୍କୁଲ ଯୋଜନାରେ ଓଡ଼ିଶା ସୋସାଇଟି ଅଫ୍ ଆମେରିକାର ସଦସ୍ୟମାନେ ପୁରୀ ଜିଲାରେ 'ଫନୀ' କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ମରାମତି ପାଇଁ ୨୦ଲକ୍ଷ ଟଙ୍କା ଅନୁଦାନ କରିବେ ବୋଲି ପତ୍ର ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି।

## ରାଜ୍ୟରେ ମହିଳା...

ଭବାନୀପାଟଣା ଘଟଣାରେ ପୋଲିସ ଖାକି ପିନ୍ଧି ଯାଇଥିବା କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଥିଲେ। ।

ଏହାପରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସୁର ରାଉତରାୟ ମଧ୍ୟ କହିବାକୁ ଚାହିଁଥିଲେ, ହେଲେ ସୁଯୋଗ ମିଳି ନ ଥିଲା। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ରାଜ୍ୟରେ ନାବାଳିକା ଅପହରଣ ପରି ଅନ୍ୟାନ୍ୟ ଆଇନଶୃଙ୍ଖଳା ପରିସ୍ଥିତି ନେଇ ସରକାରଙ୍କୁ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିରୋଧୀମାନେ ଆଲୋଚନା ପାଇଁ ଅଡ଼ି ବସିଥିଲେ। ଏପରି କି କଂଗ୍ରେସ ଏବଂ ଭାଜପା ସଭ୍ୟ ଗୃହର ମଧ୍ୟଭାଗକୁ ଆସି ସରକାର ବିରୋଧୀ ସ୍ଲୋଗାନ ଦେଇ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବା ପାଇଁ ଚେଷ୍ଟା କରିଥିଲେ। ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇ ଦେଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ବାଧ୍ୟହୋଇ ଗୃହକୁ ପ୍ରଥମେ ୧୨ଟା୧୭ରୁ ୧୨ଟା ୩୦ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୩୦ରୁ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଭାଜପା ସଭ୍ୟ ଜୟନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ସ୍ଲୋଗାନ ଦେଇଥିଲେ। ଏପରି କି ଭାଜପା ଓ କଂଗ୍ରେସ ସଭ୍ୟ ମିଳିତଭାବେ ସରକାରଙ୍କ ବିରୋଧରେ ହୋହଲ୍ଲା ଜାରି ରଖିଥିଲେ। ଏହାପରେ ବାଚସ୍ପତି ୧୨ଟା ୩୨ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଗୃହକୁ ପୁନର୍ବାର ମୁଲତବୀ ଘୋଷଣା କରିଥିଲେ।

ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ଅବସ୍ଥା ଜାରି ରହିଥିଲା। ବିରୋଧୀ ସଭ୍ୟମାନେ ହୋହଲ୍ଲା ଜାରି ରଖିଥିଲେ। ଏହା ମଧ୍ୟରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ, ଲାଞ୍ଜିଗଡ଼ରେ ମାଓବାଦୀମାନେ ଗୁଳିମାଡ଼ କରିଛନ୍ତି। ନିକଟରେ କେନ୍ଦ୍ରାପଡ଼ାରେ ନିର୍ବାଚନ ସମୟରେ ଗୁଳିକାଣ୍ଡ ହୋଇଥିଲା। ପୁରୀ ଜିଲା ପଞ୍ଚନାୟିକିଆଠାରେ ହତ୍ୟାକାଣ୍ଡ ହେଲା। ଏହାପରେ ବି ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ଥିବା କହିଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ହିଁ କୁହନ୍ତୁ ସେ କେତେ ଖୁସି ବୋଲି ପ୍ରଦୀପ୍ତ ସମାଲୋଚନା କରିଥିଲେ। ଏହା ପରେ ପୁନର୍ବାର ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ୩ଟା ୫ରୁ ୩ଟା ୩୫ ମିନିଟ୍ ଏବଂ ପରେ ୩ଟା ୩୮ରୁ ୪ଟା ୮ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ପରେ ପୁନର୍ବାର ହଟ୍ଟଗୋଳ ହେବାରୁ ୪ଟା ୧୨ରୁ ୫ଟା ୧୨ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସମାନ ପରିସ୍ଥିତି ରହିବାରୁ ଗୃହକୁ ୫ଟା ୧୨ରୁ ୫ଟା ୪୨ ଏବଂ ୫ଟା ୪୨ରୁ ୬ଟା ୧୨ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଗୃହକାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, କଂଗ୍ରେସ ନେତା ନରସିଂହ ମିଶ୍ର, ବିରୋଧୀ ମୁଖ୍ୟ ସଚେତକ ମୋହନ ମାଝି, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ ଆରୁଖ ଏବଂ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଯୋଗଦେବା ନେଇ କୁହାଯାଇଥିଲା। ହେଲେ ସର୍ବଦଳୀୟ ବୈଠକରୁ କୌଣସି ନିଷ୍କର୍ଷ ନ ବାହାରିବାରୁ କଂଗ୍ରେସ ବିଧାୟକ ଦଳ ସନ୍ଧ୍ୟା ୬ଟା ୧୨ ପରେ କକ୍ଷତ୍ୟାଗ କରିଥିଲା। ଏଥିସହିତ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ଅପରପକ୍ଷେ ଭାଜପା ପକ୍ଷରୁ ବାଚସ୍ପତିଙ୍କ ପୋଡିୟମ ତଳେ ଧାରଣା ଦିଆଯିବା ସହ ନାରାବାଜି କରାଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ଚନ୍ଦ୍ରୟାନ-୨...

ଅନୁସନ୍ଧାନ ଜାରି ରଖିବ। ପୂର୍ବରୁ କୌଣସି ଦେଶର ସ୍ପେସ୍‌କ୍ରାଫ୍ଟ ଏଠାରେ ପହଞ୍ଚିପାରି ନାହିଁ। ଭାରତର ଏହି ମିଶନ୍ ଚନ୍ଦ୍ର ବିଷୟରେ ନୂଆ ଦିଗ ଉନ୍ମୋଚନ କରିବ ବୋଲି ମୋଦି ଟୁଇଟ୍ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ଚନ୍ଦ୍ରୟାନ-୨ର ସଫଳ ଉତ୍କ୍ଷେପଣ ପାଇଁ ଇସ୍ରୋ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

ଦେଢ଼ ବର୍ଷ ହେଲା ସାଟେଲାଇଟ୍ ଟିମ୍ କଠିନ ପରିଶ୍ରମ କରି ଚନ୍ଦ୍ରୟାନ-୨ ନିର୍ମାଣରେ ଲାଗିପଡିଥିଲେ। ବର୍ତ୍ତମାନ ବିଶ୍ୱବାସୀ ଏହାର ନିରାପଦ ଅବତରଣ ଅପେକ୍ଷାରେ ଅଛନ୍ତି। ଶ୍ରୀହରିକୋଟା ସ୍ପେସ୍‌ପୋର୍ଟସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍‌ରେ ଅଗ୍ନି ସଂଯୋଗ ମାତ୍ରେ ଏହା ଉପରକୁ ଉଠିଥିଲା। ୧୬ ମିନିଟ୍ ମଧ୍ୟରେ ଚନ୍ଦ୍ରୟାନ-୨କୁ ପୃଥିବୀର କକ୍ଷପଥରେ ଅବସ୍ଥାନ କରାଯିବା ଦେଶପାଇଁ ଐତିହାସିକ ମୁହୂର୍ତ୍ତ ଆଣିଥିଲା। ତେବେ ସ୍ପେସ୍‌କ୍ରାଫ୍ଟର ସ୍ୱରୂପ ଦେଖିଲେ ଏହା ୩ଟି ଅଂଶକୁ ନେଇ ଗଠିତ। ପ୍ରଥମ ଅଂଶ ଅର୍ବିଟର୍‌ର ଓଜନ ୨,୩୭୯ କିଲୋଗ୍ରାମ ହୋଇଥିବାବେଳେ ଦ୍ୱିତୀୟ ଲ୍ୟାଣ୍ଡର 'ବିକ୍ରମ'ର ଓଜନ ୧୪୭୧ କିଲୋଗ୍ରାମ। ତୃତୀୟଟି ରୋଭର 'ପ୍ରଜ୍ଞା'। ଏହାର ଓଜନ ୨୭କିଲୋଗ୍ରାମ।

ପୂର୍ବରୁ ଜୁଲାଇ ୧୫ ରାତି ୨ଟା ୫୧ରେ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ କରାଯିବାର ଥିଲା। କିନ୍ତୁ ଘଣ୍ଟାଏ ପୂର୍ବରୁ ରକେଟ୍‌ରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହେବାରୁ ଉତ୍କ୍ଷେପଣକୁ ସ୍ଥଗିତ ରଖାଯାଇଥିଲା। ତେବେ ଇସ୍ରୋ ଟିମ୍ ଏଥିରେ ଥିବା ତ୍ରୁଟି ସୁଧାରିବା ପରେ ଏହାକୁ ପୁନର୍ବାର ସୋମବାର ଅପରାହ୍ଣରେ ଲଞ୍ଚ କରାଯାଇଥିଲା। ଇସ୍ରୋ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଲ୍ୟାଣ୍ଡର ବିକ୍ରମ ସେପ୍ଟେମ୍ବର ୭ରେ ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିବ।

ଉଲ୍ଲେଖଯୋଗ୍ୟ ଯେ, 'ଲ୍ୟାଣ୍ଡର' ନାମକରଣ ଭାରତୀୟ ମହାକାଶ ବିଜ୍ଞାନୀ ବିକ୍ରମ ସରାଭାଇଙ୍କ ନାମାନୁସାରେ ହୋଇଥିବାବେଳେ 'ରୋଭର' ନାମକରଣ ପ୍ରଜ୍ଞା ସଂସ୍କୃତରେ ଜ୍ଞାନର ଅର୍ଥ ପ୍ରକାଶ କରୁଛି। ସେପ୍ଟେମ୍ବର ୭ରେ ଲ୍ୟାଣ୍ଡର ବିକ୍ରମ ଅର୍ବିଟରଠାରୁ ପୃଥକ୍ ହୋଇ ଚନ୍ଦ୍ରର ଏକ ନିରାପଦ ଓ ବିପଦମୁକ୍ତ ଅଞ୍ଚଳରେ ଅବତରଣ କରିବ। ଚନ୍ଦ୍ରର ଦକ୍ଷିଣମେରୁରେ ୧୦୦କିଲୋମିଟର ଉଚ୍ଚତାରୁ ବିକ୍ରମ ଧୀରେଧୀରେ ଅବତରଣ କରିବା ଆଶା କରାଯାଉଛି। ଏହା ୩ଟି ବୈଜ୍ଞାନିକ ପର୍ଯ୍ୟବେକ୍ଷଣ ଜାରି ରଖିବ। ଏଥିସହିତ ୬ ଚକ ବିଶିଷ୍ଟ ରୋଭର ପ୍ରଜ୍ଞା ଗୋଟିଏ ଚନ୍ଦ୍ରଦିବସ (ପୃଥିବୀର ୧୪ ଦିନ)ରେ ଚନ୍ଦ୍ରପୃଷ୍ଠରେ ଗତିକରି ପର୍ଯ୍ୟବେକ୍ଷଣ କରିବ। ଅର୍ବିଟର ଚନ୍ଦ୍ରର କକ୍ଷପଥରେ ୧ବର୍ଷ ପର୍ଯ୍ୟନ୍ତ ପରିକ୍ରମା କରି ୮ଟି ବୈଜ୍ଞାନିକ ଅନୁସନ୍ଧାନ ଦିଗରେ କାର୍ଯ୍ୟ କରିବ। ଉକ୍ତ ମିଶନ୍ ଚନ୍ଦ୍ରର ଉତ୍ପତ୍ତି ଓ ସେଠାରେ ଜଳ ଓ ଖଣିଜ ସମ୍ପଦ ସହ ଜୀବସତ୍ତା ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାପଗ୍ରହଯୁକ୍ତ ନୀଚାରୋହୀ ଶୁକ୍ରଙ୍କ ପ୍ରଭାବରୁ ଆର୍ଥିକ ଅଭାବ, ଅନଟନ ନ ଥିଲେ କ'ଣ ହେଲା କାମଗୁଡ଼ିକ ସୁବିଧାରେ ହେବନାହିଁ। ଶତ୍ରୁତା କାରଣରୁ ବନ୍ଧୁଙ୍କଠାରୁ ସାହାଯ୍ୟ ପାଇବେ ନାହିଁ। ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। କିନ୍ତୁ କୃତ୍ତିକା ନକ୍ଷତ୍ର ପାଇଁ ବିଶେଷ ଅସୁବିଧା ହେବନାହିଁ ।

**ବୃଷ** ତୃତୀୟଭାବସ୍ଥ ରବି ସହ ମଙ୍ଗଳ ଓ ବୁଧ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପରିବାରରେ କଳହର ସୂତ୍ରପାତ ହୋଇପାରେ। ତଥାପି ରୋହିଣୀ ନକ୍ଷତ୍ର ସକାଶେ କିୟତ୍ କ୍ଷଣ ପରେ ସମସ୍ତ ଅସୁବିଧା ସମୟାନ୍ତରରେ ଦୂରୀଭୂତ ହୋଇଯିବ। ବନ୍ଧୁଙ୍କଠାରୁ ଆବଶ୍ୟକ ସହଯୋଗ ଅବଶ୍ୟ ପାଇବେ। କର୍ମକ୍ଷେତ୍ରରେ ଥିବା ସମୟ ମଧ୍ୟରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**ମିଥୁନ** ରାଶି ପାଇଁ ଶନି ଓ ଶୁକ୍ରଙ୍କ ପାରସ୍ପରିକ ଦୃଷ୍ଟି ଆପଣଙ୍କ ସକାଶେ ଅପବାଦ ବା ସମାଲୋଚନାର କାରଣ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ମାତ୍ର କଚେରି ମାମଲା, ପରିବହନ ସମସ୍ୟା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି।

**କର୍କଟ** ଗ୍ରହ ସ୍ଥିତି ମନ୍ଦ ନ ଥିବା କାରଣରୁ ଆପଣଙ୍କ ଆଜିର ଜୀବନଯାତ୍ରା ହସଖୁସି ମଧ୍ୟରେ ଅତିବାହିତ ହେବ। ମାତ୍ର ପୁଷ୍ୟା ନକ୍ଷତ୍ର ବନ୍ଧୁଙ୍କ ମଧୁର ଓ ସରଳ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଅବଶ୍ୟ କୌଣସି ବିବାଦୀୟ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ ହୋଇପାରିବ।

**ସିଂହ** ଚରରାଶିରେ ରାଶ୍ୟାଧିପତି ଆପଣଙ୍କୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥିରଭାବରେ ବସାଇଦେଇ ନ ପାରେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବା ଆଶଙ୍କା ରହିଛି। କିନ୍ତୁ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ବେପରୁଆ ଭାବରେ କାମକରି ମଧ୍ୟ ସାହାଯ୍ୟ ସହଯୋଗ ଲାଭକରି ସମସ୍ୟାମୁକ୍ତ ରହିବେ।

**କନ୍ୟା** ଚନ୍ଦ୍ରଙ୍କ କୋଣଭାବରେ ରହି ବୃହସ୍ପତି ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ ଆଜି ଯାହା କରନ୍ତୁନା କାହିଁକି ସଫଳତା ନିଶ୍ଚିତ ପାଇବେ। ମିତ୍ରବନ୍ଧୁମାନେ ଆବଶ୍ୟକ ସମୟରେ ଆଶାଜନକ ସାହାଯ୍ୟ କରିପାରନ୍ତି। ପଡ଼ୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ପୁନର୍ବାର ଶାନ୍ତି ଫେରି ଆସିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ନିମନ୍ତ୍ରଣ ପ୍ରାପ୍ତ ହୋଇ ହଠାତ୍ ଦୂରଯାତ୍ରା କରିପାରନ୍ତି।

**ତୁଳା** କର୍ମସ୍ଥାନସ୍ଥ ଗ୍ରହମାନେ ଆପଣଙ୍କୁ କର୍ମସାଫଲ୍ୟ ପ୍ରଦାନ କଲେହେଁ ପରିବାରରେ ମତଭେଦ ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ ଆଜିର କାମଗୁଡ଼ିକ ସମ୍ପନ୍ନହେବା କଷ୍ଟକର ହୋଇପଡ଼ିବ। ସ୍ୱାତୀ ନକ୍ଷତ୍ର ଗୃହ ସମସ୍ୟା ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା** ଶନିଙ୍କ ନକ୍ଷତ୍ରରେ ଚନ୍ଦ୍ର ସ୍ଥାନ ପ୍ରଭାବରେ ମାନସିକ ଅସ୍ଥିରତା ସାଙ୍ଗକୁ ଭାବପ୍ରବଣତା ସୃଷ୍ଟି କରିବ। ପାରିବାରିକ ସ୍ତରରେ କିଛି ନ କରି ବୃଥା ଚିନ୍ତାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସମସ୍ୟାର କାରଣ ହୋଇପଡ଼ିବ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ସାହିତ୍ୟ,କଳା,ଗବେଷଣା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ଅଷ୍ଟମଭାବସ୍ଥ କର୍ମାଧିପତି ପାପଗ୍ରସ୍ତ କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ କର୍ମ ଓ ଚିନ୍ତାଧାରା ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ନିର୍ମାଣ କାମରେ ପ୍ରତିବନ୍ଧକ ରହିଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ଅସୁବିଧା ନାହିଁ।

**ମକର** ରାଶ୍ୟାଧିପତି ନକ୍ଷତ୍ରରେ ଚନ୍ଦ୍ର ଅତୀତ ଚିନ୍ତାକୁ ମନରେ ସ୍ଥାନ ଦେଇ ଅସ୍ଥିରତା ଅନୁଭବ କରିପାରନ୍ତି। ମନ ବିରକ୍ତ ହେତୁ ଆପଣଙ୍କ ବ୍ୟବହାରରେ ବ୍ୟତିକ୍ରମ ପରି ଲକ୍ଷିତ ହୋଇପାରେ। ନିଜ ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ମଧ୍ୟ ଦୁଶ୍ଚିନ୍ତାର କାରଣ ପାଲଟି ଯାଇପାରେ। ମାତ୍ର ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଏହାର ଠିକ୍ ବିପରୀତ ଫଳ ମିଳିପାରେ।

**କୁମ୍ଭ** ରାଶିର ଦ୍ୱିତୀୟସ୍ଥ ଚନ୍ଦ୍ର ଓ ରାଶି ପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ନିୟନ୍ତ୍ରଣାଧୀନ ରଖିପାରେ। ବନ୍ଧୁମାନଙ୍କ ସାହାଯ୍ୟରୁ ଯୋଜନାବଦ୍ଧ ନୂତନ କର୍ମାରମ୍ଭ ସମସ୍ୟାମୁକ୍ତ ରହିବ। ଯାନବାହନ, ସଭାସମିତି ଓ ପାରିବାରିକ ସ୍ଥିତି ମନ୍ଦ ହେବନି। ପୂର୍ବଭାଦ୍ରପଦ୍ ନକ୍ଷତ୍ର ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ି ଚାଲିଲେ ଅବଶ୍ୟ ଉପକୃତ ହୋଇପାରିବେ।

**ମୀନ** ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲରେ ଅତିବାହିତ ହେବ। ଯାହା ଆଶା କରୁଛନ୍ତି ତାହା ପାଇବେ ଏବଂ ବନ୍ଧୁବତ୍ସଳ ହେବେ। କିନ୍ତୁ ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ କାମ କରିଚାଲିଲେ ହିଁ ସୁଫଳ ମିଳିବ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଷଷ୍ଠୀ ମଙ୍ଗଳବାର, ଜୁଲାଇ ୨୩ ତାରିଖ, ରାଶି ନକ୍ଷତ୍ର- ଦିବା ଘ୨ ।୧୫ମି. ଗତେ, ରେବତୀ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର। ଦିବା ଘ୮ ।୨୮ମି. ଗତେ, ଘ୧୦ ।୦୮ମି. ମଧ୍ୟେ ଘ୧୧ ।୪୭ମି. ଗତେ ଘ୧ ।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୮ମି. ଗତେ ଘ୧୧ ।୪୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୩।୦୮ମି. ଗତେ ଘ୪ ।୪୬ମି. ମଧ୍ୟେ ରାହୁକାଳ।

classifieds Everyday 0674-2580101, 2549302

real estate
SALE

House for sale at Gothapatna 70,00,000/-, 16000sqft. land and 3200sqft. plot sale, sqft. 1400/- Gothapatna Mainroad, Bhubaneswar. 7735768268. D-66743

SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 9090556060. D-66731

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968. D-66738

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66729

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/ registration. 9937032327, 9583328312. D-66730

ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591. D-66732

2BHK simplex 15,00,000/- finishing Hanspal Bank finance available. 7381578650, 7377605498. D-67019

SUM hospital ନିକଟରେ ଏବଂ Tamando ବଜାର Infocity-2 ପାଖରେ plot ମିଳୁଅଛି। 9439864322. D-66715

Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527. D-66740

Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788. D-66737

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581. D-66733

2BHK, 3BHK ready to move flats at Hitech Heaven project near Gudiapokhari chowk, Bhubaneswar. 9040307584, 9437192512. D-13518

Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622. D-66736

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363. D-66932

2400sqft. BDA plot for sale at K9/A Patrapada. Contact: 8114860043. D-64991

34 Gunth commercial plot sale between Bhubaneswar-Khurda NH-5, gunth- 7.50 lac, frontage- 80ft.. Contact: 9439101373, 7750068828. D-13539

Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267. D-67318

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

to-let

300 sqft. commercial space available at Gautam Nagar, Bhubaneswar near BMC for Doctor consultancy chamber. 9937203178. D-62194

2BHK house at Bapuji Nagar, Bhubaneswar for office, chamber, consultancy. Contact: 9437347177. D-62193

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Ayurvedic full body massage ladies/gents smart experts therapist. 9114697517. D-66929

Herbal full body massage by smart/expert therapist. Contact: 8338067247. D-67315

Newly opening Ayurvedic body massage smart therapist, Shree herbal, 775 0020754. D-67317

Kajal ayurvedic massage club fully relaxed by smart lady, home service available. 9937637219. D-66930

Physiotherapy full body massage by trained ladies / gents therapist: 7008773793. D-67018

Ayurvedic full body massage ladies & gents smart therapist. 9040900385. D-66931

# ଚିନ୍ତା ବଢ଼ାଇଲାଣି ସ୍ୱଳ୍ପ ବୃଷ୍ଟି



- ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୯ ପ୍ରତିଶତ କମ୍ ବର୍ଷା
- ଜଳଭଣ୍ଡାର ସ୍ଥିତି ଶୋଚନୀୟ
- ହୀରାକୁଦରୁ ବିଦ୍ୟୁତ ଉତ୍ପାଦନ କମାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ରାଜ୍ୟରେ ମରୁଡ଼ି ପରିସ୍ଥିତି ଉପୁଜିଲାଣି। ବର୍ଷା ଅଭାବରୁ ଅନେକ ସ୍ଥାନରେ ଚାଷ ଉଜୁଡ଼ି ଗଲାଣି। ଅନେକ ଅଞ୍ଚଳରେ ଗଜା ମରୁଡ଼ିର ଆଶଙ୍କା ମଧ୍ୟ ଦେଖାଦେଲାଣି। ବର୍ଷା ଚିନ୍ତାରେ ଚାଷୀ ରହିଥିବାବେଳେ ଆସନ୍ତା ଦୁଇଦିନ ମଧ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାରେ ଦୁର୍ବଳ ରହିଥିବା ମୌସୁମୀ ପୁଣି ଥରେ ସକ୍ରିୟ ହେବ। ୨୫ତାରିଖଠାରୁ ଉପକୂଳ ସମେତ ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ବର୍ଷା ପରିମାଣ ବଢ଼ିବା ସହ ଗୋଟିଏ ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ଦୁଇଦିନ ବର୍ଷା ନାହିଁ। କାଳବୈଶାଖୀ ପ୍ରଭାବରେ ୨୩ ତାରିଖରେ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ହାଲୁକା ବର୍ଷା ହୋଇପାରେ। ୨୪ ତାରିଖରେ ମଧ୍ୟ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୨୫ ତାରିଖରୁ ଓଡ଼ିଶାରେ ପାଣିପାଗରେ ପରିବର୍ତ୍ତନ ଦେଖିବାକୁ ମିଳିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ୨୯ ପ୍ରତିଶତ କମ୍ ବର୍ଷା ହୋଇଛି। ଅଗଷ୍ଟ ଶେଷ ସୁଦ୍ଧା କମ୍ ବର୍ଷାର ଭରଣା ହେବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ କହିଛି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ତାତି ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଜନସାଧାରଣଙ୍କୁ କଲବଲ କରୁଛି। ଖରାଦିନ ଭଳି ବର୍ତ୍ତମାନ ତାତି ଅସମ୍ଭାଳ ହୋଇପଡୁଛି। ସକାଳ ୯ଟା ପରେ ଖରା ଏମିତି ହେଉଛି ଯେ ଲୋକେ ବାହାରକୁ ବାହାରିବାକୁ ବି ଡରୁଛନ୍ତି। ସୋମବାର ରାଜ୍ୟର ଅଧିକାଂଶ ସହରର ତାପମାତ୍ରା ୩୬ଡିଗ୍ରୀ ଉପରେ ରହିଥିଲା।

ସେପଟେ ବର୍ଷା ଅଭାବରୁ ରାଜ୍ୟର ଅଧିକାଂଶ ଜଳଭଣ୍ଡାରରେ ସାଂଘାତିକ ସ୍ଥିତି ଉପୁଜିଛି। ହୀରାକୁଦ ସମେତ ପ୍ରମୁଖ ଜଳଭଣ୍ଡାର ଗୁଡ଼ିକରେ ଧାର୍ଯ୍ୟ କ୍ଷମତାଠାରୁ ଯଥେଷ୍ଟ କମ୍ ପାଣି ରହିଛି। ସ୍ଥିତି ଏମିତି ହୋଇଛି ଯେ, ହୀରାକୁଦ ଏବଂ ଅନ୍ୟ ଡ୍ୟାମ୍‌ରୁ ଜଳ ବିଦ୍ୟୁତ ଉତ୍ପାଦନ କମାଇବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ଶୀଘ୍ର ପର୍ଯ୍ୟାପ୍ତ ପରିମାଣର ବର୍ଷା ନ ହୁଏ, ତେବେ ଶିଳ୍ପ ଓ ଚାଷ ପାଇଁ ପାଣି ଯୋଗାଣ ପ୍ରଭାବିତ ହେବ। ହୀରାକୁଦ ଉପରମୁଣ୍ଡରେ ବର୍ଷା ଅଭାବଜନିତ ସ୍ଥିତି ଅତି ଗମ୍ଭୀର ଥିବାରୁ ଜଳଭଣ୍ଡାରରୁ ଜଳସ୍ତର ହ୍ରାସ ପାଇଛି। ଗତବର୍ଷ ଜୁଲାଇ ୨୦ ତାରିଖରେ ଜଳସ୍ତର ୬୦୭.୨୫ ଫୁଟ୍ ଥିବାବେଳେ ଚଳିତବର୍ଷ ସମାନ ତାରିଖରେ ୫୯୯.୮୩ ଫୁଟ୍ ରହିଛି। ସୋମବାର ଜଳସ୍ତର ଆହୁରି କମି ୫୯୮.୮୫ ଫୁଟ୍‌ରେ ପହଞ୍ଚିଛି। ଏବେ ସେକେଣ୍ଡ ପ୍ରତି ୨୩୦୦ ଘନଫୁଟ ଜଳ ହୀରାକୁଦକୁ ପ୍ରବେଶ କରୁଥିବା ବେଳେ କେନାଲ ଓ ପାୱାର ଚ୍ୟାନେଲ୍ ଦେଇ ସେକେଣ୍ଡ ପ୍ରତି ୧୨ ହଜାର ଘନଫୁଟ ଜଳ ନିଷ୍କାସିତ ହେଉଛି। ଯାହାଦ୍ୱାରା ଜଳସ୍ତର କମିବାରେ ଲାଗିଛି। କେବଳ ହୀରାକୁଦ ନୁହେଁ ବାଲିମେଳା, ରେଙ୍ଗାଲି, ମାଛକୁଣ୍ଡ ଆଦି ଜଳଭଣ୍ଡାରରେ ମଧ୍ୟ ଗତବର୍ଷ ତୁଳନାରେ ଜଳସ୍ତର କମିଛି। ସେହିପରି ଇନ୍ଦ୍ରାବତୀ ଜଳଭଣ୍ଡାରରେ ଗତବର୍ଷ ଜଳସ୍ତର ୬୩୩.୦୪ ମିଟର ରହିଥିବାବେଳେ ଚଳିତ ବର୍ଷ ୬୩୦. ୫୮ ମିଟର ରହିଛି। ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କମୁଥିବାରୁ ତା'ର ପ୍ରଭାବ ପଡ଼ିବା ବି ଆରମ୍ଭ ହୋଇଯାଇଛି। ତେଣୁ ବାଧ୍ୟ ହୋଇ ହୀରାକୁଦରୁ ଜଳ ବିଦ୍ୟୁତ ଉତ୍ପାଦନ କମାଇବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ଜଳଭଣ୍ଡାରରେ ମଧ୍ୟ ଜଳ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି।



## ଜିଲ୍ଲା ଚିଠି ମାଲକାନଗିରି

# ଜଙ୍ଗଲ ସୁରକ୍ଷା ପ୍ରହସନ

ଦେଶରେ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ଜଙ୍ଗଲ ଅଞ୍ଚଳର ପରିସୀମା ଦିନକୁ ଦିନ କମିବାରେ ଲାଗିଛି। ତେବେ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରିବା ସହିତ ଏ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ରୁ ୭ ତାରଖ ମଧ୍ୟରେ ସରକାରୀ ଓ ବେସରକାରୀ ସ୍ତରରେ ବନ ମହୋତ୍ସବ ପାଳନ କରାଯାଉଛି। ଏଥିରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଏବଂ ଅନୁଷ୍ଠାନ ସାମିଲ ହେଉଛନ୍ତି। ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇ ଲୋକଙ୍କୁ ସଚେତନ କରାଯାଉଛି। ଚଳିତବର୍ଷ ରାଜ୍ୟରେ ୪ କୋଟିରୁ ଉର୍ଦ୍ଧ୍ୱ ଚାରା ରୋପଣ ପାଇଁ ଯୋଜନା ରହିଛି। ସପ୍ତାହ ସାରା ସଭାସମିତି, ଶୋଭାଯାତ୍ରା ଅନୁଷ୍ଠିତ ହୋଇ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଉଛି। ଅତିଥିମାନେ ପରିବେଶ ସୁରକ୍ଷା ନେଇ ଚିନ୍ତାବ୍ୟକ୍ତ କରୁଛନ୍ତି। ମାତ୍ର ସପ୍ତାହେ ପରେ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷାକୁ ସମସ୍ତେ ଭୁଲିଯାଇ ପରୋକ୍ଷରେ ଜଙ୍ଗଲ ନଷ୍ଟ କରିଥାନ୍ତି। ମାଲକାନଗିରି ଜିଲାରେ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନଭୋଜନ ରୋଷେଇ କାଠକୁ ଜାଳେଣି ଭାବେ ବ୍ୟବହାର କରାଯିବା ଏହାର ଜ୍ୱଳନ୍ତ ଉଦାହରଣ। ଜିଲାରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ସଂଖ୍ୟା ହେଉଛି ୧୨୬୦। ଏହି ଶିକ୍ଷାନୁଷ୍ଠାନଗୁଡିକରେ ୧ ଲକ୍ଷ ୧୬ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୪ ହଜାର ୩୪୮ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କ ପାଇଁ ପ୍ରତି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ୯୦ ପ୍ରତିଶତ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ପାଇଁ ଜାଳେଣି କାଠ ବ୍ୟବହାର କରନ୍ତି। ଜିଲାରେ ବନ ନିଗମର ଜାଳେଣି କାଠ ବିକ୍ରୟ କେନ୍ଦ୍ର କେବଳ ମାଥିଲିଠାରେ ରହିଛି। ଅନ୍ୟ କେଉଁଠାରେ ମଧ୍ୟ ଜାଳେଣି କାଠ ବିକ୍ରୟକେନ୍ଦ୍ର ନାହିଁ। କୌଣସି ବେସରକାରୀ ସଂସ୍ଥା ମଧ୍ୟ ଜାଳେଣି କାଠ ବିକ୍ରୟ କେନ୍ଦ୍ର ଖୋଲିନାହାନ୍ତି। ମାଥିଲିଠାରେ ଥିବା ନିଗମର କାଠ ବିକ୍ରୟ କେନ୍ଦ୍ରରୁ ମାଲକାନଗିରି ଜିଲା ଜେଲକୁ କାଠ ଯୋଗାଣ ହେଉଛି। ବଳକା କାଠ ଟ୍ରକ ଯୋଗେ ଜିଲା ବାହାରକୁ ବିକ୍ରୟ ପାଇଁ ପଠାଯାଉଛି। ଏପରିସ୍ଥଳେ ଜିଲାର ବିଦ୍ୟାଳୟଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଜଙ୍ଗଲରୁ ଚୋରା କାଠ ଖରିଦ କରି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସହ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଦୁଇବେଳା ଖାଦ୍ୟ ରନ୍ଧାରେ ବ୍ୟବହାର କରିଥାନ୍ତି। ଏତଦ୍‌ବ୍ୟତୀତ ମାଲକାନଗିରି ଜିଲା ମାଓବାଦୀ ଉପଦ୍ରୁତ ଅଞ୍ଚଳ ହୋଇଥିବାରୁ ଜିଲାର ୨୬ଟି ସ୍ଥାନରେ ସୀମା ସୁରକ୍ଷା ବାହିନୀର କ୍ୟାମ୍ପ ରହିଛି। ଅଧିକାଂଶ କ୍ୟାମ୍ପରେ ଜାଳେଣି କାଠ ବ୍ୟବହାର ହୋଇ ଖାଦ୍ୟ ପ୍ରସ୍ତୁତ ହେଉଛି। ଏଥିପାଇଁ ଆବଶ୍ୟକ ପରିମାଣର କାଠ ଜିଲାର ବିଭିନ୍ନ ଜଙ୍ଗଲରୁ ସଂଗ୍ରହ କରି ସ୍ଥାନୀୟ ଲୋକେ ବିକ୍ରି କରୁଛନ୍ତି। ମଧ୍ୟାହ୍ନଭୋଜନ ଓ ଆବାସିକ ବିଦ୍ୟାଳୟରେ ରୋଷେଇ ପାଇଁ ଆବଶ୍ୟକ ଜାଳେଣି କ୍ରୟ ଲାଗି ସରକାର ଅର୍ଥ ଦେଉଥିଲେ ମଧ୍ୟ ରନ୍ଧନ ଗ୍ୟାସ ବ୍ୟବହାର କରାଯାଉ ନାହିଁ। ଜିଲାରେ ଶିକ୍ଷା ବିଭାଗ ଅଧିକାରୀ ଏବଂ ବନ ବିଭାଗ ଏହା ଜାଣିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି। ଯଦି ଜାଳେଣି କାଠ ପାଇଁ ଏପରି ଜଙ୍ଗଲ କଟା ଅବ୍ୟାହତ ରହେ ତେବେ ଆଗାମୀ ଦିନରେ ଜିଲା ଜଙ୍ଗଲ ଶୂନ୍ୟ ହୋଇଯିବ ଏଥିରେ ସନ୍ଦେହ ନାହିଁ।

– ଦୁର୍ଯ୍ୟୋଧନ ପାତ୍ର

**ପୋଲିସ ଇନ୍‌ଫର୍ମର ସନ୍ଦେହ**

# ଆଉ ଜଣଙ୍କୁ ହତ୍ୟା କଲେ ମାଓବାଦୀ

- ୧୨ ଘଣ୍ଟା ମଧ୍ୟରେ ଦ୍ୱିତୀୟ ହତ୍ୟା
- ପୋଲିସକୁ ଖୋଲା ଚ୍ୟାଲେଞ୍ଜ
- ଅଞ୍ଚଳରେ ଭୟର ବାତାବରଣ

ଲାଞ୍ଜିଗଡ,୨୨।୭(ଡି.ଏନ.ଏ.)

ମାଓବାଦୀମାନେ ନୃଶଂସ ହୋଇ ଉଠିଛନ୍ତି। ହତ୍ୟା ପରେ ହତ୍ୟା କରି ପୋଲିସ ଉପରେ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ୧୨ଘଣ୍ଟା ମଧ୍ୟରେ ଘଟାଇଛନ୍ତି ଦ୍ୱିତୀୟ ନରସଂହାର। କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପାହାଡ଼ପଦରରେ ରବିବାର ଦ୍ୱିପ୍ରହରରେ ଜନଗହଳିପୂର୍ଣ୍ଣ ବଜାରରେ ଠିକାଦାର ରାଜେନ୍ଦ୍ର ସାହୁଙ୍କୁ ଗୁଳିକରି ମାଓବାଦୀମାନେ ହତ୍ୟା କରିଥିଲେ। ଏହାର ୬ ଘଣ୍ଟା ନ ପୂରୁଣୁ ଏହି ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ବାବୁପଦର ଗାଁର ଭୀମ ଦୋରା (୪୬)ଙ୍କୁ ସେମାନେ ଗୁଳିକରି ହତ୍ୟା କରିଛନ୍ତି। ଦୁଇ ଦୁଇଟି ହତ୍ୟାକାଣ୍ଡ ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ ରବିବାର ବିଳମ୍ବିତ ରାତିରେ ବାବୁପଦରର ଭୀମ ଦୋରା ରାତ୍ରଭୋଜନ ପରେ ପରିବାର ସହିତ ଘରେ ଶୋଇଥିଲେ। ବାହାର ପଟୁ କବାଟର ଠକ୍‌ଠକ୍ ଶବ୍ଦ ଶୁଣି ଭୀମଙ୍କ ନିଦ ଭାଙ୍ଗିଯାଇଥିଲା । କବାଟ ଖୋଲି ଦେଖିବା ବେଳେ ୪ ଜଣ ସଶସ୍ତ୍ର ମାଓବାଦୀ ଭୀମଙ୍କୁ ବାହାରକୁ ଆସିବା ପାଇଁ କହିଥିଲେ। ସେ ମନା କରିବାରୁ ଜୋର ଜବରଦସ୍ତ ତାଙ୍କୁ ଗାଁଠାରୁ ୧୦୦ ମିଟର ଦୂରକୁ ଉଠାଇ ଆଣିଥିଲେ। ପରିବାର ଲୋକେ କାକୁତି ମିନତି ହୋଇଥିଲେ ସୁଦ୍ଧା ସେମାନେ ଶୁଣି ନ ଥିଲେ। ଗାଁ ମୁଣ୍ଡକୁ ନେଇ ମାଓବାଦୀମାନେ ଭୀମଙ୍କୁ ଗୁଳିକରି ହତ୍ୟା କରିଥିଲେ। ମୃତଦେହ ପାଖରେ ଏକ ସାଦା କାଗଜରେ ଲେଖା ଛାଡି ଯାଇଥିଲେ। ସେଥିରେ ୨୦୧୬ରେ ଗୁଣ୍ଡାରାଶି ପାହାଡରେ ମାଓବାଦୀଙ୍କ ଶିବିର ଚାଲୁଥିବା ବେଳେ ଭୀମ ପୋଲିସକୁ ଖବର ଦେଇ ଆକ୍ରମଣ କରାଇଥିଲେ। ସେଥିପାଇଁ ତାଙ୍କୁ ହତ୍ୟା କରାଯାଇଛି ବୋଲି ଉକ୍ତ କାଗଜରେ ଲେଖାଯାଇଛି। ଲେଖା ତଳେ କଳାହାଣ୍ଡି ଏରିଆ କମିଟି ସିପିଆଇ ମାଓବାଦୀ ବୋଲି ଲେଖାଯାଇଛି। ସୋମବାର ସକାଳ ୮ଟାରେ ବିଶ୍ୱନାଥପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଲାଞ୍ଜିଗଡ ନେଇ ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏପଟେ ରବିବାର ୧୨ଟାରେ ପାହାଡପଦର ବଜାରରେ ମାଓବାଦୀଙ୍କ ଗୁଳିରେ ରାଜେନ୍ଦ୍ର ସାହୁଙ୍କ ମୃତ୍ୟୁ ହୋଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିଲା। ଦିନତମାମ ଓ ରାତିସାରା ସମ୍ପର୍କୀୟମାନେ ମୃତଦେହକୁ ଜଗି ରହି ପୋଲିସକୁ ଅପେକ୍ଷା କରିଥିଲେ। ସୋମବାର ସକାଳୁ ବିଜେପୁର ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ ପଠାଯାଇଛି। ୧୨ଘଣ୍ଟା ମଧ୍ୟରେ ମାଓବାଦୀମାନେ ଦୁଇଟି ନରସଂହାର କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଏହିଦୃଷ୍ଟିରୁ ପୋଲିସର ଆଗାମୀ କାର୍ଯ୍ୟପନ୍ଥା କ'ଣ ରହିବ ଦେଖିବାକୁ ବାକି ରହିଲା।

# ଭିଜିଲାନ୍ସ ଜାଲରେ କନିଷ୍ଠଯନ୍ତ୍ରୀ

ପାଟଣା/କେନ୍ଦୁଝର, ୨୨।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ମଲାରପଦରେ ନିର୍ମାଣାଧୀନ ଏକ କମ୍ୟୁନିଟି ସେଣ୍ଟରର ଶେଷ ପର୍ଯ୍ୟାୟ ବିଲ୍ ପାସ୍ କରାଇବା ଲାଗି ଲାଞ୍ଚ ନେଉଥିବା ବେଳେ ସାହାରପଡା ବ୍ଲକର କନିଷ୍ଠଯନ୍ତ୍ରୀ ବିଭୂତି ଭୂଷଣ ପ୍ରଧାନ ସୋମବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇ କେନ୍ଦୁଝର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି କମ୍ୟୁନିଟି ସେଣ୍ଟର ବିଧାୟକ ହାତପାଣ୍ଠିରୁ ନିର୍ମାଣ କରାଯାଇଛି। ପୂର୍ବାହ୍ନରେ ସାହାରପଡାସ୍ଥିତ ସରକାରୀ ବାସଭବନରେ ଠିକାଦାର ହେମନ୍ତ ମହାନ୍ତଙ୍କଠାରୁ କନିଷ୍ଠଯନ୍ତ୍ରୀ ପ୍ରଧାନ ୭ହଜାର ୫ଶହ ଟଙ୍କା ଲାଞ୍ଚ ନେଉଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ।

**FORM NO.13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 628 of 2014**

**UCO Bank, Dampada Branch** ...Applicant
**Versus**
**M/s. Surya Agency, Prop.: Suryamani Jena & Others** ...Defendant[s]
1) **Santanu Kumar Jena,** S/o: Late Golakh Bihari Jena
2) **Kartika Biswal, 3) Pravat Kumar Biswal** and **4) Bhagirathi Biswal,** All are S/o: Late Pitabas Biswal, Resident of At: Ranapur, P.O./P.S.: Banki, Dist.: Cuttack.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 628/2014** in the Court of the Debts of Recovery Tribunal, Cuttack for recovery of **Rs.38,12,447/-** only together with current and future interest, costs and other reliefs. The above mentioned Defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **03.09.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **18th day of July 2019.**

**Sd/- REGISTRAR**




CLASSIFIED DISPLAY
















MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ପ୍ରତ୍ୟେକ ଧର୍ମର ସେହି ଗୋଟିଏ ସତ୍ୟ। ପୃଥିବୀରେ କେବେ କେବେ ଜଣେ ମହାନ୍ ଶିକ୍ଷାଦାତା ବା ଗୁରୁଙ୍କର ଆବିର୍ଭାବ ହୁଏ। ସେ ଏକ ଦିବ୍ୟସତ୍ୟକୁ ଏ ପୃଥିବୀ ଉପରକୁ ଓହ୍ଲାଇ ଆଣନ୍ତି। କିନ୍ତୁ ପରେ ପରେ ସାଧାରଣ ଲୋକେ ଏହାକୁ ଅଧିକାର କରିବସନ୍ତି- ଏଥିରେ ବ୍ୟବସାୟ କରନ୍ତି ଏବଂ ଏହାକୁ ନେଇ ଏକ ରାଜନୈତିକ ସଂସ୍ଥା ସୃଷ୍ଟି କରନ୍ତି। -ଶ୍ରୀମା

# ଆଜି ଅସଲି, କାଲି ନକଲି

ଜଣେ ବ୍ୟକ୍ତିଙ୍କ ଆୟର ଉତ୍ସ ଜାଣିବା ଲାଗି ଭାରତର ଆୟକର ବିଭାଗ ଦ୍ୱାରା ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ବ୍ୟବହାର କରାଯାଇଥାଏ। ସେହିପରି ଆୟକର ଦାଖଲ ବେଳେ ବିଭିନ୍ନ କାଗଜପତ୍ର ସହ ପାନ୍ ନମ୍ବର ଯୋଡ଼ାଯିବା ବାଧ୍ୟତାମୂଳକ ରହିଆସିଛି। ହେଲେ ଏବେ କେନ୍ଦ୍ର ସରକାର ହଠାତ୍ କହିଲେଣି ଯେ ଆଧାରକୁ ଆର୍ଥିକ କାରବାର ସହ ଜଡ଼ିତ ପ୍ରତ୍ୟେକ କ୍ଷେତ୍ରରେ ଲାଗୁ କରାଯିବ। ବାର୍ଷିକ ୨୦-୨୫ ଲକ୍ଷ ଟଙ୍କାର ଜମା ବା ଉଠାଣ କରିବା ଦିଗରେ ସରକାର ଆଧାରକୁ ବାଧ୍ୟତାମୂଳକ କରିବାକୁ ଯାଉଛନ୍ତି। ଆଧାରର ଏପରି ବ୍ୟବହାର ନେଇ ସରକାରୀ ଭାବେ ସଫେଇ ଦିଆଯାଉଛି ଯେ, କଳାଧନ ଖୋଜିବାରେ ଏହା ବିଶେଷ ସହାୟକ ହେବ। କୌତୂହଳର ବିଷୟ ହେଉଛି, ବିଦେଶରୁ କଳାଧନ ଫେରାଇ ଆଣିବା ଓ ଦେଶ ଭିତରେ ଥିବା କଳାଧନ ଠାବ କରିବା ପାଇଁ କିଛିବର୍ଷ ହେବ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ସରକାର କହୁଛନ୍ତି। କିନ୍ତୁ ଏ ଦିଗରେ କୌଣସି ଆଖିଦୃଶିଆ ଅଗ୍ରଗତି ଘଟିପାରୁନାହିଁ। କଳାଧନ ଠାବ ନେଇ ସରକାର ଯେଉଁସବୁ ବିଷୟ ଉଲ୍ଲେଖ କରୁଛନ୍ତି, ତାହା ମନଗଢ଼ା କାହାଣୀ ଭଳି ଲାଗିଲାଣି। କାରଣ ସରକାର ମୂଳକୁ ନ ଯାଇ ଉପରେ ବାଡ଼ି ବୁଲାଉଥିବାରୁ ଲକ୍ଷ୍ୟ ସାଧନ ହୋଇପାରୁ ନାହିଁ।

ପାନ୍ ପରିବର୍ତ୍ତେ ଆଧାର କାର୍ଡକୁ ଗୁରୁତ୍ୱ ଦିଆଯିବା ନେଇ ସମାଲୋଚନା ହେବା ପରେ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ, ଲୋକେ ନକଲି ପାନ୍ ବ୍ୟବହାର କରୁଛନ୍ତି। ଯଦି ପାନ୍‌ର ଅବସ୍ଥା ଏଭଳି ହେଉଛି, ତେବେ ଆଧାର ମଧ୍ୟ ସମଦଶା ଭୋଗିବା ସ୍ୱାଭାବିକ। ଅତୀତରେ ବିଦେଶୀ ଓ ଆତଙ୍କବାଦୀଙ୍କ ନାମରେ ଆଧାର କାର୍ଡ ବାହାରି ଯାଇଥିବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଏପରି କି ଆମ ଦେଶକୁ ଆସୁଥିବା ପ୍ରବାସୀ ଭାରତୀୟଙ୍କୁ ତତ୍‌କ୍ଷଣାତ୍ ଆଧାର ଦିଆଯିବାର ବ୍ୟବସ୍ଥା କରାଯାଉଛି।

ଏଠାରେ ମନେପଡ଼େ, ପୂର୍ବରୁ କେବଳ ଆୟକର ବିଭାଗ କାର୍ଯ୍ୟାଳୟରୁ ପାନ୍‌କାର୍ଡ ହାସଲ କରି ହେଉଥିଲା। କିଛି ଦଶନ୍ଧି ତଳେ ଏହି କାର୍ଡ ପାଇବା ସକାଶେ ବ୍ୟକ୍ତିବିଶେଷ ବା ବ୍ୟବସାୟିକ ସଂସ୍ଥାକୁ ଆୟକର ଦେବାକୁ ପଡୁଥିଲା। ପରବର୍ତ୍ତୀ ସମୟରେ ନିୟମକୁ ବଦଳାଇ ଦିଆଗଲା। ଆୟକର ବିଭାଗୀୟ କର୍ମଚାରୀଙ୍କଠାରୁ ଏହି କାର୍ଡ ଦେବାର କ୍ଷମତା ଅପସାରଣ କରାଗଲା। ତା' ପରିବର୍ତ୍ତେ ଟାଟା କନ୍‌ସଲଟାନ୍ସି ଭଳି କେତେକ ବାହ୍ୟ କମ୍ପାନୀକୁ ପାନ୍ କାର୍ଡ ପ୍ରସ୍ତୁତି ଓ ଯୋଗାଇବାର ଠିକା ପ୍ରଦାନ କରାଗଲା। ଏହି ବ୍ୟବସାୟିକ ସଂସ୍ଥାଗୁଡ଼ିକ ଅର୍ଥ ଦେଉଥିବା ଯେକୌଣସି ବ୍ୟକ୍ତିଙ୍କୁ ପାନ୍ କାର୍ଡ ଦେବା ପାଇଁ ତତ୍ପରତା ପ୍ରଦର୍ଶନ କଲେ। ଯେତେ ଅଧିକ କାର୍ଡ ବଣ୍ଟାଗଲା, ଠିକା ପାଇଥିବା କମ୍ପାନୀ ସେତେ ଅଧିକ କମିଶନ ପାଇଲା। ଏଭଳି ନିଷ୍ପତ୍ତି ଦ୍ୱାରା ପ୍ରଥମ ଶିକାର ହେଲା ଯାଞ୍ଚ କରି କାର୍ଡ ଦେଉଥିବା ବ୍ୟବସ୍ଥା। ଫଳସ୍ୱରୂପ ଆୟକର ଦେଉ ନ ଥିବା ବ୍ୟକ୍ତି ମଧ୍ୟ ପାନ୍‌କାର୍ଡଧାରୀ ହୋଇପାରିଲେ। ଏବେ କୁହାଯାଉଛି ଆଧାରରେ ସେଭଳି ତ୍ରୁଟି ଘଟିବା ଅସମ୍ଭବ। ଆଧାର କାର୍ଡ ଦେବା ପାଇଁ ଠିକାଦାରମାନଙ୍କୁ ଅନୁରୂପ ଭାବେ ଦାୟିତ୍ୱ ଦିଆଯାଇଛି। ନକଲ କରିବା ଅସମ୍ଭବ ହେବ ବୋଲି ଯେଉଁ ଦାବି କରାଯାଉଛି, ତାହାର ଯୁକ୍ତି ବାୟୋମେଟ୍ରିକ୍ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ପୂର୍ବରୁ ପାନ୍ କାର୍ଡ ଉପରେ ସମସ୍ତଙ୍କ ଆସ୍ଥା ଥିଲା। ତାହା ଏବେ ନକଲ ହେଉଛି ବୋଲି ଖୋଦ୍ ସରକାର ସ୍ୱୀକାର କଲେଣି। ସରକାରଙ୍କ ନୂଆ ଚିନ୍ତାଧାରାରେ ଏବଂ ନୂତନ ବ୍ୟବସ୍ଥା ଅନୁଯାୟୀ ଆଧାର କାର୍ଡକୁ ଜନ୍ମ ଦିଆଗଲା। ଏଠାରେ ମନେରଖିବାକୁ ହେବ ଯେ, ପ୍ରତ୍ୟେକ ଦିନ ଅନେକ ଆଧାରକାର୍ଡଧାରୀଙ୍କ ମୃତ୍ୟୁ ଘଟୁଛି। ସେହିଭଳି ପ୍ରତିଦିନ ନବଜାତ ମଧ୍ୟ ଆଧାର ପାଇଁ ଯୋଗ୍ୟ ହେଉଛନ୍ତି। ଅର୍ଥାତ୍ ଆଧାର ଏକ ବ୍ୟୟବହୁଳ ଓ ନିରନ୍ତର ପ୍ରକ୍ରିୟା ହୋଇଗଲାଣି, ଯାହାର ଖର୍ଚ୍ଚ ଭାରତ ଭଳି ଗରିବ ଦେଶର କରଦାତାଙ୍କ ଅର୍ଥରୁ ବ୍ୟୟ ହେଉଛି। ଆଧାର ପରେ ପୁଲ୍‌ୱାମା ବି ଘଟିଛି। ସେହି ଆଧାର ପରେ ମେହୁଲ ଚୋକ୍‌ସି ଓ ନୀରବ ମୋଦିଙ୍କ ଭଳି ଆହୁରି ଅନେକ ବ୍ୟକ୍ତିବିଶେଷ ଓ ସଂସ୍ଥା ଦେଶକୁ ଠକିପାରୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଆଧାରରେ ଆତଙ୍କବାଦ ଶେଷ ହେବ ନାହିଁ କିମ୍ବା କଳାଧନ ଠାବ ହେବ ନାହିଁ ବା ନୂଆ କଳାଧନ ଅର୍ଜନ ବନ୍ଦ କରିହେବ ନାହିଁ। କେବଳ ବଡ଼ ବ୍ୟବସାୟୀଙ୍କ ପାଖରେ ଦେଶର ସାଧାରଣ ନାଗରିକର ସବୁ ଅନ୍ତରଙ୍ଗ ତଥ୍ୟ ଜମାଟବାନ୍ଧି ରହିବ। ଉଲ୍ଲେଖଯୋଗ୍ୟ ଯେ, ବ୍ରିଟେନରେ ଆଧାର ଭଳି ସୃଷ୍ଟି କରାଯାଇଥିବା କାର୍ଯ୍ୟକ୍ରମକୁ ସେଠାକାର ସରକାର ବନ୍ଦ କରିଦେଲେ। ଭାରତରେ ମଧ୍ୟ କିଛିବର୍ଷ ପରେ ସେଭଳି ପଦକ୍ଷେପ ନେବାକୁ ପଡ଼ିବ। କିନ୍ତୁ ଏବେକାର ପାଗଳାମି ଯୋଗୁ ଅନେକ ହଜାର କୋଟି ଟଙ୍କା ନଷ୍ଟ ହୋଇଚାଲିଛି। ଅନେକ ଉଦାହରଣ ଅଛି ଯେଉଁଥିରେ ସ୍ପଷ୍ଟ ପ୍ରମାଣ ମିଳିଛି ଯେ, ଆଜି ଯାହା ଅସଲି ଦିଶୁଛି, କାଲି ତାହା ନକଲି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜୁଲାଇ ୧୯୯୪

- ମ୍ୟାନମାରର ବିରୋଧୀ ଦଳ ନେତ୍ରୀ ତଥା ନୋବେଲ ପୁରସ୍କାର ବିଜୟିନୀ ଅଙ୍ଗ୍ ସାନ୍ ସୁ'କିଙ୍କ ମୁକ୍ତି ଦାବିକରି ଆନ୍ତର୍ଜାତିକ ସର୍ବକ୍ଷମା ସଂସ୍ଥା ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ।
- ଜାଇରେର ସୀମାନ୍ତ ସହର ଗୋମାଠାରେ ଦଳାଚକଟାରେ ୧୦୦ ଜଣ ରୁଆଣ୍ଡା ଶରଣାର୍ଥୀ ମୃତ୍ୟୁବରଣ କରିଛନ୍ତି।
- ନିର୍ବାଚନ ସଂସ୍କାର ବିଲ୍ ଉପରେ ବ୍ୟକ୍ତିବିଶେଷ ବିଭିନ୍ନ ସଂସ୍ଥା ଏବଂ ସଙ୍ଗଠନଗୁଡ଼ିକର ମତାମତ ଆହ୍ୱାନ ପାଇଁ ସ୍ୱରାଷ୍ଟ୍ର ବ୍ୟାପାର ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ମତ ଦେଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 6 | | 9 | A | | | | | C | |
| | | 2 | | 4 | 7 | | B | | | | | | | 8 |
| B | C | | | 0 | | | | 6 | | | | | | |
| D | | 1 | 2 | | 9 | E | | | | | | | 7 | |
| | A | | | | | 5 | | 2 | | 0 | 3 | | | 6 |
| 1 | | 6 | A | | | | 5 | | | 3 | | E | | B |
| | | 0 | 3 | 2 | C | 8 | | | | 1 | | 9 | | |
| | | | | | 0 | B | | | | | C | A | 8 | |
| 2 | 7 | E | 1 | 9 | | | | | | B | | D | | |
| 9 | | | 4 | | | A | | | | | | | | 1 |
| C | | B | | | | 4 | | | | | | | 3 | D |
| | | 3 | | | | 9 | E | | | 2 | 4 | 6 | 5 | 0 |
| 4 | | | 0 | 5 | | | | | | | | | | 7 |
| | E | | | | | 1 | | | 5 | | | | | |
| 7 | | D | E | C | | | 0 | | | 9 | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆବଦ୍ଧକାରୀ ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | 3 | 0 | B | 6 | 4 | 8 | A | 2 | 7 | 9 | C | 5 | E |
| 0 | A | E | 3 | 4 | C | 9 | 6 | 5 | D | 8 | 1 | B | 7 | 2 |
| 8 | 6 | 9 | 7 | 2 | A | 1 | E | C | 3 | 5 | B | 4 | 0 | D |
| C | 4 | B | 5 | D | 8 | 7 | 3 | 2 | E | 0 | 6 | A | 9 | 1 |
| 7 | 5 | 2 | E | 9 | 1 | 0 | D | B | 4 | C | A | 3 | 6 | 8 |
| B | 7 | 1 | D | 8 | 0 | 6 | A | 4 | C | E | 3 | 5 | 2 | 9 |
| 3 | 2 | A | 1 | 6 | 5 | 8 | 7 | 9 | 0 | B | D | E | C | 4 |
| D | 9 | 0 | 4 | C | 2 | 5 | B | E | 1 | A | 7 | 8 | 3 | 6 |
| 4 | 8 | C | 9 | 7 | E | D | 0 | 3 | 5 | 6 | 2 | 1 | A | B |
| 5 | E | 6 | B | A | 3 | 2 | C | 1 | 9 | 4 | 8 | 7 | D | 0 |
| 6 | B | 7 | 2 | 5 | D | 3 | 1 | 8 | A | 9 | 4 | 0 | E | C |
| E | 3 | 8 | A | 1 | 9 | C | 4 | 0 | 6 | 2 | 5 | D | B | 7 |
| 9 | 1 | D | C | 0 | B | A | 2 | 7 | 8 | 3 | E | 6 | 4 | 5 |
| A | 0 | 5 | 6 | E | 4 | B | 9 | D | 7 | 1 | C | 2 | 8 | 3 |
| 2 | C | 4 | 8 | 3 | 7 | E | 5 | 6 | B | D | 0 | 9 | 1 | A |

ଗତକାଲିର ଉତ୍ତର

# ମଦ ରାଜସ୍ୱ ଓ ଜିଡିପି



ସହଦେବ ସାହୁ

ଅବକାରୀ ବିଭାଗର ଆୟ ଉପରେ ମନ୍ତ୍ରୀଙ୍କ ଉତ୍ତର- ୨୦୦୦ ତୁଳନାରେ ୨୦୧୯ରେ ଅବକାରୀ ଟିକସ ପ୍ରାୟ ୨୯ଗୁଣ ବଢ଼ି ୧୩୫.୩୫ କୋଟିରୁ ୩୮୦୦ କୋଟି ହୋଇଛି ବୋଲି ଖବର ପଢ଼ି ମୋ ପାଖରେ ବସିଥିବା ଉମାକାନ୍ତ କହିଲା, ଆପଣଙ୍କୁ ଗୋଟିଏ କାହାଣୀ କହିବି। ମଦରେ ଚାରୋଟି ପ୍ରାଣୀର ଆତ୍ମା ରହିଛି- କୋଇଲି, ଶାରୀ, ସିଂହ ଓ ଘୁଷୁରି। ମଦୁଆ ପ୍ରଥମ ଗିଲାସ ପିଇଲେ କୋକିଳ ବଚନ କହିବ, ଦ୍ୱିତୀୟ ଗିଲାସରେ ଶାରୀ ଭଳି ଗୋଟିଏ କଥାକୁ ବାରମ୍ବାର କହିବ, ତୃତୀୟ ଗିଲାସରେ ସିଂହ ଭଳି ଗର୍ଜନ କରିବ ଓ ପରିବାର ଲୋକଙ୍କୁ ଗାଳିଗୁଲଜ, ମାର୍‌ପିଟ କରିବ ଏବଂ ଚତୁର୍ଥ ଗିଲାସ ପିଇଦେଲା ପରେ ଘୁଷୁରି ଭଳି ନାଳନର୍ଦ୍ଦମାରେ ଗଡ଼ିବ। ଗୃହକର୍ତ୍ତା ମଦ ପିଇ କିଭଳି ପରିବାରକୁ ବିଶେଷକରି ସ୍ତ୍ରୀ ଓ ପିଲାପିଲିଙ୍କୁ ମାରଧର କରେ ଆମେ ଖବରକାଗଜରୁ ପଢ଼ିବାକୁ ପାଉ ଏବଂ ରାସ୍ତାକଡ ନାଳନର୍ଦ୍ଦମାରେ ପଡିଥିବା ମଦ୍ୟପକୁ ଦେଖିଲେ ଆମକୁ ଉମାକାନ୍ତ କାହାଣୀର ଚତୁର୍ଥ ପ୍ରାଣୀର ପ୍ରକୃତି କିପରି ମଦ୍ୟପକୁ ଘାରିଛି ମନେ ପଡ଼େ।

ପାଶ୍ଚାତ୍ୟ ଦେଶର, ଶୀତ ଅଞ୍ଚଳର ଲୋକେ ମଦକୁ ଜଳ ଭଳି ପାନୀୟ ରୂପେ ଗ୍ରହଣ କରନ୍ତି ଏବଂ ଦେହକୁ ଗରମ ରଖିବା ଲାଗି, ଶୁଷ୍କତାରୁ ରକ୍ଷାକରିବା ଲାଗି ଓ ପରିଶ୍ରମ ବେଶି କରିପାରିବା ପାଇଁ ମଦ ପିଇଥାନ୍ତି। ୟୁରୋପର ଥଣ୍ଡା ଜଳବାୟୁରେ ପାଣିକୁ ଦେହର ତାପ ସହ ସମାନ କରି ପିଇବାଠାରୁ ଥଣ୍ଡାରେ ଥିବା ମଦ ପିଇ ଦେହକୁ ଶକ୍ତି ଯୋଗାଇବା ଶ୍ରେୟସ୍କର। ସେମାନେ ମାତ୍ରା ଜଗି ପିଇଥାନ୍ତି। ଜଳକୁ ପାନୀୟ ସ୍ତରକୁ ଆଣିବା ଖର୍ଚ୍ଚଠାରୁ ମଦ ଶସ୍ତା ହୋଇଥିବାରୁ ସାଧାରଣ ଲୋକ ମଦ ପିଇବା ପାଶ୍ଚାତ୍ୟ ଲୋକଙ୍କ ଅଭ୍ୟାସରେ ପଡିଯାଇଛି। ପାଶ୍ଚାତ୍ୟ ଲୋକେ ଆମ ଦେଶକୁ ଉପନିବେଶ କରି ସେମାନଙ୍କ ଆଚାର ବିଚାରକୁ ଆମ ଲୋକଙ୍କ ଉପରେ ଲଦିଦେଲା ପରେ ଆମେ ଗ୍ରୀଷ୍ମପ୍ରଧାନ ଦେଶର ଲୋକ ହୋଇଥିଲେ ବି ଆମ ଭିତରୁ ଉଚ୍ଚଶ୍ରେଣୀର ଲୋକେ ସେମାନଙ୍କୁ ଅନୁକରଣ କଲେ। ମଦ ପିଇବା, ପୁଣି ବିଦେଶୀ ମଦ ପିଇବା ଆଭିଜାତ୍ୟର ଏକ ଲକ୍ଷଣ ହୋଇଗଲା। ସରକାରଙ୍କ ନିକଟତର ହେବା ଲାଗି ସରକାରୀ କର୍ମଚାରୀମାନେ ଏବଂ କର୍ମଚାରୀଙ୍କ ସାହଚର୍ଯ୍ୟ ପାଇବା ଉଦ୍ଦେଶ୍ୟରେ ସାଧାରଣ ଲୋକେ ମଦ ପିଇଲେ। ଏପରିକି ଭାରତ ତିଆରି ବିଦେଶୀ ମଦ (ଫରେନ୍ ଲିକର୍ ମେଡ୍ ଇନ୍ ଇଣ୍ଡିଆ) ବେଶି ଚାଲିଲା। ଗାନ୍ଧୀଙ୍କୁ ସମ୍ମାନ ଦେଖାଇବା ବାହାନାରେ ନିଶା ନିବାରଣ ଆଇନ ହେଲା, କିନ୍ତୁ ନିବାରଣ ଆଳରେ ପ୍ରଚଳନ ବଢ଼ିଲା। ତାମିଲନାଡୁର ଅନୁକରଣରେ ଆମ ପ୍ରଦେଶ ବି ମଦ ବ୍ୟବସାୟକୁ ସରକାରୀ କମ୍ପାନୀର କାମ କରିଦେଲା। ମଦ ନ ପିଇବା ଆଇଏଏସ୍ ଓ ଆଇପିଏସ୍‌ଙ୍କୁ ଅଫିସରମାନଙ୍କ ଭିତରେ ଅସାମାଜିକ ଧରାଗଲା। ଏ ପ୍ରବନ୍ଧର ଲେଖକ ମୁଖ୍ୟ ଶାସନ ସଚିବ ରୂପେ ଯୋଗଦେଲା ପରେ ସେତେବେଳର ନିୟମ ଅନୁଯାୟୀ ଭୁବନେଶ୍ୱର କ୍ଲବ୍‌ର ଅଧ୍ୟକ୍ଷ ହେବା କଥା, କିନ୍ତୁ ପିଇବା (ଡ୍ରିଙ୍କ୍) କ୍ଲବ୍‌ର ମୁଖ୍ୟ ଅଙ୍ଗ ହୋଇଥିବାରୁ ମେମ୍ବର ହେଲା ନାହିଁ, ଅଧ୍ୟକ୍ଷ ହେବା ତ ଦୂରର କଥା।

ଆମ ଦେଶର ସାଧାରଣ ଲୋକେ ତୋରାଣି ଓ ହାଣ୍ଡିଆ ଭଳି ପାନୀୟ ପିଅନ୍ତି, ତାହା ମଦର କଞ୍ଚାମାଲ ହେଲେ ହେଁ ଗ୍ରୀଷ୍ମ କାଳରେ ଗରିବକୁ କର୍ମକ୍ଷମ କରିଥାଏ। କିନ୍ତୁ ମଧ୍ୟବିତ୍ତ ଶ୍ରେଣୀର ଲୋକେ ସମାଜରେ ଉପରକୁ ଉଠିବା ପାଇଁ ମଦ ପିଇବାକୁ ଆଭିଜାତ୍ୟ ମନେ କରିଗଲେଣି। ତଥାପି ଭାରତୀୟ ସମାଜରେ ସେମାନେ ଏ ଯାଏ ଗ୍ରହଣୀୟ ହୋଇନାହାନ୍ତି, ତେଣୁ ମଦ ପିଇବା ଖରାପ ବୋଲି ଜାଣିଥିବା ଧନୀ ଲୋକେ ମୁହଁଯାକ ଅତର ସିଞ୍ଚିଥାନ୍ତି। ସାଧାରଣ କର୍ମଚାରୀଟିଏ ପିଇବା ପରେ ଖିଲେ ପାନ ପାଟିରେ ଚୋବାଇ ରଖିଲେ ଅନ୍ୟମାନେ ମଦର ଗନ୍ଧ ପାଇବେ ନାହିଁ ବୋଲି ଭାବିଥାନ୍ତି। ପାନ ମସଲା ଭିତରେ ଯେ କର୍କଟ ରୋଗକାରୀ କେମିକାଲ୍ ଥାଏ ତାହା ସେମାନେ ଜାଣି ସୁଦ୍ଧା ଖାଉଛନ୍ତି।

ଆଲ୍‌କୋହଲ ଯୋଗୁ ୩ ରକମର ସମସ୍ୟା ଆସିଥାଏ। ତିନୋଟି ଯାକ ଘାତକ ସାଜେ, ଯଥା ଯକୃତ ରୋଗ, କର୍କଟ ରୋଗ ଓ ରାସ୍ତା ଦୁର୍ଘଟଣା। ଇଣ୍ଟରନ୍ୟାଶ୍‌ନାଲ ଜର୍ନାଲ ଅଫ୍ ଡ୍ରଗ୍ ପଲିସି ନାମକ ଏକ ପତ୍ରିକାରେ ଏବେ ଏକ ଗବେଷଣାର ଫଳ ପ୍ରକାଶ ପାଇଛି ଯେ, ୨୦୫୦ ବେଳକୁ ପ୍ରତ୍ୟେକ ଲୋକର ଆୟୁଷର ୭୫ ଦିନ ନଷ୍ଟ ହେବ କେବଳ ମଦପାନ ଯୋଗୁ। ସେ ଗବେଷଣାରେ ଥିଲେ ୩ ଜଣ ଭାରତୀୟ ଡାକ୍ତର ଓ ଦୁଇ ଜଣ ପବ୍ଲିକ୍ ହେଲ୍‌ଥ ଗବେଷକ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ବେଳକୁ ଭାରତର ଜିଡିପି ୫ ଟ୍ରିଲିଅନ୍ (ଲକ୍ଷ କୋଟି) ଡଲାର କରିବେ ବୋଲି କହୁଛନ୍ତି। ଆମ ଦେଶର ଜିଡିପି ୨୦୧୬ରେ ୨.୬୯ ଟ୍ରିଲିଅନ୍ ଡଲାର ଥିଲା, ତାକୁ ୨୦୨୪ ସୁଦ୍ଧା ୫ ଟ୍ରିଲିଅନ୍ କରିବା ପରିପ୍ରେକ୍ଷୀରେ ଏକ ସର୍ଭେ ରିପୋର୍ଟ ମଧ୍ୟ ପ୍ରକାଶ ପାଇଛି। ଏହି ଜାତୀୟ ସର୍ଭେ ରିପୋର୍ଟଟି ତିଆରି କରିଛନ୍ତି ଦିଲ୍ଲୀସ୍ଥିତ ଏମ୍‌ସର ନ୍ୟାଶ୍‌ନାଲ ଡ୍ରଗ୍ ଡିପେଣ୍ଡେନ୍ସ ଟ୍ରିଟ୍‌ମେଣ୍ଟ ସେଣ୍ଟର ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପାଇଁ। ଏହି ଗବେଷଣା ପତ୍ରରେ କୁହାଯାଇଛି, ୨୦୫୦ ବେଳକୁ ୨୫କୋଟି ୮୦ ଲକ୍ଷରୁ ୫୫କୋଟି ୨୦ଲକ୍ଷ ଭିତରେ ମନୁଷ୍ୟ-ବର୍ଷ ନଷ୍ଟ ହେବ, ଏହାର ଅର୍ଥ ପ୍ରତ୍ୟେକ ଲୋକର ଜୀବନରେ ତା' ଆୟୁଷରୁ ୭୫.୬୦ରୁ ୧୬୩.୬୫ ଦିନ ନଷ୍ଟ ହୋଇଯାଉଛି ବୋଲି ଧରିବାକୁ ପଡ଼ିବ। ମଦ ପ୍ରତି ସଚେତନ ହେବା ସତ୍ତ୍ୱେ ୨୦୫୦ ବେଳକୁ ସାଧାରଣ ଜନତା ଭିତରେ ମଦ ନିଶାର ଏହି ପ୍ରଭାବ ରହିଥିବ, ଯଦି ସରକାର ଏ ଦିଗରେ ସକାରାତ୍ମକ ପଦକ୍ଷେପ ନ ନିଅନ୍ତି।

ଉଚ୍ଚ ଓ ମଧ୍ୟ ଆୟର ଦେଶଗୁଡ଼ିକ ମଦଜନିତ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ପାଇଁ ଜିଡିପିର ୧% ଖର୍ଚ୍ଚ କରିଥାନ୍ତି। ବିକଶିତ ଦେଶଗୁଡ଼ିକ ଜିଡିପିର ୧%ରୁ ବେଶି ବ୍ୟୟ କରିଥାନ୍ତି- ଫ୍ରାନ୍ସରେ ଜିଡିପିର ୧.୭%, ଆମେରିକାରେ ୨.୭୫%, ଦକ୍ଷିଣ କୋରିଆରେ ୩.୩% ଓ ଥାଇଲାଣ୍ଡରେ ୧.୯୯%। ଭାରତରେ ମଦ ଯୋଗୁ ଅର୍ଥନୈତିକ ବ୍ୟୟ ତା'ର ବାର୍ଷିକ ଜିଡିପିର ୧.୪୫%। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ମଦ ପିଇବା କାରଣରୁ ୨୦୧୧ରୁ ୨୦୫୦ ଭିତରେ ଭାରତ ଅତି କମ୍‌ରେ ୨୫ କୋଟି ୮୦ ଲକ୍ଷ ଜୀବନ ହରାଇବ। ସ୍ୱାସ୍ଥ୍ୟସେବାରେ ବ୍ୟୟ ଆଉ ଅର୍ଥନୈତିକ କ୍ଷତିକୁ ରୋକିପାରିଲେ ଭାରତ ବର୍ଷକୁ ୫ କୋଟି ୫୨ ଲକ୍ଷ ଦିବସର ଗୁଣବତ୍ତାଯୁକ୍ତ ଜୀବନ ପାଇପାରନ୍ତା। ହେଲ୍‌ଥ ଇମ୍ପାକ୍ଟ ଆଣ୍ଡ ଇକୋନମିକ୍ ବର୍ଡେନ ଅଫ୍ ଆଲ୍‌କୋହଲ କଞ୍ଜମ୍ପସନ୍ ଇନ୍ ଇଣ୍ଡିଆ ବା ଭାରତରେ ମଦ୍ୟପାନ ଯୋଗୁ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଓ ଅର୍ଥନୈତିକ ବୋଝ ନାମକ ଗବେଷଣାପତ୍ରରେ ଏହା ପ୍ରକାଶ ପାଇଛି।

ଏ ପ୍ରକାର ବିଶ୍ଳେଷଣ ଆଗରୁ କେବେ ହୋଇ ନ ଥିଲା। ଭାରତରେ ମଦ୍ୟପାନର ଦୀର୍ଘସୂତ୍ରୀ ପ୍ରଭାବ ଜାଣିବା ଲାଗି ଏହା ଏକ ଉଦ୍ୟମ। ଏ ଗବେଷଣା ହୋଇନାହିଁ ମଦ ନିଶା ନିବାରଣ ପକ୍ଷ ନେବା ପାଇଁ କିନ୍ତୁ ଏହାର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଜାଗ୍ରତ କରିବା ଏବଂ ମଦ ବିକ୍ରି ରୋକିବା ଉପରେ ଜୋର ଦେବା। ଏହି ଗବେଷକ ଦଳଟି ବିଭିନ୍ନ ବିଭାଗରୁ ନିଆ ହୋଇଛି- ଡିପାର୍ଟମେଣ୍ଟ ଅଫ୍ କମ୍ୟୁନିଟି ମେଡିସିନ ଆଣ୍ଡ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥ, ଚଣ୍ଡିଗଡ଼ର ପୋଷ୍ଟଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଆଣ୍ଡ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ ଏବଂ ଏମ୍‌ସ ଅଧୀନରେ ଥିବା ନ୍ୟାଶ୍‌ନାଲ ଡ୍ରଗ୍ ଡିପେଣ୍ଡେନ୍‌ସ ଟ୍ରିଟ୍‌ମେଣ୍ଟ ସେଣ୍ଟର।

ଯଦି ମଦବିକ୍ରି ଟିକସ ରସିଦ୍‌ରୁ ମିଳିଥିବା ମୋଟ ପରିମାଣରୁ ବାଦ ଦେଲେ ମଧ୍ୟ ମଦଭିତ୍ତିକ ଚିକିତ୍ସାରେ ହେଉଥିବା ଖର୍ଚ୍ଚ ଏବଂ ମଦ୍ୟପାନ ସମାଜ ଉପରେ ଯେଉଁ କୁପ୍ରଭାବ ପକାଏ ତାହାର ମୂଲ୍ୟ ୨୦୫୦ ବେଳକୁ ୯୭,୮୯,୫୦୦କୋଟି ଟଙ୍କା (୧୫୦୬ ବିଲିୟନ ଡଲାର) ସଙ୍ଗେ ସମାନ ହେବ। ଏହାକୁ ଯଦି ଜିଡିପିର ଅଂଶ ରୂପେ ଗଣିବା ତେବେ ଭାରତର ଅର୍ଥନୀତି ଉପରେ ବାର୍ଷିକ ଜିଡିପି ହାରର ଶତକଡା ହାରାହାରି ୧.୪୫ ଭାଗ ନଷ୍ଟ ହୋଇଯିବ। ହିସାବ କଲେ ଜଣାପଡ଼ିବ ମଦରୁ ଯେଉଁ ରାଜସ୍ୱ ଆଦାୟ ହେବ, ସେହି ତୁଳନାରେ ଏହି ଖର୍ଚ୍ଚ ବହୁଗୁଣରେ ଅଧିକ।

ଇମେଲ୍ : sahadevas@yahoo.com

# ପୋଲିସ ପାଖରେ ରହୁନି ବିଦେଶୀଙ୍କ ତଥ୍ୟ

ଯୁଧିଷ୍ଠିର ମହାରଣା

ସର୍ବଭାରତୀୟ ସ୍ତରରେ ଓଡ଼ିଶା ପୋଲିସର ଦକ୍ଷତା, ପ୍ରତିବଦ୍ଧତା, ସାଧୁତା ଓ କର୍ତ୍ତବ୍ୟନିଷ୍ଠା ଯଥେଷ୍ଟ ଆଗରେ। ଅନେକ ଘଡ଼ିସନ୍ଧି ମୁହୂର୍ତ୍ତ ଓ ପ୍ରତିକୂଳ ପରିବେଶରେ ପୋଲିସ ବିଭାଗ କାର୍ଯ୍ୟ କରିଥାଏ। ତେବେ ଜାତୀୟ ସୁରକ୍ଷା ସମ୍ବନ୍ଧିତ ବିଦେଶୀଙ୍କ ତଥ୍ୟ ପୋଲିସ ପାଖରେ ରହୁ ନ ଥିବାରୁ ଅନେକ ସମୟରେ ନାନା ଅଘଟଣ ଘଟୁଛି। ଏକ ପରିସଂଖ୍ୟାନ ଅନୁଯାୟୀ, ପ୍ରତିବର୍ଷ ୧୫ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସୁଛନ୍ତି। ବୌଦ୍ଧକୀର୍ତ୍ତି ବିମଣ୍ଡିତ ହୀରକ ତ୍ରିଭୁଜ କ୍ଷେତ୍ର ତଥା ଦ୍ୱୈତନଗରୀ କଟକ-ଭୁବନେଶ୍ୱର ସେମାନଙ୍କର ମୁଖ୍ୟ ପର୍ଯ୍ୟଟନ କେନ୍ଦ୍ର। ଏହା ବ୍ୟତୀତ ଅନେକ ବିଦେଶୀ ବିଶେଷଜ୍ଞ, ଗବେଷକ, ଛାତ୍ରୀଛାତ୍ର ବିଭିନ୍ନ କମ୍ପାନୀରେ କାର୍ଯ୍ୟରତ। ଆଇନ ଅନୁଯାୟୀ ବିଦେଶୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ଇଣ୍ଡିଆନ ଭିଜା ଫରେନର ରେଜିଷ୍ଟର ଆକ୍ଟ ଅନୁସାରେ ସ୍ଥାନୀୟ ପୋଲିସ ପାଖରେ ରହିବା କଥା। ସେହିପରି ହୋଟେଲ ହେଉ ବା କମ୍ପାନୀ, ଶିକ୍ଷାନୁଷ୍ଠାନ ବା ଡାକ୍ତରଖାନା, ସେମାନଙ୍କ ପାଖକୁ ଆସୁଥିବା ବିଦେଶୀଙ୍କ ସବିଶେଷ ତଥ୍ୟ ତତ୍କାଳ ସ୍ଥାନୀୟ ପୋଲିସକୁ ଦେବା କଥା। ମାତ୍ର କେତେକ ହାତଗଣତି କ୍ଷେତ୍ରକୁ ଛାଡ଼ିଦେଲେ ଅନ୍ୟ ଜାଗାରେ ପୋଲିସ ଏ ତଥ୍ୟ ପାଉନାହିଁ, ଯାହାଦ୍ୱାରା ପରବର୍ତ୍ତୀ ସମୟରେ କୌଣସି ଅଘଟଣ ଘଟିଲେ ପୋଲିସର ତଦନ୍ତ ବାଉଳା ହୋଇଯାଉଛି। ବିଦେଶୀ କଲ୍‌ଗାର୍ଲ ର୍ୟାକେଟ୍ ହେଉ ବା ବ୍ୟାଙ୍କ ଠକେଇ ଓ ବର୍ତ୍ତମାନ ସାଇବର ଠକେଇରେ ବିଦେଶୀମାନଙ୍କ ସମ୍ପୃକ୍ତି ଓଡ଼ିଶା ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ୨୦୧୫ରେ ୧୪,୫୨୬, ୨୦୧୬-୧୭ରେ ୧୮,୩୧୨ ଓ ୨୦୧୭-୧୮ରେ ୧୫,୬୯୧ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି। ହେଲେ ଏମାନଙ୍କ ମଧ୍ୟରୁ ସମସ୍ତଙ୍କ ତଥ୍ୟ ଓଡ଼ିଶା ପୋଲିସ ପାଖରେ ନାହିଁ। ସେମାନେ କେଉଁ ଉଦ୍ଦେଶ୍ୟରେ, କେତେ ଦିନ ପାଇଁ ଅନୁମୋଦିତ ଭିଜା ନେଇ ଏଠି ପହଞ୍ଚିଛନ୍ତି, ଏ ତଥ୍ୟ ପୋଲିସ ପାଖରେ ରହୁନାହିଁ।

୨୦୧୭ ଅକ୍ଟୋବର ୧୭ରେ ବିଦେଶୀ ପର୍ଯ୍ୟଟକ ଓ ଅପରାଧୀମାନଙ୍କ ଉପରେ କଡ଼ା ନଜର ରଖିବା ପାଇଁ କମିଶନରେଟ ପୋଲିସ ଏକ ବିଧିବଦ୍ଧ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିଲା। ହୋଟେଲରେ ରହୁଥିବା ବିଦେଶୀଙ୍କ ପରିଚୟ ଓ ରହଣି ଅବଧି ସ୍ଥାନୀୟ ପୋଲିସକୁ ପ୍ରଦାନ କରିବା ଏବଂ ହୋଟେଲର ପ୍ରବେଶ ପ୍ରସ୍ଥାନ ଫାଟକ, ପାର୍କିଂ ସ୍ଥାନ ଓ ସମସ୍ତ ଅଞ୍ଚଳରେ ସିସିଟିଭି ଲଗାଇବା ସହ ଲଗେଜ ସ୍କାନର ଦ୍ୱାରା ସେମାନଙ୍କ ଜିନିଷପତ୍ର ସ୍କାନ କରିବା ଓ ମେଟାଲ ଡିଟେକ୍ଟର ଲଗାଇବା ବାଧ୍ୟତାମୂଳକ କରାଯାଇଥିଲା। ହୋଟେଲର ପଞ୍ଜୀକରଣ ଠିକ୍ ସମୟରେ ନବୀକରଣ କରିବା ସହ ନିର୍ଦ୍ଦିଷ୍ଟ ସମୟରେ ବାର୍ ବନ୍ଦ କରିବା ପାଇଁ ଆଇନରେ ବ୍ୟବସ୍ଥା ରହିଛି। ଅଗ୍ନିନିର୍ବାପକ ବ୍ୟବସ୍ଥା ସହ ଫାୟାର ସେଫ୍ଟି ଡ୍ରିଲକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଉଛି ଏହି ଗାଇଡ୍‌ଲାଇନ ଯେପରି ପାଣିରେ ଗାର। ବଜାର ତୁଳନାରେ କମ୍ ମୂଲ୍ୟରେ ଓଡ଼ିଶାରେ ପର୍ଯ୍ୟାପ୍ତ ଭ୍ରମଣ ଓ ଆନୁଷଙ୍ଗିକ ସୁବିଧା ରହିଥିବାରୁ ଏବଂ ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ ହୋଇଥିବାରୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। କୋଣାର୍କ, ଗୋପାଳପୁର, ଶିମିଳିପାଳ ସହ ବିଭିନ୍ନ ଅଭୟାରଣ୍ୟ ଓ ହଲିଡେ ରିସର୍ଟରେ କିଛିଦିନ ବିତାଇବା ପାଇଁ ବିଦେଶୀମାନେ ଓଡ଼ିଶାକୁ ଅଗ୍ରାଧିକାର ଦେଉଛନ୍ତି। ସେହିପରି ଓଡ଼ିଶାରେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର କ୍ରୀଡ଼ା ମହୋତ୍ସବ ଓ ବିଭିନ୍ନ ସଂସ୍ଥାଗତ ସମ୍ମିଳନୀ ହେଉଥିବାରୁ ବିଦେଶୀ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି।

ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀ ଓଡ଼ିଶାରେ ସେମାନଙ୍କ ବ୍ୟବସାୟିକ କ୍ଷେତ୍ର ଓ ପ୍ରକଳ୍ପ ଗଢ଼ି ତୋଳୁଥିବାରୁ ସେଠାରେ କାର୍ଯ୍ୟ କରିବା ପାଇଁ ଓ ଗବେଷଣା ନିମିତ୍ତ ବିଦେଶୀମାନଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। କୌଣସି ପର୍ଯ୍ୟଟକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ଥାନୀୟ ପୋଲିସର ସୂଚନାରେ ରହୁ ନ ଥିବାରୁ ସେମାନଙ୍କର ଭିଜା ଅବଧି ଜଣାପଡୁନାହିଁ। ଫଳରେ ପରବର୍ତ୍ତୀ ସମୟରେ ସେମାନଙ୍କ ଦ୍ୱାରା କୌଣସି ଅଘଟଣ ଘଟିଲେ ଏହାର ଟେର୍ ପୋଲିସ ପାଉନାହିଁ। ୨୦୧୨ରେ ଇଟାଲୀ ନାଗରିକ ବସୁସ୍କୋ ପାଉଲୋ ଓ କ୍ଲାଉଡିଓ କୋଲାଞ୍ଜିଲୋ ମାଓବାଦୀ ଉପଦ୍ରୁତ ଅଞ୍ଚଳକୁ ବୁଲି ଯାଇଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଅପହୃତ ହୋଇଥିଲେ। ସେମାନଙ୍କୁ ମୁକୁଳାଇବା ପାଇଁ ଓଡ଼ିଶା ପୋଲିସ ଓ ସରକାରଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ସେହିପରି ୨୦୧୬ ମାର୍ଚ୍ଚ ୨୩ରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ବିଦେଶିନୀଙ୍କୁ ହାଇପ୍ରୋଫାଇଲ ସେକ୍ସ ର୍ୟାକେଟରେ ଧରାଯାଇଥିଲା। ୨୦୧୭ ଜୁଲାଇ ୨୩ରେ ଭୁବନେଶ୍ୱର ଶ୍ରୀୟା ଛକ ନିକଟ ଫୁଟ୍‌ପାଥ୍‌ରୁ ପୋଲିସ ଜଣେ ବିଦେଶିନୀଙ୍କୁ ନିଶାଗ୍ରସ୍ତ ଅବସ୍ଥାରେ ଉଦ୍ଧାର କରିଥିଲା, ଯିଏକି ସେକ୍ସ ର୍ୟାକେଟ୍‌ରେ କାର୍ଯ୍ୟରତ ବୋଲି ଜଣାପଡ଼ିଥିଲା। ୨୦୧୭ ନଭେମ୍ବର ୧୭ରେ ଖାରବେଳ ନଗର ପୋଲିସ ନିକଟ ଅଞ୍ଚଳର ଏକ ସ୍ପା ସେଣ୍ଟରରୁ ତିନିଜଣ ଥାଇଲାଣ୍ଡ ଯୁବତୀଙ୍କୁ ଉଦ୍ଧାର କରିଥିଲା। ସେମାନେ ଟୁରିଷ୍ଟ ଭିଜାରେ ଦେହ ବ୍ୟବସାୟରେ ଲିପ୍ତ ଥିଲେ ବୋଲି ପୋଲିସ ସ୍ପଷ୍ଟ କରିଥିଲା।

୨୦୧୮ ମେ ୧୯ରେ ବାପୁଜୀ ନଗରର ଏକ ସ୍ପା ସେଣ୍ଟରରୁ ୮ଜଣ ଥାଇଲାଣ୍ଡ ଯୁବତୀ ଉଦ୍ଧାର ହୋଇଥିଲେ। ବିଦେଶୀମାନଙ୍କୁ ଗିରଫ କଲା ପରେ ପ୍ରବାସୀ ଆଇନ ଅନୁଯାୟୀ ଓଡ଼ିଶା ପୋଲିସ ସମ୍ପୃକ୍ତ ଦୂତାବାସ ସହ ଯୋଗାଯୋଗ କରି ଆଇନଗତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ତେବେ ଓଡ଼ିଶା ପୋଲିସରେ ଦିନକୁ ଦିନ କର୍ମଚାରୀ ସଂଖ୍ୟା କମ୍ ଥିବାବେଳେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟତୀତ ଏହି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତ ପୋଲିସ ଉପରେ ବଡ଼ ଚାପ ସୃଷ୍ଟି କରୁଛି। ଭାରତର ସୀମାକୁ ଲାଗିଥିବା ପାକିସ୍ତାନ, ବାଂଲାଦେଶ, ମ୍ୟାନ୍‌ମାର ଓ ନେପାଳ ଦେଶର ଅନେକ ଅପରାଧୀ ସନ୍ତର୍ପଣରେ ସୀମାରେ ଅନୁପ୍ରବେଶ କରି ଅସାମାଜିକ କାର୍ଯ୍ୟ କରି ଫେରାର ହୋଇଯାଉଛନ୍ତି। ତେବେ ବିଦେଶୀଙ୍କ ତଥ୍ୟ ରଖିବା, ଯାଞ୍ଚ କରିବା ଓ ଆପରାଧିକ କାର୍ଯ୍ୟର ତଦନ୍ତ ପାଇଁ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ସେଲ୍ ଗଠନ ହେବା ଜରୁରୀ। ସେହିପରି କୋର୍ଟରେ ଏହି ମାମଲାକୁ ଫାଷ୍ଟଟ୍ରାକ୍ ମାମଲା ଭାବେ ତ୍ୱରିତ ଶୁଣାଣି ପାଇଁ ଆଇନଜୀବୀ ଓ ବିଚାରପତିଙ୍କ ମନୋନୟନ ଅତ୍ୟନ୍ତ ପ୍ରାସଙ୍ଗିକ। ଭାରତର ବିଭିନ୍ନ ରାଜ୍ୟରେ ଏହି ମାମଲା ପାଇଁ ସ୍ୱତନ୍ତ୍ର ସେଲ୍ ରହିଥିବା ବେଳେ ଓଡ଼ିଶାରେ କିନ୍ତୁ ଓଲଟା। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବାକୁ ହେଲେ ଓଡ଼ିଶା ପୋଲିସ ଏ ଦିଗଟିକୁ ଅଣଦେଖା ନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଅତ୍ୟନ୍ତ ଜରୁରୀ।

ମୋ- ୯୪୩୭୧୬୩୫୨୮,
judhister009moharana@gmail.com

## ଏଇ ଭାରତରେ

ଜିଭ କାଟି ମହାଦେବଙ୍କୁ ଅର୍ପଣ କଲେ ଯୁବକ। ଆଧୁନିକ ବିଜ୍ଞାନ ଯୁଗରେ ଏବେ ମଣିଷ ଚନ୍ଦ୍ରରେ ବସତି ସ୍ଥାପନ କରିବାକୁ ଚିନ୍ତା କରୁଛି। ଏପରି ସ୍ଥଳେ କେତେକ ଲୋକ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନାନା ଅବିଶ୍ୱସନୀୟ କାର୍ଯ୍ୟ କରୁଛନ୍ତି। ଛତିଶଗଡ଼ରେ ସମ୍ପ୍ରତି ଏଭଳି ଏକ ଘଟଣା ଘଟିଛି। ସ୍ଥାନୀୟ କୋରବା ଅଞ୍ଚଳରେ ଥିବା କରତାଲା-ସେନ୍ଦ୍ରୀପାଲି ଜନଜାତିବହୁଳ ଗାଁରେ ଜଣେ ଯୁବକ ମାନସିକ ପୂରଣ ପାଇଁ ମହାଦେବ ମନ୍ଦିରରେ ଶିବଲିଙ୍ଗଙ୍କୁ ନିଜ ଜିଭ କାଟି ଅର୍ପଣ କରିଛନ୍ତି। ଲକ୍ଷ୍ମୀପ୍ରସାଦ ନାମକ ଏହି ଯୁବକ ସକାଳୁ କାହାକୁ କିଛି ନ ଜଣାଇ ଘରୁ ବାହାରି ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ଖୋଜାଖୋଜି ଆରମ୍ଭ ହୋଇଥିଲା। ଶେଷରେ ଲକ୍ଷ୍ମୀପ୍ରସାଦ ଗାଁ ମୁଣ୍ଡରେ ଥିବା ଶିବମନ୍ଦିରରେ ଚୁପ୍‌ଚାପ୍ ବସିଥିବା ଦେଖିବାକୁ ମିଳିଥିଲା। ମନ୍ଦିରର ଶିବଲିଙ୍ଗ ଉପରେ ଲକ୍ଷ୍ମୀପ୍ରସାଦଙ୍କର କଟାଜିଭ ରହିଥିବା ଲୋକେ ଦେଖିଥିଲେ। ମାତ୍ର ଗାଁ ଲୋକେ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେବା ପରିବର୍ତ୍ତେ ତାଙ୍କର ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଏବେ ତାଙ୍କ ପାଇଁ ସେଠାରେ ତମ୍ବୁ ଟଣା ଯାଇଥିବା କୁହାଯାଉଛି। ଏହି ଘଟଣା ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ପୁତ୍ର ହସ୍ତେ ବୁହାଇଲ ଜନକର
ରୁଧିର ଝରଣା
ଭରିଲ ରୂପସୀ ବୁକେ ଅବିଶ୍ୱାସ
ବିଷର ବାସନା।
ସକଳ ବସ୍ତୁର ମୂଲ୍ୟ ତୁମେ ଏକା
କରୁଛ ନିର୍ଣ୍ଣୟ
କାଳେ କାଳେ ଏ ଧରଣୀ ଘୋଷୁଥିବ
ତୁମରି ବିଜୟ।
(ସୁନା)

ମରଣ ଆସଇ ଲୁଚି ଚରଣ ଚଳାଇ ଧୀରେ
ଫୁଙ୍କିଯାଏ ଜୀବନର ଦୀପ
ନ ଦେଖାଇ ରୂପ ତା'ର
ନ ଜଣାଇ ଆଗମନ
ନ ଶୁଣାଇ କାହିଁ ପାଦ ଟିପ !
ଜଳିଉଠେ ବିଶ୍ୱକ୍ରୋଡ଼େ ପୁଣି କାହିଁ ଜୀବନର
ନବ ନବ କେତେ ଦୀପାବଳି,
ରଜନୀ-ଦିବସ ସମ
ଜୀବନ-ମରଣ ଖେଳ
ସହଜରେ ଯାଏ ସେ ଯେ ଚଳି।
(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟବସ୍ଥାର ପରିବର୍ତ୍ତନ ହେଉ

ମହାଶୟ,

ଅନେକ ସମୟରେ ବିଭିନ୍ନ କର୍ମଚାରୀ ଓ ଅଫିସର ଭିଜିଲାନ୍ସ ହାତରେ ଧରାପଡୁଛନ୍ତି। ପୁଣି କିଛିଦିନ ପରେ ସେହି ଚୌକିରେ ବସି ରାଜ୍ କରୁଛନ୍ତି। ସରକାର ଏମାନଙ୍କୁ ଚାକିରିରୁ ବାହାର କରିଦେଲେ କ୍ଷତି କ'ଣ ? ଯିଏ ବି ଲାଞ୍ଚ ନେଉଛି ସେ ଉପର ହାକିମଙ୍କ ନାଁ କହି ନେଉଛି। ଉପର ହାକିମ ନେତା ଓ ମନ୍ତ୍ରୀଙ୍କୁ ଦେବା କଥା ବି ଆମେ ଗଣମାଧ୍ୟମ ଆଲୋଚନାରୁ ଶୁଣିଛୁ। ତେଣୁ ମନେହୁଏ ଏମାନେ ସମସ୍ତେ ଗୋଟିଏ ମାଳାରେ ଗୁନ୍ଥା। ମୁଣ୍ଡ ଠିକ୍ ହେଲେ ଗୋଡ଼ହାତ ଠିକ୍ ହୋଇଯିବ। ଯେତେ ଦୁର୍ନୀତି ହେଉଛି ନେତାମାନଙ୍କ ଜାଣତରେ ହିଁ ହେଉଛି। ଦୁର୍ନୀତିଗ୍ରସ୍ତଙ୍କୁ ନେତାଏ ସୁରକ୍ଷା ଦେଇଥାନ୍ତି। ବ୍ୟବସ୍ଥାରେ ପରିବର୍ତ୍ତନ ନ ଆସିଲେ ଏ ଦୁର୍ନୀତିକୁ ରୋକାଯାଇ ପାରିବ ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଅନ୍ନଦାତାଙ୍କୁ ବୁଝିବା କେବେ

'ଅନ୍ନଦାତାଙ୍କୁ ବୁଝିବା କେବେ' ପ୍ରବନ୍ଧ ଲାଗି ପ୍ରାବନ୍ଧିକଙ୍କୁ ଅଜସ୍ର ଧନ୍ୟବାଦ। କଥାରେ ଅଛି ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ ? ଚାଷକୁ ଆମେ ନାକ ଟେକୁଛେ। କୃଷି ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ସ୍ନାତକଟିର ପ୍ରଥମ ପସନ୍ଦ ବ୍ୟାଙ୍କ ନ ହେଲେ ଆଇଏଏସ୍, ଓଏଏସ୍। ଧାନଚାଷୀ ଅଭାବୀ ବିକ୍ରି କରେ, କିନ୍ତୁ ଚାଉଳ ମାଲିକ ନୁହେଁ। ଟମାଟୋ ଦର କମିଲେ ରାସ୍ତାରେ ଗଡେ। କିନ୍ତୁ ଟମାଟୋ ସସ୍ ହୁଏ। ଆଳୁ ଶୀତଳ ଭଣ୍ଡାର ଅଭାବରୁ ଶଢ଼ିଯାଏ। କିନ୍ତୁ ଆଳୁ ଚିପ୍ସ ନୁହେଁ। ଶାଗମାଛ ଦରରେ କିଣିନେଇ ମଲ୍‌ଟି ନ୍ୟାଶନାଲ କମ୍ପାନୀ ମାଲାମାଲ ହୁଏ। ସରକାରଙ୍କ 'କାଳିଆ' ଯୋଜନାରେ 'ବାଳିଆ' ପାଇବେ ବୋଲି ଚାଷୀ ଚାତକ ପରି ଅନେଇ ଜଳକା ହେବା ସାର ହେଉଛି।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବର୍ଷା ନାହିଁ, ଗଜା ମରୁଡ଼ି ଆଶଙ୍କା

**ରାଜକନିକା, ୨୨।୭,(ଡି.ଏନ୍.ଏ.):** ଆଷାଢ଼ ମାସ ସରି ଶ୍ରାବଣ ମାସ ଚାଲିଥିଲେ ମଧ ଏବେବି ବର୍ଷା ହେଉନାହିଁ। ଏନେଇ ରାଜକନିକା ବ୍ଲକରେ ଗଜାମରୁଡ଼ି ହେବା ଆଶଙ୍କା ରହିଛି। ଏନେଇ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଏହି ବ୍ଲକରେ ଜଳସେଚନର କୌଣସି ସୁବିଧା ନଥିବା ବେଳେ ମୌସୁମୀବର୍ଷା ଉପରେ ନିର୍ଭର କରି ପ୍ରତିବର୍ଷ ଚାଷୀ ଚାଷକାର୍ଯ୍ୟ କରିଥାନ୍ତି। ଚଳିତ ବର୍ଷ ମୌସୁମୀର ବିଳମ୍ବକୁ ଦେଖି ଚାଷୀମାନେ ନିଜ ସାଧନରେ ଡିଜେଲ ପମ୍ପ ସାହାଯ୍ୟରେ ଚାଷ ଜମିରେ ପାଣି ଛାଡ ତଳି ପକାଇଥିଲେ। ମାତ୍ର ଏଯାଏଁ ବର୍ଷା ହୋଇ ନଥିବାରୁ ତଳି ସବୁ ମରିବା ସହ ତଳିଘେରା ଫାଟି ଗଲାଣି। ସମୟ ଅନୁଯାୟୀ ଜୁଲାଇ ପ୍ରଥମ ସପ୍ତାହରୁ ଧାନ ରୁଆ ବେଉଷଣ କାମ ଆରମ୍ଭ ହୋଇ ଅଗଷ୍ଟ ପ୍ରଥମ ସପ୍ତାହରେ କାମ ଶେଷ ହୋଇଥାଏ। ମାତ୍ର ଏଥର ଜୁଲାଇ ପ୍ରଥମ ସପ୍ତାହରୁ ଧାନବିଲ ଫାଟି ଆଁ କରିବା,ତଳିସବୁ ମରିଯିବା ଦେଖି ଚାଷୀ ହତାଶ ହୋଇଗଲେଣି। ଚଳିତ ଥର ରାଜକନିକା ବ୍ଲକରେ ୨୭ ହଜାର ହେକ୍ଟର ଜମିରେ ଶାରଦଧାନ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଏବେ ଦାନା ଉଜୁଡ଼ିବା ଚିନ୍ତା ଚାଷୀଙ୍କୁ ଘାରିବାରେ ଲାଗିଛି।

### ଲୋକନାଥ ପୀଠରେ ଶ୍ରାବଣ ପ୍ରଥମ ସୋମବାର ଜଳଲାଗି କଲେ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ

**ପୁରୀ ଅଫିସ, ୨୨।୭:** ଶ୍ରାବଣ ମାସର ପ୍ରଥମ ସୋମବାର। ଏଥିପାଇଁ ପୁରୀ ଜିଲାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟର ବିଭିନ୍ନ ନଦୀରୁ ଜଳ ଆଣି ୧୦,୧୦୦ କାଉଡ଼ିଆ ଶ୍ରୀଲୋକନାଥଙ୍କୁ ଜଳଲାଗି କରିଛନ୍ତି। ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ରବିବାର ଅପରାହ୍ନରୁ ଶ୍ରୀକ୍ଷେତ୍ରକୁ ବୋଲବମ୍ ଭକ୍ତଙ୍କ ଆଗମନ ହୋଇଥିଲା। ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଭକ୍ତ ବାଟମଙ୍ଗଳା, ଅଠରନଳା ଦେଇ ପୁରୀକୁ ପ୍ରବେଶ କରିଥିଲେ। ସେହିପରି ପୁରୀ ବାଇପାସ୍ ମଙ୍ଗଳାଘାଟ ଛକ ଦେଇ ଅନେକ କାଉଡ଼ିଆ ଲୋକନାଥ ପୀଠକୁ ଯାଇଥିଲେ। ଜଳଲାଗି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆଶ୍ରମଠାରୁ ବ୍ୟାରିକେଡ କରାଯାଇଛି। କାଉଡ଼ିଆମାନେ ଏହି ବ୍ୟାରିକେଡ ଦେଇ ପାର୍ବତୀ ସାଗର କଡ଼େ କଡ଼େ ଯାଇଥିଲେ। ରୋଷଘର ଦୁଆର ମୁହଁରେ ପ୍ରବେଶ କରି ନାଟାମ୍ଭର ମନ୍ଦିର ପଛପଟେ ଯାଇ ଲକ୍ଷ୍ମୀଙ୍କ ଦ୍ୱାରରେ ସ୍ଥାପିତ ପ୍ରଭୁ ଶ୍ରୀଲୋକନାଥଙ୍କ ଲିଙ୍ଗରେ ପାଣି ଢାଳିଥିଲେ। ଏହାପରେ ସିଂହଦ୍ୱାର ପଟେ ବାହାରକୁ ବାହାରିଥିଲେ। ଶ୍ରୀଲୋକନାଥ ମନ୍ଦିର ମ୍ୟାନେଜର ଅପର୍ଚ୍ଛ ପରିଡ଼ାଙ୍କ ସୂଚନା ମୁତାବକ, ୨୦ଟଙ୍କା ଲେଖାଏ ଟିକେଟ କାଟି କାଉଡ଼ିଆମାନେ ଜଳଲାଗି କରିଥିଲେ। ପ୍ରଥମ ସୋମବାର ୧୦,୧୦୦ ଟିକେଟ ବିକ୍ରି କରାଯାଇଛି। ଅନ୍ୟପକ୍ଷରେ ଜଳଲାଗିକୁ ଶୃଙ୍ଖଳିତ କରିବା ପାଇଁ ରବିବାର ରାତି ୧୨ଟା ୨୦ରେ ଦ୍ୱାର ଫିଟାଯାଇଥିବାବେଳେ ୧୨ଟା ୪୫ରୁ ବୋଲବମ୍ ଭକ୍ତମାନେ ପାଣି ଢାଳିବା ଆରମ୍ଭ କରିଥିଲେ। ସୋମବାର ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଜଳଲାଗି କରାଯାଇଥିଲା ବୋଲି ପରିଡ଼ା କହିଛନ୍ତି।

■ କେନ୍ଦ୍ରାପଡ଼ା ଜିଲା ପୋଲିସର ପ୍ରେସମିଟ୍

# ବାବୁଲିଙ୍କୁ ଗୁଳିମାଡ଼ ଘଟଣା: ୪ ଗିରଫ

**କେନ୍ଦ୍ରାପଡା ଅଫିସ, ୨୨।୭**

ଧର୍ମରକ୍ଷା ସେନାର କେନ୍ଦ୍ରାପଡ଼ା ଜିଲା ଆବାହକ ବିବେକାନନ୍ଦ ମହାରଣା ଓରଫ ବାବୁଲିଙ୍କୁ ଗୁଳିମାଡ଼ ଘଟଣାରେ ଜିଲା ପୋଲିସ ସୋମବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗ୍ୟାଙ୍ଗଷ୍ଟର ସୟଦ ଉସ୍‌ମାନ ଅଲ୍ଲୀ ଓରଫ ଟିଟୋ ଓ ଭବାନୀଶଙ୍କର ସାହୁ ଓରଫ ବାବୁଙ୍କ ଏହି ଘଟଣାରେ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ମୁଖ୍ୟ ଅପରାଧୀ ସେକ୍ ମହତାବ ଓ ସେକ୍ କୁଦରତ ଧରାପଡ଼ିନାହାନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ନିକିରାଇ ଥାନା ଅନ୍ତର୍ଗତ ଇନ୍ଦୁପୁର ଗ୍ରାମର ଆଲୋକ କୁମାର ମଲ୍ଲିକ (୨୨), ଚାରିଗାଁର କାଳିଆ ଓରଫ ତ୍ରିଲୋଚନ ମଲ୍ଲିକ (୨୧), ଟାଉନ ଥାନା ଅନ୍ତର୍ଗତ ବଡହାଟ କୁରେସୀମହଲାର ସେକ୍ ସାକିର (୨୮) ଓ ସଦର ଥାନା ଅନ୍ତର୍ଗତ ନେମ୍ପରା ଗ୍ରାମର ଶଙ୍କର ସେଠୀ (୨୯)। ଏନେଇ ଥାନାରେ ମାମଲା (ନଂ. ୧୮୯/ ୧୯) ରୁଜୁ କରାଯାଇଛି।

ସେମାନଙ୍କ ନିକଟରୁ ୪ ମୋବାଇଲ, ଗୋଟିଏ ଗ୍ଲାମର ମୋଟରସାଇକେଲ ଓ ଗୋଟିଏ ଏଫ୍‌ଜେଡ ମୋଟର ସାଇକେଲ ଜବତ ହୋଇଛି। ମାମଲାରେ ଜଡିତ ଟାଉନ ଥାନା ଅଧୀନ ଜଇପୁରା ଗ୍ରାମର ସେକ୍ ମହତାବ, ସେକ୍ କୁଦରତ, ସେକ୍ ସନି, ତାଜ, ସେକ୍ ସୁଲତାନ ଓରଫ ଗୋରା, ସେକ୍ ସର୍ଫରାଜ, ପଟ୍ଟାମୁଣ୍ଡାଇ ଥାନା ଜରିଆ ଗ୍ରାମର ମିର୍ଜା ଗାଲିବ ବେଗ,ଓ ଯାଜପୁର ଜିଲା ବରି ଥାନା ସେରପୁର ଗ୍ରାମର ରାଜା ମଲ୍ଲିକ ଫେରାର ହୋଇଯାଇଛନ୍ତି ବୋଲି ଏସ୍‌ପି ନୀତିଶେଖର କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏସ୍‌ପିଙ୍କ ସୂଚନା ଅନୁଯାୟୀ, ବାବୁଲିଙ୍କୁ ଜୀବନରୁ ମାରି ଦେବା ପାଇଁ ଗ୍ୟାଙ୍ଗଷ୍ଟର ଟିଟୋ ଓ ବାବୁ ଏହି ଯୋଜନା କରିଥିଲେ। ଗତ ଜୁନ୍ ମାସରେ କ୍ରାଇମ ବ୍ରାଞ୍ଚର ସ୍ପେଶାଲ ଟ୍ୟାକ୍ସ ଫୋର୍ସ ଟିମ୍ ଗ୍ୟାଙ୍ଗଷ୍ଟର ଟିଟୋର ସାନଭାଇ ସୟଦ ଆସପାକ ଅଲ୍ଲୀ ଓରଫ ଜୀ ବାବୁ ଓ ସୟଦ ଇଫତିକାର ଅଲ୍ଲୀ ଓରଫ ଟିଓ୍ୱାଙ୍କୁ ଗିରଫ କରିଥିଲା। ଏହା ପଛରେ ବାବୁଲି ଓ ତାଙ୍କ ସାଥୀଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରି ଏହି ଷଡ଼ଯନ୍ତ୍ର ରଚାଯାଇଥିଲା। ବାବୁଲିଙ୍କୁ ଜୀବନରୁ ମାରିଦେବା ପାଇଁ ୫ ଲକ୍ଷ ଟଙ୍କା ମୂଲଚାଲ ହୋଇଥିଲା। ଏନେଇ ସେକ୍ ସାକିର ଓ ସେକ୍ ସର୍ଫରାଜଙ୍କୁ ୧ ଲକ୍ଷ ଟଙ୍କା ଓ ୩ ପିସ୍ତଲ ଯୋଗାଇ ଦିଆଯାଇଥିଲା। ୧୩ ତାରିଖ ସନ୍ଧ୍ୟାରେ ୩ଟି ଟିମରେ ବାବୁଲିଙ୍କୁ ପିଛା କରାଯାଇଥିଲା। ଗୋଟିଏ ଟିମ୍ ସହରର ଚଟି ପୋଲ ନିକଟରେ ଓ ଅନ୍ୟ ଟିମ୍ ସହରର ଗରାପୁରଠାରେ ଅପେକ୍ଷା କରିଥିଲେ। ଦଣ୍ଡାମୁଣ୍ଡ ଛକରେ ଥିବା ଟିମ୍‌ର ସଦସ୍ୟ ସେକ୍ ମହତାବ ଓ ସେକ୍ କୁଦରତ ତାଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରକାଶ କରିଛନ୍ତି। ଫେରାର ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବା ଲାଗି ଛାନଭିନ୍ ଚାଲିଛି। ଏହି ମାମଲାରେ ଗ୍ୟାଙ୍ଗଷ୍ଟର ଟିଟୋ ଓ ବାବୁ ସାହୁଙ୍କୁ ରିମାଣ୍ଡରେ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା ଓ ସଦର ଥାନା ଅଧିକାରୀ ମହେଶ୍ୱର ସାହୁ ଉପସ୍ଥିତ ଥିଲେ।


ଥାନାରେ ଏସ୍‌ପି ନୀତିଶେଖର ଓ ଗିରଫ ୪ ଅଭିଯୁକ୍ତ।

**ଟିଟୋ, ବାବୁ ସାହୁ ଗ୍ୟାଙ୍ଗର ସମ୍ପୃକ୍ତି ରହିଛି: ଏସ୍‌ପି**

■ ବର୍ଷା ଅଭାବ, ଆଗେଇ ପାରୁନି ଚାଷ କାର୍ଯ୍ୟ

# ଗରଦପୁରରେ ମରୁଡ଼ି ଆଶଙ୍କା


ବର୍ଷା ଅଭାବରୁ ଧାନ ଜମି ଫାଟି ଗଲାଣି।

**ପାଟକୁରା,୨୨।୭ (ଡି.ଏନ୍.ଏ.)**

ଶ୍ରବଣ ମାସ ଆରମ୍ଭ ହୋଇସାରିଥିବା ବେଳେ ରାଜ୍ୟର କାଁଭାଁ ସ୍ଥାନରେ କ୍ୱଚିତ୍ ବର୍ଷା ହୋଇଥିଲେ ବି ପ୍ରଚଣ୍ଡ ଖରାତାତି ସବୁ ପାଣି ଶୋଷି ନେଉଛି। ଫଳରେ ଅଧିକାଂଶ ସ୍ଥାନରେ ଚାଷ କାର୍ଯ୍ୟ ହୋଇପାରୁନାହିଁ। ତଳି ପଡ଼ିଥିବା ଜମି ଶୁଖିଯିବା ଯୋଗୁ ତଳି ସବୁ ଶୁଖିଗଲାଣି। ଅନାବୃଷ୍ଟି ଯୋଗୁ ଗରଦପୁର ବ୍ଲକ ଅଞ୍ଚଳରେ ମଧ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଧାନ ତଳି ପଡ଼ିଥିବା କିଆରି ଫାଟି ଗଲାଣି। ରଜ ସମୟରେ ପଡ଼ିଥିବା ତଳି ସବୁ ନାଲି ପଡ଼ି ଯାଇଥିବା ବେଳେ ବୁଣା ଯାଇଥିବା ଧାନ ଗଛର ପତ୍ର ସବୁ ପୋଡ଼ିଗଲାଣି। ଏହି ସମୟରେ ସାଧାରଣତଃ ଚାଷୀମାନେ ରୁଆ ବେଉଷଣ କରିଥାନ୍ତି।

ଜଳସେଚନର ସୁବିଧା ନଥିବାରୁ ଗରଦପୁର ବ୍ଲକ ଅଞ୍ଚଳର ଚାଷୀମାନେ ମୁଖ୍ୟତ ବୃଷ୍ଟିପାତ ଉପରେ ନିର୍ଭର କରି ଚାଷ କରନ୍ତି। ଏଣୁ ବର୍ଷା ନ ହେବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ବ୍ଲକର ପଦ୍ମପୁର ଗ୍ରାମ ପଞ୍ଚାୟତରେ ବିଆଳି ଧାନ ବିଶେଷ ଚାଷ ହୋଇଥାଏ। ମାତ୍ର ବୃଷ୍ଟିପାତ ଅଭାବରୁ ବିଆଳି ଧାନ ଗଛ ମଧ ଶୁଖିଗଲାଣି। ବେଡ଼ାରୀ ପଞ୍ଚାୟତ ସମେତ ପାଟକୁରା, ଗରଦପୁର, ପାଖଡ଼, କଳାବୁଦା, ତଳକୁସୁମା, ବନ୍ତଳା, ତେଣ୍ଡାକୁଡ଼ା, ନଡ଼ିଆବରାଇ, ତିକନପୁର, ରାମଚନ୍ଦ୍ରପୁର ପ୍ରଭୃତି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଅନାବୃଷ୍ଟି କାରଣରୁ ଧାନ ଫସଲ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ଯଦି ଆଉ କିଛି ଦିନ ଭିତରେ ବର୍ଷା ନ ହେଲେ ଧାନ ଫସଲ ନଷ୍ଟ ହେବା ସହ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

■ ନିର୍ବାଚନ ପାଇଁ ୩ ଦିନ ସ୍କୁଲ ବନ୍ଦକୁ ବିରୋଧ

# ସ୍କୁଲରେ ତାଲା ପକାଇଲେ ଅଭିଭାବକ


ଅଭିଭାବକମାନେ ସ୍କୁଲ ଗେଟ୍‌ରେ ତାଲା ପକାଉଛନ୍ତି।

**ମହାକାଳପଡା,୨୨।୭(ଡି.ଏନ୍.ଏ.)**

ପାଟକୁରାରେ ନିର୍ବାଚନ ପାଇଁ ମହାକାଳପଡା ବ୍ଲକର ଏକ ବିଦ୍ୟାଳୟ ୩ଦିନ ବନ୍ଦ ରହିଥିଲା। ଏହାକୁ ବିରୋଧ କରି ଅଭିଭାବକମାନେ ସୋମବାର ସମ୍ପୃକ୍ତ ବିଦ୍ୟାଳୟରେ ତାଲା ପକେଇ ଦେଇଥିଲେ। ପୋଲିସର ଏକ ଟିମ୍ ପହଞ୍ଚି ସମସ୍ୟାର ସମାଧାନ କରିବା ପରେ ତାଲା ଖୋଲାଯାଇଥିଲା।

ସୂଚନା ଯୋଗ୍ୟ ପାଟକୁରା ବିଧାନସଭା ଆସନ ପାଇଁ ଗତ ୨୦ ତାରିଖରେ ମତଦାନ ଥିଲା। ଏହି ନିର୍ବାଚନରେ ସହଯୋଗ କରିବା ପାଇଁ ଏହି ବ୍ଲକର ବଡ଼ହି ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁରର ଉତ୍ସବେଶ୍ୱର ହାଇସ୍କୁଲକୁ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଓ କର୍ମଚାରୀମାନେ ସରକାରୀ ନିୟମ ଅନୁସାରେ ଏହି ସମୟରେ ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଥିଲେ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି। ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ କିପରି ବିଧାନସଭା ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଗଲା ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ୬୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ପିଲାଙ୍କ ଭବିଷ୍ୟତ ଦୃଷ୍ଟି ଦିଆଯାଇନାହିଁ ବୋଲି ଅଭିଭାବକମାନେ ଅଭିଯୋଗ କରି ବିଦ୍ୟାଳୟରେ ତାଲା ପକେଇଦେଇଥିଲେ। ଖବରପାଇ ଜିଲା ଶିକ୍ଷା ଅଧିକାରିଣୀ କଳ୍ପନା ବେହେରା ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପରେ ତନ୍ତିଆପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ବିଦ୍ୟାଳୟର ତାଲା ଖୋଲାଯାଇଥିଲା। ଏସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା କହିଛନ୍ତି,ବିଦ୍ୟାଳୟ ବନ୍ଦ ହେବା ସମ୍ପର୍କରେ ସୂଚନା ମିଳିଛି। ଏନେଇ ତଦନ୍ତ କରାଯିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ପାଟକୁରା ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ ହୋଇଥିଲା।

### ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ରାଜ୍ୟରେ କାର୍ଯ୍ୟରତ ଖବରଦାତାମାନଙ୍କୁ ବାରମ୍ବାର ଆକ୍ରମଣ ଓ ଦୁର୍ବ୍ୟବହାର କରାଯାଉଛି। ଏ ନେଇ ଦୃଢ ସୁରକ୍ଷା ଆଇନ ପ୍ରଣୟନ ନିମନ୍ତେ ସୋମବାର କଳିଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ରାଜ୍ୟପାଳ ଏହା ଉପରେ ତୁରନ୍ତ ହସ୍ତକ୍ଷେପ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି କାର୍ଯ୍ୟରତ ଖବରଦାତାଙ୍କୁ ମାଡ଼ ମାରିଥିବା କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ନିଲମ୍ବନ କରାଯିବାକୁ ରାଜ୍ୟପାଳଙ୍କ ନିକଟରେ ସଂଘ ଦାବି କରିଛି। ଏହି ଅବସରରେ କଳିଙ୍ଗ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଲିଙ୍ଗରାଜ ରାଉତ, ଉପସଭାପତି ନିରଞ୍ଜନ ରେଣ୍ଟୀ, ସ୍ୱରଜିତ୍ ଆର୍ଯ୍ୟଙ୍କ ନେତୃତ୍ୱରେ ରାଜ୍ୟ ଆବାହକ ସୁକାନ୍ତ ରାଉତ, ବିଦ୍ୟାଧର ବାରିକ, ଭୁବନେଶ୍ୱର ଜିଲା ସଭାପତି ମନୋରଞ୍ଜନ ମିଶ୍ର, ସମ୍ପାଦକ ସୌଭାଗ୍ୟ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

# ବର୍ଷା ପାଇଁ ବେଙ୍ଗ, ବେଙ୍ଗୁଲୀ ପୂଜା

**ମହାକାଳପଡ଼ା,୨୨।୭(ଡି.ଏନ୍.ଏ.)**

ଚଳିତ ବର୍ଷ ମହାକାଳପଡା ବ୍ଲକରେ ଭଲ ବର୍ଷା ନ ହେବାରୁ ଚାଷୀଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ବର୍ଷା ଅଭାବରୁ ଜମିରେ ଗଜା ମରୁଡ଼ି ହେବାର ଆଶଙ୍କା ରହିଛି।

ଏନେଇ ମହାକାଳପଡା ବ୍ଲକ ଅନ୍ତର୍ଗତ ବଉଳକଣୀ ପଞ୍ଚାୟତରେ ବସବାସ କରୁଥିବା ବାଘୁଆମେଦ ଆଦିବାସୀପଡ଼ାର ଲୋକେ ବେଙ୍ଗ ଓ ବେଙ୍ଗୁଲୀଙ୍କ ପୂଜାର୍ଚ୍ଚନା କରିଥିଲେ। ସେମାନଙ୍କ ପୂଜା କଲେ ଭଲ ବର୍ଷା ହେବ ବୋଲି ଏହି ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ବିଶ୍ୱାସ ରହିଛି। ଏହି ବିଶ୍ୱାସରେ ପଡ଼ାରେ ବସବାସ କରୁଥିବା ୮୦ରୁ ଊର୍ଦ୍ଧ୍ୱ ପରିବାରର କିଛି ମହିଳା ଓ ମୁରବି ଏକତ୍ର ହୋଇ ବେଙ୍ଗ, ବେଙ୍ଗୁଲୀକୁ ଧରି ଚାଷ ଜମିର ମଧ୍ୟସ୍ଥଳରେ ରଖି ପୂଜାର୍ଚ୍ଚନା କରିଥିଲେ। ବେଙ୍ଗ, ବେଙ୍ଗୁଲୀକୁ ଧରିବା ପରେ ସେମାନଙ୍କ ମୁଣ୍ଡରେ ସିନ୍ଦୂର ମାରି ପିଢ଼ାରେ ବସାଇ ପୂଜା କରିଥିଲେ। ଶଙ୍ଖ, ଘଣ୍ଟ ଓ ମୃଦଙ୍ଗ ଆଦି ବଜାଇ ଗୀତ ଗାଇବା ସହ ନାଚିଥିଲେ। ପୂଜା ସରିବା ପରେ ଗ୍ରାମର କିଛି ମହିଳା ବେଙ୍ଗ ଓ ବେଙ୍ଗୁଲିକୁ ନେଇ ଏକ ଜଳାଶୟରେ ଛାଡି ଦେଇଥିଲେ। ଏହି ପୂଜାରେ ଗ୍ରାମରେ ରବୀନ୍ଦ୍ର ସିଂ, ପୂର୍ଣ୍ଣ ସିଂ, ଗୀତା ସିଂ, ସାବିତ୍ରୀ ସିଂ, କୁନି ସିଂ, ସୁଲୋଚନା ସିଂ ଏବଂ ରାମ ସିଂ ପ୍ରମୁଖ ସାମିଲ ହୋଇଥିଲେ।


ବାଘୁଆମେଦ ଆଦିବାସୀପଡ଼ାରେ ଲୋକେ ବେଙ୍ଗ, ବେଙ୍ଗୁଲୀ ପୂଜା କରୁଛନ୍ତି।

# ଭାଙ୍ଗିଯାଇଛି କଲଭର୍ଟ: ଗାଁ ପ୍ରତି ବିପଦ ଆଶଙ୍କା

**ରାଜକନିକା, ୨୨।୭ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ଦାମୋଦରପୁର ଗାଁ ନିକଟରେ ଥିବା ନାଉବାଙ୍କ –ଗହିରାପାଳ ନଦୀ ବନ୍ଧର କଲଭର୍ଟ ଦୀର୍ଘଦିନ ହେବ ଭାଙ୍ଗିରୁଜି ଯାଇଛି। ଯାଜପୁର ଜଳସମ୍ପଦ ଡିଭିଜନ ଅଧୀନରେ ଆସୁଥିବା ଏହି କଲଭର୍ଟ ମରାମତି କରାଯାଉନାହିଁ। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ମରାମତି ଅଭିବାରୁ ଏବେ ଦାମୋଦରପୁର ଗାଁ ପ୍ରତି ବିପଦ ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, କଲଭର୍ଟରେ ବନ୍ୟାଜଳ ନିଷ୍କାସନ ପାଇଁ ଥିବା କବାଟ ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ଏଥିସହ ନଦୀ ବନ୍ଧର ଅବସ୍ଥା ଶୋଚନୀୟ ହୋଇଯାଇଛି। ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଦବିବାରେ ଲାଗିଛି। ଅନେକ ସ୍ଥାନରେ ବନ୍ଧରେ ଫାଟ ପଡ଼ିଛି। ଖରସ୍ରୋତାରେ ବନ୍ୟା ଆସିଲେ ଏଠାରେ ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି। ୧୯୯୯ ମସିହା ବନ୍ୟାରେ ଏଠାରେ ଘାଇ ହେବା ଯୋଗୁ ନଦୀବନ୍ଧ ତଳେ ଥିବା ଶହ ଶହ ଏକର ଚାଷଜମି କ୍ଷତିଗସ୍ତ ହୋଇଥିଲା। ରାଜକନିକା, ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ପ୍ରାୟ ୩୦ ଗ୍ରାମ ଏହି ବନ୍ୟା ଯୋଗୁ ସେତେବେଳେ ପ୍ରଭାବିତ ହୋଇଥିଲା। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଏଠାରେ ନୂତନ କଲଭର୍ଟ ନିର୍ମାଣ ପାଇଁ ବାରମ୍ବାର ଦାବିକରାଯାଉଛି। ମାତ୍ର ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ନବୀନ ପାଣିଗ୍ରାହୀ କହିଛନ୍ତି ଯଥାଶୀଘ୍ର କଲଭର୍ଟ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଯୋଜନା ଚାଲିଛି।



# ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ସମ୍ମାନିତ

**କେନ୍ଦ୍ରାପଡ଼ା ଅଫିସ୍, ୨୨।୭**

କେନ୍ଦ୍ରାପଡା ସହରର କାକଟ ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଳା ଶିକ୍ଷକ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ତୃତୀୟ କଳିଙ୍ଗ କଳା ମହୋତ୍ସବ ଓ ଷଷ୍ଠ ଲିଟେରାରୀ ଫେଷ୍ଟିଭାଲ ଉଦ୍‌ଯାପନୀ ଉତ୍ସବରେ ସମ୍ମାନୀତ କରାଯାଇଛି। ଭୁବନେଶ୍ୱରସ୍ଥିତ କିଟ ବିଶ୍ୱ ବିଦ୍ୟାଳୟରେ ଜୁଲାଇ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟସ୍ତରର ୬୨ ଜଣ ଚିତ୍ରଶିଳ୍ପୀ ଭାଗ ନେଇଥିଲେ। ଏଠାରେ ଶାନ୍ତିର ପ୍ରତୀକ ଭାବେ ବୁଦ୍ଧ ଓ ମହାତ୍ମାଗାନ୍ଧୀଙ୍କ ଆଦର୍ଶକୁ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ, ଚଣ୍ଡିଗଡ଼ସ୍ଥିତ ଆର୍ଟସ ବିଶ୍ୱବିଦ୍ୟାଳୟର ଭିଜୁଆଲ ଆର୍ଟ ବିଭାଗ ଡିନ୍ ଡା. ରଞ୍ଜନ କୁମାର ମଲ୍ଲିକ, ବି.କେ. ଆର୍ଟ କଲେଜ ଅଧ୍ୟାପକ ଗଜେନ୍ଦ୍ର କୁମାର ପାତ୍ରୀ, ମିନକେତନ ପଟ୍ଟନାୟକ ଓ ଦିଲ୍ଲୀର ଚିତ୍ରଶିଳ୍ପୀ ରୋହିତ ସୁପକାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଅତିଥିମାନେ ସୌମ୍ୟରଞ୍ଜନଙ୍କୁ ସମ୍ମାନିତ କରୁଛନ୍ତି।

# ବଢୁଛି ଶବ୍ଦ ପ୍ରଦୂଷଣ: ଲୋକେ ଅତିଷ୍ଠ

**କେନ୍ଦ୍ରାପଡା ଅଫିସ, ୨୨।୭**

ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ସରକାର ସଚେତନତା ସହ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ କେନ୍ଦ୍ରାପଡା ପ୍ରଶାସନ ଅବହେଳା କାରଣରୁ ଶବ୍ଦ ପ୍ରଦୂଷଣ ବଢ଼ି ଚାଲିଛି। ବିଶେଷ କରି ଉଚ୍ଚ ଶବ୍ଦ ଯୁକ୍ତ ବାଇକ ଓ ଡିଜେ ସାଉଣ୍ଡରେ ଲୋକେ ଅତିଷ୍ଠ ହୋଇପଡିଲେଣି। ଏନେଇ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ କାଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଏବେ ବିବାହ ସିଜିନ ଚାଲିଥିବା ବେଳେ ବରଯାତ୍ରୀ ଦଳ ପକ୍ଷରୁ ଶୋଭଯାତ୍ରା ବେଳେ ଉଚ୍ଚ ଶବ୍ଦଯୁକ୍ତ ଡିଜେ ବଜାଯାଉଛି। ଫଳରେ ରୋଗୀ, ବୃଦ୍ଧାବୃଦ୍ଧ ଓ ଶିଶୁ ଭୟଭୀତ ହୋଇଯାଉଛନ୍ତି। ଗତ ଜୁନ ୯ରେ ରାଜନଗର ବ୍ଲକ କୁଦ୍ଦୁପୁର ଗ୍ରାମରେ ବ୍ୟବସାୟୀ ସମରେନ୍ଦ୍ର କରଙ୍କ ଡିଜେ ସାଉଣ୍ଡ ଯୋଗୁ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଏନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ସେହିପରି ମଟର ବାଇକରେ ଉଚ୍ଚ ଶବ୍ଦଯୁକ୍ତ ସାଇଲେନ୍ସର ଯୋଗୁ ଧ୍ୱନୀ ପ୍ରଦୁଷଣ ହେଉଛି। ଏହା ଆଇନକୁ ଉଲ୍ଲଂଘନ କରୁଛି। ଉଚ୍ଚ ଶବ୍ଦଯୁକ୍ତ ବାଇକ ଚାଳନାକୁ କେନ୍ଦ୍ର କରି ଚଳିତ ମାସର ପ୍ରଥମ ସପ୍ତାହରେ କେନ୍ଦ୍ରାପଡା ସହରର ୨ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୧୪୪ ଧାରା ଜାରି ହୋଇଥିଲା। ଏହାସତ୍ତ୍ୱେ ଶବ୍ଦ ପ୍ରଦୁଷଣ ରୋକିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆଯାଉ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

ଏସମ୍ପର୍କରେ ସହରର ଫକିରାବାଦସ୍ଥିତ ହୃଦରୋଗୀ ମୀର ଅବୁ ଓବେଦା କୁହନ୍ତିଯେ, ଡିଜେ ବାଜା ଆସିବା ପୂର୍ବରୁ ଘର ମଧ୍ୟକୁ ଯିବାକୁ ପଡୁଛି । ତେବେ ରାସ୍ତାଘାଟରେ ବୁଲୁଥିବା ବାଇକ ଚାଳକଙ୍କ ଦୌରାତ୍ମ୍ୟରୁ ତ୍ରାହୀ ମିଳୁନାହିଁ। ବିଭିନ୍ନ ଦାମୀ ବାଇକ୍‌ରେ ୩ରୁ ୪ ହଜାର ଟଙ୍କା ଅଧିକ ଖର୍ଚ୍ଚ କରି ଏହି ସାଇଲେନ୍ସର ଲଗାଯାଉଛି। ୨୦୧୭ରେ ଟାଉନ ଥାନା ପକ୍ଷରୁ ଏପରି ବାଇକ ଶବ୍ଦକୁ ରୋକିବା ପାଇଁ ଆମ ପୋଲିସ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ଏହାସତ୍ତ୍ୱେ କେହି ଏଥିପ୍ରତି ସଚେତନ ହେଲେ ନାହିଁ। କଂସାର ଗ୍ରାମର ନିରଞ୍ଜନ ପରିଡା କହିବାନୁସାରେ, ଧ୍ୱନୀ ପ୍ରଦ୍ୟୁଷଣ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉ ନାହିଁ। ଏନେଇ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । ଏଥିଯୋଗୁ ପୋଲିସ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ମାତ୍ର କେତେଜଣ ଯୁବଗୋଷ୍ଠୀ ନିଜର ଆତ୍ମ ବଡ଼ିମା ପାଇଁ ବାଇକ୍‌ରେ ଉଚ୍ଚ ଶବ୍ଦଯୁକ୍ତ ସାଇଲେନ୍ସରର ବ୍ୟବହାର କରୁଛନ୍ତି। ସେହିପରି ବିଭିନ୍ନ ସାମାଜିକ ଉତ୍ସବରେ ମେଲୋଡି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି । ଡିଜେ ଦ୍ୱାରା କମ୍ ଶ୍ରମରେ ଏହି ଆଶା ପୂରଣ ହୋଇଯାଉଛି। ଏଥିରେ ଆୟୋଜକ ଓ ଡିଜେ ମାଲିକ ଉଭୟ ଲାଭବାନ ହେଉଛନ୍ତି। ମାତ୍ର ସ୍ଥାନୀୟ ଅଞ୍ଚଳବାସୀ ଶବ୍ଦ ପ୍ରଦୁଷଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୁଦ୍ଧିଜୀବୀ ମିଳନ କୁମାରେ ଧଳ କୁହନ୍ତି, ତିବ୍ର ଶବ୍ଦଯୁକ୍ତ ଡିଜେ ଓ ବାଇକ ସହର ଓ ଗ୍ରାମାଞ୍ଚଳ ପାଇଁ ବିପଦ ସାଜିଛି। ବାହାଘର, ପୂଜାପାର୍ବଣରେ ଡିଜେ ସାଉଣ୍ଡରେ ଛାତି ଥରିଯାଉଛି। ସାଧାରଣତଃ ଜଣେ ମଣିଷ ୬୦ ଡେସିବଲ ପର୍ଯ୍ୟନ୍ତ ଶବ୍ଦକୁ ଭଲରେ ଶୁଣିପାରୁଥିବା ବେଳେ ୧୪୦ ଡେସିବଲ ପର୍ଯ୍ୟନ୍ତ ଶବ୍ଦ ସହ୍ୟ କରିପାରିବ। ତେବେ ଡିଜେ ସାଉଣ୍ଡରେ ପ୍ରାୟ ୫୦୦ ଡେସିବଲରୁ ଅଧିକ ଜୋରରେ ଶବ୍ଦ ହେଉଛି। ଏହାକୁ ରୋକିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଡା. ବିରଞ୍ଚିନ ସ୍ୱାଇଁଙ୍କ କହିବାନୁସାରେ, ଶବ୍ଦ ପ୍ରଦୁଷଣର ମାତ୍ରା ବୃଦ୍ଧି ହେଲେ ଜନସାଧାରଣଙ୍କ ସୁସ୍ଥ ଜୀବନଯାପନରେ ବାଧା ସୃଷ୍ଟି କରେ। ଏହା ଫଳରେ ମନୁଷ୍ୟର ରକ୍ତଚାପ ଓ ହୃଦକମ୍ପନ ଆଦି ବୃଦ୍ଧି ପାଇଥାଏ। ଏଥିସହ ବହୁ ଲୋକେ ନିଦ୍ରାହୀନତା ଓ ମୁଣ୍ଡ ବ୍ୟଥାର ଶୀକାର ହୋଇଥାନ୍ତି। ଫଳରେ କେତେଜଣ ବ୍ୟକ୍ତି ଚିଡ଼ିଚିଡ଼ା ସ୍ୱଭାବର ହୋଇଯାଆନ୍ତି। ଏହାର କୁପ୍ରଭାବ ଗର୍ଭସ୍ଥ ଶିଶୁ ଓ କୋମଳମତି ଶିଶୁଙ୍କ ଉପରେ ମଧ ପଡ଼ିଥାଏ। ଏପରିକି ସ୍ମୃତି ଶକ୍ତି ମଧ କ୍ଷୟ ହୋଇଥାଏ।

ଏସମ୍ପର୍କରେ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା କୁହନ୍ତି, ଥାନା ପକ୍ଷରୁ ଏନେଇ ସଚେତନ କରାଯାଉଛି। ତେବେ ଆଇନ ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି। ଏନେଇ ଆଗାମୀ ଦିନରେ ଜିଲା ପୋଲିସ ପକ୍ଷରୁ ଦୃଷ୍ଟି ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

■ ଉଚ୍ଚ ଶବ୍ଦଯୁକ୍ତ ବାଇକ, ଡିଜେ ସାଉଣ୍ଡ ବଢ଼ାଉଛି ପ୍ରଦୂଷଣ

■ ଜୁନ ୯ରେ ଡିଜେ ସାଉଣ୍ଡରେ ଜଣଙ୍କ ମୃତ୍ୟୁ ଘଟିଥିଲା।

■ ବାଇକ୍ ଶବ୍ଦ ଯୋଗୁ ୨ ସମ୍ପ୍ରଦାୟରେ ଘଟିଥିଲା ସଂଘର୍ଷ

# ଜିଲାପାଳଙ୍କ ଜନଶୁଣାଣିରେ ୧୬୧ ଅଭିଯୋଗ

ବିରିଡ଼ି/ବାଲିଆ,୨୨।୭(ଡି.ଏନ.ଏ.)



ଜିଲାପାଳଙ୍କୁ ଲୋକେ ଅଭିଯୋଗ ଜଣାଉଛନ୍ତି।

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୋମବାର ବିରିଡ଼ି ବ୍ଲକରେ ଜନ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ୍ ୧୬୧ ଜଣ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ କରିଥିଲେ। ସେଥିରେ ବାର୍ଦ୍ଧକ୍ୟ ଭତ୍ତା ସମ୍ପର୍କିତ ୧୯, ଆଇନ ସହାୟତା ୩, ସାମୁହିକ ସମସ୍ୟା ୨୧, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ୧, ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ୮୮ ଓ ଅନ୍ୟାନ୍ୟ ୨୯ ଅଭିଯୋଗ ଥିଲା। ପ୍ରମୁଖ ଅଭିଯୋଗ ମଧ୍ୟରେ ବ୍ଲକ ହେଡ୍‌କ୍ୱାର୍ଟର କୁଲକଇଜଙ୍ଗା ପଞ୍ଚାୟତରେ ଏକ ମିନି ଷ୍ଟାଡିୟମ କରିବାକୁ ଜିଲାପାଳଙ୍କ ନିକଟରେ ଦାବି ହୋଇଥିଲା।

ସେହିପରି ଚାଷୀଖଣ୍ଡ ଗ୍ରାମର ପ୍ରଦୀପ୍ତ ମହାପାତ୍ର ତାଙ୍କ ପିତା ସ୍ୱର୍ଗତ ଜିତେନ୍ଦ୍ର ମହାପାତ୍ରଙ୍କ ପେନସନ ସାନଭାଇ ପ୍ରତାପ ମହାପାତ୍ର ଭିନ୍ନକ୍ଷମ ହୋଇଥିବାରୁ ତାଙ୍କୁ ଦେବା ପାଇଁ ଅଭିଯୋଗ କରିଥିଲେ। ବାସନ୍ଦରାଠାରେ ଉଠା ଜଳସେଚନ ପଏଣ୍ଟ ପାଇଁ ଥିବା ଟ୍ରାନ୍ସଫର୍ମରରୁ କେତେକ ଲୋକ କଏଲ ଚୋରି କରିନେଇଥିବାରୁ ତାହା ଅଚଳ ହୋଇଯାଇଛି। ତେଣୁ ଏଠାରେ ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଆଶୁତୋଷ ପଟ୍ଟନାୟକ ଦାବି ଜଣାଇଥିଲେ। ବମ୍ଫିଲୋ ବିଶ୍ୱନାଥ ଆଞ୍ଚଳିକ ମଞ୍ଚର ସମ୍ପାଦିକା ଅନିତା ମହାନ୍ତି ଓ ସଭାନେତ୍ରୀ ତରୁଣ ମହାପାତ୍ର ଆମ ଗାଁ ଆମ ବିକାଶ ଯୋଜନାରେ ହେବାକୁ ଥିବା ଗୋପାଳଜୀଉ ଯଜ୍ଞଶାଳା ଓ ବମ୍ଫିଲୋ ମଠ ରୋଷଶାଳା କାର୍ଯ୍ୟ ମହିଳା ସଂଗଠନ ଦ୍ୱାରା କରାଇବାକୁ କହିଥିଲେ। ହଳଦିଆପଡ଼ା ବିଶ୍ୱାଳ ସାହି ଓ ବରାଳ ସାହିର ଜଳ ନିଷ୍କାସନ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ଜଣାଇଥିଲେ।

ଜିଲ୍ଲାପାଳ ବ୍ଲକ କାର୍ଯ୍ୟାଳୟରେ ଏକ ଅଭିଯୋଗ ବାକ୍ସ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ମହେନ୍ଦ୍ର କୁମାର ମହାନ୍ତି, ଆଡିସନାଲ ଏସପି ବି.ଏନ. ମିଶ୍ର, ଡିଇଓ ପ୍ରତିଭା ମଞ୍ଜରୀ ଦାସ, ଏଡିଏମଓ ଡା. ବସନ୍ତ ବାରିକ, ଜିଲ୍ଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ସପନୀ ଜେନା, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ଭାରପ୍ରାପ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ତହସିଲଦାର ସାଗରିକା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।


## OFFICE OF THE COLLECTOR & DISTRICT MAGISTRATE, NABARANGPUR

**No.1382/2019** **(ST & SC DEVELOPMENT SECTION)** **Date: 18.07.2019**

No.19-V :- Sealed tenders in the prescribed paper are invited from the intending Suppliers/ Authorized Dealers/Manufacturers/MSME Units for supply of school uniform to ST/SC students from Classes-IX to XII of SSD Schools of Nabarangpur District during the financial year, 2019-20.Sealed tender paper in the prescribed paper should reach to District Welfare Office, Collectorate, Nabarangpur by Registered Post or Speed Post only on or before 30.07.2019 up to 5.00 P.M and it will be opened on 03/08/2019 at 11.00 A.M. at Collectorate, Nabarangpur in the presence of DLPC and bidders or their representatives.

The details of the tender are available in the District Website www.nabarangpur.nic.in from dated 18/07/2019 to 30/07/2019 up to 5.00 P.M.

**By Order of Collector, Nabarangpur**
Sd./- District Welfare Officer
Nabarangpur

24165/11/0002/1920



## ଜିଲ୍ଲାପାଳ କାର୍ଯ୍ୟାଳୟ, ସମ୍ବଲପୁର, ଓଡ଼ିଶା

**ଇସ୍ତାହାର ସଂଖ୍ୟା.924** **ତା.22.07.19**

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି କି, ଶିଶୁ କଲ୍ୟାଣ ସମିତି, ସମ୍ବଲପୁରର ନିର୍ଦ୍ଦେଶନାମାନୁସାରେ ନିମ୍ନରେ ଦିଆଯାଇଥିବା ଶିଶୁମାନଙ୍କୁ ରୁକ୍ମଣୀଲାଠ ବାଳନିକେତନ, ଛଚାନପାଲି ଓ ଡାଃ ଆଇଜାକ ସାନ୍ତ୍ରା ବାଲନିକେତନ, ସମ୍ବଲପୁର, ଶିଶୁ ଯତ୍ନ ଅନୁଷ୍ଠାନରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି। ଉକ୍ତ ଶିଶୁମାନଙ୍କର ଯଦି କେହି ଜନ୍ମିତ ପିତାମାତା ତଥା ଆଇନଗତ ଅଭିଭାବକ ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶନ ହେବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର, ଫୋନ ନମ୍ବର–୦୬୬୩–୨୪୧୨୯୧୪, ଶିଶୁଗୃହ ପ୍ରବନ୍ଧକ, ରୁକ୍ମଣୀଲାଠ, ବାଲନିକେତନ, ଛଚାନପାଲ, ସମ୍ବଲପୁର, ଫୋନ ନମ୍ବର–୮୮୪୭୮୩୨୦୫୫ ଓ ସମ୍ପାଦକ, ଡାଃ ଆଇଜାକ ସାନ୍ତ୍ରା ବାଲନିକେତନ, ଶିଶୁ ଯତ୍ନ ଅନୁଷ୍ଠାନ, ସମ୍ବଲପୁର, ଫୋନ ନମ୍ବର–୮୭୬୩୬୩୨୦୬୨ରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ ଅଧିନିୟମ ୨୦୧୭ ଅନୁଯାୟୀ ପୋଷ୍ୟ ଯୋଗ୍ୟ ବୋଲି ବିବେଚିତ କରାଯିବ।

| କ୍ର. ନଂ. | ନାମ | ଲିଙ୍ଗ | ବୟସ | ଉଦ୍ଧାର ସ୍ଥାନ | ବର୍ତ୍ତମାନ ଏହି ଶିଶୁମାନେ ରହୁଥିବା ଶିଶୁ ଯତ୍ନ ଅନୁଷ୍ଠାନର ନାମ | ଫଟୋ |
|---|---|---|---|---|---|---|
| ୧ | ଅମନ ସିଂ | ପୁଅ | ଆନୁମାନିକ ୫ ବର୍ଷ | କ୍ଷେତରାଜପୁର ରେଲୱେ ଷ୍ଟେସନ୍, ଜିଲ୍ଲା – ସମ୍ବଲପୁର | ରୁକ୍ମିଣୀ ଲାଠ ବାଲନିକେତନ, ସମ୍ବଲପୁର |  |
| ୨ | ସୁନିତା @ ସୋନିକା | ଝିଅ | ଆନୁମାନିକ ୫ ବର୍ଷ | ଫାଟକ ରେଲୱେ ଷ୍ଟେସନ୍, ଜିଲ୍ଲା – ସମ୍ବଲପୁର | ରୁକ୍ମିଣୀ ଲାଠ ବାଲନିକେତନ, ସମ୍ବଲପୁର |  |
| ୩ | ସୁମନ ନାଏକ | ପୁଅ | ୧୧ ବର୍ଷ | ଜମନକିରା, ଜିଲ୍ଲା – ସମ୍ବଲପୁର | ରୁକ୍ମିଣୀ ଲାଠ ବାଲନିକେତନ, ସମ୍ବଲପୁର |  |
| ୪ | ସୂରଜ | ପୁଅ | ୧ ମାସ | ବୁର୍ଲା ହସ୍ପିଟାଲ, ଜିଲ୍ଲା – ସମ୍ବଲପୁର | ରୁକ୍ମିଣୀ ଲାଠ ବାଲନିକେତନ, ସମ୍ବଲପୁର |  |
| ୫ | ଦେବାଶିଷ ପଟ୍ଟନାୟକ | ପୁଅ | ୧୦ ବର୍ଷ | ବାମରା, ଜିଲ୍ଲା – ସମ୍ବଲପୁର | ଡାଃ ଆଇଜାକ ସାନ୍ତ୍ରା ବାଲନିକେତନ, ସମ୍ବଲପୁର |  |
| ୬ | ରିନା ଧାନଗୁଣ୍ଡି | ଝିଅ | ୮ ବର୍ଷ | କୁଚିଣ୍ଡା, ଜିଲ୍ଲା – ସମ୍ବଲପୁର | ଡାଃ ଆଇଜାକ ସାନ୍ତ୍ରା ବାଲନିକେତନ, ସମ୍ବଲପୁର |  |
| ୭ | ଶଙ୍କର ଧାନଗୁଣ୍ଡି | ପୁଅ | ୧୧ ବର୍ଷ | କୁଚିଣ୍ଡା, ଜିଲ୍ଲା – ସମ୍ବଲପୁର | ଡାଃ ଆଇଜାକ ସାନ୍ତ୍ରା ବାଲନିକେତନ, ସମ୍ବଲପୁର |  |
| ୮ | ତୁଳସୀ ଧାନଗୁଣ୍ଡି | ଝିଅ | ୩ ବର୍ଷ | କୁଚିଣ୍ଡା, ଜିଲ୍ଲା – ସମ୍ବଲପୁର | ଡାଃ ଆଇଜାକ ସାନ୍ତ୍ରା ବାଲନିକେତନ, ସମ୍ବଲପୁର |  |
| ୯ | ତପଧନ ବିଭାର | ପୁଅ | ୧୧ ବର୍ଷ | ଗହିରପାଲି, ଯୁଯୁମୁରା, ଜିଲ୍ଲା – ସମ୍ବଲପୁର | ଡାଃ ଆଇଜାକ ସାନ୍ତ୍ରା ବାଲନିକେତନ, ସମ୍ବଲପୁର |  |
| ୧୦ | ତପସ୍ୱିନୀ ବିଭାର | ଝିଅ | ୭ ବର୍ଷ | ଗହିରପାଲି, ଯୁଯୁମୁରା, ଜିଲ୍ଲା – ସମ୍ବଲପୁର | ଡାଃ ଆଇଜାକ ସାନ୍ତ୍ରା ବାଲନିକେତନ, ସମ୍ବଲପୁର |  |
| ୧୧ | ପ୍ରୀତମ ମୁଣ୍ଡା | ପୁଅ | ୪ ବର୍ଷ | କାନାଲ ପଡା, ଶାସନ, ଜିଲ୍ଲା – ସମ୍ବଲପୁର | ରୁକ୍ମିଣୀ ଲାଠ ବାଲନିକେତନ, ସମ୍ବଲପୁର |  |
| ୧୨ | ପୂଜା ମୁଣ୍ଡା | ଝିଅ | ୭ ବର୍ଷ | କାନାଲ ପଡା, ଶାସନ, ଜିଲ୍ଲା – ସମ୍ବଲପୁର | ରୁକ୍ମିଣୀ ଲାଠ ବାଲନିକେତନ, ସମ୍ବଲପୁର |  |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର**



## OFFICE OF THE DIVISIONAL MANAGEMENT UNIT CHIEF -CUM- DIVISIONAL FOREST OFFICER, SUNDARGARH FOREST DIVISION, SUNDARGARH.

**(Phone & FAX Number: 06622-272243, email- dmuchiefsundargarh@gmail.com)**

**No. 506 /6F (OFSDP)** TENDER CALL NOTICE **Dated. 22.07.2019**

Sealed tenders are invited from intended service providers to provide manpower services of the Project Accountant, Computer Operator, Stenographers, Driver and Peon to be engaged in Sundargarh DMU, 5 nos. FMU of Sundargarh Forest Division and Rourkela Circle Office for a period of one-year w. e. f. the date of effectiveness of the agreement on contract. The detailed information for outsourcing the service of aforesaid posts has been collected from Office of the DMU Chief-cum-DFO, Sundargarh Forest Division, Sundargarh. The last date, time and place for submission of Tender document is 2.00 P.M. on 30.07.2019 in the office of the DMU Chief-cum-DFO, Sundargarh DMU and the tender wil! open on the same date at 3.00 P.M. The tender documents should be submitted through speed/registered post/physically in tender box only.

DMU Chief-cum- Divisional Forest Officer, Sundargarh Division



## ICAR-NATIONAL RICE RESEARCH INSTITUTE

*CUTTACK- 753 006 (ODISHA), INDIA*

(Previously Known as CRRI)

**ADVT No. 11/Notice/2019**

**NOTICE**

Expression of Interest are invited from the registered & reputed Advertising Agencies located in Cuttack & Bhubaneswar for empanelment at National Rice Research Institute, Cuttack for publication of News in different News papers within 15 days from the date of publication of this notice. For more details visit ICAR-NRRI website- www.icar-nrri.in

**Head of Office**



## CENTRAL INSTITUTE OF PLASTICS ENGINEERING AND TECHNOLOGY(CIPET) CENTRE FOR SKILLING AND TECHNICAL SUPPORT (CSTS), BHUBANESWAR

S-3/79, Sector –A, Zone-B, Mancheswar Industrial Estate, Bhubaneswar-10
Phone No.: +91-0674-2588203/2587874, FAX : 0674-2588087
Email: cipetsat@gmail.com/mcti@cipet.gov.in, , Website: www.cipet.gov.in

CIPET/CAMPUS- CSTS / BBSR /TENDER/ SCRAP /2019-20/02 dated 23.07.2019

**SCRAP DISPOSAL TENDER**

Sealed quotations are invited from interested parties for lifting of **Iron Scrap,Plastic scrap,Plastic lumps & Record book & News Papar "As and Where is basis".**

Interested bidders may submit their quotation with on or before **02.08.2019** at the above address. The other details are available at CIPET website-**www.cipet.gov.in**

**Dy.Director & Head, CIPET: CSTS, Bhubaneswar** reserves right to accept or reject any/all quotations without assigning any reasons thereof.

*Dy. Director & Head*



## OFFICE OF THE CHIEF EXECUTIVE

**CHILIKA DEVELOPMENT AUTHORITY
PLOT NO.496(P), PALLASPALI, POKHARIPUT ROAD, BHUBANESWAR
PH : 0674-2591544, FAX-2590485
Email : chilika@chilika.com**

**Advertisement No.02** **Dated : 16.07.19**

Office of the Chilika Development Authority, Plot No.493(P), Pallaspali, Pokhariput Road, Bhubaneswar, Pin-751020, Dist.-Khurda, Ph No.-91-674-2434044, Email ID : chilika@chilika.com. Chilika Development Authority, Bhubaneswar invites quotation for development of a "mobile application for Lake". The detailed informations are available in the website of Chilika Development Authority i.e. www.chilika.com.

**1. Date of time for submission of quotation - 2.30 PM on 25.07.2019.**
**2. Opening of quotation - 3 P.M on 25.07.2019.**

Sd./- Chief Executive
Chilika Development
Authority, Bhubaneswar



**No. 10-LL:-**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 245/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
Samir Kumar Patra & another....... .......DEFENDANTS

**NOTICE**

No. 13633 Legal-I (B) Dated: 03.07.2019

To,
1. M/s Litu Auto Service Center
Prop. Samir Kumar Patra, S/o- Rajendra Kumar Patra
Permanent / Present Address:
Billa Street, Gosaninuagaon, Berhampur, Dist.- Ganjam ..... Def. No.1
2. Kamala Kanta Gouda,
S/o- Late Appana Gouda
Permanent Address:
Billa Street, Gosaninuagaon, Berhampur, Dist.- Ganjam ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 31,880/- (Rupees thirty One Thousand Eight Hundred Eighty) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 247/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
Snehalata Padhy & another ....... .......DEFENDANTS

**NOTICE**

No. 13635 Legal-I (B) Dated: 03.07.2019

To,
1. Snehalata Padhy, W/o- Dilip Kumar Padhy
Permanent / Present Address:
Ram Nagar, Lanjipalli,
Berhampur, Dist.- Ganjam ..... Def. No.1
2. Dilip Kumar Padhy
S/o- Kora Padhy
Permanent/Present Address:
Ram Nagar, Lanjipalli, Berhampur, Dist.- Ganjam ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 40,004/- (Rupees Forty Thousand Four) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 248/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
Sisira Kumar Panda & another ....... .......DEFENDANTS

**NOTICE**

No. 13637 Legal-I (B) Dated: 03.07.2019

To,
1. Sisira Kumar Panda, S/o- Pravakar Panda
Permanent / Present Address:
Kothari Mandira Street
Berhampur-9, Dist.- Ganjam ..... Def. No.1
2. Biswanath Sahu, S/o- Late Brundaban ch. Sahu
Permanent Address:
Gosaninuagaon, Big Street, B.N. Pur
Berhampur, Dist.- Ganjam- 760003 ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 16,892/- (Rupees Sixteen Thousand Eight Hundred Ninety Two) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 249/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
P. Sudhir Kumar & another ....... .......DEFENDANTS

**NOTICE**

No. 13639 Legal-I (B) Dated: 03.07.2019

To,
1. P. Sudhir Kumar, S/o- P. Krishna Rao
Permanent / Present Address:
Gandhi Nagar, 4th Line,
Berhampur, Dist.- Ganjam (760001) ..... Def. No.1
2. K. Vimala, D/o- Late P. Krishna Rao
Permanent/ Present Address:
Bijipur, Tota Street, 3rd Line,
Berhampur, Dist.- Gajnam (760001) ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 35,300/- (Rupees thirty Five Thousand Three Hundred) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 251/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
A. Surya Narayan & another....... .......DEFENDANTS

**NOTICE**

No. 13641 Legal-I (B) Dated: 03.07.2019

To,
1. A. Surya Narayan, S/o- Late A. Laxchyya
Permanent / Present Address:
Panda Colony, Hill Patna,
Berhampur, Dist.- Ganjam ..... Def. No.1
2. John Baptist Peter, S/o- Late Rayapa Peter
Permanent/Present Address:
Gandhi Nagar, Berhampur, Dist.- Ganjam ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 94,562/- (Rupees Ninety Four Thousand Five Hundred Sixty Two) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 252/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
Janila Sankar Murty & another ....... .......DEFENDANTS

**NOTICE**

No. 13643 Legal-I (B) Dated: 03.07.2019

To,
1. Janila Sankar Murty, S/o- Late J. Krishna Murty
Permanent / Present Address:
Prusty Colony, Near Gayatri Temple,
Housing Board, Berhampur, Dist.- Ganjam (760002) ..... Def. No.1
2. G. Ravi Sankar, S/o- G. Bhaskar Rao,
Permanent Address:
Dharma Nagar, 3rd Line,
Berhampur, Dist.- Ganjam (760001) ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 91,044/- (Rupees Ninety One Thousand Forty Four) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 254/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
Swagattika Roul & another ....... .......DEFENDANTS

**NOTICE**

No. 13645 Legal-I (B) Dated: 03.07.2019

To,
1. Swagattika Roul
D/o- Late Padmanav Raul
Permanent / Present Address:
Sunari Bandha Street, Bijipur, Berhampur, Dist.- Ganjam ..... Def. No.1
2. Rama Chandra Patnaik, S/o- Late Apana Patnaik
Permanent / Present Address:
Railway Colony, Hill Patna,
Berhampur, Dist.- Ganjam ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 84,563/- (Rupees Eighty Four Thousand five Hundred Sixty Three) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 256/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
CH. Ratnam & another ....... .......DEFENDANTS

**NOTICE**

No. 13647 Legal-I (B) Dated: 03.07.2019

To,
1. CH. Ratnam, S/o- M. Balakrushna
Permanent / Present Address:
Bhapur Bazar, Near Big Masjid Street,
Berhampur, Dist.- Ganjam (760001) ..... Def. No.1
2. J. Krishna Rao, S/o- Late J. Ganesham
Permanent Address:
Vardhavari Street,
Berhampur, Dist.- Ganjam (760001) ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 1,00,298/- (Rupees One Lakh Two Hundred Ninety Eight) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 258/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
Santosini Patro & another....... .......DEFENDANTS

**NOTICE**

No. 13649 Legal-I (B) Dated: 03.07.2019

To,
1. Santosini Patro, D/o- Basudeb Dalai
Permanent / Present Address:
Kotal Colony, Konisi,
Berhampur, Dist.- Ganjam (760001) ..... Def. No.1
2. Basudeb Dalai, S/o- Dandapani Dalai
Permanent Address:
Kotal Colony, Konisi,
Berhampur, Dist.- Ganjam (760001) ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 49,063/- (Rupees Forty Nine Thusand Sixty Three) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 260/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
Suresh Chandra Patro & another ....... .......DEFENDANTS

**NOTICE**

No. 13651 Legal-I (B) Dated: 03.07.2019

To,
1. Suresh Chandra Patro, S/o- Late Akamber Patro
Permanent / Present Address:
Anata Nagar, 5th Line,
Berhampur, Dist.- Ganjam (760001) ..... Def. No.1
2. G. Arayya, S/o- G. Jagamaya
Permanent / Present Address:
At/PO- Bijipur, Big Street,
Berhampur, Dist.- Ganjam (760001) ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 32,927/- (Rupees Thirty Two Thousand Nine Hundred Twenty Seven) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 263/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
Smt. Kori Sahu & another ....... .......DEFENDANTS

**NOTICE**

No. 13653 Legal-I (B) Dated: 03.07.2019

To,
1. Smt. Kori Sahu, W/o- Subash Chandra Sahu
Permanent / Present Address:
Ashok Nagar, 6th Line
Berhampur, Dist.- Ganjam (760004) ..... Def. No.1
2. Subash Chandra Sahu, S/o- Late Ramdeb Sahu
Permanent Address:
Ashok Nagar, 6th Line,
Berhampur, Dist.- Ganjam (760004) ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 81,509/- (Rupees Eighty One Thousand Five Hundred Nine) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

**IN THE COURT OF ARCS (HQRS.), OFFICE OF THE RCS, ODISHA, BHUBANESWAR
DISPUTE CASE NO.- 162/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD....... .......PLAINTIFF
*-Versus-*
Suprabha Kumari Dash & another ....... .......DEFENDANTS

**NOTICE**

No. 13631 Legal-I (B) Dated: 03.07.2019

To,
1. M/s Satyasai Traders, Prop- Suprabha Kumari Dash
W/o- Bhaskar Chandra Dash,
Permanent / Present Address:
At- Subhebati Comples, Gate Bazar,
Berhampur, Dist.- Ganjam (760003) ..... Def. No.1
2. Surya Narayan Dash, S/o- Upendar Dash
Permanent/ Present Address:
Bada Dand Sahi, PO- Shergada,
Berhampur, Dist.- Ganjam (761106) ..... Def. No.2

Whereas, the Odisha State Co-operative Bank Ltd. (Plaintiff) has preferred the dispute case u/s-68 of O.C.S. Act, 1962 for passing an award of Rs. 28,386/- (Rupees Twenty Eighty Thousand three Hundred Eighty Six) only as on 31.05.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar-1 on 02.08.2019 at 11AM to defend the case failing which the matter shall be decided on merit as per law.

By order of the Court
**S. Mahapatra
Sub-Asst. Registrar
Co-operative Societies, (Legal)**

39012/11/0009/1920

## ସଂକ୍ଷେପରେ

### ବନ୍ଦର ପ୍ରଶାସନର ବିଶ୍ୱକର୍ମା ପୂଜା ପ୍ରସ୍ତୁତି

ପାରାଦୀପ,୨୨।୭(ସ୍ୱ.ପ୍ର.): ଆସନ୍ତା ସେପ୍ଟେମ୍ବର ୧୭ରୁ ଆରମ୍ଭ ହେବ ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା। ଏଥିପାଇଁ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବନ୍ଦର ସଚିବ ବିମଳ କୁମାର ଝା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ବିଷ୍ଣୁଚରଣ ମିଶ୍ର, ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର, ଥାନା ଅଧିକାରୀ ରଜନୀକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ୧୬ଟି ବଡ଼ ପୂଜା କମିଟିର ସଦସ୍ୟଙ୍କୁ ଡକାଯାଇଥିଲା। ବନ୍ଦର ଜାଗାରେ ହେବାକୁ ଥିବା ପୂଜା ମଣ୍ଡପ ନିମନ୍ତେ ବିଦ୍ୟୁତ୍, ପାଣି ଆଦି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ଜିଲା ପ୍ରଶାସନ ପକ୍ଷରୁ ଆଉଥରେ ବୈଠକ ହେବ ବୋଲି କୁହାଯାଇଥିଲା। ଏଥିରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ସମୀକ୍ଷା କରାଯିବ। ସୂଚନାଯୋଗ୍ୟ, ବିଶ୍ୱକର୍ମା ପୂଜାରେ ୩ ପ୍ରଶାସନ (ବନ୍ଦର, ଜିଲା ଓ ପୌରପାଳିକା)ର ଭୂମିକା ଥାଏ। ବନ୍ଦର ଜାଗା, ବିଦ୍ୟୁତ ଓ ପାଣି ଆଦି ଦେଇଥାଏ। ଜିଲା ପ୍ରଶାସନ ଆଇନ ଶୃଙ୍ଖଳା ଓ ପୌର ପ୍ରଶାସନ ସଫେଇ କରିବା ସହ ଶ୍ରେଷ୍ଠ ମଣ୍ଡପକୁ ପୁରସ୍କାର ପ୍ରଦାନ କରିଥାଏ। ପାରାଦୀପରେ ୫୦ରୁ ଊର୍ଦ୍ଧ୍ୱ ମଣ୍ଡପ ହେଉଥିଲେ ହେଁ କେବଳ ବଡ଼ପଡିଆ ବ୍ୟାଙ୍କ ଛକରେ ସମସ୍ତ ବଡ଼ ମଣ୍ଡପ ହୋଇଥାଏ।

### ରାକେଶ ପ୍ରଧାନଙ୍କୁ ଯୁବ ଶିଳ୍ପୋଦ୍ୟୋଗୀ ପୁରସ୍କାର

ବାଲିଆ,୨୨।୭: ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ମହାସଂଘ ଭୁବନେଶ୍ୱର ଆନୁକୂଲ୍ୟରେ ପାଳିତ ଜାତୀୟ ପତାକା ଦିବସ ଅବସରରେ ଜଗତ୍‌ସିଂହପୁର ଜିଲା ସାତପୁରା ଗ୍ରାମର ଇଂ. ରାକେଶ ପ୍ରଧାନଙ୍କୁ ଯୁବ ଶିଳ୍ପୋଦ୍ୟୋଗୀ-୨୦୧୯ ପୁରସ୍କାର ପ୍ରଦାନ କରାଯାଇଛି। ମହାସଂଘ ରାଜ୍ୟ ସଭାପତି ସରୋଜ ରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଜୟଦେବ ଭବନସ୍ଥିତ ଗୀତ ଗୋବିନ୍ଦ ଅଡିଟୋରିୟମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଶଙ୍କର ପଟ୍ଟନାୟକ ମୁଖ୍ୟଅତିଥି, ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟବକ୍ତା, ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ସଂଘ ସାଧାରଣ ସମ୍ପାଦକ ରଜନିକାନ୍ତ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ। ଧିରେନ୍ଦ୍ରନାଥ ପ୍ରଧାନ ଓ ଦମୟନ୍ତୀ ପ୍ରଧାନଙ୍କ ପୁତ୍ର ରାକେଶ ଏହି ପୁରସ୍କାର ପାଇ ଜିଲାକୁ ଗୌରବାନ୍ୱିତ କରିଥିବାରୁ ତାଙ୍କୁ ନେତାଜୀ ଫାଉଣ୍ଡେଶନ ସଭାପତି ନିକୁଞ୍ଜ କିଶୋର ଭଞ୍ଜ ଶୁଭେଚ୍ଛା ଜଣାଇଛନ୍ତି।

### ଗୋରେଖନାଥ ପୀଠରେ କାଉଡ଼ିଆଙ୍କ ଭିଡ଼

ରଘୁନାଥପୁର, ୨୨।୭ (ଡି.ଏନ.ଏ.): ଶ୍ରାବଣ ମାସ ପ୍ରଥମ ସୋମବାରରେ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠରେ କାଉଡିଆମାନେ ଜଳ ଲାଗି କରିଛନ୍ତି। ଗ୍ରହଣ ସପ୍ତାହ ଚାଲିଥିବାରୁ ବୋଲବମ ଶ୍ରଦ୍ଧାଳୁଙ୍କ ସଂଖ୍ୟା ମାତ୍ର ୫ ହଜାର ମଧ୍ୟରେ ସୀମିତ ରହିଥିଲା। ବଡି ଭୋରରୁ ପ୍ରଭୁଙ୍କ ପୂଜାନୀତି ସମ୍ପନ୍ନ ପରେ କାଉଡିଆମାନେ ବାହୁଙ୍ଗିରେ ଆଣିଥିବା ଜଳକୁ ଲାଗି କରିଥିଲେ। ଏହାକୁ ଲକ୍ଷ୍ୟ କରି ଟ୍ରଷ୍ଟବୋର୍ଡ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ରବିବାର ରାତିରେ କାଉଡିଆମାନେ ପୀଠରେ ପହଞ୍ଚି ଆଶ୍ରୟ ନେଇଥିଲେ।

### ପିଲାଙ୍କୁ ବିଭିନ୍ନ ଉପକରଣ ବାଣ୍ଟିଲେ ଏମ୍‌ପି

ବାଲିଆ,୨୨।୭:ସୋମବାର ଅପରାହ୍ନରେ ୪ଟାରେ ଜଗତସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ବାଲିଅଷ୍ଟୋର ସ୍ଥିତ ପାର୍ଟି ଅଫିସରେ ପହଞ୍ଚି ଛୋଟ ପିଲାମାନଙ୍କୁ ଚପଲ, ବିସ୍କୁଟ, ହଗିସ, ଖେଳନା ଆଦି ବିଭିନ୍ନ ଉପକରଣ ବଣ୍ଟନ କରିଛନ୍ତି। ୨୨ମୌଜାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବସୁମାତା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିରିଡି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ରାଉଳ, ବସୁମାତାର ସମ୍ପାଦକ ଗୟାଧର ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ପୁଷ୍ପ ପ୍ରକାଶ ପ୍ରଧାନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଶିବ ପ୍ରସାଦ ଜେନା, ବିଧାନ ଚନ୍ଦ୍ର ଜେନା, ଶିବ ଜେନା, ସମିତି ସଭ୍ୟା ମିନତି ମଲ୍ଲିକ, ପ୍ରବିର ଦାସ, ସୁକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶଢେଇଶାସନ ପଞ୍ଚାୟତ ସିଂହସାହିର ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଏମ୍‌ପି ମଲ୍ଲିକ ବୃକ୍ଷରୋପଣ କରିଥିଲେ।

## ■ ଚାଉଳ ମିଳୁଛି, ହିତାଧିକାରୀ ଜାଣିନାହାନ୍ତି

# ଲୁଟି ନେଉଛନ୍ତି ରିଟେଲର

■ହିତାଧିକାରୀଙ୍କ ଅଗୋଚରରେ ଅନ୍ତ୍ୟୋଦୟ ଯୋଜନାରେ ଉଠାଯାଉଛି ଚାଉଳ

■ବଢୁଛି କିରୋସିନ କଳାବଜାର

ଜଗତ୍‌ସିଂହପୁର ଅଫିସ,୨୨।୭

ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଗରିବ ପରିବାରକୁ ଚାଉଳ, କିରୋସିନ ଆଦି ସାମଗ୍ରୀ ପ୍ରଦାନ ନିମନ୍ତେ ସରକାର ବ୍ୟବସ୍ଥା କରିଛନ୍ତି। ମାତ୍ର ପରିତାପର ବିଷୟ ପ୍ରକୃତ ହିତାଧିକାରୀଙ୍କ ପାଖରେ ଏସବୁ ସାମଗ୍ରୀ ପହଞ୍ଚିପାରୁନାହିଁ। କେତେକ କ୍ଷେତ୍ରରେ ଗରିବ ହିତାଧିକାରୀଙ୍କ ନାମରେ ଚାଉଳ ଉଠୁଥିଲେ ମଧ୍ୟ ସେମାନେ ଜାଣିପାରୁନାହାନ୍ତି। ରିଟେଲରଙ୍କଠାରୁ ଆରମ୍ଭ କରି ଧନିକ ଶ୍ରେଣୀର ବ୍ୟକ୍ତି ଓ ବିଭାଗୀୟ କର୍ମଚାରୀମାନେ ଏସବୁ ଲୁଟି ନେଉଛନ୍ତି। ବର୍ଷ ବର୍ଷ ଧରି ଏଭଳି ଚାଲିଥିଲେ ମଧ୍ୟ ଜଣାପଡୁନାହିଁ। ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଡିଙ୍କିଆ ଗ୍ରାମରେ ଏଭଳି ଏକ ଘଟଣା ନଜରକୁ ଆସିବା ପରେ ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଗ୍ରାମର ମମତା ସ୍ୱାଇଁଙ୍କ ପରିବାର ଏକ ସାଧାରଣ ଖଟିଖିଆ ପରିବାର। ତାଙ୍କ ସ୍ୱାମୀ ପ୍ରମୋଦ ସ୍ୱାଇଁ ମୂଲ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରନ୍ତି। ଜାତୀୟ


ମମତାଙ୍କ ସ୍ୱାମୀ ପ୍ରମୋଦ।

ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ମମତା ରାଶନ କାର୍ଡ ପାଇଥିଲେ। ଏଥିରେ ପରିବାରର ୩ ଜଣଙ୍କୁ ମାସିକ ୧୫ କେଜି ଚାଉଳ ମିଳୁଥିଲା। ୭ମାସ ପରେ ହଠାତ୍ ୨୦୧୬ ଜୁଲାଇରେ ତାଙ୍କ ରାଶନ କାର୍ଡ କଟିଯାଇଥିବା କହି ରିଟେଲର ଚାଉଳ ଦେଇ ନ ଥିଲେ। ଏହାର ଦୀର୍ଘ ୩ ବର୍ଷ ପରେ ସୌଭାଗ୍ୟ ବସତଃ ଜଣେ ହିତାକାଂକ୍ଷୀ ତାଙ୍କୁ ନାଁ କଟିଛି କି ନାହିଁ ଜାଣିବା ପାଇଁ ପରାମର୍ଶ ଦେଇଥିଲେ। ସରକାରୀ ପୋର୍ଟାଲ ଅନୁଧ୍ୟାନ କରିବା ପରେ ତାଙ୍କ ନାଁ ଅନ୍ତ୍ୟୋଦୟ ଯୋଜନାରେ ରହିଥିବା ଜଣାପଡିଥିଲା।

କେବଳ ସେତିକି ନୁହେଁ ତାଙ୍କ ନାମରେ ପ୍ରତି ମାସରେ ୩୫ କେଜି ଚାଉଳ ଉଠାଯାଉଛି। ଏହା ଜାଣିବା ପରେ ସମ୍ପୃକ୍ତ ରିଟେଲରଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏହା ପରେ ସେ ଡିଙ୍କିଆ ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁଙ୍କୁ ଲିଖିତ ଭାବେ ଜଣାଇବା ସହ ଶନିବାର ଏରସମା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଡିଓ ତଦନ୍ତ କରି ପଦକ୍ଷେପ ନେବେ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କେବଳ ମମତା ନୁହନ୍ତି, ପଞ୍ଚାୟତରେ ଅନେକ ହିତାଧିକାରୀଙ୍କ ପ୍ରତି ଏଭଳି ଅନ୍ୟାୟ କରାଯାଉଥିବା ଅଭିଯୋଗ ହେଉଛି। ଯେଉଁମାନଙ୍କୁ ଚାଉଳ ଦିଆଯାଉଛି, ସେମାନଙ୍କୁ ନିର୍ଦ୍ଧାରିତ ଚାଉଳରୁ ୫୦୦ ଗ୍ରାମ୍ କମ୍ ଦିଆଯାଉଛି। ଡିଙ୍କିଆର ସୁଷମା ଦାଶ ନାମକ ଜଣେ ବିଧବାଙ୍କ ନାମ ଅନ୍ତ୍ୟୋଦୟ ଯୋଜନାରୁ କାଟି ଦିଆଯାଇଛି। ଏହି ବ୍ଲକର ଗୋବିନ୍ଦପୁର, ଡିଙ୍କିଆ ଆଦି ଗ୍ରାମର ଅନେକ ହିତାଧିକାରୀଙ୍କୁ ମାସାଧିକ କାଳ ହେବ କିରୋସିନ ଦିଆଯାଇନି। ଯେଉଁମାନଙ୍କୁ ଦିଆଯାଉଛି ତାହା ମଧ୍ୟ ନିର୍ଦ୍ଧାରିତ ପରିମାଣର ନୁହେଁ। ଏସବୁ କିରୋସିନ କଳାବଜାରରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଏରସମା ବିଡିଓ କୈଳାସ ବେହେରାଙ୍କୁ ପଚାରିବାରେ ଏହା ଉପରେ ତଦନ୍ତ ପାଇଁ ଆକାଉଣ୍ଟସ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି କହିଛନ୍ତି ଯେ, ତାଙ୍କ ପାଖରେ ଏନେଇ କୌଣସି ସୂଚନା ନାହିଁ। ତେବେ ଏହାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ■ କୁଜଙ୍ଗରେ ମରୁଡ଼ିର ପଦଧ୍ୱନି

# ତଳିକୁ ଦେଖି ଟଳିପଡ଼ିଲେ ଚାଷୀ

କୁଜଙ୍ଗ,୨୨।୭(ସ୍ୱ.ପ୍ର.)

ଶ୍ରାବଣ ମାସ ଆରମ୍ଭ ହୋଇଯାଇଥିଲେ ମଧ୍ୟ ବର୍ଷାର ଦେଖାନାହିଁ। ଏଥିଯୋଗୁ ଉପକୂଳ କୁଜଙ୍ଗ ଅଞ୍ଚଳରେ ମରୁଡ଼ିର ପଦଧ୍ୱନୀ ଶୁଣାଗଲାଣି। ବହୁ କଷ୍ଟରେ ଚାଷୀ ଯେଉଁ ତଳି ପକାଇଥିଲେ ସେସବୁ ନଷ୍ଟ ହେବାକୁ ବସିଲାଣି। ଏଥିରେ ମ୍ରିୟମାଣ ହୋଇ ବାଲିଆ ପଞ୍ଚାୟତ ପାରିଅଙ୍ଗ ଗ୍ରାମର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସେ ହେଲେ ମହେଶ୍ୱର ନାୟକ (୬୧)। ନିଜ ବିଲରେ ତଳିଘେରା ନଷ୍ଟ ହେବାର ଦେଖି ସେ ଧୈର୍ଯ୍ୟ ହରାଇଥିଲେ। ଫଳରେ ବିଲରେ ହିଁ ହୃଦ୍‌ଘାତର ଶିକାର ହୋଇ ଟଳିପଡିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ମହେଶ୍ୱର ନିଜ ତଳି ବିଲ ଦେଖିବାକୁ ଯାଇଥିଲେ। ବର୍ଷା ତଥା ଜଳସେଚନ ଅଭାବ ଓ ଗ୍ରୀଷ୍ମ ପ୍ରକୋପରେ ତାଙ୍କ ଜମିରେ ତଳି ସବୁ ଜଳିଯାଇଥିଲା। ଏହା ତାଙ୍କୁ ଗଭୀର ଆଘାତ ଦେଇଥିଲା। ଏବର୍ଷ ଚାଷ କରି ନ ପାରିଲେ କିପରି ଚଳିବେ ଭାବି ବିଲରେ ସଜ୍ଞାହୀନ ହୋଇ ପଡିଯାଇଥିଲେ। ଏହା ଦେଖି ନିକଟରେ ଚାଷ କରୁଥିବା ଅନ୍ୟ ଚାଷୀମାନେ ତାଙ୍କୁ ତୁରନ୍ତ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମହେଶ୍ୱର ଏହି ଅଞ୍ଚଳର ଜଣେ ଅଗ୍ରଣୀ ଚାଷୀ ଥିଲେ। ଚାଷ ହିଁ ତାଙ୍କ ପରିବାର ପ୍ରତିପୋଷଣର ଏକମାତ୍ର ପନ୍ଥା ଥିଲା। ତେଣୁ ତଳିଘେରା ନଷ୍ଟ ହୋଇଯାଇଥିବା ଦେଖି ସେ ହୃଦ୍‌ଘାତର ଶିକାର ହୋଇଥିବା ଗ୍ରାମବାସୀ କହିଛନ୍ତି। ମହେଶ୍ୱରଙ୍କ ମୃତ୍ୟୁରେ ତାଙ୍କ ପୁଅ ଈଶ୍ୱର ଓ ସ୍ତ୍ରୀ କମଳା ଭାଙ୍ଗି ପଡିଛନ୍ତି। ତୁରନ୍ତ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ସହ ପର୍ଯ୍ୟାୟ କ୍ରମେ ଗଜା ମରୁଡ଼ି ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ନବନିର୍ମାଣ କୃଷକ ସଙ୍ଗଠନର କୁଜଙ୍ଗ ବ୍ଲକ ଶାଖା ସଂଯୋଜକ ବିଷ୍ଣୁ ସ୍ୱାଇଁ, ଚାଷୀନେତା ନୂତନ ତ୍ରିପାଠୀ, ପ୍ରମୋଦ କୁମାର ଜେନା, ପବିତ୍ର ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।

## ■ ଦୁର୍ଘଟଣାରେ ଆହତ ଛାତ୍ରଙ୍କ ମୃତ୍ୟୁ

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ


ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

ତିର୍ତ୍ତୋଲ/ରାହାମା, ୨୨।୭(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ପୋରଗଦେଇସ୍ଥିତ ରାଧାଗୋବିନ୍ଦ ସଞ୍ଜୟ ମହାନ୍ତି ସରକାରୀ ହାଇସ୍କୁଲ ସମ୍ମୁଖରେ ଗତ ୧୦ ତାରିଖରେ ଏକ ଭ୍ୟାନ ଧକ୍କାରେ ସେହି ସ୍କୁଲର ୭ମ ଶ୍ରେଣୀ ଛାତ୍ର ନାରାୟଣ ମଲ୍ଲିକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପରିବାର ଲୋକଙ୍କ କ୍ରନ୍ଦନ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ମୃତ ଛାତ୍ର ନାରାୟଣ ଗୋପୀନାଥଙ୍କ ଏକମାତ୍ର ପୁତ୍ର ଥିଲେ। ତାଙ୍କ ପରିବାରକୁ ସରକାରୀ ସାହାଯ୍ୟ ଓ ସରକାରୀ ଚାକିରି ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଥିଲେ। ତିର୍ତ୍ତୋଲ ବ୍ଲକ ଶିକ୍ଷାଧିକାରୀ ଧୀରେନ୍ଦ୍ରନାଥ ଦାଶ, ଏବିଇଓ ଅନନ୍ତ କିଶୋର ଭୂୟାଁ, ସିଆର୍‌ସି ବିଷ୍ଣୁପ୍ରସାଦ ସେଠୀ, ତିର୍ତ୍ତୋଲ ଥାନା ଏସ୍‌ଆଇ ଯୋଗେଶ୍ୱର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଏଥିରେ କୌଣସି ସୁଫଳ ମିଳିନଥିଲା। ପରେ କଟକ-ପାରାଦୀପ ରାସ୍ତାର ରାହାମା ଠାରେ ମୃତଦେହ ରଖି ଲୋକେ ରାସ୍ତାରୋକୋ କରିଥିଲେ। ତହସିଲଦାର ସୁଜାତା ପାତ୍ର, ଅତିରିକ୍ତ ତହସିଲଦାର ମୃଣାଳିନୀ ମହାନ୍ତି, ଥାନା ଅଧିକାରୀ କୃଷ୍ଣପ୍ରସାଦ ମିଶ୍ର ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

### ଏସାର ଷ୍ଟିଲ୍ କାରଖାନା ପରିସରରେ ଅଗ୍ନିକାଣ୍ଡ

ପାରାଦୀପ,୨୨।୭(ସ୍ୱ.ପ୍ର.)

ପାରାଦୀପ ଏସାର ଷ୍ଟିଲ କାରଖାନା ପରିସରରେ ସୋମବାର ଅଗ୍ନିକାଣ୍ଡ ଘଟିଛି। କମ୍ପାନୀର ବ୍ରଏଲର ପ୍ଲାଣ୍ଟରେ ଥିବା ଟ୍ରାନ୍ସଫର୍ମର ପାଖରେ ଏହି ଅଗ୍ନିକାଣ୍ଡ ଘଟିଥିଲା। କମ୍ପାନୀର ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଛି। ଫଳରେ କମ୍ପାନୀ ବଡ଼ଧରଣର କ୍ଷତିରୁ ବର୍ତ୍ତିଯାଇଛି। ଏହି ଅଗ୍ନିକାଣ୍ଡରେ କାହାର କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ କମ୍ପାନୀର ମାନବ ସମ୍ବଳ ଅଧିକାରୀ ପି.କେ. ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ଟ୍ରାନ୍ସଫର୍ମରରେ ବୋଲ୍ଟ ଖୋଲିବାବେଳେ ଏପରି ଘଟିଥିଲା। ଏହାକୁ ସଙ୍ଗେସଙ୍ଗେ ଆୟତ୍ତ କରାଯାଇଛି। କାରଖାନା ବାସ୍ତବିକ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ କହିଛନ୍ତି, ଏହା ଛୋଟ ଧରଣର ଅଗ୍ନିକାଣ୍ଡ ଥିଲା। ତଥା ବିଭାଗ ପକ୍ଷରୁ ଯାଞ୍ଚ କରାଯିବ। ସୂଚନାଯୋଗ୍ୟ, ୩ ବର୍ଷ ମଧ୍ୟରେ କମ୍ପାନୀ ପରିସରରେ ୪ଥର ଅଗ୍ନିକାଣ୍ଡ ଘଟିଲାଣି।

## ■ ଝଙ୍କଡ଼ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଦିବସ

# ଆଦିକବିଙ୍କ ଜନ୍ମସ୍ଥାନକୁ ନେଇ ବିବାଦ ନ ହେଉ

ତିର୍ତ୍ତୋଲ,୨୨।୭(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ପଞ୍ଚାୟତ ମୁନିଗୋସାଇଁ ମଠ ପରିସର ଆଦିକବି ଭବନ ପରିସରରେ ରବିବାର ଝଙ୍କଡ଼ ସାହିତ୍ୟ ସଂସଦର ୬ଷ୍ଠ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଛି। ଏଥିରେ ଆଦିକବି ସାରଳା ଦାସଙ୍କ ଜନ୍ମସ୍ଥାନକୁ ନେଇ ବିବାଦ ସୃଷ୍ଟି ନ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସଂସଦର କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ପୂର୍ବତନ ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଝଙ୍କଡ଼ଶ୍ରୀ କାଳୀପ୍ରସନ୍ନ ପରିଜାଙ୍କ ନାମରେ ମଞ୍ଚ ଉତ୍ସର୍ଗୀକୃତ କରାଯିବା ସହ ସମୂହ ନୀରବ ପ୍ରାର୍ଥନା କରାଯାଇଥିଲା। ଶିଶୁ ଅନନ୍ତ ଆଶ୍ରମର ପ୍ରବକ୍ତା ଡ.ଚିଦାନନ୍ଦ ବ୍ରହ୍ମଚାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦିକବିଙ୍କ ଜନ୍ମସ୍ଥାନକୁ ନେଇ ବିବାଦ ସୃଷ୍ଟି ହେବା ଉଚିତ ନୁହେଁ ବୋଲି କହିଥିଲେ। ଜଗତ୍‌ସିଂହପୁର ସାରସ୍ୱତ ପରିଷଦ ସଭାପତି ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ସାରଳା ଦାସ ମା'ଶାରଳାଙ୍କ ବରପୁତ୍ର ଓ ତାଙ୍କ ଜନ୍ମସ୍ଥାନ ପ୍ରାଚୀନ ଝଙ୍କଡ଼ ବୋଲି ବହୁ ଐତିହାସିକ ତଥ୍ୟ ରହିଛି। ଅଧ୍ୟାପକ ଉମାକାନ୍ତ ନାୟକ, ଦିଲ୍ଲୀ ଦୂରଦର୍ଶନର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା, ଶିକ୍ଷାବିତ ଅକ୍ଷୟ ଦାସ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ମହାନ୍ତି, ପ୍ରାଧ୍ୟାପିକା ବିଷ୍ଣୁପ୍ରିୟା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ କଣ୍ଠଶିଳ୍ପୀ ସାଇ ଋତୁପର୍ଣ୍ଣା ପରିଡା ଆବାହନୀ ସଙ୍ଗୀତ ଗାନ କରିଥିଲେ। କବି ଦିଗମ୍ବର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଗୋଲୋକ ବିହାରୀ ପଲାଇ ବିବରଣୀ ପ୍ରଦାନ କରିଥିଲେ। କବି ପରମାନନ୍ଦ ମିଶ୍ର, କବୟିତ୍ରୀ ସବିତା ନାୟକ ଓ ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ସଂଯୋଜନାରେ ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଆଦିକବି ସାଂସ୍କୃତିକ ପରିଷଦ ସମ୍ପାଦକ ଚିତ୍ତରଞ୍ଜନ ପରିଜା, ସଙ୍ଗଠନ ସମ୍ପାଦକ ବାସବ ନନ୍ଦ, ଅଧ୍ୟାପିକା କାଦମ୍ବିନୀ ଦାଶ, ବସନ୍ତ ମଞ୍ଜରୀ ଦାସ, ଦେବେନ୍ଦ୍ରନାଥ କର, ରମେଶ ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ନିତ୍ୟାନନ୍ଦ ନାୟକ, ଆରତୀ ତ୍ରୀପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କବି ଝୁଲରାମ ଦାସ ଧନ୍ୟବାଦ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀ

ଜଗତ୍‌ସିଂହପୁର ଅଫିସ, ୨୨।୭

ସୋମବାର ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟାଳୟ ପରିସର ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରା ଓ ଅନ୍ୟ କର୍ମଚାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସେବା, ତ୍ୟାଗ ଓ ଦେଶଭକ୍ତିର ସ୍ମୃତିଚାରଣ କରିଥିଲେ।

## ଏସଏଚଜି ଗ୍ରୁପ ଦ୍ୱାରା ରାସ୍ତା ମରାମତି, ଡ୍ରେନ୍ ନିର୍ମାଣ କରିବାକୁ ଦାବି

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ମହିଳା

ବାଲିଆ,୨୨।୭

ବିରିଡ଼ି ବ୍ଲକ ଅଲାଣ୍ଡୋ ପଞ୍ଚାୟତରେ ମହିଳା ଏସ୍‌ଏଚ୍‌ଜି ଗ୍ରୁପ୍ ମାଧ୍ୟମରେ ରାସ୍ତା ମରାମତି ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ କରିବାକୁ ଦାବି ହୋଇଛି। ଏନେଇ ୬ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଅଲାଣ୍ଡୋ ପଞ୍ଚାୟତ ୭ନଂ. ୱାର୍ଡରେ ହେବାକୁ ଥିବା ରାସ୍ତା ମରାମତି ଓ ଡ୍ରେନ୍ ନିର୍ମାଣ କାମ ସେଠାକାର ଅନନ୍ତ ବାସୁଦେବ, ଓଁ ସାଇ, ମା' ଲକ୍ଷ୍ମୀ, ମା ବିରଜା, ଜୟମା ସନ୍ତୋଷୀ ଓ ମା'ଲକ୍ଷ୍ମୀ(୨) ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦେବାକୁ ୫୦ରୁ ଊର୍ଦ୍ଧ୍ୱ ମହିଳା ଦାବି କରିଥିଲେ। ସେମାନେ ସରପଞ୍ଚଙ୍କୁ ଦାବିପତ୍ର ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ସରକାରଙ୍କ ଅନୁଦାନ ଅର୍ଥରେ ହେଉଥିବା ଉନ୍ନୟନ କାର୍ଯ୍ୟକୁ କେତେକ ଲୋକ ଲାଭ ପାଇବା ଆଶାରେ ନିମ୍ନମାନର କରୁଛନ୍ତି। ତେଣୁ ଏସ୍‌ଏଚ୍‌ଜି ମାଧ୍ୟମରେ ଏହି କାର୍ଯ୍ୟ କଲେ ତାହା ଦୀର୍ଘସ୍ଥାୟୀ ହୋଇପାରିବ ବୋଲି ସଂଘର କର୍ମକର୍ତ୍ତା ସମୀକ୍ଷା ଭୋଇ, ମିତା ଭୋଇ, ବାସନ୍ତୀ ଦାସ, ବିଦ୍ୟୁଲତା ଭୋଇ, ମମତା ଭୋଇ, ନୈନା ଦାସ, ଶୁଭସ୍ମିତା ଭୋଇ, ସ୍ୱର୍ଣ୍ଣଲତା ଦାସ, କନକଲତା ସାହୁ, ପଦ୍ମିନୀ ଭୋଇ ପ୍ରମୁଖ କହିଛନ୍ତି। ତେବେ ଯେଉଁ ଉନ୍ନୟନ କାର୍ଯ୍ୟକୁ ନେଇ ଏଭଳି ବିବାଦ ସୃଷ୍ଟି ହୋଇଛି, ତାହା ବିଭାଗୀୟ କାର୍ଯ୍ୟ ହୋଇଥିବାରୁ ୭ ଦିନ ମଧ୍ୟରେ ନିଷ୍ପତ୍ତି ନିଆଯିବ ବୋଲି ସରପଞ୍ଚ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

### ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

ବାଲିକୁଦା,୨୨।୭(ସ୍ୱ.ପ୍ର.)

ବାଲିକୁଦାର ଗୀତାଞ୍ଜଳି ମଣ୍ଡପ ପରିସରରେ ସୋମବାର ଭାଜପାର ଜିଲାସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ସଭାପତିତ୍ୱ କରିଥିଲେ। ଜିଲା ସଦସ୍ୟତା ପ୍ରଭାରୀ ଜଗନ୍ନାଥ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ଡା.ଦାମୋଦର ରାଉତ ଯୋଗଦେଇ ଆଗାମୀ ଦିନରେ ଦଳ କିପରି ଅଧିକ ସଫଳତା ହାସଲ କରିବ ସେ ସମ୍ପର୍କରେ କହିଥିଲେ। ରାଜ୍ୟ ସଂଗଠନର ମାନସ ମହାନ୍ତି, ରାଜ୍ୟ ସଦସ୍ୟତା ପ୍ରଭାରୀ ସୁକାନ୍ତ କୁମାର ବିଶ୍ୱାଳ, ପ୍ରଫେସର ରମାକାନ୍ତ ଭୋଇ, ସମ୍ପଦ ସ୍ୱାଇଁ, ପୂର୍ବତନ ଜିଲା ସଭାପତି ଉପେନ୍ଦ୍ରନାଥ ବିଶ୍ୱାଳ, ଜଗତସିଂହପୁର ସଦସ୍ୟତା ପ୍ରଭାରୀ ଅକ୍ଷୟ କୁମାର ପାତ୍ର, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି, ଶଶିକାନ୍ତ ପରିଡା, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣି ସଦସ୍ୟା ଅମିତା ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ମଣ୍ଡଳ ସଭାପତି, ସମ୍ପାଦକ ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ସଂଗଠନକୁ କିପରି ତୃଣମୂଳସ୍ତରରୁ ମଜଭୁତ କରାଯାଇପାରିବ ସେ ସମ୍ପର୍କରେ କହିଥିଲେ। କର୍ମଶାଳାରେ ୫ ଶହରୁ ଊର୍ଦ୍ଧ୍ୱ କର୍ମୀ ଅଂଶଗ୍ରହଣ କରିଥିଲେ।

# ଦରଡ଼ା, ହାଜିପୁରରେ ଜିଲାପାଳଙ୍କ ସମୀକ୍ଷା

ବିରିଡ଼ି,୨୨।୭ (ଡି.ଏନ.ଏ)

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୋମବାର ବିରିଡ଼ି ବ୍ଲକର ଦରଡା ଓ ହାଜିପୁର ପଞ୍ଚାୟତରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ବିଶେଷକର ଆୟବ୍ୟୟ, ଭତ୍ତା, ହରିଶ୍ଚନ୍ଦ୍ର ଯୋଜନା ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଆଗକୁ କିପରି ପଞ୍ଚାୟତର ଆୟ ବଢ଼ିବ ସେ ସମ୍ବନ୍ଧରେ ଦରଡା ସରପଞ୍ଚ ଧନଞ୍ଜୟ ମହାପାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପିଡି ସରୋଜକାନ୍ତ ମହାନ୍ତି, ପିଇଓ କମଲେଶ ପାଲ, ଜିପିଇଓ ପାୟଲ ମହାପାତ୍ର, ବିଡିଓ ଗିରିଜା ପ୍ରସାଦ ବାରିକ, ବିପିଓ ପାଲେଶ୍ୱର କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହାଜିପୁର ପଞ୍ଚାୟତରେ ଜିଲାପାଳ ସମୀକ୍ଷା ବୈଠକ କରିଥିଲେ। ଏଥିରେ ସରପଞ୍ଚ ବିମଳ ପ୍ରସାଦ ସେଠୀ, ପିଡି ମହାନ୍ତି, ତହସିଲଦାର ସାଗରିକା ପ୍ରିୟଦର୍ଶିନୀ, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ସ୍ନିଗ୍ଧା ପ୍ରିୟଦର୍ଶିନୀ, ପିଇଓ ସୁଲେଖା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ■ ବର୍ଷା ନାହିଁ: କେନାଲରେ ପାଣି ଆସୁନି

# ତଳିଘେରା ଫାଟି ଆଁ

ରଘୁନାଥପୁର, ୨୨।୭ (ଡି.ଏନ.ଏ.)

ଚାଷ ଜମିରେ ପାଣି ଟୋପାଏ ପାଇଁ ଚାଷୀ ଚାତକ ପରି ଚାହିଁ ବସିଛନ୍ତି। ଆକାଶରେ ବର୍ଷା ନାହିଁ କି କେନାଲରେ ପାଣି ଆସୁନି। ଶତାଧିକ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇ ପାରୁ ନ ଥିବା ବେଳେ ବିଭିନ୍ନ ସ୍ଥାନରେ ତଳିଘେରା ଫାଟି ଆଁ କଲାଣି। ରଘୁନାଥପୁର ବ୍ଲକ ଅଞ୍ଚଳର ପୁରୁଣା ବସନ୍ତ, ଏରଡଙ୍ଗା, ରେଢୁଆ ଆଦି ଅନେକ ପଞ୍ଚାୟତର ଚାଷ ଜମି ଶୁଖିଲା ପଡିଛି। ତରିକୁନ୍ଦ ନୂଆଦାଠାରୁ ବାହାରିଥିବା ୮ ନଂ. କେନାଲରେ ପାଣି ଆସୁନି। ଜୁଲାଇ ୧୫ ପୂର୍ବରୁ ଜଳସେଚନ ବିଭାଗ ପକ୍ଷରୁ କୋଡି ସଫେଇ ହେବାର ନିୟମ ଥିବା ବେଳେ ବର୍ତ୍ତମାନ ଦୀର୍ଘ ୧୫ କିମିରୁ ଊର୍ଦ୍ଧ୍ୱ ମାଇନର କେନାଲରେ ସଫେଇ କାର୍ଯ୍ୟ ଚାଲିଛି। ବର୍ଷା ପାଣି ଅଭାବରୁ ଚାଷୀ ତଳି ପକାଇବା ପାଇଁ ହନ୍ତସନ୍ତ ହେଉଛନ୍ତି। କେନାଲ ଥାଇ ସୁଧା କାର୍ଯ୍ୟରେ ଲାଗୁନାହିଁ ବୋଲି ସାମାଜିକ କର୍ମୀ ଗୋବିନ୍ଦ ଓଝା ଅଭିଯୋଗ କରିଛନ୍ତି। ୧୫ ଦିନ ତଳେ ହୋଇଥିବା ବର୍ଷା ପାଣିରେ ଚାଷୀମାନେ ଜମିକୁ କାଦୁଅ କରିବା ପରେ ଧାନ ବିହନ ଗଜା କରି ଛାଟି ଦେଇଥିଲେ। ତେବେ ପାଣି ଅଭାବରୁ ତଳିଘେରା ଫାଟି ଧାନଗଛ ଜଳିବା ଆରମ୍ଭ କଲାଣି। କାଁ ଭାଁ ପାଣି ମୋଟର ଦ୍ୱାରା ଗାଡିଆ, ପୋଖରୀରୁ ପାଣି ଉଠାଇ ଚାଷୀ ଯତ୍ କିଞ୍ଚିତ କାମ ଚଳାଉଥିଲେ ବି ଏହା ପର୍ଯ୍ୟାପ୍ତ ହେଉନି। ବର୍ଷକର ଆହାର ପାଇଁ ତଥାପି ଚାଷୀ ସଂଗ୍ରାମ କରୁଥିବାର ଲକ୍ଷ୍ୟ କରାଯାଇଛି। ବର୍ଷା ଦାଉ ସାଧୁଥିବାବେଳେ ଜଳସେଚନ ବିଭାଗର କାର୍ଯ୍ୟ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ କେନାଲର ଶେଷମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚାଇବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।


ନଷ୍ଟ ହୋଇଯାଇଥିବା ତଳି ଘେରା।

# ବର୍ଷାଦିନେ ତ୍ୱଚାର ଯତ୍ନ

ସୌନ୍ଦର୍ଯ୍ୟ



■ ଏହିଦିନେ ଅଧିକ ମେକ୍ ଅପ୍ ନିଅନ୍ତୁ ନାହିଁ। କାରଣ ବର୍ଷାରେ ଭିଜିଲେ ମେକ୍ଅପ୍ ଖରାପ ହେବା ସମ୍ଭାବନା ରହିଛି।

■ ଯଦି ଆପଣଙ୍କ ତ୍ୱଚା ଅଧିକ ଶୁଷ୍କ, ତେବେ ଅନ୍ତତଃ ଥରେ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ। ରାତିରେ ଏହାକୁ ଲଗାଇଲେ ତ୍ୱଚା ନମନୀୟ ରହିଥାଏ।

■ ଅଏଲି ସ୍କିନ୍ ପ୍ରଡକ୍ଟ ଲଗାନ୍ତୁ ନାହିଁ। ତ୍ୱଚାରେ ଅଧିକ ମଶ୍ଚରାଇଜର, କ୍ରିମ୍ ବେସ୍ ଫାଉଣ୍ଡେଶନ କିମ୍ବା କନ୍ସିଲର ବ୍ୟବହାର କରନ୍ତୁ ନାହିଁ। ଆପଣ ଚାହିଁଲେ ମେକ୍ ଅପ୍ ନେବା ପୂର୍ବରୁ କାଲାମାଇନ୍ ଲୋଶନ ଲଗାଇପାରିବେ, ଯାହାକି ତ୍ୱଚାକୁ ଅଧିକ ଅଏଲି କରିବ ନାହିଁ।

■ ଟୋନର ତ୍ୱଚାକୁ ପରିଷ୍କାର ଓ ନମନୀୟ ରଖିଥାଏ। ମୁହଁ ଧୋଇବା ପୂର୍ବରୁ ପ୍ରତିଦିନ ଟୋନର ବ୍ୟବହାର କରନ୍ତୁ। ଏହା ତ୍ୱଚାର ରନ୍ଧ୍ରକୁ ବନ୍ଦ କରିଥାଏ।

■ ଏହିଦିନେ ଷ୍ଟ୍ରବେରି, ଆମ୍ବ, ପିଚ୍ ଏବଂ ଅମୃତଭଣ୍ଡା ଆଦି ଫ୍ରୁଟ୍ର ଫେସ୍ ପ୍ୟାକ୍ ବ୍ୟବହାର ତ୍ୱଚା ପାଇଁ ଭଲ। ଦିନକୁ ୨ ଥର ଏହି ପ୍ୟାକ୍ ଲଗାନ୍ତୁ। ଏହା ତ୍ୱଚାର ରନ୍ଧ୍ରକୁ ବନ୍ଦ କରିଥାଏ।

■ ଦିନକୁ ୮–୧୦ ଗ୍ଲାସ୍ ପାଣି ପିଅନ୍ତୁ। ଏହାଦ୍ୱାରା ତ୍ୱଚା ହାଇଡ୍ରେଟ୍ ରହିବା ସହ ଚମକ ବି ଆସିଥାଏ।

**ବର୍ଷାଦିନେ ତ୍ୱଚାରେ ବିଭିନ୍ନ ସମସ୍ୟା ଦେଖାଯାଏ, ଯାହାର ସମାଧାନ ନିହାତି ଜରୁରୀ। ଜାଣନ୍ତୁ ଏ ନେଇ କିଛି ଟିପ୍ସ...**



# ମନ୍ସୁନ୍ ଡାଏଟ୍

ମନ୍ସୁନ୍ ଡାଏଟ୍କୁ ଟାଇଟ୍ ରଖିବା ନିହାତି ଜରୁରୀ। କାରଣ ବର୍ଷାରେ ଗରମରୁ ମୁକ୍ତି ମିଳିଥାଏ ସତ, କିନ୍ତୁ ସଂକ୍ରମଣର ଆଶଙ୍କା ବଢ଼ିଯାଏ। ଏହି ଋତୁରେ ଖାଦ୍ୟ ଠିକ୍ ଭାବେ ହଜମ ହୋଇ ନ ଥାଏ। ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡ଼େ। ସାମାନ୍ୟ ଅସାବଧାନତାରୁ ଭାଇରାଲ୍ ଫିବର, ଝାଡ଼ା, ବାନ୍ତି, ଟାଇଫଏଡ୍, ଥଣ୍ଡା, କାଶ ଆଦି ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହେବାକୁ ପଡ଼ିଥାଏ। ଏହିଦିନେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ ବାସିଖାଦ୍ୟ ଓ ଦୂଷିତ ପାନୀୟ ଯୋଗୁ ନିଜର ବଂଶବିସ୍ତାର କରିଥାଆନ୍ତି। ସେଗୁଡ଼ିକ ଆମ ଶରୀରରେ ପ୍ରବେଶକରି ବିଭିନ୍ନ ରୋଗର କାରଣ ସାଜିଥାଆନ୍ତି।

**ଡାଲି ଜାତୀୟ ଖାଦ୍ୟ**

ଗହମ, ମକା, ଭଜା ବୁଟ, ଡାଲି ଆଦିକୁ ଖାଦ୍ୟତାଲିକାରେ ସାମିଲ କରନ୍ତୁ, ଯାହାକି ସ୍ୱାସ୍ଥ୍ୟ ପ୍ରତି ଲାଭପ୍ରଦ। ପ୍ରୋଟିନ୍, ଲୌହ ଏବଂ ମ୍ୟାଗ୍ନେସିୟମ୍ଯୁକ୍ତ ଖାଦ୍ୟପଦାର୍ଥ ସେବନ ଦ୍ୱାରା ଶରୀରରେ ଇମ୍ୟୁନିଟି ପାୱାରରେ ସୁଧାର ଆସିଥାଏ।

**ସୁପାଚ୍ୟ ପନିପରିବା**

ବର୍ଷାଦିନେ ସବୁଜ ପନିପରିବା ବଦଳରେ ହାଲ୍କା ସୁପାଚ୍ୟ ପନିପରିବା ଯେପରିକି ଲାଉ, ଜହ୍ନି, ଛଚିନ୍ଦ୍ରା, ଭେଣ୍ଡି, ଫ୍ରେଞ୍ଚ୍ ବିନ୍ସ ଆଦି ସେବନ କଲେ ପେଟ ସମ୍ବନ୍ଧିତ ସମସ୍ୟା ରହି ନ ଥାଏ। କଲରା, ମୂଳା, ମେଥି ଆଦି ପନିପରିବା ସଂକ୍ରମଣରୁ ରକ୍ଷା କରିଥାଏ। ଖାଦ୍ୟରେ ଅଦା, ରସୁଣ, ପୋଦିନା, ଧନିଆ, ଗୋଲମରିଚ, ହଳଦୀ, ହେଙ୍ଗୁ, ମେଥିଦାନା ଆଦିର ବ୍ୟବହାର ପାଚନ ଶକ୍ତି ବଢ଼ାଇଥାଏ। ପିଜୁଳି, ନାସ୍ପାତି, ଅମୃତଭଣ୍ଡା, ଷ୍ଟ୍ରବେରି, ଆମ୍ବ, ସେଓ, ଡାଳିମ୍ବ, କଦଳୀ ଭଳି ଭିଟାମିନ୍ 'ସି'ଯୁକ୍ତ ଫଳମୂଳ ଖାଆନ୍ତୁ। ଏଥିରେ ମହଜୁଦ ଥିବା ନ୍ୟୁଟ୍ରିସନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ୍ ଶରୀରକୁ ସଂକ୍ରମଣରୁ ରକ୍ଷାକରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

**ଦୂଷିତ ଜଳ ପିଅନ୍ତୁ ନାହିଁ**

ଦୂଷିତ ପାଣି ପିଇବା ଦ୍ୱାରା ବର୍ଷାଦିନେ ଖୁବ୍ ଶୀଘ୍ର ରୋଗ ବ୍ୟାପିଥାଏ। ଜଳରେ ଥିବା ବ୍ୟାକ୍ଟେରିଆ ଆମ ଶରୀରରେ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ତେଣୁ ଫିଲ୍ଟର ହୋଇଥିବା ପାଣି ବା ଫୁଟାପାଣି ବ୍ୟବହାର କରନ୍ତୁ। ଏହିଦିନେ ତମ୍ବାପାତ୍ରରେ ପାଣି ରଖି ପିଇବା ବେଶ୍ ଲାଭଜନକ। ଅତ୍ୟଧିକ ପାଣି ପିଅନ୍ତୁ। ଏହାଦ୍ୱାରା ଡିହାଇଡ୍ରେସନ୍ ଏବଂ ଡାଇରିଆ ଭଳି ରୋଗରୁ ମୁକ୍ତି ମିଳିଥାଏ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଯାଇଥାଏ।

**ସାବଧାନତା**

**ବର୍ଷାଦିନେ ସ୍ୱାସ୍ଥ୍ୟ ପ୍ରତି ସାମାନ୍ୟ ଅବହେଳା ଅନେକ ସମସ୍ୟାକୁ ଡାକିଆଣେ। ତେଣୁ କିଛିଟା ସାବଧାନତା ଜରୁରୀ। ଜାଣନ୍ତୁ ସେ ସମ୍ପର୍କରେ...**

– ଏହିଦିନେ ଖାଦ୍ୟ ପ୍ରସ୍ତୁତି ସମୟରେ ସଫାସୁତୁରା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।

– ଫଳଚୋପାରେ ଥିବା ବ୍ୟାକ୍ଟେରିଆ ଶରୀର ପାଇଁ କ୍ଷତିକାରକ। ତେଣୁ ଫଳ ଏବଂ ପନିପରିବାକୁ ଗରମପାଣିରେ କିଛି ସମୟ ପକାଇ ଭଲ ଭାବେ ଧୋଇବା ପରେ ଖାଆନ୍ତୁ।

– ଭୋକ ଲାଗୁ ନ ଥିଲେ ଆଦୌ ଖାଆନ୍ତୁ ନାହିଁ। ନଚେତ୍ ବଦହଜମି, ପେଟରେ ସଂକ୍ରମଣ ଏବଂ ଜଣ୍ଡିସ୍ ଆଦି ରୋଗ ହେବା ସମ୍ଭାବନା ଥାଏ।

– ବର୍ଷାଦିନେ ତାଜା ଥିବା ଫଳ ଖାଆନ୍ତୁ। ଫାଟିଯାଇଥିବା ଫଳକୁ ଖାଆନ୍ତୁ ନାହିଁ। କାରଣ ଏହା ବିଷାକ୍ତ ହେବା ସହ ପାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ଫଳର ଚୋପା ଛଡ଼ାଇ ଖାଆନ୍ତୁ।

– ତରଭୁଜ ଭଳି ଅଧିକ ଜଳୀୟ ଅଂଶ ଥିବା ଫଳ ସେବନ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ବ୍ୟାକ୍ଟେରିଆ ହେବାର ସମ୍ଭାବନା ରହିଛି।

– ଖୋଲା ସ୍ଥାନରେ କଟାହୋଇ ବିକ୍ରି ହେଉଥିବା ଫଳ ଓ ଏହାର ଜୁସ୍ ପିଅନ୍ତୁ ନାହିଁ। ଅଧିକ ସମୟ ରହିଯାଇଥିବା ଜୁସ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଘରେ ତିଆରି ହୋଇଥିବା ଫ୍ରୁଟ୍ ଜୁସ୍ ପିଅନ୍ତୁ।

– ଏକାଥରେ ପେଟପୂରା ନ ଖାଇ ସମୟ ଅନ୍ତରାଳରେ ଫଳ କିମ୍ବା ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଶରୀରରେ ପାଚନ କ୍ରିୟାରେ କୌଣସି ଅସୁବିଧା ହୋଇ ନ ଥାଏ।

– ବର୍ଷାଦିନେ ଅଧିକ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।

– ତାଜା ଏବଂ ଗରମ ଥିବା ଖାଦ୍ୟ ଖାଆନ୍ତୁ। ଯଦି ବଳକା ଖାଦ୍ୟ ରହୁଛି ତେବେ ଏହାକୁ ଏୟାର ଟାଇଟ୍ କଣ୍ଟେନରରେ ଫ୍ରିଜ୍ରେ ରଖନ୍ତୁ। ବାସିଖାଦ୍ୟ ଆଦୌ ଖାଆନ୍ତୁ ନାହିଁ।

– ଆଇସ୍କ୍ରିମ୍, ଦହି, କୁଲ୍ଫି ଆଦି ଖାଇଲେ ଭାଇରାଲ୍ ଫିବର ହେବା ସମ୍ଭାବନା ରହିଛି। ତେଣୁ ଏହା ବଦଳରେ ଭେଜିଟେବୁଲ୍ ସୁପ୍ ପିଅନ୍ତୁ। ଏଥିରେ ମହଜୁଦ ଥିବା ଭିଟାମିନ୍ ଏବଂ ମିନେରାଲ୍ସ ବର୍ଷାଦିନେ ଶରୀରରେ ଇମ୍ୟୁନ୍ ସିଷ୍ଟମକୁ ମଜଭୁତ ରଖିଥାଏ।

**କ'ଣ ଖାଇବେ**

– ହର୍ବାଲ ଟି, କଫି, ଭେଜିଟେବୁଲ୍ ସୁପ୍ ଭଳି ଗରମ ପାନୀୟର ସେବନ ଶରୀରକୁ ବ୍ୟାକ୍ଟେରିଆ ଏବଂ ଭାଇରସ୍ରୁ ବଞ୍ଚାଇଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

– ଆପଣଙ୍କ ଖାଦ୍ୟରେ ଫ୍ରାଏଡ୍ ଫୁଡ୍ ବଦଳରେ ଗ୍ରୀଲ୍ଡ ଏବଂ ତନ୍ଦୁରି ଫୁଡ୍ର ମାତ୍ରା ଅଧିକ ରଖନ୍ତୁ।

– ବର୍ଷାଦିନେ ଶରୀରରେ ଡିହାଇଡ୍ରେସନ୍ ହେଲେ କୋଲ୍ଡଡ୍ରିଙ୍କ୍ସ ବଦଳରେ ପଇଡ଼ପାଣି ଏବଂ ଘରେ ପ୍ରସ୍ତୁତ ଫଳରସ ପିଇବା ଲାଭଦାୟକ। ଏହା ବ୍ଲଡ୍ ପ୍ଲେଟେଡ୍ ତିଆରି କରିଥାଏ ଏବଂ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ।

– ଏହିଦିନେ ପାଚନ କ୍ରିୟାକୁ ଠିକ୍ ରଖିବା ପାଇଁ ଗରମକ୍ଷୀର ପିଇବା ଲାଭଦାୟକ।









## କ'ଣ କରନ୍ତି ଏମାନେ...



ଅଭିଲିପ୍ସା

ମୁଁ ବର୍ଷାଦିନେ ବାହାର ଖାଦ୍ୟକୁ ଆଭଏଡ୍ କରେ। ତ୍ୱଚା ପ୍ରତି ଖୁବ୍ ସଚେତନ ଥାଏ। ହର୍ବାଲ ଟି, କଫି, ଭେଜିଟେବୁଲ୍ ସୁପ୍ ଆଦିକୁ ଗୁରୁତ୍ୱ ଦିଏ। ଭିଟାମିନ୍ ସି ଯୁକ୍ତ ଫଳମୂଳ ଖାଇଥାଏ। କାରଣ ଏଥିରେ ମହଜୁଦ ଥିବା ନ୍ୟୁଟ୍ରିସନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ୍ ଶରୀରକୁ ସଂକ୍ରମଣରୁ ରକ୍ଷା କରିଥାଏ। – *ଅଭିଲିପ୍ସା ମହାପାତ୍ର, ସାଲେପୁର, କଟକ*



ସୌଦାମିନୀ

ଏହିଦିନେ ଖାଦ୍ୟ ପ୍ରସ୍ତୁତି ସମୟରେ ସଫାସୁତୁରା ପ୍ରତି ବିଶେଷ ଧ୍ୟାନ ଦେଇଥାଏ। ଫଳ ଏବଂ ପନିପରିବାକୁ ଗରମ ପାଣିରେ ଧୋଇବା ପରେ ଖାଇଥାଏ। ତାଜା ଏବଂ ଗରମ ଥିବା ଖାଦ୍ୟ ଖାଏ। ଏହିଦିନେ ଭାଇରାଲ୍ ଫିବର, ଝାଡ଼ା, ବାନ୍ତି, ଟାଇଫଏଡ୍, ଥଣ୍ଡା, କାଶ ଆଦି ବିଭିନ୍ନ ରୋଗ ବ୍ୟାପିଥାଏ। ସେଥିପାଇଁ ଡାକ୍ତରଙ୍କ ପରାମର୍ଶରେ ଘରେ ମେଡିସିନ୍ ଷ୍ଟକ୍ ରଖିଥାଏ।

– *ସୌଦାମିନୀ ପଟ୍ଟନାୟକ, ରାଉରକେଲା*

## ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଅନ୍ତୁ

*(ଡା. ନିତ୍ୟାନନ୍ଦ ସ୍ୱାଇଁ, ପୁଷ୍ଟିବିଜ୍ଞାନୀ)*

ବର୍ଷାଦିନେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ ଖାଦ୍ୟ ଓ ପାନୀୟ ଉଭୟକୁ ସଂକ୍ରମିତ କରିଥାଏ, ଯାହା କି ଝାଡ଼ା, ବାନ୍ତି, ଟାଇଫଏଡ୍, ଥଣ୍ଡା, କାଶ ଆଦି ବିଭିନ୍ନ ରୋଗର କାରଣ ସାଜିଥାଏ। ତେଣୁ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବା ନିହାତି ଜରୁରୀ। ନର୍ଦ୍ଦମାଜଳଠାରୁ ଦୂରରେ ରୁହନ୍ତୁ। ଖାଇବା ପୂର୍ବରୁ ହାତକୁ ଭଲଭାବେ ଧୁଅନ୍ତୁ। ଷ୍ଟ୍ରିଟ୍ ଫୁଡ୍ ଆଦୌ ଖାଆନ୍ତୁ ନାହିଁ। ପରିଷ୍କାର ଓ ଫୁଟାପାଣି ବା ଆକ୍ୱାଗାର୍ଡ ପାଣି ପିଅନ୍ତୁ। ବାସିଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ସବୁବେଳେ ଉଷୁମ ଖାଦ୍ୟ ଖାଆନ୍ତୁ।

# ଷ୍ଟାଇଲିସ୍ ଲୁକ୍ ପାଇଁ

**ବର୍ଷାଦିନେ ପ୍ରଫେସନାଲ ଏବଂ ଷ୍ଟାଇଲିଶ ଲୁକ୍ ପାଇବା ପାଇଁ ଆପଣାନ୍ତୁ କିଛି ଫ୍ୟାଶନ ଟିପ୍ସ...**

● ବର୍ଷାଦିନେ ନୀଳ, ଲାଲ୍, କମଳା ରଙ୍ଗର କପଡ଼ା ପିନ୍ଧନ୍ତୁ। ଧଳାରଙ୍ଗର ଡ୍ରେସ୍ ପିନ୍ଧନ୍ତୁ ନାହିଁ। ବର୍ଷାରେ ଏହା ଖୁବ୍ ଶୀଘ୍ର ନଷ୍ଟହେବା ସମ୍ଭାବନା ଥାଏ।

● ଲମ୍ବା ପ୍ୟାଣ୍ଟ ଏହିଦିନେ ପିନ୍ଧନ୍ତୁ ନାହିଁ। ଯଦି ପିନ୍ଧୁଛନ୍ତି ତେବେ ଆପଣ ଚାହିଁଲେ ଏହାକୁ ଆପଣଙ୍କ ସୁବିଧା ଅନୁସାରେ ତଳୁ ମୋଡ଼ିପାରିବେ। ଏହିଦିନେ ସ୍ମାର୍ଟ ଫର୍ମାଲ ସ୍କର୍ଟ ବି ଆପଣେଇପାରିବେ।

● ୱେଷ୍ଟର୍ନ ଗେଟ୍ଅପ୍ରେ ଆପଣ ବର୍ଷାଦିନିଆ କୋଟ୍ ବା ଜ୍ୟାକେଟ୍ ପିନ୍ଧିପାରିବେ।

● ଯଦି ବର୍ଷାଦିନେ ପାରମ୍ପରିକ ଭାରତୀୟ ପରିଧାନକୁ ପ୍ରାଥମିକତା ଦେଉଛନ୍ତି ତେବେ ସାଲୱାର ଏବଂ ପଟିଆଲା ବଦଳରେ ସର୍ଟ କୁର୍ତ୍ତି ସହ ଲେଗିଙ୍ଗ୍ସ ବା ଚୁଡିଦାର ପିନ୍ଧିପାରିବେ। ଏହିଦିନେ ବଡ଼ ଦୁପଟା ବଦଳରେ ସ୍କାର୍ଫ ବା ଷ୍ଟଲ୍ ବ୍ୟବହାର କରନ୍ତୁ। ରଙ୍ଗ ଛାଡୁଥିବା ଡ୍ରେସ୍କୁ ଏହିଦିନେ ଆଦୌ ପିନ୍ଧନ୍ତୁ ନାହିଁ, ନଚେତ୍ ବର୍ଷାରେ ଭିଜିଲେ ଏଥିରୁ ରଙ୍ଗ ଛାଡ଼ିବ।

● ଚମଡ଼ା ଜୋତା ବା ସାଣ୍ଡାଲ ପିନ୍ଧନ୍ତୁ ନାହିଁ। କାରଣ ଏହା ଶୀଘ୍ର ଖରାପ ହୋଇଯାଏ ଏବଂ ଶୁଖିବାକୁ ଅଧିକ ସମୟ ଲାଗିଥାଏ। ଜେଲି ସୁଜ୍, ବିନା ହିଲ୍ ଥିବା ଚପଲ ବା ଜୋତା ପିନ୍ଧନ୍ତୁ।

● ୱାଟରପ୍ରୁଫ୍ କାଜଲ ଏବଂ ଆଇ ଲାଇନର ଲଗାନ୍ତୁ। ଏହିଦିନେ ଫାଉଣ୍ଡେଶନ ବ୍ୟବହାର କରନ୍ତୁ ନାହିଁ। ଯଦି ଅତି ଜରୁରୀ ତେବେ ହାଲ୍କା ଫାଉଣ୍ଡେଶନ ଲଗାନ୍ତୁ।

● କେଶକୁ ଖୋଲା ନ ରଖି ଖୋସା କରନ୍ତୁ।

● ବର୍ଷାଦିନେ ଡେନିମ୍କୁ ସମ୍ପୂର୍ଣ୍ଣ ଭୁଲିଯାଆନ୍ତୁ। କାରଣ ଏହା ଓଦାହେଲେ ଶୁଖିବାକୁ ଅଧିକ ସମୟ ଲାଗିଥାଏ।



ଫ୍ୟାଶନ









# ଗଛର ନିଅନ୍ତୁ ଯତ୍ନ



**ଋତୁ ଅନୁସାରେ ଆମକୁ ଗଛର ଯତ୍ନନେବାକୁ ପଡ଼ିଥାଏ। ତେବେ ବର୍ଷାଦିନେ କିଭଳି ଯତ୍ନନେବା ଜାଣନ୍ତୁ ସେ ସମ୍ପର୍କରେ...**

□ ବର୍ଷାଦିନେ ଜୈବିକ ସାର ପ୍ରୟୋଗ କରନ୍ତୁ। ବର୍ଷାଦିନେ ଏହି ସାର ଗଛ ପାଇଁ ବେଶ୍ ଉପକାରୀ ହୋଇଥାଏ। ଗଛର ଉତ୍ତମ ବୃଦ୍ଧି ପାଇଁ ମାସରେ ଅନ୍ତତଃ ୨ ଥର ସାର ବଦଳାନ୍ତୁ।

□ ପ୍ରତିଦିନ ସନ୍ଧ୍ୟାରେ ଗଛରେ ପାଣି ଦିଅନ୍ତୁ। ଦ୍ୱିପ୍ରହର ସମୟରେ ପାଣି ଦିଅନ୍ତୁ ନାହିଁ। କାରଣ ଏହି ସମୟରେ ପାଣି ଦେଲେ ଗଛ ମରିଯିବା ଆଶଙ୍କା ଥାଏ।

□ ଏହିଦିନେ ଟେରାସ୍ ଗାର୍ଡେନିଂ କରିବା ଲାଭଦାୟକ। ବର୍ଷା ହେବା ଦ୍ୱାରା ମାଟି ଭଲ ରହିଥାଏ ଏବଂ ଗଛର ବୃଦ୍ଧି ଠିକ୍ ଭାବେ ହୋଇଥାଏ। କନ୍ଦମୂଳ, ଆଳୁ, ଗାଜର ଆଦି ଗଛକୁ ଟେରାସ୍ ଗାର୍ଡେନରେ ଲଗାନ୍ତୁ ନାହିଁ। କାରଣ ଏପରି କଲେ ବିଲ୍ଡିଂ ପ୍ରତି ବିପଦ ଥାଏ।

□ ଏହି ଋତୁରେ ଗଛ ଖୁବ୍ ଶୀଘ୍ର ବଢ଼ିଥାଏ। ତେଣୁ ଏହାର ଅଗଗୁଡ଼ିକୁ ଅଳ୍ପ କାଟି ଦିଅନ୍ତୁ।

□ ସମୟ ସମୟରେ କୀଟନାଶକ ପକାନ୍ତୁ। ଏହାଦ୍ୱାରା ଗଛର ଉପଯୁକ୍ତ ବୃଦ୍ଧିରେ କୌଣସି ଅସୁବିଧା ରହିବ ନାହିଁ। ଚାରା ଲାଗିଥିବା ସ୍ଥାନରେ ପାଣି ଜମା କରି ରଖନ୍ତୁ ନାହିଁ। ନଚେତ୍ ଗଛ ପଚିଯିବା ଆଶଙ୍କା ରହିଛି।

ଭାରତକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପହଞ୍ଚିବାକୁ ହେଲେ ବାର୍ଷିକ ୮% ହାରରେ ବିକାଶ କରିବାକୁ ହେବା।
– ଅମିତାଭ କାନ୍ତ, ନୀତି ଆୟୋଗ ସିଇଓ



କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ୧.୩ କୋଟି ନୂଆ ଟିକସଦାତାଙ୍କୁ ଯୋଡିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି।
– ଅନୁରାଗ ସିଂ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ



# ବଡ଼ ଜମା-ଉଠାଣ ଲାଗି ଜରୁରୀ ହେବ ଆଧାର

**ନୂଆଦିଲ୍ଲୀ,୨୨-୭**

କଳାଧନ ଉପରେ ଲଗାମ ଲଗାଇବାକୁ ଯାଇ କେନ୍ଦ୍ର ସରକାର ଏକ ନୂଆ ଯୋଜନା ପ୍ରସ୍ତୁତ କରିଛନ୍ତି, ଯାହାର ସିଧାସଳଖ ପ୍ରଭାବ ସାଧାରଣରେ ଦେଖାଯିବ। ବ୍ୟାଙ୍କ ଆକାଉଣ୍ଟରୁ ବାର୍ଷିକ ଏକ ନିର୍ଦ୍ଧାରିତ ରାଶି ବାହାରେ ଉଠାଣ ଏବଂ ଜମା କରିବା କ୍ଷେତ୍ରରେ ପାନ୍ ଦେବା ଯଥେଷ୍ଟ ହେବ ନାହିଁ। ବଜାରରେ ନଗଦ ଅର୍ଥର ପ୍ରବାହକୁ କମାଇବାକୁ ଯାଇ ସରକାର ବଡ଼ ଧରଣର ଜମା ଓ ଉଠାଣର ଆଧାର ପ୍ରାମାଣିକତାକୁ ବାଧ୍ୟତାମୂଳକ କରିବାକୁ ଯାଉଛନ୍ତି। ଜଣେ ବ୍ୟକ୍ତି ବାୟୋମେଟ୍ରିକ ଟୁଲ୍ ଅଥବା ଓ୍ବାନ୍ ଟାଇମ ପାସଓ୍ବାର୍ଡ ବ୍ୟବହାର କରି କେଓ୍ବାଇସି ତିଆରି କରିପାରିବେ। ନିର୍ଦ୍ଧାରିତ ସୀମା ଟପିବା ମାତ୍ରେ ଜମାକାରୀଙ୍କୁ ଆଧାର ପ୍ରାମାଣିକତା ଦେବା ଜରୁରୀ ହେବ।

ଫାଇନାନ୍ସିଆଲ ବିଲ୍‌ରେ ଦିଆଯାଇଥିବା ସଂଶୋଧନ ପ୍ରସ୍ତାବ ଅନୁଯାୟୀ, ଆଧାର ପରିସରକୁ ଅଧିକ ବ୍ୟାପକ କରାଯିବ। ଏପରିକି ନିର୍ଦ୍ଧାରିତ ସୀମାଠାରୁ ଅଧିକ ବିଦେଶୀ ମୁଦ୍ରା କିଣିବା କ୍ଷେତ୍ରରେ ମଧ୍ୟ ଆଧାର ନମ୍ବର ପ୍ରଦାନ କରିବା ଜରୁରୀ ହେବ। ଅଦ୍ୟାବଧି ପାନ୍ ତଥ୍ୟ ପ୍ରଦାନ କରିବା ଯଥେଷ୍ଟ ରହିଛି।

- ■ ନିର୍ଦ୍ଧାରିତ ସୀମା ପରେ ଆଧାର ଦେବା ଆବଶ୍ୟକ
- ■ ଫାଇନାନ୍ସ ବିଲ୍‌ରେ ସଂଶୋଧନ ପ୍ରସ୍ତାବ
- ■ ବାୟୋମେଟ୍ରିକ ଟୁଲ୍ ଜରିଆରେ ନିର୍ଦ୍ଧାରିତ ସୀମା ୨୫ ଲକ୍ଷ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇପାରେ
- ■ ସ୍ଥିର ହୋଇନି ନିର୍ଦ୍ଧାରିତ ସୀମା




ଫାଇନାନ୍ସିଆଲ ବିଲ୍‌ରେ ସଂଶୋଧନ ପ୍ରସ୍ତାବ ଅନୁଯାୟୀ, ସମ୍ପତ୍ତି କିଣାବିକା କ୍ଷେତ୍ରରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ପରେ କେବଳ ଆଧାର କିମ୍ବା ପାନ୍ ନମ୍ବର ଦେବା ଯଥେଷ୍ଟ ହେବ ନାହିଁ। ସମ୍ପତ୍ତିର ପଞ୍ଜୀକରଣ ବେଳେ ଏହାର ମୂଲ୍ୟ ଆଧାର ପ୍ରାମାଣିକତା ହେବା ଆବଶ୍ୟକ ହେବ। ଜଣେ ଅଧିକାରୀ କହିଛନ୍ତି ଯେ, ନିର୍ଦ୍ଧାରିତ ସୀମା କେତେ ହେବ ସେ ସମ୍ପର୍କରେ ବିଚାର କରାଯାଉଛି। ତେବେ ଏହାକୁ ଏଭଳି ଏକ ସ୍ତରରେ ନିର୍ଦ୍ଧାରଣ କରାଯିବ ଯାହାଦ୍ୱାରା ଲୋକଙ୍କୁ ଅସୁବିଧାରେ ନ ପକାଇ ସରକାର ଏହି ଟଙ୍କା ଉପରେ ସହଜରେ ନଜର ରଖିପାରିବେ ସେ ଦିଗରେ ଦୃଷ୍ଟି ଦିଆଯାଉଛି। ନିର୍ଦ୍ଧାରିତ ସୀମା ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ବାୟୋମେଟ୍ରିକ ଟୁଲ୍ କିମ୍ବା ଓଟିପି ଜରିଆରେ ବାଧ୍ୟତାମୂଳକ ଆଧାର ପ୍ରାମାଣିକତା ବ୍ୟବହାର କରି ଜଣେ ବ୍ୟକ୍ତିଙ୍କ ପାଇଁ ସୀମା ୨୦ରୁ ୨୫ ଲକ୍ଷ ଟଙ୍କା ବାର୍ଷିକ ଧାର୍ଯ୍ୟ କରାଯାଇପାରେ ବୋଲି ସେ କହିଛନ୍ତି। ଅଧିକାରୀଙ୍କ କହିବାନୁଯାୟୀ ଏହା ଅତ୍ୟନ୍ତ ଜରୁରୀ ହୋଇପଡିଛି। କାରଣ ବହୁ ଧନାଢ୍ୟ ଜମାକାରୀ ଉଚ୍ଚ ପରିମାଣର ଜମା ଓ ଉଠାଣ ବେଳେ ଜାଲ୍ ପାନ୍ କାର୍ଡ ଦେଉଥିବାର ଜଣାପଡ଼ିଛି। ଫଳରେ ଏହି ଟଙ୍କାର ଉତ୍ସ ଧରିବା ସରକାରଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ପ୍ରାମାଣିକତା ଜରୁରୀ କରିବା ଦ୍ୱାରା ଜାଲ୍ ଆଧାର କିମ୍ବା ପାନ୍ ଧରିବା ସହଜ ହେବ। ଏହା ଶତ ପ୍ରତିଶତ ବିଶ୍ୱାସଯୋଗ୍ୟ ହୋଇ ନ ଥିଲେ ସୁଦ୍ଧା ଜାଲିଆତି ରୋକିବାରେ ଏହା ସହାୟତା କରିବ। ଆଗାମୀ ଦିନରେ ଏକ ନିର୍ଦ୍ଦିଷ୍ଟ ସୀମା ଠାରୁ ଅଧିକ ନେଣଦେଣ ହେବା ମାତ୍ରେ ଏହାର ଆଧାର ପ୍ରାମାଣିକତା କରିବାକୁ ହେବ। ତେବେ ଛୋଟ ଛୋଟ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବ୍ୟାଙ୍କ ସହ କାରବାର କରୁଥିବାରୁ ସେମାନଙ୍କର ଅସୁବିଧା ଦୂର କରିବା ଲାଗି ଏକ ଭିନ୍ନ ପନ୍ଥା ଆପଣାଯିବ ବୋଲି ସେ କହିଛନ୍ତି। ବ୍ୟାଙ୍କକୁ ନଗଦ ଜମା ପାଇଁ ଯାଉଥିବା ଦୋକାନ ମାଲିକଙ୍କ କ୍ଷେତ୍ରରେ ଏକ ଭିନ୍ନ ପ୍ରାମାଣିକତା ବ୍ୟବସ୍ଥା ଆପଣାଯିବ ବୋଲି ସେ କହିଛନ୍ତି। ବଡ଼ ଧରଣର ନଗଦ କାରବାର କଳାଧନ ସୃଷ୍ଟି କରୁଥିବାରୁ ଏହାକୁ ରୋକିବା ଲାଗି ସରକାର ନିରନ୍ତର ପ୍ରୟାସ ଚଳାଇଛନ୍ତି। କଳାଧନର ସ୍ରୋତ ସମ୍ପର୍କରେ ଜାଣିବା ଲାଗି ପ୍ରୟାସ ଜାରି ରହିଥିବା ବେଳେ ବଡ଼ ମାତ୍ରାରେ ଗହଣା, ଘଣ୍ଟା, ସମ୍ପତ୍ତି ଆଦି କିଣିବା କ୍ଷେତ୍ରରେ ନଗଦ କାରବାର ଉପରେ ସରକାର ଦୃଷ୍ଟି ରଖୁଛନ୍ତି।

# ଓଡ଼ିଶା ମତ୍ସ୍ୟଜୀବୀଙ୍କୁ ମିଳିଛି ମାତ୍ର ୩ କୋଟି ସବ୍‌ସିଡି

**ନୂଆଦିଲ୍ଲୀ,୨୨-୭**

ଗୁଜରାଟ, କର୍ଣ୍ଣାଟକ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ୨୦୧୮-୧୯ରେ ନିଜ ରାଜ୍ୟର ମତ୍ସ୍ୟଜୀବୀଙ୍କୁ ସର୍ବାଧିକ ସବ୍‌ସିଡି ପ୍ରଦାନ କରିଛନ୍ତି। ତେବେ ଓଡ଼ିଶା ଏହାର ମତ୍ସ୍ୟଜୀବୀଙ୍କୁ ମାତ୍ର ୩ କୋଟି ଟଙ୍କା ସବ୍‌ସିଡି ପ୍ରଦାନ କରିଥିବା ଭାରତ ପକ୍ଷରୁ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲୁଟିଓ)କୁ ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ଉକ୍ତ ରାଜ୍ୟ ସମେତ ଏକାଧିକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ବିଭିନ୍ନ ଯୋଜନା ମାଧ୍ୟମରେ ସବ୍‌ସିଡି ପ୍ରଦାନ କରିଛନ୍ତି। ସେମାନଙ୍କର ସୁରକ୍ଷା, କିରୋସିନ, ନୌପରିବହନ ସହାୟତା, ହାଇସ୍ପିଡ୍ ଡିଜେଲରେ ବିକ୍ରି କର ପ୍ରତ୍ୟାହାର, ପରମ୍ପରାଗତ ଡଙ୍ଗାରେ ମୋଟର ଲଗାଇବା ଆଦି ଲାଗି ସବ୍‌ସିଡି ପ୍ରଦାନ କରାଯାଇଛି। ଭାରତ ପକ୍ଷରୁ ଡବ୍ଲୁଟିଓକୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ଗୁଜରାଟ, କର୍ଣ୍ଣାଟକ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ମତ୍ସ୍ୟଜୀବୀଙ୍କୁ କ୍ରମଶଃ ୨୪୭.୪ କୋଟି, ୨୪୩.୬ କୋଟି, ୧୮୦ କୋଟି ଏବଂ ୧୦୯ କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରିଛି। ଏହାଛଡ଼ା ମହାରାଷ୍ଟ୍ର ୫୪.୭ କୋଟି, କେରଳ ୪୧.୯ କୋଟି, ଗୋଆ ୧୬.୫ କୋଟି, ପଶ୍ଚିମବଙ୍ଗ ୮.୪ କୋଟି ଏବଂ ଓଡ଼ିଶା ୩.୩ କୋଟି ଟଙ୍କାର ସବ୍‌ସିଡି ମତ୍ସ୍ୟଜୀବୀଙ୍କୁ ଦେଇଛନ୍ତି। ସୂଚନାଥାଉ କି, ଭାରତ ଏହି ସବ୍‌ସିଡି ଦେବା ବନ୍ଦ କରୁ ବୋଲି ଆମେରିକା ସମେତ ବିଦେଶୀ ରାଷ୍ଟ୍ରଗୁଡ଼ିକ ଦାବି କରୁଛନ୍ତି। ଅନ୍ୟପକ୍ଷରେ ସ୍ୱଳ୍ପ ଆୟକାରୀ ଚାଷୀ ଓ ମତ୍ସ୍ୟଜୀବୀଙ୍କ ପାଇଁ ସବ୍‌ସିଡି ପ୍ରଦାନ ଜାରି ରଖିବାକୁ ଭାରତ ଚାହୁଁଛି। ୧୯୯୫ରେ ଡବ୍ଲୁଟିଓର ସଦସ୍ୟ ହୋଇଥିବା ଭାରତ ପ୍ରତିବର୍ଷ ସବ୍‌ସିଡି ସମ୍ପର୍କରେ ଏହାକୁ ଜଣାଇଥାଏ।

**ଗୁଜରାଟ, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଦେଇଛି ଅଧିକ**



## ସଂକ୍ଷେପରେ

### ସର୍ବକାଳୀନ ରେକର୍ଡ ସ୍ତରରେ ସୁନା
### ୧୦ ଗ୍ରାମକୁ ୩୫,୯୭୦ଟଙ୍କା

**ନୂଆଦିଲ୍ଲୀ,୨୨-୭:** ସୁନା ଦର ସୋମବାର ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ଦିଲ୍ଲୀ ସର୍ରାଫା ବଜାରରେ ସୁନା ୧୦୦ ଟଙ୍କା ବୃଦ୍ଧି ପାଇ ୧୦ ଗ୍ରାମକୁ ୩୫,୯୭୦ ଟଙ୍କା ହୋଇଛି। ଗହଣା ଦୋକାନୀଙ୍କ ପକ୍ଷରୁ କ୍ରମାଗତ କିଣା ଯାଉଥିବାରୁ ସୁନାର ଦରବୃଦ୍ଧି ଘଟିଚାଲିଛି ବୋଲି କୁହାଯାଉଛି। ନିଖିଳ ଭାରତ ସର୍ରାଫା ସଂଘ ମୁତାବକ, ରୁପା ଦର ମଧ୍ୟ ସୋମବାର ବଢ଼ିଛି। ଔଦ୍ୟୋଗିକ ଓ ମୁଦ୍ରା ନିର୍ମାତାଙ୍କ ଚାହିଦା ବୃଦ୍ଧି ଯୋଗୁ ରୁପା ୨୬୦ ଟଙ୍କା ବଢ଼ି ୪୧,୯୬୦ ଟଙ୍କା କେଜିରେ ପହଞ୍ଚିଯାଇଛି। ସଂଘ ଉପାଧ୍ୟକ୍ଷ ସୁରେନ୍ଦ୍ର ଜୈନ କହିଛନ୍ତି ଯେ, ଘରୋଇ ଷ୍ଟକ ବଜାର କ୍ରମାଗତ ହ୍ରାସ ପାଉଥିବାରୁ ନିବେଶକ ବାଧ ହୋଇ ସୁନାକୁ ସୁରକ୍ଷିତ ନିବେଶ ମନେ କରି କିଣାକିଣି ବଢ଼ାଇ ଦେଇଛନ୍ତି। ଦିଲ୍ଲୀ ସର୍ରାଫା ବଜାରରେ ୯୯.୯% ଏବଂ ୯୯.୫% ଶୁଦ୍ଧତାର ସୁନା ମୂଲ୍ୟ ୧୦୦ ଟଙ୍କା ଲେଖାଏ ବଢ଼ି ଯଥାକ୍ରମେ ୩୫,୯୭୦ ଟଙ୍କା ଏବଂ ୩୫,୮୦୦ ଟଙ୍କା ରହିଛି। ୮ ଗ୍ରାମ ଓଜନର ଗିନି ସୁନା ମୂଲ୍ୟ ମଧ୍ୟ ୧୦୦ ଟଙ୍କା ବଢ଼ି ୨୭,୫୦୦ ଟଙ୍କା ହୋଇଛି।

### ମାନହାନି ମାମଲାରେ ରତନ ଟାଟାଙ୍କୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୨-୭:** ବମ୍ବେ ହାଇକୋର୍ଟ ସୋମବାର ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ରତନ ଟାଟା, ବର୍ତ୍ତମାନର ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେଖରନ ଏବଂ ଅନ୍ୟ ୮ଜଣଙ୍କ ବିରୋଧରେ ଚାଲିଥିବା ଅପରାଧିକ ମାନହାନି ମାମଲାକୁ ରଦ୍ଦ କରି ଦେଇଛନ୍ତି। ମୁମ୍ବାଇର ମାଜିଷ୍ଟ୍ରେଟ ଅଦାଲତ ଗତବର୍ଷ ଡିସେମ୍ବରରେ ନୁସ୍‌ଲୀ ୱାଡିଆଙ୍କ ଦ୍ୱାରା ଦାୟର ଏହି ମାମଲାରେ ଟାଟା ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଥିଲେ। ଟାଟା ଗ୍ରୁପ୍ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳରୁ ବିଦା ହେବା ପରେ ୱାଡିଆଙ୍କ ପକ୍ଷରୁ ୨୦୧୬ରେ ଏହି ମାମଲା ଦାଏର କରାଯାଇଥିଲା।

### ୩ ଦିନରେ ନିବେଶକ ହରାଇଲେ ୪ ଲକ୍ଷ କୋଟି

**ମୁମ୍ବାଇ,୨୨-୭:** ବିଶ୍ୱ ଶେୟାର ବଜାରରେ ନିବେଶକଙ୍କ ନକରାତ୍ମକ ମନୋଭାବର ପ୍ରତିଫଳନ ଘରୋଇ ଷ୍ଟକ୍ ବଜାର ଉପରେ ପଡିଛି। କ୍ରମାଗତ ତିନି ଦିନ ଧରି ସେନ୍‌ସେକ୍ସ ଓ ନିଫ୍ଟି ହ୍ରାସ ପାଇବା କାରଣରୁ ନିବେଶକମାନେ ୪ ଲକ୍ଷ କୋଟି ଟଙ୍କା ହରାଇ ସାରିଲେଣି। ବିଏସ୍‌ଇ ସେନସେକ୍ସ ଜୁଲାଇ ୧୮ରୁ ଅଦ୍ୟାବଧି ୩.୦୫% ଅର୍ଥାତ୍ ୧୧୮୪.୧୫ ପଏଣ୍ଟ ହ୍ରାସ ପାଇଛି। ୩୦ ଶେୟାର ବିଶିଷ୍ଟ ସେନସେକ୍ସ ସୋମବାର ୩୦୫.୮୮ ପଏଣ୍ଟ ହ୍ରାସ ପାଇ ୩୮,୦୩୧.୧୩ରେ ବନ୍ଦ ହୋଇଛି। ସେନ୍‌ସେକ୍ସର ଏହି ସ୍ତର ମେ' ୧୭ ପରେ ସର୍ବନିମ୍ନ। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ମଧ୍ୟ ୮୨.୧୦ ପଏଣ୍ଟ ହ୍ରାସ ପାଇ ୧୧,୩୩୭.୧୫ରେ ବନ୍ଦ ହୋଇଛି। ଗତ ୩ ଦିନରେ ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୪,୩୭,୬୦୨.୪ କୋଟି ଟଙ୍କା ହ୍ରାସ ପାଇ ୧,୪୪,୭୬,୨୦୪.୦୨ କୋଟି ଟଙ୍କାରେ ପହଞ୍ଚିଯାଇଛି। ୬୦୦ରୁ ଅଧିକ ଶେୟାର ୫୨ ସପ୍ତାହର ସର୍ବନିମ୍ନ ସ୍ତରରେ ପହଞ୍ଚିଯାଇଛି।

### କ୍ରିପ୍ଟୋକରେନ୍ସି ବ୍ୟାନ୍ ପାଇଁ ସୁପାରିସ

**ନୂଆଦିଲ୍ଲୀ,୨୨-୭:** କ୍ରିପ୍ଟୋକରେନ୍ସି ଉପରେ ନିଷ୍ପତ୍ତି ନେବା ଲାଗି ସରକାରଙ୍କ ପକ୍ଷରୁ ଗଠିତ ଅନ୍ତଃମନ୍ତ୍ରଣାଳୟ କମିଟି ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି। ଦେଶରେ ଘରୋଇ କ୍ରିପ୍ଟୋକରେନ୍ସି ପ୍ରଚଳନକୁ ସମ୍ପୂର୍ଣ୍ଣ ବ୍ୟାନ୍ କରିବା ଲାଗି ସୁପାରିସ୍‌ରେ କୁହାଯାଇଛି। ଏଥିରେ କୁହାଯାଇଛି ଯେ, ଘରୋଇ କ୍ରିପ୍ଟୋକରେନ୍ସିରେ ଅଧିକ ବିପଦ ରହିଛି ଏବଂ ଏହାର ମୂଲ୍ୟରେ ଅସ୍ଥିରତା ଲାଗି ରହିବ। ଏଣୁ ଦେଶରେ କ୍ରିପ୍ଟୋକରେନ୍ସିକୁ ବ୍ୟାନ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ପକ୍ଷଙ୍କ ଠାରୁ ବଡ଼ ଧରଣର ଜରିମାନା ଆଦାୟ କରିବାକୁ ସୁପାରିସ୍‌ରେ କୁହାଯାଇଛି। ରିପୋର୍ଟରେ ବିଟ୍‌କଏନ୍ ସମେତ ଇଥେରିୟମ, ରିପଲ ଏବଂ କାର୍ଡାନୋ ସମେତ ବହୁ କ୍ରିପ୍ଟୋକରେନ୍ସି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏସଂକ୍ରାନ୍ତରେ ଏକ ବିଲ୍ ଆଣିବାକୁ କମିଟି ପରାମର୍ଶ ଦେଇଛି।

### ନିଲାମ ହୋଇଛି ୨୨ ଲୁହାପଥର ଖଣି

**ନୂଆଦିଲ୍ଲୀ,୨୨-୭:** ସରକାର ବର୍ତ୍ତମାନ ସୁଦ୍ଧା ୨୨ ଲୁହାପଥର ଖଣି ନିଲାମ କରିବାକୁ ସକ୍ଷମ ହୋଇଛି। ଏହି ଖଣିଗୁଡିକରେ ମୋଟ ୫୩୩.୦୫୭ ନିୟୁତ ଟନ୍ ଖଣିଜ ସମ୍ପଦ ରହିଥିବା ଜଣାପଡିଛି। ଖଣିଜ ଓ ଖଣିଜ(ଉନ୍ନତୀକରଣ ଏବଂ ଅଧିନିୟମ) ସଂଶୋଧନ ଆଇନ ୨୦୧୫ ମୁତାବକ ଦେଶର ଇସ୍ପାତ ଶିଳ୍ପକୁ ପର୍ଯ୍ୟାପ୍ତ ପରିମାଣର କଞ୍ଚାମାଲ ଯୋଗାଣ ଲାଗି ସରକାର ଲିଜ ପ୍ରଦାନ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିଥିବା କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଲୋକସଭାକୁ ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି।



# ପୂର୍ବତଟ ରେଳପଥ ପୁରସ୍କୃତ

**ଭୁବନେଶ୍ୱର,୨୨-୭(ବ୍ୟୁରୋ)**

ନିଜ ପରିସୀମା ମଧ୍ୟରୁ ଲକ୍ଷ୍ୟ ଧାର୍ଯ୍ୟର ବହୁ ପୂର୍ବରୁ ମାନବ ବିହୀନ ରେଳ ଲେଭଲ କ୍ରସିଂ ହଟାଇବା କ୍ଷେତ୍ରରେ ପୂର୍ବତଟ ରେଳପଥ ପୁରସ୍କୃତ ହୋଇଛି। ହରିୟାଣାର ଆମ୍ବାଲାଠାରେ ଅନୁଷ୍ଠିତ ୬୪ତମ ରାଷ୍ଟ୍ରୀୟ ରେଳବାଇ ପୁରସ୍କାର ବିତରଣ ଉତ୍ସବରେ ରେଳପଥକୁ ସମ୍ମାନୀତ କରାଯାଇଛି। ରେଳବାଇରେ ଉଭୟ ରେଳ ଓ ରାସ୍ତା ବ୍ୟବହାରକାରୀଙ୍କ ନିରାପତ୍ତା ସକାଶେ ଉଲ୍ଲେଖନୀୟ ଯୋଗଦାନ ପାଇଁ କେନ୍ଦ୍ର ରେଳରାଷ୍ଟ୍ର ମନ୍ତ୍ରୀ ସୁରେଶ ଅଙ୍ଗାଡ଼ି ଓ ହରିୟାଣା ମୁଖ୍ୟମନ୍ତ୍ରୀ ଏମ୍.ଏଲ୍. ଖଟ୍ଟର ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣଙ୍କୁ ପୁରସ୍କୃତ କରିଛନ୍ତି।

ସୂଚନା ଯୋଗ୍ୟ, ୨୦୧୮ ଏପ୍ରିଲ ମାସ ପହିଲା ପର୍ଯ୍ୟନ୍ତ ପୂର୍ବତଟ ରେଳପଥରେ ୧୧୭ ଟି ମାନବ ବିହୀନ ଲେଭଲ କ୍ରସିଂ ଥିଲା। ୨୦୧୮-୧୯ ଆର୍ଥିକ ବର୍ଷ ପୂର୍ବରୁ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରୁ ବିଭିନ୍ନ ଉପାୟରେ ଯଥା- ରୋଡ଼ ଅଣ୍ଡର ବ୍ରିଜ ବା ଉପ ମାର୍ଗ ନିର୍ମାଣ ଦ୍ୱାରା ୧୩ଟି, ମାର୍ଗ ପରିବର୍ତ୍ତନ ମାଧ୍ୟମରେ ୭ଟି ଏବଂ ଜଗୁଆଳି ସୁବିଧା ପ୍ରଦାନ ଦ୍ୱାରା ୯୭ଟି ମାନବ ବିହୀନ ରେଳ ଲେବଲ କ୍ରସିଂ ହଟାଇଛି। ଗତ ପାଞ୍ଚବର୍ଷ ମଧ୍ୟରେ ପୂର୍ବତଟ ରେଳପଥ ଏହାର ପରିସୀମା କ୍ଷେତ୍ରରୁ ସମୁଦାୟ ୫୨୫ଟି ମାନବ ବିହୀନ ରେଳବାଇ ଲେବଲ କ୍ରସିଂ ହାଟଇଛି।

**ମାନବ ବିହୀନ ଲେଭଲ କ୍ରସିଂ ହଟାଇବାରେ ଉଲ୍ଲେଖନୀୟ ଯୋଗଦାନ**

# ବ୍ୟାଙ୍କ ଅଫ୍ ବରୋଦାର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୨୨-୭**

ବ୍ୟାଙ୍କ ଅଫ୍ ବରୋଦା ଆସେଟ ରିକଭରି ମ୍ୟାନେଜମେଣ୍ଟ ଶାଖା ପକ୍ଷରୁ ୧୧୨ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟ ପ୍ରବନ୍ଧକ ଏନ୍ .କିସ୍‌ପୋଟା, ମୁଖ୍ୟ ପ୍ରବନ୍ଧକ କୁମାର ଗୌତମ, ବରିଷ୍ଠ ପ୍ରବନ୍ଧକ ଅଜୟ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଏକ ବୃଦ୍ଧାଶ୍ରମକୁ ଟିଭି ପ୍ରଦାନ କରାଯାଇଛି। ସେହିଭଳି ଅନ୍ତେବାସୀଙ୍କ ମଧ୍ୟରେ ମିଷ୍ଟାନ୍ନ ମଧ୍ୟ ବଣ୍ଟନ ହୋଇଥିଲା। ଏଥିରେ କୁମାର ଗୌତମ ବ୍ୟାଙ୍କର ବିଭିନ୍ନ ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କକୁ ସଫଳ କରିବା ଦିଗରେ କର୍ମଚାରୀମାନେ ଯୋଗଦାନ ରଖିବା ଉପରେ ମୁଖ୍ୟ ପ୍ରବନ୍ଧକ କାସ୍‌ପୋଟା ଗୁରୁତ୍ୱାରୋପ କରିଥିଲେ।



# ଆଇଏମ୍‌ଏଫ୍‌ର ନୂଆ ମୁଖ୍ୟ ରେସ୍‌ରେ ରାଜନ

**ନୂଆଦିଲ୍ଲୀ,୨୨-୭**

ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍)ର ନୂଆ ମ୍ୟାନେଜିଂ ଡାଇରେକ୍ଟର(ଏମ୍‌ଡି) ରେସ୍‌ରେ ସମସ୍ତଙ୍କ ଆଗରେ ରହିଛନ୍ତି। ଆଇଏମ୍‌ଏଫ୍‌ର ମୁଖ୍ୟ ଭାବେ କୌଣସି ଭାରତୀୟଙ୍କୁ ନିର୍ବାଚିତ କରିବା ଲାଗି ଆଗତ ପ୍ରସ୍ତାବକୁ ବ୍ରିଟେନ ସମର୍ଥନ କରୁ ବୋଲି ବୈଦେଶିକ ମନ୍ତ୍ରଣାଳୟ ଉପରେ ଚାପ ବଢ଼ିବାରେ ଲାଗିଛି ବୋଲି ବ୍ରିଟିଶ ମିଡିଆରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି କାରଣରୁ ରାଜନଙ୍କ ଚୟନ ସମ୍ଭାବନା ଅଧିକ ବଢ଼ିଯାଇଛି।

ସୂଚନାଥାଉ କି, କ୍ରିଷ୍ଟିନ ଲାଗାର୍ଡ ଗତ ସପ୍ତାହରେ ହଠାତ ଆଇଏମ୍‌ଏଫ୍‌ର ଏମ୍‌ଡି ପଦରୁ ଇସ୍ତଫା ଦେବା ପରେ ଏହା ବର୍ତ୍ତମାନ ଖାଲିପଡିଛି। ତାଙ୍କୁ ୟୁରୋପିୟନ ସେଣ୍ଟ୍ରାଲ ବ୍ୟାଙ୍କର ପ୍ରେସିଡେଣ୍ଟ ଭାବେ ୟୁରୋପିୟନ କାଉନସିଲ୍ ଚୟନ କରିଛି। ତେବେ ଲାଗାର୍ଡେଙ୍କ ଇସ୍ତଫା ସେପ୍ଟେମ୍ବର ୧୨ରୁ କାର୍ଯ୍ୟକାରୀ ହେବ।


## ଓଡ଼ିଶା ସରକାର
# ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ
## ଘୋଷଣା

**File No. Spl. L.A. 0.21/18-142** — **Dated 05.07.19**

**No.I-17:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)** ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ବଣୀ, ଥାନା-ଟାଙ୍ଗୀ, ତହସିଲ- ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା-କଟକରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ-ନୀର୍ଗୁଣ୍ଡି ୩ୟ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)** ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **Spl. Rly.-21/18-110** ତା. **10.08.2018**ରିଖରେ ପ୍ରକାଶିତ ହୋଇଅଛି।

କିମ୍ବା

ଏହା ଘୋଷଣା କରାଯାଉଅଛି ଯେ ମୌଜା-ବଣୀ, ଥାନା-ଟାଙ୍ଗୀ, ତହସିଲ-ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା-କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଭୂଅର୍ଜନ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ଓ୍ୱେବ୍‌ସାଇଟରେ ଏବଂ ରାଜ୍ୟ ସରକାରଙ୍କ ଓ୍ୱେବ୍‌ସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳ ପ୍ରକଳ୍ପ, ଚଣ୍ଡିଖୋଲ, (ନୂଆ ସୁଙ୍ଗୁଡା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: ...................... ତହସିଲ: ..............

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ। (ପ୍ରଯୁଜ୍ୟ ନୁହେଁ)

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: ...................... ତହସିଲ: ..............

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୧୦।୦୮।୧୯

**ଜମିର ତାଲିକା**
**ପୂର୍ବତଟ ରେଳପଥର ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିକରଣ ବିବରଣୀ**
**ମୌଜା-ବଣୀ, ଥାନା-ଟାଙ୍ଗୀ, ଥାନା ନଂ. ୪୭, ତହସିଲ-ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା-କଟକ**

**ବ୍ୟକ୍ତିଗତ ଜମି-**

| କ୍ରମିକ ନଂ. | ଖତିୟାନ ନଂ. | ପ୍ଲଟ୍ ନଂ | ରକବା (ଏକରରେ) | ଅଧିଗ୍ରହଣ ରକବା (ଏକରରେ) | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୮୬ | ୧ | ୦.୦୨୦ | ୦.୦୨୦ | ଘରବାରି | ରବିନ୍ଦ୍ର କୁମାର ବେହେରା, ପି: ବାବାଜି ଚରଣ ବେହେରା, ଜାତି: କୈବର୍ତ୍ତ, ଗ୍ରା: ସାମନ୍ତ ସାହି, କେନାଲ ରୋଡ଼, ଥାନା: ପୁରୀଘାଟ, ଜିଲ୍ଲା: କଟକ |
| ୨ | ୮୬ | ୨ | ୦.୧୪୦ | ୦.୧୪୦ | ଘରବାରି | ରବିନ୍ଦ୍ର କୁମାର ବେହେରା, ପି: ବାବାଜି ଚରଣ ବେହେରା, ଜାତି: କୈବର୍ତ୍ତ, ଗ୍ରା: ସାମନ୍ତ ସାହି, କେନାଲ ରୋଡ଼, ଥାନା: ପୁରୀଘାଟ, ଜିଲ୍ଲା: କଟକ |
| ୩ | ୫୦ | ୩ | ୦.୧୦୦ | ୦.୧୦୦ | ଘରବାରି | ବନଦୁର୍ଗା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କାର୍ଡ ସେଣ୍ଟର, ବିଲ୍‌ଡିଙ୍ଗ ପ୍ରେସ ଛକ, ମଧୁପାଟଣା ମାର୍ଫତ ଡାଇରେକ୍ଟର, ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ପି: ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ଜାତି: ବ୍ରାହ୍ମଣ, ଗ୍ରା: ଫ୍ଲାଟ୍ ନଂ-୧୦୨, ଶ୍ୟାମକୁଞ୍ଜ ଆପାର୍ଟମେଣ୍ଟ, ଖାନନଗର, ଥାନା: ମଧୁପାଟଣା, ଜିଲ୍ଲା: କଟକ |
| ୪ | ୧୧୧ | ୪ | ୦.୧୪୦ | ୦.୧୪୦ | ସାରଦ ଜଳ-୨ | ଶାନ୍ତିଲତା ମହାନ୍ତି, ସ୍ୱା: ପ୍ରଫୁଲ୍ଲ କୁମାର ମହାନ୍ତି, ଜାତି: ଖଣ୍ଡାୟତ, ଗ୍ରା: ଉଞ୍ଚପଦା |
| ୫ | ୩୭ | ୫ | ୦.୦୬୦ | ୦.୦୬୦ | ଘରବାରି | ମା' ଦୁର୍ଗା ଥର୍ମାଲ ପାଓ୍ୱାର କମ୍ପାନୀ ଲିମିଟେଡ୍ କାର୍ଡ ସେଣ୍ଟର, ବିଲ୍ଡିଙ୍ଗ ପ୍ରେସ ଛକ, ମଧୁପାଟଣା, ମାର୍ଫତ ଡାଇରେକ୍ଟର ଲୋରାମିତ୍ରା, ରଥ, ସ୍ୱାମୀ- ପ୍ରଶାନ୍ତ ଚନ୍ଦ୍ର ରଥ, ଜାତି: ବ୍ରାହ୍ମଣ, ଗ୍ରା: କଏରାପାରି, ଥାନା: ଟାଙ୍ଗି, ଜିଲ୍ଲା-କଟକ |
| ୬ | ୩୭ | ୭ | ୦.୦୩୦ | ୦.୦୩୦ | ଘରବାରି | ମା' ଦୁର୍ଗା ଥର୍ମାଲ ପାଓ୍ୱାର କମ୍ପାନୀ ଲିମିଟେଡ୍ କାର୍ଡ ସେଣ୍ଟର, ବିଲ୍ଡିଙ୍ଗ ପ୍ରେସ ଛକ, ମଧୁପାଟଣା, ମାର୍ଫତ ଡାଇରେକ୍ଟର ଲୋରାମିତ୍ରା, ରଥ, ସ୍ୱାମୀ- ପ୍ରଶାନ୍ତ ଚନ୍ଦ୍ର ରଥ, ଜାତି: ବ୍ରାହ୍ମଣ, ଗ୍ରା: କଏରାପାରି, ଥାନା: ଟାଙ୍ଗି, ଜିଲ୍ଲା-କଟକ |
| ୭ | ୩୭ | ୧୩ | ୦.୦୬୦ | ୦.୦୬୦ | ଘରବାରି | ମା' ଦୁର୍ଗା ଥର୍ମାଲ ପାଓ୍ୱାର କମ୍ପାନୀ ଲିମିଟେଡ୍ କାର୍ଡ ସେଣ୍ଟର, ବିଲ୍ଡିଙ୍ଗ ପ୍ରେସ ଛକ, ମଧୁପାଟଣା, ମାର୍ଫତ ଡାଇରେକ୍ଟର ଲୋରାମିତ୍ରା, ରଥ, ସ୍ୱାମୀ- ପ୍ରଶାନ୍ତ ଚନ୍ଦ୍ର ରଥ, ଜାତି: ବ୍ରାହ୍ମଣ, ଗ୍ରା: କଏରାପାରି, ଥାନା: ଟାଙ୍ଗି, ଜିଲ୍ଲା-କଟକ |
| ୮ | ୧୧୪ | ୬ | ୦.୧୦୦ | ୦.୧୦୦ | ସାରଦ ଜଳ-୨ | ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ପି: ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ଜାତି: ବ୍ରାହ୍ମଣ, ବାସିନ୍ଦା- ଶ୍ୟାମକୁଞ୍ଜ ଆପାର୍ଟମେଣ୍ଟ ଖାନନଗର, ଥାନା- ମଧୁପାଟଣା, ଜିଲ୍ଲା-କଟକ |
| ୯ | ୫୦ | ୮ | ୦.୦୪୦ | ୦.୦୪୦ | ଘରବାରି | ବନଦୁର୍ଗା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କାର୍ଡ ସେଣ୍ଟର, ବିଲ୍‌ଡିଙ୍ଗ ପ୍ରେସ ଛକ, ମଧୁପାଟଣା ମାର୍ଫତ ଡାଇରେକ୍ଟର, ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ପି: ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ଜାତି: ବ୍ରାହ୍ମଣ, ଗ୍ରା: ଫ୍ଲାଟ୍ ନଂ-୧୦୨, ଶ୍ୟାମକୁଞ୍ଜ ଆପାର୍ଟମେଣ୍ଟ, ଖାନନଗର, ଥାନା: ମଧୁପାଟଣା, ଜିଲ୍ଲା: କଟକ |
| ୧୦ | ୧୧୧ | ୯ | ୦.୧୫୦ | ୦.୧୫୦ | ଚକ | ଶାନ୍ତିଲତା ମହାନ୍ତି, ସ୍ୱା: ପ୍ରଫୁଲ୍ଲ କୁମାର ମହାନ୍ତି, ଜାତି: ଖଣ୍ଡାୟତ, ଗ୍ରାମ: ଉଞ୍ଚପଦା |
| ୧୧ | ୧୪ | ୧୦ | ୦.୧୪୦ | ୦.୧୪୦ | ଘରବାରି | ବନଦୁର୍ଗା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କାର୍ଡ ସେଣ୍ଟର, ବିଲ୍‌ଡିଙ୍ଗ ୩ୟ ମହଲା, ପ୍ରେସ ଛକ, ମଧୁପାଟଣା ମାର୍ଫତ ଡାଇରେକ୍ଟର, ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ପି: ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ଜାତି: ବ୍ରାହ୍ମଣ, ଗ୍ରା: ଫ୍ଲାଟ୍ ନଂ-୧୦୨, ଶ୍ୟାମକୁଞ୍ଜ ଆପାର୍ଟମେଣ୍ଟ, ଖାନନଗର, ଥାନା: ମଧୁପାଟଣା, ଜିଲ୍ଲା: କଟକ |
| ୧୨ | ୬୩ | ୧୧ | ୦.୧୩୦ | ୦.୧୩୦ | ଚକ | ପ୍ରଫୁଲ୍ଲ କୁମାର ମହାନ୍ତି, ପି: ଭ୍ରମରବର ମହାନ୍ତି, ଜାତି: ଖଣ୍ଡାୟତ, ବାସିନ୍ଦା-ଉଞ୍ଚପଦା |
| ୧୩ | ୧୦୫ | ୧୨ | ୦.୯୮୦ | ୦.୫୯୦ | ଚକ | ଶକୁନ୍ତଳା ଲେଙ୍କା, ସ୍ୱା: ଲୋକନାଥ ଲେଙ୍କା, ନିଶା ସାମଲ ସ୍ୱା: ମାଳ ସାମଲ, ଜାତି: ଖଣ୍ଡାୟତ, ଗ୍ରା: ଉଞ୍ଚପଦା |
| ୧୪ | ୮ | ୧୪ | ୦.୦୬୦ | ୦.୦୬୦ | ସାରଦ ଜଳ-୨ | ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ପି: ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ଜାତି: ବ୍ରାହ୍ମଣ, ଗ୍ରାମ: ଶ୍ୟାମକୁଞ୍ଜ ଆପାର୍ଟମେଣ୍ଟ ଖାନନଗର, ଥାନା: ମଧୁପାଟଣା, ଜିଲ୍ଲା-କଟକ |
| ୧୫ | ୨ | ୧୫ | ୦.୪୩୦ | ୦.୪୩୦ | ଚକ | ଇଷ୍ଟର୍ଣ୍ଣ ଇନ୍‌ଫ୍ରା ଇକ୍ୟୁପମେଣ୍ଟ, ପ୍ରା. ଲିମିଟେଡ୍, ଡାଇରେକ୍ଟର ମନୋଜ କୁମାର ପ୍ରଧାନ, ପି: ଉପେନ୍ଦ୍ର ପ୍ରଧାନ, ଜାତି: ଖଣ୍ଡାୟତ, ଗ୍ରା: ମେଟ୍ରୋ ଆଶ୍ରୟ, ଥାନା: ତୁଳସୀପୁର, ଜିଲ୍ଲା-କଟକ |
| ୧୬ | ୯୩ | ୧୭ | ୦.୨୭୦ | ୦.୦୭୦ | ଚକ | ରତ୍ନାକର ନାୟକ, ପି: ଭ ଗବାନ ନାୟକ, ଜାତି: ଖଣ୍ଡାୟତ, ଗ୍ରା: ଉଞ୍ଚପଦା |
| ୧୭ | ୮୭ | ୧୯ | ୦.୧୬୦ | ୦.୧୦୦ | ଘରବାରି | ବନଦୁର୍ଗା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କାର୍ଡ ସେଣ୍ଟର, ବିଲ୍‌ଡିଙ୍ଗ ପ୍ରେସ ଛକ, କଟକ, ମାର୍ଫତ ଡାଇରେକ୍ଟର, ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ପି: ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ଜାତି: ବ୍ରାହ୍ମଣ, ଗ୍ରା: ଫ୍ଲାଟ୍ ନଂ-୧୦୨, ଶ୍ୟାମକୁଞ୍ଜ ଆପାର୍ଟମେଣ୍ଟ, ଖାନନଗର, ଥାନା: ମଧୁପାଟଣା, ଜିଲ୍ଲା: କଟକ |
| ୧୮ | ୩୧ | ୨୧ | ୦.୧୦୦ | ୦.୦୧୦ | ଘରବାରି | ବନଦୁର୍ଗା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କାର୍ଡ ସେଣ୍ଟର, ବିଲ୍‌ଡିଙ୍ଗ, ୩ୟ ମହଲା, ପ୍ରେସ ଛକ, ମଧୁପାଟଣା, ମାର୍ଫତ ଡାଇରେକ୍ଟର, ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ପି: ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ଜାତି: ବ୍ରାହ୍ମଣ, ବାସିନ୍ଦା: ଖାନନଗର, ଥାନା: ମଧୁପାଟଣା, ଜିଲ୍ଲା: କଟକ |
| ୧୯ | ୮୯ | ୧୮ | ୦.୮୮୦ | ୦.୦୧୦ | ଚକ | ମୁରଲୀଧର ସାମଲ, ପି: ଗୁଞ୍ଜ ସାମଲ, ଜାତି: ଖଣ୍ଡାୟତ, ବାସିନ୍ଦା: ଉଞ୍ଚପଦା |
| | | ମୋଟ | ୩.୯୯୦ | ୨.୩୮୦ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କଟକ

24178/14/0004/1920

"ନିକଟରେ ଇଣ୍ଡୋନେସିଆ ଓପନରେ ଟାଇଟଲ ଜିତିପାରି ନ ଥିଲେ ମଧ୍ୟ ଟୁର୍ନାମେଣ୍ଟରେ ମୋ ପ୍ରଦର୍ଶନ ନେଇ ମୁଁ ସନ୍ତୁଷ୍ଟ। ।
**-ପି.ଭି. ସିନ୍ଧୁ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି**



"ୟୁରୋପରେ ୩ ସପ୍ତାହ ମଧ୍ୟରେ ୫ଟି ସ୍ୱର୍ଣ୍ଣ ପଦକ ଜିତିବା ଦ୍ୱାରା ଷ୍ଟାର ସ୍ପ୍ରିଣ୍ଟର ହୀମା ଦାସ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନର ନିକଟତର ହୋଇଛନ୍ତି ।
**-ଭୋଲକର ହରମ୍ୟାନ**
**ଇଣ୍ଡିଆନ ଆଥଲେଟିକ୍ସ ହାଇପରଫର୍ମାନ୍ସ ଡାଇରେକ୍ଟର**



# କଟକରେ ରେକର୍ଡ ରଚିଲା ଭାରତୀୟ ଟିଟି

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକରେ କ୍ଲିନ୍ ସୁଇପ୍

### ଜୀବନର ସବୁଠୁ ବଡ଼ ମୁହୂର୍ତ୍ତ କଟକରେ ପାଇଲି



ଆଜି ଯାଏ ଜାତୀୟ ଟିଟି ଟୁର୍ନାମେଣ୍ଟ ଜିତି ପାରି ନ ଥିଲି। ଗତ ଜାନୁୟାରୀରେ ଏଠାରେ ହୋଇଥିବା ଜାତୀୟ ଟୁର୍ନାମେଣ୍ଟରେ କ୍ୱାର୍ଟର ଫାଇନାଲରେ ଭଲ ଖେଳି ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହେବା ଯୋଗୁ ମନଦୁଃଖ ହୋଇଥିଲା । ଏହି ଟୁର୍ନାମେଣ୍ଟରେ ବାପା, ମା ମୋ ଖେଳ ଦେଖିବାକୁ ଗ୍ୟାଲେରୀରେ ପ୍ରତିଦିନ ଉପସ୍ଥିତ ଥିଲେ । ଏକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ବାପା, ମାଙ୍କ ସମ୍ମୁଖରେ ଚାମ୍ପିୟନ ହେବାର ଖୁସି କଟକରୁ ପାଇଛି । ଯାହା ସାରା ଜୀବନ ମନେ ରହିବ ।

**–ଆହିକା ମୁଖାର୍ଜୀ, ଖେଳାଳି**

### ଲୋକଙ୍କ ଭଲ ପାଇବା ଭୁଲି ହେବନି



ଟୁର୍ନାମେଣ୍ଟରେ ଭାରତ ଯେପରି ପ୍ରଦର୍ଶନ କରିଛି ତାହା ସମସ୍ତଙ୍କୁ ଚକିତ କରିଥିଲା । ଘରୋଇ ପରିବେଶରେ ଭାରତ ଏପରି ପ୍ରଦର୍ଶନ କରିବ ବୋଲି ପୂର୍ବରୁ ଆଶା କରାଯାଉଥିଲା। କିଛି ଦିନ ଭିତରେ ଲୋକଙ୍କ ଭଲପାଇବା ବହୁତ ମିଳିଛି। ଏଠାକାର ପ୍ରଶଂସକମାନେ ମଧ୍ୟ ଏନର୍ଜେଟିକ। ଏ ପରିବେଶରେ ଖେଳିବାର ମଜା ନିଆରା ଥିଲା। ସବୁବେଳେ ଏହି ଟୁର୍ନାମେଣ୍ଟ କଥା ମନରେ ରହିବ ।

**–ଆଲାନ କୁକ, କୋଚ୍, ଇଂଲଣ୍ଡ ଦଳ**
(ରିପୋର୍ଟ: କୁମାରଶ୍ରୀ)

**କଟକ ଅଫିସ,୨୨।୭**

ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟର ସମସ୍ତ ୭ଟି ଯାକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଭାରତ କ୍ଲିନ୍ ସୁଇପ୍ କରିଛି । ଏଥିସହ ଭାରତୀୟ ଟେବୁଲ ଟେନିସ ନୂତନ ରେକର୍ଡ ସୃଷ୍ଟି କରିଛି । ପୂର୍ବରୁ ୨୦୧୫ରେ ସୁରଟରେ ହୋଇଥିବା ରାଜ୍ୟଗୋଷ୍ଠୀ ଟିଟିରେ ଭାରତ ସର୍ବାଧିକ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲା । କଟକର ଏହି ଭେନ୍ୟୁରେ ସ୍ୱର୍ଣ୍ଣ ପଦକ ପୋଛି ନେଇଥିବା ଭାରତୀୟ ଦଳ ମୋଟ ୧୫ଟି ପଦକ ବିଜୟୀ ହୋଇଛି । ଏହା ମଧ୍ୟରେ ୫ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ମଧ୍ୟ ରହିଛି । ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି । ଏହି ଦଳ ମୋଟ ୫ଟି ପଦକ ବିଜୟୀ ହୋଇଥିବା ବେଳେ ଏହା ମଧ୍ୟରେ ୨ଟି ରୌପ୍ୟ, ୩ଟି ବ୍ରୋଞ୍ଜ ସାମିଲ ରହିଛି । ସିଙ୍ଗାପୁର ୬ଟି ବ୍ରୋଞ୍ଜ, ମାଲେସିଆ ଓ ନାଇଜେରିଆ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ରାଜ୍ୟରେ କ୍ରୀଡ଼ାର ଏହି ବିକାଶ ଆଗାମୀ ଦିନରେ ବ୍ୟାପକ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଅତିଥିଭାବେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ପୋଲିସ କମିଶନର ସତ୍ୟଜିତ ମହାନ୍ତି, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ସଚିବ ବିଶାଲ କୁମାର ଦେବ, ନିର୍ଦ୍ଦେଶକ ଭିନିଲ କ୍ରୀଷ୍ଣା, ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଫେଡେରେଶନ ଅଧ୍ୟକ୍ଷ ବିବେକ କୋହଲି, ଭାରତୀୟ ଟିଟି ମହାସଂଘ ସାଧାରଣ ସମ୍ପାଦକ ଏମ୍.ପି. ସିଂ, ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ଟୁର୍ନାମେଣ୍ଟରେ ପୂର୍ବରୁ ମହିଳା ଦଳଗତ, ପୁରୁଷ ଦଳଗତ ଓ ମିକ୍ସଡ ଡବଲ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ଉଦ୍‌ଯାପନୀ ଦିବସରେ ୪ଟି ଇଭେଣ୍ଟର ଫାଇନାଲ ମୁକାବିଲା ଥିଲା। ସମସ୍ତ ବିଭାଗର ଫାଇନାଲକୁ କେବଳ ଭାରତୀୟ ମାନେ ହିଁ ଉତ୍ତୀର୍ଣ୍ଣ ହୋଇଥିଲେ । ଏଣୁ ଫାଇନାଲ ମୁକାବିଲା ପୂର୍ବରୁ ଭାରତ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରି ସାରିଥିଲା । ମହିଳା ଡବଲ୍ସ ଫାଇନାଲରେ ପୂଜା ସହସ୍ରବୁଦ୍ଧି-କୃତିକା ସିହ୍ନା ରାୟଙ୍କର ମୁକାବିଲା ହୋଇଥିଲା ଶ୍ରୀଜା ଆକୁଲା-ମୌସୁମୀ ପଲଙ୍କ ସହ । ଫାଇନାଲରେ ପୂଜା-କୃତିକାଙ୍କ ଯୋଡ଼ି ୧୧-୯, ୧୧-୮, ୯-୧୧, ୧୨-୧୦ରେ ବିଜୟୀ ହୋଇଥିଲେ । ପୁରୁଷ ଡବଲ୍ସ ଫାଇନାଲରେ ଏ.ଅମଲରାଜ ଓ ମାନଭ ଠାକର ହରାଇଥିଲେ ଭାରତର ଭେଟେରାନ ଯୋଡ଼ି ଏ.ଶରଥ କମଲ ଓ ଜି. ସାଥିୟାଁଙ୍କୁ। ୮-୧୧ଗେମରେ ପ୍ରଥମ ପରାଜୟ ପରେ ଅମଲରାଜ-ମାନଭ ପରବର୍ତ୍ତୀ ୩ଟି ଯାକ ଗେମକୁ ୧୧-୬, ୧୩-୧୧, ୧୨-୧୦ରେ ଜିତିଛନ୍ତି। ମହିଳା ସିଙ୍ଗଲ୍ସରେ ଭାରତର ଆହିକା ମୁଖାର୍ଜୀ ନିଜ ଦଳର ସିନିୟର ଖେଳାଳି ମଧୁରିକା ପାଟେକରଙ୍କୁ ୧୧-୬, ୧୧-୪, ୧୧-୯, ୧୯-୧୭ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଯୁବ ପ୍ରତିଭା ହରମିତ ଦେଶାଇ ଜି. ସାଥିୟାଁଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ଟି ସବୁଠାରୁ ରୋମାଞ୍ଚକର ଥିଲା। ୯-୧୧, ୬-୧୧ ଗେମରେ ପ୍ରଥମେ ହରମିତ ପରାସ୍ତ ହୋଇଥିଲେ। ପରବର୍ତ୍ତୀ ୩ଟି ଯାକ ଗେମରେ ହରମିତଙ୍କ ବିଜୟ ହୋଇଥିଲା। ୧୧-୫, ୧୧-୮, ୧୭-୧୫ ଗେମରେ ସେ ଜିତିଥିଲେ। ୬ଷ୍ଠ ଗେମକୁ ସାଥିୟାଁ ୭-୧୧ରେ ଜିତିବା ପରେ ନିର୍ଣ୍ଣାୟକ ଗେମରେ ହରମିତ ୧୧-୯ରେ ବିଜୟୀ ହୋଇଥିଲେ।



ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରୁଛନ୍ତି। ନିକଟରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥିବୃନ୍ଦ ଉପସ୍ଥିତ ଅଛନ୍ତି।

### ସ୍ୱର୍ଣ୍ଣ ବିଜୟୀ

ମହିଳା ଦଳଗତ– ଅର୍ଚ୍ଚନା କାମଥ, ମନିକା ବାତ୍ରା, ମାଧୁରିକା ପାଟେକର
ପୁରୁଷ ଦଳଗତ: ଶରଥ କମଲ, ଜି ସାଥିୟାଁ, ହରମିତ ଦେଶାଇ
ମହିଳା ସିଙ୍ଗଲ୍ସ– ଆହିକା ମୁଖାର୍ଜୀ
ପୁରୁଷ ସିଙ୍ଗଲ୍ସ– ହରମିତ ଦେଶାଇ
ମହିଳା ଡବଲ୍ସ– ପୂଜା ସହସ୍ରବୁଦ୍ଧି, କୃତିକା ସିହ୍ନା
ପୁରୁଷ ଡବଲ୍ସ– ଏ.ଅମଲରାଜ, ମାନଭ ଠାକର
ମିକ୍ସଡ ଡବଲ୍ସ– ଜି ସାଥିୟାଁ, ଅର୍ଚ୍ଚନା କାମଥ

### ପଦକ ତାଲିକା

ଭାରତ: ୭ ସ୍ୱର୍ଣ୍ଣ, ୫ ରୌପ୍ୟ, ୩ ବ୍ରୋଞ୍ଜ
ଇଂଲଣ୍ଡ: ୨ ରୌପ୍ୟ, ୩ ବ୍ରୋଞ୍ଜ
ସିଙ୍ଗାପୁର: ୬ ବ୍ରୋଞ୍ଜ
ମାଲେସିଆ: ୧ ବ୍ରୋଞ୍ଜ
ନାଇଜେରିଆ: ୧ ବ୍ରୋଞ୍ଜ

### ଯୁବ ପ୍ରତିଭାଙ୍କ ଚମକ

ରାଜ୍ୟଗୋଷ୍ଠୀ ଟିଟି କ୍ରୀଡ଼ାରେ ଚମକ ସୃଷ୍ଟି କରିଛନ୍ତି ଯୁବ ପ୍ରତିଭା। ସୋମବାର ଖେଳାଯାଇଥିବା ୪ଟି ଯାକ ଫାଇନାଲ ମୁକାବିଲାରେ ଭେଟେରାନ ଖେଳାଳିଙ୍କୁ ମାତ ଦେଇ ଫାଇନାଲରେ ଯୁବ ପ୍ରତିଭାମାନେ ହିଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଦମଦାର ମୁକାବିଲା ହୋଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ବିଜୟୀ ହୋଇଥିଲେ ଗୁଜରାଟର ପ୍ରତିଭାବାନ ହରମିତ ଦେଶାଇ। ହରମିତ ପରାସ୍ତ କରିଥିଲେ ବିଶ୍ୱ ର୍‍ୟାଙ୍କିଂର ୨୪ତମ ସ୍ଥାନରେ ଥିବା ଭାରତୀୟ ଭେଟେରାନ ଖେଳାଳି ଜି ସାଥିୟାଁଙ୍କୁ। ସେହିପରି ସିଙ୍ଗଲ୍ସ ଫାଇନାଲରେ କଲିକତାର ଆହିକା ମୁଖାର୍ଜୀ ଦୀର୍ଘବର୍ଷର ଅଭିଜ୍ଞତା ରଖିଥିବା ମହାରାଷ୍ଟ୍ରର ମଧୁରିକା ପାଟେକରଙ୍କୁ ମାତ୍ ଦେଇଥିଲେ। ମଧୁରିକା ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଆହିକା ଏ ପର୍ଯ୍ୟନ୍ତ ଜାତୀୟ ସ୍ତରର ଟୁର୍ନାମେଣ୍ଟରେ କେବେ ସ୍ୱର୍ଣ୍ଣ ପଦକ ଜିତି ନଥିଲେ। ନିଜ ପ୍ରତିକ୍ରିୟାରେ ଆହିକା କହିଥିଲେ, ଫାଇନାଲରେ ମଧୁରିକାଙ୍କୁ ପରାସ୍ତ କରିବି ବୋଲି ଭାବି ନଥିଲି । ନିଜର ଶ୍ରେଷ୍ଠ ପ୍ରଦର୍ଶନର ଏହା ଫଳ । ପୁରୁଷ ଡବଲ୍ସରେ ଆଣ୍ଟୋନୀ ଅମଲରାଜ ଓ ମାନଭ ଠାକର ବିପର୍ଯ୍ୟୟ ସୃଷ୍ଟି କରିଥିଲେ । ଏହି ଯୋଡ଼ି ପରାସ୍ତ କରିଥିଲେ ଭାରତର ଶ୍ରେଷ୍ଠ ଦୁଇ ଖେଳାଳି ଶରଥ କମଲ ଓ ଜି ସାଥିୟାଁଙ୍କୁ। ମହିଳା ଡବଲ୍ସରେ ସ୍ୱର୍ଣ୍ଣ ଜିତିଥିବା ପୂଜା ସହସ୍ରବୁଦ୍ଧି ଓ କୃତିକା ସିହ୍ନା ମଧ୍ୟ ପ୍ରଥମ ଥର ନିମନ୍ତେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଚମକିଛନ୍ତି।

### ୨୦୦ ସ୍ଥାନରେ ପଡ଼ିବ ଟିଟି ଟେବୁଲ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେବା ଅବସରରେ ଏକ ନୂତନ ଘୋଷଣା କରିଛନ୍ତି। ରାଜ୍ୟର ୨୦୦ଟି ସ୍ଥାନରେ ଟେବୁଲ ଟେନିସର କ୍ରୀଡ଼ା ଉପକରଣ ଯୋଗାଇ ଦିଆଯିବ। ନିୟମିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବା ସହ ଜିଲା ସ୍ତରରେ ଟିଟିର ବିକାଶ ପାଇଁ କାର୍ଯ୍ୟ ହାତକୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୁବ ଖେଳାଳିଙ୍କ ବିକାଶ କରାଯିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ।



ମହିଳା ଡବଲ୍ସରେ ଯଥାକ୍ରମେ ରୌପ୍ୟ, ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ବିଜୟୀ ପ୍ରତିଯୋଗୀମାନେ ପୋଡିୟମ ଉପରେ ପଦକ ପ୍ରଦର୍ଶନ କରୁଛନ୍ତି।



ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିବାପରେ ଖୁସି ମନାଉଛନ୍ତି ଭାରତର ଆହିକା ମୁଖାର୍ଜୀ।



ପୁରୁଷ ଡବଲ୍ସ ଚାମ୍ପିୟନ ଏ.ଅମଲରାଜ ଓ ମାନଭ ଠାକର।



ଦର୍ଶକଭରା ଗ୍ୟାଲେରି। (ଫଟୋ: ରାଜକିଶୋର ମହାନ୍ତି)

### ୫ଜଣ ହେଲେ ବ୍ରାଣ୍ଡ୍ ଆମ୍ବାସାଡର

ରାଜ୍ୟଗୋଷ୍ଠୀ ଟିଟି ଫେଡେରେଶନ ପକ୍ଷରୁ ଟୁର୍ନାମେଣ୍ଟରୁ ୫ଜଣ ଖେଳାଳିଙ୍କୁ ବଛାଯାଇ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରାଯାଇଛି । ୫ଜଣଙ୍କ ମଧ୍ୟରେ ୨ଜଣ ଭାରତୀୟ ରହିଛନ୍ତି । ଏମାନେ ହେଲେ ଶରଥ କମଲ ଓ ମନିକା ବାତ୍ରା । ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ନାଇଜେରିଆର ଜଣେ ଜଣେ ଖେଳାଳି ରହିଛନ୍ତି । ଅନ୍ୟପକ୍ଷରେ ଶ୍ରୀଜା ଆକୁଲାଙ୍କୁ ଫେୟାର ପ୍ଲେ ଆୱାର୍ଡ ଦିଆଯାଇଥିଲା ।

### ଟୁର୍ନାମେଣ୍ଟର ସଫଳ ଆୟୋଜନ



ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ଘୋଷଣା ଦିନଠାରୁ ବହୁ ଚିନ୍ତିତ ଥିଲୁ । ବିଦେଶୀ ଖେଳାଳିଙ୍କୁ ଆମନ୍ତ୍ରଣ କରି ଏଠାରେ ସେମାନଙ୍କ ସୁବିଧା ସୁଯୋଗ ଯୋଗାଇ ଦେଇ ଏହି ବଡ଼ ଟୁର୍ନାମେଣ୍ଟ କିପରି କରିବୁ ତାହା ଚିନ୍ତାରେ ଥିଲୁ । ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ସବୁ ସଫଳ ହୋଇଛି । ଆୟୋଜନ ନେଇ ଭାରତୀୟ ଟିଟି ମହାସଂଘ ଓ ରାଜ୍ୟ ଟିଟି ସଂଘର ସମସ୍ତ କର୍ମକର୍ତ୍ତାଙ୍କ ପରିଶ୍ରମ ସାର୍ଥକ ହୋଇଛି ।

**– ରବୀନ୍ଦ୍ର କୁମାର ପରିଡ଼ା, ସମ୍ପାଦକ, ରାଜ୍ୟ ଟିଟି ସଂଘ**

# ଫିଫାକୁ ଚିଠି ଲେଖିଲେ ୬ ଆଇ-ଲିଗ୍ କ୍ଲବ

**ନୂଆଦିଲ୍ଲୀ, ୨୨।୭ (ପି.ଟି.)**

ଭାରତୀୟ ଫୁଟ୍‌ବଲ ଏବେ ସଂକଟରେ ଦର୍ଶାଇ ସହାୟତା ପାଇଁ ଫିଫା (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ)ର ସହଯୋଗ ଲୋଡିଛନ୍ତି ମିନର୍ଭା ପଞ୍ଜାବ, ମୋହନ ବାଗାନ ଏବଂ ଇଷ୍ଟବେଙ୍ଗଲ ଭଳି ଆଇ-ଲିଗ୍‌ର କେତେକ ଟପ୍ ଫୁଟ୍‌ବଲ କ୍ଲବ। ଏହି ମର୍ମରେ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କୁ ଯେଉଁ ୬ଟି କ୍ଲବ ଚିଠି ଲେଖିଛନ୍ତି, ସେମାନଙ୍କ ମଧ୍ୟରେ ଚର୍ଚ୍ଚିଲ ବ୍ରଦର୍ସ, ଆଇଜଲ ଏଫ୍‌ସି ଏବଂ ଗୋକୁଲମ୍ କେରଳ ଏଫ୍‌ସି ମଧ୍ୟ ରହିଛନ୍ତି। ମିନର୍ଭା ପଞ୍ଜାବ ମାଲିକ ରଣଜିତ୍ ବଜାଜ ଏହି ଚିଠିରେ ସ୍ୱାକ୍ଷର କରିଛନ୍ତି। ନିକଟ ଭବିଷ୍ୟତରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦେଶର ଶ୍ରେଷ୍ଠ ପ୍ରଫେସନାଲ ଫୁଟ୍‌ବଲ ଲିଗ୍ ମାନ୍ୟତା ପ୍ରଦାନ କରିବାକୁ ଯାଉଥିବା ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ନିକଟରେ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛି। ଏହା

### ସଙ୍କଟରେ ଭାରତୀୟ ଫୁଟ୍‌ବଲ

ଯଦି କାର୍ଯ୍ୟକାରୀ ହୁଏ ତେବେ ୨୦୦୭ରେ ଦେଶର ପ୍ରଥମ ପ୍ରଫେସନାଲ ଫୁଟ୍‌ବଲ ଲିଗ୍‌ର ମାନ୍ୟତା ପାଇ ଆସିଥିବା ଆ-ଲିଗ୍‌କୁ ଦ୍ୱିତୀୟ ପାହ୍ୟା ଲିଗ୍ ବୋଲି ବିବେଚନା କରାଯିବ। ଆଇଏସ୍‌ଏଲର ଜନ୍ମ କିନ୍ତୁ ୨୦୧୩ରେ। ଏଆଇଏଫ୍‌ଏଫ୍ ଏବଂ ଆଇଏମ୍‌ଜି ରିଲାଏନ୍ସ ମଧ୍ୟରେ ୨୦୧୦ରେ ଏକ ମାଷ୍ଟର ରାଇଟ୍ ଏଗ୍ରିମେଣ୍ଟ ଚୁକ୍ତି ସ୍ୱାକ୍ଷର ହୋଇଛି। ତଦନୁସାରେ ଫୁଟବଲ ମହାସଂଘ ଆଇଏସ୍‌ଏଲ୍‌କୁ ଦେଶର ଏକ ନମ୍ବର ପ୍ରଫେସନାଲ ଫୁଟ୍‌ବଲ ଲିଗ୍‌ର ମାନ୍ୟତା ଦେବାକୁ ବିଚାର କରୁଛି। ଭାରତୀୟ ଫୁଟ୍‌ବଲ କିପରି ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଛି ତାହା ବର୍ଣ୍ଣନା କରି ଏହି ଅସନ୍ତୁଷ୍ଟ ଆଇ-ଲିଗ୍ କ୍ଲବଗୁଡ଼ିକ କିଛି ଦିନ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟକୁ ଚିଠି ଲେଖିଥିଲେ।

ଏବେ ସେମାନେ ଏଆଇଏଫ୍‌ଏଫ୍ ଯେଉଁ ଢଙ୍ଗରେ କାର୍ଯ୍ୟକରୁଛି ତାହାର ଏକ ତଦନ୍ତ କରାଯିବା ଲାଗି ଇନ୍‌ଫାଣ୍ଟିନୋଙ୍କୁ ଅନୁରୋଧ କରିଛନ୍ତି। ଫୁଟ୍‌ବଲ ଭାରତ ସମେତ ସମଗ୍ର ବିଶ୍ୱରେ ଏକ ଅନ୍ୟତମ ସବୁଠାରୁ ଲୋକପ୍ରିୟ ଖେଳ। ଜାତୀୟ ମହାସଂଘରେ ସୁ ପ୍ରଶାସନର ଅଭାବ ଯୋଗୁ ଦିନକୁ ଦିନ ଭାରତୀୟ ଫୁଟ୍‌ବଲର ଅଧୋପତନ ଘଟିବାରେ ଲାଗିଛି। ବୋଲି ଚିଠିରେ ଲେଖାଯାଇଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଲିଗ୍ ସମ୍ପର୍କରେ ଦର୍ଶାଇବାକୁ ଯାଇ କ୍ଲବଗୁଡ଼ିକ କହିଛନ୍ତି, ଆଇଏସଏଲ ହେଉଛି ସମ୍ପୂର୍ଣ୍ଣ ଏକ ବ୍ୟବସାୟିକ ଉଦ୍ୟୋଗ। ଏହାର କୌଣସି ପ୍ରାସଙ୍ଗିକତା ନାହିଁ। ଆଇଏସ୍‌ଏଲ୍‌ରେ ବହୁ ସଂଖ୍ୟାରେ ୩୫ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳି ଖେଳିଥାନ୍ତି। ବିଦେଶରେ ଯେଉଁ ଖେଳାଳିମାନେ ଅଲୋଡା ହୋଇପଡ଼ନ୍ତି ସେମାନଙ୍କୁ ଏହି ଟୁର୍ନାମେଣ୍ଟ ଲାଗି ଅନୁବନ୍ଧିତ କରାଯାଇଥାଏ। ଆଇଏସ୍‌ଏଲ ହେଉଛି ଫୁଟ୍‌ବଲରେ ଆଇପିଏଲ୍ ଭଳି। ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଫୁଟ୍‌ବଲର ସ୍ଥାନ ବହୁ ନିମ୍ନରେ ରହିଛି। ଏପରି ସ୍ଥଳେ ଏକ ସମ୍ପୂର୍ଣ୍ଣ କମର୍ସିଆଲ ଲିଗ୍‌କୁ ଦେଶର ସବୁଠାରୁ ସିନିୟର ଲିଗ୍‌ର ମାନ୍ୟତା ପ୍ରଦନା କରାଯିବା କେତେଦୂର ଯଥାର୍ଥ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ ପ୍ରାରମ୍ଭରେ ଏଆଇଏଫ୍‌ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲ ଅସନ୍ତୁଷ୍ଟ ଆଇ-ଲିଗ୍ କ୍ଲବଗୁଡ଼ିକୁ ପ୍ରତିଶ୍ରୁତି ଦେଇ କହିଥିଲେ, ସେମାନଙ୍କ ଭବିଷ୍ୟତ ସୁରକ୍ଷିତ। ଆଇଏସ୍‌ଏଲ୍ ସହିତ ଆଇ-ଲିଗ୍ ଯେପରି ଆହୁରି ୨ରୁ ୩ ବର୍ଷ ବର୍ଷ ପର୍ଯ୍ୟନ୍ତ ଏକ ସଙ୍ଗେ ଚାଲିବ ସେନେଇ ଅନୁମତି ପାଇଁ ଏସିଆନ୍ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି)କୁ ସେ ଅନୁରୋଧ କରିବେ।




Birthday Wish



Divyashree Debarehana
(D.D., Dhana, Guduni)
Khandagiribari, BBSR
Happy birthday to our precious daughter, you are loved today, tomorrow and always !
Best Wishes:
Bou- Minakumari, Maa- Binapani and Mama, Mami.
D-13428

୧୪ତମ ଜନ୍ମଦିନ ଶୁଭେଚ୍ଛା



ସ୍ୱାଗତ ଷଡ଼ଙ୍ଗୀ
ବିଶ୍ୱନାଥପୁର, ସାକ୍ଷୀଗୋପାଳ, ପୁରୀ
ଜଗତର ନାଥ ଜଗନ୍ନାଥଙ୍କର ପାଖରେ ଏତିକି ଅଳି, "ଗୁଲୁ" ଚଲାପଥ କୁସୁମିତ ହେଉ ଦିଅନ୍ତୁ ଆଶିଷ ଢାଳି।
ଶୁଭେଚ୍ଛାସହ:
ସାଙ୍ଗସାଥି, ବନ୍ଧୁ ଓ ପରିବାରବର୍ଗ
ଧ-୧୩୫୪୩

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଆୟେଶା ରାଉତ
ଭୁବନେଶ୍ୱର
ଆଜି ପ୍ରଥମ ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଦୀର୍ଘ ଓ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛୁ।
ଆଶୀର୍ବାଦ ସହ:
କେକେ ବାପା ଓ କେକେ ମା'
ଧ-୬୭୦୨୧

■ ଜେଇ ୱିଲିସନ ଇଣ୍ଟରନ୍ୟାଶନାଲ ସିରିଜ

# ଓଡ଼ିଆ ଝିଅ ଋତୁପର୍ଣ୍ଣାଙ୍କୁ ଡବଲ୍ ଟାଇଟଲ୍

**ନୂଆଦିଲ୍ଲୀ, ୨୨।୭ (ପି.ଟି.)**



ଉଦୀୟମାନ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ଓଡ଼ିଆ ଝିଅ ଋତୁପର୍ଣ୍ଣା ପଣ୍ଡା ଘାନାର ଆକ୍ରାଠାରେ ଅନୁଷ୍ଠିତ ଜେଇ ୱିଲସନ ଇଣ୍ଟରନ୍ୟାଶନାଲ ସିରିଜରେ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଋତୁପର୍ଣ୍ଣା ମିକ୍ସଡ୍ ଡବଲ୍ସ ଓ ମହିଳା ଡବଲ୍ସରେ ଟାଇଟଲ୍ ଜିତି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେହିଭଳି ଶ୍ଲୋକ ରାମଚନ୍ଦ୍ରନ ମଧ୍ୟ ପୁରୁଷ ଓ ମିକ୍ସଡ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି।

ମିକ୍ସଡ୍ ଡବଲ୍ସ ଫାଇନାଲରେ ଋତୁପର୍ଣ୍ଣା ଓ ଶ୍ଲୋକ ଯୋଡ଼ି ୨୧-୧୯, ୨୧-୧୫ ସିଧାସଳଖ ଗେମ୍‌ରେ ଅନ୍ୟତମ ଭାରତୀୟ ଯୋଡ଼ି ଏମ୍‌ଆର୍ ଅର୍ଜୁନ ଓ କେ. ମନୀଷାଙ୍କୁ ପରାସ୍ତ କରିଥିଲେ। ସେହିଭଳି ମହିଳା ଡବଲ୍ସ ଫାଇନାଲରେ ଋତୁପର୍ଣ୍ଣା ମନୀଷାଙ୍କୁ ସାଥୀ କରି ୨୧-୧୧, ୨୧-୧୧ ଗେମ୍‌ରେ ନାଇଜେରିଆର ଡୋରକାସ ଅଜୋକ ଆଡେସୋକାନ ଓ ଉଚେଚୁକ୍ୱୁ ଡେବୋରା ଇକେ ଯୋଡ଼ିଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ପୁରୁଷ ଡବଲ୍ସରେ ଟପ୍ ସିଡ୍ ଶ୍ଲୋକ ଓ ଅର୍ଜୁନ ୨୧-୧୧, ୨୧-୧୨ରେ ନାଇଜେରିଆନ୍ ଯୋଡ଼ି ଗଡ୍‌ୱିନ ଓଲୋଫୁଆ ଓ ଅନୁଓଲୁୱାପୋ ଜୁଓନଙ୍କୁ ମାତ୍ ଦେଇ ଟାଇଟଲ୍ ହାସଲ କରିଥିଲେ। ଅପରପକ୍ଷରେ କଡ଼ା ସଂଘର୍ଷପୂର୍ଣ୍ଣ ପୁରୁଷ ସିଙ୍ଗଲ୍ସ ଟାଇଟଲ୍ ଲଢ଼େଇରେ କିରନ ଜର୍ଜ ୨୫-୨୩, ୨୧-୧୯ରେ ଆଜରବୈଜାନର ଆଡେରେସ୍କି ଦ୍ୱିଚାଓଙ୍କୁ ହରାଇଛନ୍ତି। କିନ୍ତୁ ଭାରତର ମୁଗ୍ଧା ଏଗରେ ମହିଳା ସିଙ୍ଗଲ୍ସ ଫାଇନାଲରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣ ୨୦୧୮ରେ ଭାରତୀୟ ପ୍ରତିଯୋଗୀ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତି ଟେବୁଲ ତାଲିକାର ଶୀର୍ଷରେ ରହିଥିଲା।

# ଅନ୍‌ଅଫିସିଆଲ ସିରିଜ ଜିତିଲା ଭାରତ-ଏ

**ଆଣ୍ଟିଗୁଆ,୨୨।୭**



ଟ୍ରଫି ସହ ସପୋର୍ଟ ଷ୍ଟାଫଙ୍କ ଗହଣରେ ଭାରତ-ଏ ଦଳ।

ରବିବାର ଖେଳାଯାଇଥିବା ଅନ୍ତିମ ତଥା ୫ମ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ଭାରତ ଏ' ଦଳ ୮ ଉଇକେଟରେ ୱେଷ୍ଟଇଣ୍ଡିଜ ଏ'କୁ ହରାଇ ଦେଇଛି। ଏଥିସହିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଭାରତ-ଏ ଦଳ ୪-୧ ବ୍ୟବଧାନରେ ଜିତିନେଇଛି। ୨୩୭ ରନ୍‌ର ଟାର୍ଗେଟ୍‌କୁ ପିଛା କରୁଥିବା ଭାରତ-ଏ ଦଳ ଲାଗି ଋତୁରାଜ ଗାଏକ୍ୱାଡ ଓ ଶୁବମନ ଗିଲ୍‌ଙ୍କ ଓପନିଂ ଯୋଡ଼ି ୧୧.୩ ଓଭରରେ ୧୧୦ ରନ୍ କରିଥିଲେ। କିନ୍ତୁ ଗିଲ୍ (୬୯)ଙ୍କୁ ଆଉଟ୍ କରି ୱେଷ୍ଟଇଣ୍ଡିଜ-ଏ ଦ୍ରୁତ ବୋଲର କିମୋ ପଲ୍ ଭାରତୀୟ ଦଳକୁ ଝଟକା ଦେଇଥିଲେ। ଏହାପରେ ଗାଏକ୍ୱାଡଙ୍କ ସହ ଶ୍ରେୟାସ ଆୟାର ଦ୍ୱିତୀୟ ଉଇକେଟ ପାଇଁ ୧୧୨ ରନ୍ ଭାଗୀଦାରି କରି ବିଜୟକୁ ସହଜ କରି ଦେଇଥିଲେ। ଗାଏକ୍ୱାଡ (୯୯) ଶତକଠାରୁ ଏକ ରନ୍ ଦୂରରେ ଥିବାବେଳେ ଆଉଟ୍ ହୋଇଥିଲେ। ପରେ ଆୟାର ଓ ଅଧିନାୟକ ମନୀଷ ପାଣ୍ଡେ ଭ୍ରମଣକାରୀ ଦଳକୁ ବିଜୟୀ କରାଇଥିଲେ। ଆୟାର ୬୧ ଓ ପାଣ୍ଡେ ୭ ରନ୍ କରି ଅପରାଜିତ ଥିଲେ। ପୂର୍ବରୁ ଦ୍ରୁତ ବୋଲର ନବଦୀପ ସାଇନି, ଦୀପକ ଚହର ଓ ରାହୁଲ ଚହରଙ୍କ ମାପଚୁପ ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ-ଏ ୨୩୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ସୁନୀଲ ଆମ୍ବ୍ରିସ ୬୧ ଓ ଶେର୍ଫାନେ ରଦରଫର୍ଡ ୬୫ ରନ୍ କରିଥିଲେ। ଭାରତ ଏ' ଲାଗି ଦୀପକ, ରାହୁଲ ଓ ନବଦୀପ ୨ ଲେଖାଏ ଉଇକେଟ ନେଇଥିଲେ।

## ପ୍ରଥମ ଥର ଭାରତୀୟ ଦଳରେ ୩ ରାଜସ୍ଥାନ ଖେଳାଳି

**ଜୟପୁର,୨୨।୭:** ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ଭାରତୀୟ ଦଳ ଘୋଷଣା ହୋଇସାରିଛି। ଏହି ଦଳରେ ପ୍ରଥମ ଥର ପାଇଁ ୩ ଜଣ ରାଜସ୍ଥାନ ଖେଳାଳି ସ୍ଥାନ ପାଇଛନ୍ତି। ବାମହାତୀ ପେସର ଖଲିଲ ଅହମ୍ମଦ, ଡାହାଣହାତୀ ସିମର ଦୀପକ ଚହର ଓ ଲେଗ୍ ସ୍ପିନର ରାହୁଲ ଚହର ଭାରତୀୟ ଟି୨୦ ଦଳରେ ସ୍ଥାନ ହାସଲ କରିଛନ୍ତି। ରାଜ୍ୟ ଆସୋସିଏଶନ ବିସିସିଆଇ ଦ୍ୱାରା ବାସନ୍ଦ ଥିବାବେଳେ ୩ ଜଣ ଖେଳାଳି ଜାତୀୟ ଦଳରେ ମନୋନୀତ ହୋଇଛନ୍ତି। ମୋତେ ସୁଯୋଗ ମିଳିଥିବାରୁ ମୁଁ ବହୁତ ଖୁସି। ମୁଁ ଏହାକୁ ଦୀର୍ଘମିଆଦି ସୁଯୋଗ ଭାବେ ଦେଖୁଛି। ଆଗାମୀ ୧୦ବର୍ଷ ପାଇଁ ଭାରତୀୟ ଦଳରେ ସ୍ଥାନ ପକ୍କା କରିବାକୁ ଉଦ୍ୟମ କରିବେ ବୋଲି ଖଲିଲ ଆଣ୍ଟିଗୁଆରୁ ଫୋନ ଯୋଗେ କହିଛନ୍ତି। ସେଠାରେ ସେ ଭାରତ ଏ' ସଦସ୍ୟ ଭାବେ ୱେଷ୍ଟଇଣ୍ଡିଜ ଏ' ବିପକ୍ଷରେ ଅନ୍‌ଅଫିସିଆଲ ସିରିଜ ଖେଳୁଛନ୍ତି। ଦୀପକ ଓ ରାହୁଲ ମଧ୍ୟ ଏହି ଦଳର ଅଂଶ। ୧୯ ବର୍ଷୀୟ ରାହୁଲ ଭାରତୀୟ ଦଳରେ ନୂଆ ମୁହଁ ଭାବେ ସ୍ଥାନ ପାଇଛନ୍ତି। ଏହା ଚହରଙ୍କ ପରିବାର ଲାଗି ବଡ଼ ଗର୍ବର ବିଷୟ। ଆମେ ମନୋନୀତ ହୋଇଛୁ। ଦୀର୍ଘ ସମୟ ଧରି ଆମେ ଏଥିଲାଗି ଅପେକ୍ଷା କରିଥିଲୁ। ଏବେ ଆମ ଅପେକ୍ଷା ଶେଷ ହେଲା ବୋଲି ଦୀପକଙ୍କ ଭଉଣୀ ମାଳତି ଚହର କହିଛନ୍ତି।

# କୋଚ୍ ନ ଥିବାରୁ ପ୍ରଦର୍ଶନ ପ୍ରଭାବିତ ହୋଇଛି: ଅଚନ୍ତ

**ନୂଆଦିଲ୍ଲୀ,୨୨।୭(ପିଟି):** ଟୋକିଓ ଅଲିମ୍ପିକ୍ସକୁ ପୂର୍ବରୁ ଭାରତୀୟ ଟେବୁଲ ଟେନିସ ଦଳ ହାତରେ ପ୍ରସ୍ତୁତି ପାଇଁ ଆଉ ମାତ୍ର ବର୍ଷେ ସମୟ ରହିଛି। କିନ୍ତୁ ଦଳର ନୂଆ ବିଦେଶୀ କୋଚ୍ ଡେଜାନ ପାପିକ ଏପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳି ନାହାନ୍ତି। ଏହା ଭାରତୀୟ ଦଳର ଅଲିମ୍ପିକ୍ସ ଇଭେଣ୍ଟ ପ୍ରସ୍ତୁତିରେ ବାଧା ସାଜିଛି। ମାର୍ଚ୍ଚରେ ଭାରତୀୟ ଟେବୁଲ ଟେନିସ ଫେଡେରେଶନ (ଟିଟିଏଫ୍‌ଆଇ) ପାପିକ୍‌ଙ୍କୁ ନୂଆ ବିଦେଶୀ କୋଚ୍ ଭାବେ ନିଯୁକ୍ତ କରିଥିଲା। ତାଙ୍କ ପୂର୍ବରୁ ମାସିମୋ କୋନ୍‌ଷ୍ଟାଣ୍ଟିନି ଏହି ଦାୟିତ୍ୱରେ ଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଗତ ବର୍ଷ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ କାର୍ଯ୍ୟକାଳରେ ଭାରତ ଐତିହାସିକ ପ୍ରଦର୍ଶନ କରିଥିଲା। ଗୋଲ୍ଡକୋଷ୍ଟଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଜାକର୍ତ୍ତା ଏସିଆନ୍ ଗେମ୍ସରେ ଭାରତ ୬୦ ବର୍ଷର ଅପେକ୍ଷାର ଅନ୍ତ କରିଥିଲା। ମାସିମୋ ପାରିବାରିକ ସମସ୍ୟା ଯୋଗୁ ସ୍ୱଦେଶ ଫେରିଗଲେ। ତାଙ୍କ ପରେ ଜଣେ କୋଚ୍‌ଙ୍କୁ ନିଯୁକ୍ତ କରାଯାଇଛି, ହେଲେ ସେ କେବେ ଜାତୀୟ ଦଳରେ ଯୋଗଦେବେ ଆମକୁ ଜଣା ନାହିଁ। ଜଣେ କୋଚ୍‌ଙ୍କ ବିନା ଅଲିମ୍ପିକ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ଲାଗି ପ୍ରସ୍ତୁତ ହେବା କଷ୍ଟକର। ଜି. ସାଥିୟାଁ ଓ ମନିକା ବାତ୍ରା ଭଲ ପ୍ରଦର୍ଶନ କରୁଛନ୍ତି। ଆମେ ନିଜେ ଟ୍ରେନିଂ କରୁଛୁ। ତେବେ ଡବଲ୍ସ ବର୍ଗ ପାଇଁ ଆମକୁ ସ୍ପେଶାଲିଷ୍ଟ କୋଚ ଦରକାର। ମିକ୍ସଡ୍ ଡବଲ୍ସ ଆମ ପାଇଁ ସମସ୍ୟା ହୋଇଯାଇଛି ବୋଲି ବୋଲି ଦେଶର ଅଗ୍ରଣୀ ଟିଟି ଖେଳାଳି ଏ. ଶରଥ କମାଲ କହିଛନ୍ତି। ପାପିକ ବିଶ୍ୱ ବ୍ୟକ୍ତିଗତ ଚାମ୍ପିୟନଶିପବେଳେ ଦଳର ସିନିୟର ଖେଳାଳିଙ୍କ ସହ ଆଲୋଚନା କରିଥିଲେ। ସେ ଚଳିତ ମାସରେ ଦଳରେ ଯୋଗଦେବେ ବୋଲି ଆଶା କରାଯାଉଛି।

## ଉମେଶ ମେମୋରିଆଲ ଚେସ୍ ୨୭ରୁ

**ଭୁବନେଶ୍ୱର, ୨୨।୭ (କ୍ରୀଡ଼ା ପ୍ରତିନିଧି):** ଉମେଶ ଚନ୍ଦ୍ର ମିଶ୍ର ମେମୋରିଆଲ ଚେସ୍‌ର ୭ମ ସଂସ୍କରଣ ଚଳିତମାସ ୨୭ ତାରିଖରୁ ଆରମ୍ଭ ହେବ। ଚେସ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତା ପାଇଁ ୨୫୦ ଟଙ୍କାର ଏଣ୍ଟ୍ରି ଫି ରଖା ଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ମଙ୍ଗଳବାରଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଆୟୋଜନସ୍ଥଳ ହୋଟେଲ ଅନ୍ନପୂର୍ଣ୍ଣାଠାରେ ନାମ ପଞ୍ଜୀକରଣ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ସବିତା ତ୍ରିପାଠୀ ପ୍ରକାଶ କରିଛନ୍ତି। ପ୍ରଦର୍ଶନ ଭିତ୍ତିରେ ମୋଟ ୨୫ ଜଣଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଚାମ୍ପିୟନ, ରନର୍ସଅପ୍ ଓ ତୃତୀୟ ସ୍ଥାନ ହାସଲକାରୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫,୦୦୦, ୪୦୦୦ ଓ ୩୦୦୦ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ୧୦, ୧୪ ଓ ୧୬ ବର୍ଷରୁ କମ୍ ଶ୍ରେଷ୍ଠ ୩ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ଶ୍ରେଷ୍ଠ ଭେଟେରାନ ଏବଂ ମହିଳା ଖେଳାଳିଙ୍କୁ ମଧ୍ୟ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି।

## ପାକିସ୍ତାନକୁ ଶ୍ରେଷ୍ଠ ଦଳରେ ପରିଣତ କରାଯିବ

**ୱାଶିଂଟନ,୨୨।୭(ପି.ଟି.):** ପରବର୍ତ୍ତୀ ବିଶ୍ୱକପ ପୂର୍ବରୁ ପାକିସ୍ତାନ ବିଶ୍ୱର ଶ୍ରେଷ୍ଠ ଦଳ ହେବ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ତଥା ୧୯୯୨ବିଶ୍ୱକପ୍ ବିଜୟୀ ଅଧିନାୟକ ଇମ୍ରାନ ଖାନ କହିଛନ୍ତି। ତିନିଦିନିଆ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତରେ ଥିବା ଇମ୍ରାନ ପାକିସ୍ତାନ-ଆମେରିକୀୟ ସମୁଦାୟଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍ ଶେଷ ହେବା ପରେ ସେ ପାକିସ୍ତାନକୁ ଶ୍ରେଷ୍ଠ ଦଳ ଭାବେ ପରିଣତ କରିବା ପାଇଁ କିଛି ଯୋଜନା ପ୍ରସ୍ତୁତ କରିଥିବା ସୂଚନା ଦେଇଛନ୍ତି। ପାକିସ୍ତାନ ଦଳର ଉନ୍ନତି ପାଇଁ ସେ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି। ଦଳରେ କିଛି ଭଲ ଖେଳାଳିଙ୍କୁ ସାମିଲ କରି ଆଗାମୀ ୨୦୨୩ ବିଶ୍ୱକପ ବେଳକୁ ଏହି ଟିମ୍ ବିଶ୍ୱର ଶ୍ରେଷ୍ଠ ଦଳ ଭାବେ ପରିଣତ ହୋଇ ସାରିଥିବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ବିଶ୍ୱକପ୍‌ରେ ପାକିସ୍ତାନ ଲିଗ୍ ପର୍ଯ୍ୟାୟରେ ୯ଟି ମ୍ୟାଚରୁ ୫ଟିରେ ବିଜୟୀ ହୋଇଥିବାବେଳେ ଏହି ଟିମ୍‌ର ଅନ୍ୟ ଗୋଟିଏ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ଲିଗ୍‌ରେ ପାକିସ୍ତାନ ୧୧ ପଏଣ୍ଟ ହାସଲ କରି ନ୍ୟୁଜିଲାଣ୍ଡ ସହ ରହି ସମାନ ପଏଣ୍ଟ ପାଇଥିଲା। ମାତ୍ର ଉନ୍ନତ ରନରେଟରେ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ପାକିସ୍ତାନକୁ ନିରାଶ ହେବାକୁ ପଡ଼ିଥିଲା। ତେବେ ବିଶ୍ୱକପ୍‌ରୁ ପାକିସ୍ତାନ ବିଦାୟ ନେବା ପରେ ସେ ଏହି ଦଳର ଉନ୍ନତି ପାଇଁ ମନସ୍ଥ କରିଥିଲେ ବୋଲି ଇମ୍ରାନ କହିଛନ୍ତି।

# ମୁରଲୀଧରନଙ୍କ ବାୟୋପିକ୍ '୮୦୦'ରେ ବିଜୟ

**ନୂଆଦିଲ୍ଲୀ, ୨୨।୭:** କିମ୍ବଦନ୍ତୀ ଶ୍ରୀଲଙ୍କା ସ୍ପିନର ମୁଥିଆ ମୁରଲୀଧରନଙ୍କ ଆତ୍ମଜୀବନୀ ଉପରେ ଏକ ଫିଲ୍ମ ପ୍ରସ୍ତୁତ ହେବାକୁ ଯାଉଛି, ଯାହାର ଟାଇଟଲ୍ '୮୦୦' ରଖାଯାଇଛି। ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିର ସୁପର୍ ଷ୍ଟାର୍ ବିଜୟ ସେଥୁପାଥି ଏଥିରେ ମୁରଲୀଧରନଙ୍କ ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି କେତେକ ଶ୍ରୀଲଙ୍କା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ୪୭ ବର୍ଷୀୟ ଏହି ଭେଟେରାନ ସ୍ପିନର ଟେଷ୍ଟ କ୍ୟାରିୟରରେ ମୋଟ୍ ୮୦୦ ଉଇକେଟ୍ ଅକ୍ତିଆର କରିଥିବାରୁ ଫିଲ୍ମର ନାମକରଣ ଏହିଭଳି କରାଯାଇଛି।

୧୯୭୨ରେ କାଣ୍ଡିରେ ଜନ୍ମଗ୍ରହଣ କରିଥିବା ମୁଥିୟା ଦୁଇ ଦଶନ୍ଧିର ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟରେ ୧୩୩ ଟେଷ୍ଟ, ୩୫୦ ଦିନିକିଆ ଓ ୧୨ ଟି୨୦ରେ ଶ୍ରୀଲଙ୍କା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ବିଶ୍ୱର ଶ୍ରେଷ୍ଠ ସ୍ପିନର ଆଖ୍ୟା ପାଇଥିବା ମୁରଲୀଧରନ ଟେଷ୍ଟରେ ୮୦୦ ଉଇକେଟ୍ ଅକ୍ତିଆର କରି ସର୍ବକାଳୀନ ଶ୍ରେଷ୍ଠ ବୋଲର ଆଖ୍ୟା ପାଇଛନ୍ତି। ସେହିଭଳି ଦିନିକିଆରେ ୫୩୪ ଓ ଟି୨୦ରେ ୧୩ ସହ ୩ଟି ଯାକ ଫର୍ମାଟ୍‌ରେ ମୋଟ୍ ଉପରେ ସେ ୧,୨୪୭ ଉଇକେଟ୍ ଅକ୍ତିଆର କରିଛନ୍ତି। ୧୯୯୬ରେ ଶ୍ରୀଲଙ୍କାକୁ ବିଶ୍ୱ ବିଜୟୀ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହି ଫିଲ୍ମର ଶୁଟିଂ ଆସନ୍ତା ଡିସେମ୍ବରରୁ ଶ୍ରୀଲଙ୍କା ସମେତ ଭାରତ, ଇଂଲଣ୍ଡ ସମେତ ବିଶ୍ୱର ଅନ୍ୟକିଛି ସ୍ଥାନରେ ହେବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି।

■ ଦୃଷ୍ଟିହୀନ କ୍ରିକେଟ, ଭାରତ ସିରିଜ ବିଜୟୀ

# ଅଜୟଙ୍କ ଦ୍ୱିଶତକ, ଦୁର୍ଗାଙ୍କ ଶତକ



ଅଜୟ ରେଡ୍ଡୀ



ଦୁର୍ଗା ରାଓ

**ଭୁବନେଶ୍ୱର, ୨୨।୭(କ୍ରୀଡ଼ା ପ୍ରତିନିଧି)**

କାରିବିୟନ ଗସ୍ତରେ ଥିବା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ବିଜୟ ସହ ଏହାର ଅଭିଯାନ ଆରମ୍ଭ କରିଛି। ଅଧିନାୟକ ଅଜୟ ରେଡ୍ଡୀଙ୍କ ଅପରାଜିତ ଦ୍ୱିଶତକ ଏବଂ ଦୁର୍ଗା ରାଓଙ୍କ ଅପରାଜିତ ଶତକ ସହାୟତାରେ ଭାରତ ସୋମବାର ଅନୁଷ୍ଠିତ ଦ୍ୱିତୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚରେ ଜାମାଇକାକୁ ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ହୋଇ ଭାରତ ସିରିଜ ବିଜୟୀ ହୋଇଛି। ଟସ୍ ଜିତି ଜାମାଇକା ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଜାମାଇକା ବୋଲରମାନେ ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଶୀଘ୍ର ୨ଟି ଉଇକେଟ ଖସାଇ ଦେଇଥିଲେ। ମାତ୍ର ଅଧିନାୟକ ଅଜୟ ରେଡ୍ଡୀ ୧୧୨ ବଲ୍‌ରୁ ୨୧୪ ଏବଂ ଦୁର୍ଗା ରାଓ ୮୭ ବଲ୍‌ରୁ ୧୩୪ ରନ ସଂଗ୍ରହ କରିବା ସହ ଅପରାଜିତ ରହି ଅସମାପ୍ତ ୩ୟ ଉଇକେଟରେ ୩୯୩ ରନ ଯୋଗକରି ୩୩ ଓଭରରେ ଭାରତୀୟ ସ୍କୋରକୁ ୪୧୫ରେ ପହଞ୍ଚାଇ ଦେଇଥିଲେ। ୪୧୬ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଜାମାଇକା ୩୧.୫ ଓଭରରେ ୨୩୬ ରନ କରି ଅଲଆଉଟ ହୋଇ ଯାଇଥିଲା। ଫଳରେ ଭାରତ ୧୭୯ ରନରେ ବିଜୟୀ ହୋଇଥିଲା। ଜାମାଇକା ପକ୍ଷରୁ ଶିମ୍ ସର୍ବାଧିକ ୪୭ ଓ ଷ୍ଟିୱାର୍ଟ ୪୦ ରନ ସ୍କୋର କରିଥିଲେ। ଦିନିକିଆ ସିରିଜରେ ଆଉ ଗୋଟିଏ ମ୍ୟାଚ ବାକିଥିବାବେଳେ ୨ ଦିନର ବିଶ୍ରାମ ପରେ ଉଭୟ ଦଳ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ।

### ସଂକ୍ଷିପ୍ତ ସ୍କୋର

- ଭାରତ ୩୩ ଓଭରରେ ୪୧୫/୨(ଅଜୟ ରେଡ୍ଡୀ-୨୧୪*, ଦୁର୍ଗା ରାଓ-୧୩୪*, ଷ୍ଟିୱାର୍ଟ-୧/୪୦)।
- ଜାମାଇକା ୩୧.୫ ଓଭରରେ ୨୩୬/ଅଲଆଉଟ(ଶିମ୍-୪୭, ଷ୍ଟିୱାର୍ଟ-୪୦, ରିକେଟ୍ସ-୩୪, ଅଜୟ-୪/୨୯, ସୁନୀଲ-୧/୧୨, ଅମୋଲ-୧/୨୫, ଜାଫର-୧୨୪)।

ମ୍ୟାନ ଅଫ୍ ଦି ମ୍ୟାଚ ଅଜୟ ରେଡ୍ଡୀ

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କେଦାରନାଥ ମିଶ୍ର
ଶିରିପୁର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୦।୧୯୩୮
ତିରୋଧାନ: ୦୨।୦୮।୨୦୧୮
ହେ ପୁଣ୍ୟାତ୍ମା, ଆପଣଙ୍କ ଆକସ୍ମିକ ବିୟୋଗରେ ଆମେ ଅତୀବ ମର୍ମାହତ। ଆପଣଙ୍କ ଉଚ୍ଚ ଜୀବନାଦର୍ଶ, ସାମାଜିକ ଓ ସାଂସ୍କୃତିକ ଜୀବନ ଚୀର ଜାଜ୍ଜ୍ୱଲ୍ୟମାନ। ଆଜି ପବିତ୍ର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ସହ ପ୍ରଭୁ ଆପଣଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ- ଶାନ୍ତିଲତା, ପୁତ୍ର- ବାବୁ, ବୋହୂ- ଶତରୂପା, କନ୍ୟା- ମାମା, ଜାମାତା- ନୃସିଂହ, ନାତୁଣୀ- ପେପି, କୁନୁ, ମୁନୁ, ନାତି- ବୁବୁଙ୍କ ସହ ବନ୍ଧୁ ଓ ପରିବାରବର୍ଗ
ଧ-୧୩୫୫୧

ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଆର୍ତ୍ତ ପଣ୍ଡା
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ
ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା, ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୫୯୮୬୪

ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ମନମୋହନ ପଟ୍ଟନାୟକ
ଜଗନ୍ନାଥବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ୧୬।୦୭।୨୦୦୬
(ଶ୍ରାବଣ କୃଷ୍ଣପକ୍ଷ ଷଷ୍ଠୀ ତିଥି)
ସମୟର ସ୍ରୋତରେ ଚାହୁଁ ଚାହୁଁ ୧୩ବର୍ଷ ବିତିଗଲା, ଆପଣଙ୍କର ଦିବ୍ୟ ସତ୍ତାକୁ ଅନୁଭବ କରି ଆଜି ସପରିବାର ଆପଣଙ୍କର ଆଶିଷ ଭିକ୍ଷା କରି ଅଶ୍ରୁଳ ଶ୍ରଦ୍ଧାସୁମନ ଅର୍ପଣ କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ସ୍ତ୍ରୀ- ଝୁନୁ, ପୁଅ- ଟାଟୁ, ସାନୁ, ନାନୁ, ବୋହୂ- ରୁନୁ, ଜିନୁ, ଲିନୁ ଏବଂ ନାତୁଣୀନାତିମାନେ।
ଧ-୬୭୦୨୦

୭ମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦଣ୍ଡପାଣି ନାୟକ
ପ୍ରଧାନ ଶିକ୍ଷକ, ହରିସହଦେବ ଉ:ପ୍ରା. ବିଦ୍ୟାଳୟ, ଶୀତଳପଦା, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୧୦।୦୧।୧୯୬୭
ତିରୋଧାନ: ୨୩।୦୭।୨୦୧୨
ଦୀର୍ଘ ସାତବର୍ଷ ହେଲା ଆମକୁ ଛାଡ଼ି ଚାଲିଗଲ। ପ୍ରତିଟି ମୁହୂର୍ତ୍ତରେ ତୁମ ସ୍ମୃତି ମନେପଡି ବେସାହାରା ଲାଗୁଛି। ପ୍ରଭୁଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ଆଲଫା, ବିଟା, ହରିସହଦେବ ଉ:ପ୍ରା. ସ୍କୁଲର ଶିକ୍ଷକ, ଶିକ୍ଷିକା ଓ ଛାତ୍ର ଛାତ୍ରୀ
ଧ-୬୩୭୮୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୩/୨୦୧୯ Bhubaneswar, Tuesday, July 23/ 2019




ଜମିହରା କୃଷକ ଏକତା ମଞ୍ଚରେ ବିବାଦ

# ରାଜନୈତିକ ଫାଇଦା ପାଇଁ ବ୍ୟବହାର ହେଉଛି ସଙ୍ଗଠନ

**■ଇସ୍ତଫା ଦେଲେ ଉପଦେଷ୍ଟା ପ୍ରକାଶ ତ୍ରିପାଠୀ**

**■ଖବରଦାତା ସମ୍ମିଳନୀରେ ବାପିଙ୍କୁ ସମାଲୋଚନା**

କୁଜଙ୍ଗ,୨୨।୭(ସ୍ୱ.ପ୍ର.)

ପାରଦୀପ ତୈଳ ବିଶୋଧନାଗାର ପାଇଁ ଜମି ହରାଇଥିବା ୧୭୫୨ ପରିବାରଙ୍କୁ ନେଇ ଗଠିତ ଜମିହରା କୃଷକ ଏକତା ମଞ୍ଚରେ ଏବେ ବିବାଦ ଦେଖାଦେଇଛି। ଏହି ମଞ୍ଚ ଏବେ ରାଜନୈତିକ ଫାଇଦା ନିମନ୍ତେ ବ୍ୟବହାର କରାଯାଉଥିବା ଅଭିଯୋଗ କରି ଏହାର ଉପଦେଷ୍ଟା ପ୍ରକାଶ ତ୍ରିପାଠୀ ଇସ୍ତଫା ଦେଇଛନ୍ତି। ଏଥିସହ ସୋମବାର ସନ୍ଧ୍ୟାରେ କୁଜଙ୍ଗଠାରେ ଏକ ଖବରଦାତା ସମ୍ମିଳନୀ କରି ସେ ମଞ୍ଚର ଦୁରୂପଯୋଗ କରାଯାଉଥିବା ଅଭିଯୋଗ କରିବା ସହ କଂଗ୍ରେସ ନେତା ବାପି ସର୍ଖେଲଙ୍କୁ ସମାଲୋଚନା କରିଛନ୍ତି। ୧୭୫୨ ପରିବାର ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ୬ ବର୍ଷ ଧରି ପୋସ୍କୋ ବିରୋଧୀ ନେତା ଅଭୟ କୁମାର ସାହୁ, ସାରଦା ଜେନା ଓ ତାଙ୍କ ନେତୃତ୍ୱରେ ଆନ୍ଦୋଳନ ଚଳାଇଥିଲେ। ଇତିମଧ୍ୟରେ ୬ ଥର ଧାରଣା ଓ ଆନ୍ଦୋଳନ ହୋଇଛି। ୨୦୧୮ ମେ ପହିଲାରୁ ୧୮ ଦିନଧରି ଜମିହରା ପରିବାର ତୈଳ ବିଶୋଧନାଗାର ଫାଟକ ଆଗରେ ଧାରଣା ଦେଇଥିଲେ। ଫଳରେ ପ୍ରଥମକରି ପାରାଦୀପ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ଠିକାସଂସ୍ଥାରେ ଜମିହରାଙ୍କୁ ଚାକିରି ଦେବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ସେବେଠାରୁ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ସେତେବେଳେ ବାପି ଏହି ମଞ୍ଚ ନାମରେ ଏକ ସମାନ୍ତରାଳ ସଙ୍ଗଠନ ସୃଷ୍ଟି କରିଥିଲେ। ତାଙ୍କୁ ସଙ୍ଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା।

ମାତ୍ର ଗତ ନିର୍ବାଚନରେ ବାପି କଂଗ୍ରେସର ବିଧାୟକ ପ୍ରାର୍ଥୀ ହେବାରୁ ଭୋଟ ଆଶାରେ ସଙ୍ଗଠନର ଦ୍ୱାରସ୍ଥ ହୋଇଥିଲେ। ସଙ୍ଗଠନର ଛାମୁଆ ନେତାଙ୍କୁ ହାତ କରି ସେ ସଙ୍ଗଠନର କାର୍ଯ୍ୟକ୍ରମରେ ହସ୍ତକ୍ଷେପ କରିଥିଲେ। ଏପରିକି ଗତ ୨୪।୦୬।୧୯ରୁ ୨୫ ଦିନ ଧରି ବିଶୋଧନାଗାର ଆଗରେ ଆନ୍ଦୋଳନ କରାଯାଇଥିଲା। ଏହି ଆନ୍ଦୋଳନ ଫଳ ଶୂନ୍ୟ ହୋଇଛି ଓ ଏଥିଯୋଗୁ ବିଶୋଧନାଗାର ପୂର୍ବରୁ ଯେଉଁ ଚୁକ୍ତି କରିଥିଲା ତାହା କାର୍ଯ୍ୟକାରୀ ହେବାରେ ବାଧା ସୃଷ୍ଟି ହୋଇଛି ବୋଲି ତ୍ରିପାଠୀ ଅଭିଯୋଗ କରିଛନ୍ତି। ତେଣୁ ବାଧ୍ୟହୋଇ ସେ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ସେ ଆନ୍ଦୋଳନ ପାଇଁ ତିନୋଟି ମକଦ୍ଦମାରେ ଛନ୍ଦି ହୋଇଥିବାବେଳେ ଜମିହରା ୧୭୫୨ ପରିବାରଙ୍କ ହାତ ଛାଡ଼ିବେ ନାହିଁ ବୋଲି କହିଛନ୍ତି। ସେମାନଙ୍କ ପାଇଁ ନିଜର ସ୍ୱତନ୍ତ୍ର ସଙ୍ଗଠନ କରି ଆନ୍ଦୋଳନ ଆଗେଇ ନେବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସଙ୍ଗଠନର ଅନ୍ୟତମ ଉପଦେଷ୍ଟା ସାରଦା ଜେନା ଏବେ ନୀରବତା ଅବଲମ୍ବନ କରୁଛନ୍ତି। ୧୭୫୨ ପରିବାର ମଧ୍ୟରୁ ଅନେକ ପରିବାର ସଙ୍ଗଠନ ଛାଡ଼ି ଶାସକ ଦଳ ପକ୍ଷରୁ ଗଠନ ହୋଇଥିବା ଏକ ସଙ୍ଗଠନରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ବାପିଙ୍କ ମତାମତ ମିଳିପାରିନାହିଁ। ଜମିହରା କୃଷକ ଏକତା ମଞ୍ଚର ସଭାପତି ନବୀନ ପ୍ରଧାନ କହିଛନ୍ତି ଯେ, ଇସ୍ତଫା ପ୍ରସଙ୍ଗରେ ମଞ୍ଚର କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯିବ। ତେବେ ଅନ୍ୟ କୌଣସି ମତାମତ ଦେବାକୁ ସେ ମନା କରିଦେଇଛନ୍ତି।

# ମହିଳାଙ୍କ ତଣ୍ଟି କାଟି ହତ୍ୟା: ଯାଆ, ଶାଶୁ ଗିରଫ

ବିଞ୍ଝାରପୁର/ସିଂହପୁର, ୨୨।୭(ଡି.ଏନ.ଏ)

ବିଞ୍ଝାରପୁର ଥାନା ବାଙ୍ଗରା ପଞ୍ଚାୟତ ଗୁଣ୍ଡୁରୀପଡା ଗ୍ରାମର ବିଲସାହିରେ ସୋମବାର ଜଣେ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମହିଳାଙ୍କୁ ତାଙ୍କ ଶାଶୁଘର ଘର ଲୋକେ ତଣ୍ଟି କାଟି ହତ୍ୟା କରିଥିବା ବାପଘର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୬୪/୧୯) ରୁଜୁ କରି ଯାଆ ଓ ଶାଶୁଙ୍କୁ ଗିରଫ କରିଛି। ମୃତ ମହିଳା ମଙ୍ଗଳପୁର ଥାନା ଶୁଶୁଆ ପଞ୍ଚାୟତ ହୀରାପୁର ଗ୍ରାମର ଦାମୋଦର ଦଳାଇଙ୍କ ଝିଅ ରୀତା (୨୭) ହୋଇଥିବାବେଳେ ଗିରଫ ଯାଆ ଶାନ୍ତିଲତା ଦଳାଇ ଓ ଶାଶୁ ଦେବକୀ ଦଳାଇ ବୋଲି ଜଣାପଡ଼ିଛି। ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ ତଥା ପାରିବାରିକ କଳହକୁ କେନ୍ଦ୍ର କରି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ରୀତା ୪ବର୍ଷ ପୂର୍ବେ ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଗୁଣ୍ଡୁରୀପଡା ଗ୍ରାମ ବିଲସାହିର ଦିଗାମ୍ବର ଦଳାଇ (୩୮)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଦିଗାମ୍ବର ଗୁଜୁରାଟରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ମାତ୍ର ସେ ଯେବେ ବି ଘରକୁ ଆସୁଥିଲେ ପରିବାର ଲୋକଙ୍କ ସହ ମିଶି ରୀତାଙ୍କୁ ନିର୍ଯାତନା ଦେଉଥିଲେ। ୨ମାସ ତଳେ ଦିଗାମ୍ବରଙ୍କର ପରକୀୟା ପ୍ରୀତି ରହିଥିବା ରୀତା ଅଭିଯୋଗ କରିବାରୁ ସ୍ୱାମୀ, ଯାଆ ଓ ଶାଶୁଙ୍କ ସହିତ ତାଙ୍କର ଝଗଡ଼ା ହୋଇଥିଲା। ଏପରିକି ଏହି ଘଟଣା ଗାଁ ଲୋକଙ୍କ ସହାୟତାରେ ସମାଧାନ ହୋଇଥିଲା। ଏହାସତ୍ତ୍ୱେ ଶାଶୁଘର ଲୋକେ ରୀତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ତେବେ ରବିବାର ବିଳମ୍ବିତ ରାତିରେ ସ୍ୱାମୀଙ୍କ ଅନୁପସ୍ଥିତିରେ ଯୋଜନାବଦ୍ଧ ଭାବେ ଯାଆ ଓ ଶାଶୁ ରୀତାଙ୍କ ଗଳାକାଟି ହତ୍ୟା କରିଥିଲେ। ଏ ନେଇ ରୀତାଙ୍କ ବାପା ଦାମୋଦର ଥାନାରେ ଅଭିଯୋଗ କରିବା ପରେ ସୋମବାର ସକାଳେ ବିଞ୍ଝାରପୁର ଥାନା ଆଇଆଇସି ଶିବଚରଣ ବେହେରା, ଯାଜପୁର ଏସଡିପିଓ ଆର.କେ. ଜେନା ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ ସହିତ ଘଟଣାସ୍ଥଳରେ ପହଞ୍ଚି ରୀତାଙ୍କ ମୃତଦେହ ଉଦ୍ଧାର କରିଥିଲା। ତାଙ୍କ ତଣ୍ଟିରେ ଗଭୀର କ୍ଷତ ରହିଥିବା ଦେଖିବାକୁ ମିଳିଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ମାରଣାସ୍ତ୍ରକୁ ପୋଲିସ ଜବତ କରିପାରି ନାହିଁ। ରବିବାର ଯାଆ ଶାନ୍ତିଲତାଙ୍କ ଜଣେ ସମ୍ପର୍କୀୟ ଭାଇ ଘରକୁ ଆସିଥିବା ଚର୍ଚ୍ଚା ହେଉଥିବାବେଳେ ପୋଲିସ ମଧ୍ୟ ଏହି ଦିଗ ଉପରେ ତଦନ୍ତ ଜାରି ରଖିଛି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ସନ୍ଧ୍ୟାରେ ଯାଜପୁର ଏସ୍‌ପି ଚରଣ ସିଂ ମୀନା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସିଟି, ଓଟିଇଟି ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଡୁବୁରୀ,୨୨।୭(ଡି.ଏନ୍.ଏ.): ଡୁବୁରୀସ୍ଥ ନଦିନ ତାପସ ମେମୋରିଆଲ ଶିକ୍ଷା କେନ୍ଦ୍ରରେ ଚଳିତ ବର୍ଷ ସିଟି, ଓଟିଇଟି ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ୯ଜଣ ଛାତ୍ରୀଛାତ୍ରଙ୍କୁ ରବିବାର ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷା କେନ୍ଦ୍ରର ଉପଦେଷ୍ଟା ଅଲେଖ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କପିଳେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ଜତୀନ କୁମାର ତ୍ରିପାଠୀ ଓ ସୁକିନ୍ଦା ପ୍ରେସ୍ କ୍ଲବର ସଭାପତି ବିଶ୍ୱଜିତ ନାୟକ ଓ ବଣିକ ସଂଘର ସଭାପତି ସୁଧାଂଶୁ ଶେଖର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ବ୍ୟବସାୟୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

ଧର୍ମଶାଳା,୨୨। ୭(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜାରକା ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ଆନନ୍ଦ ସାହୁଙ୍କ ଏକାଦଶାହ ଉପଲକ୍ଷେ ରବିବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କବି ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅର୍ଡିଆକୁସୁନ୍‌ପୁରସ୍ଥିତ ତାଙ୍କ ପୈତୃକ ବାସଭବନ ପରିସରରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ପ୍ରାବନ୍ଧିକ ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଅତିଥିଭାବେ ସାମାଜକକର୍ମୀ କାହ୍ନୁ ଚରଣ ଦାଶ, ଗୋଲକ ଚନ୍ଦ୍ର ପଲେଇ ଓ ଶିକ୍ଷାବିତ୍ ବେଣୁଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ କସ୍ତୁରୀ ଚରଣ ଜେନା, ଯୁଗଳ କିଶୋର ଦାସ, ଅଭିମନ୍ୟୁ ଧଳ, ବିଶ୍ୱନାଥ ପଣ୍ଡା, ବିମଳ ଚନ୍ଦ୍ର ପତି, ଅମୂଲ୍ୟ କୁମାର ପତି, ଅଖିଳ କୁମାର ସ୍ୱାଇଁ, ଅବିନେଶ୍ୱର ଶତପଥୀ, ବିନୋଦ ବିହାରୀ ପରିଡା, ବସନ୍ତ ପରିଡା ପ୍ରମୁଖ ଯୋଗଦେଇଥିଲେ। ପୁତ୍ର ବାସୁଦେ ସାହୁ, ଦଶରଥ ସାହୁ, କାଶିନାଥ ସାହୁ ଓ ରକ୍ଷିନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଟ୍ରକ୍ ମୁହଁ ମୁହିଁ ଧକ୍କା, ୨ ଡ୍ରାଇଭର ଗୁରୁତର

ଧର୍ମଶାଳା,୨୨। ୭(ଡି.ଏନ୍.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟରାଜପଥ ରଥିଆଠାରେ ସୋମବାର ସନ୍ଧ୍ୟାରେ ଦୁଇ ଟ୍ରକ୍ ମୁହଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡିର ଡ୍ରାଇଭର ଗୁରୁତର ହୋଇଛନ୍ତି। ସେମାନେ ହେଲେ ଖୁଣ୍ଟୁଣି ଅଞ୍ଚଳର ସରୋଜ ରଣା ଓ ଉମାକାନ୍ତ ଜେନା। ସ୍ଥାନୀୟଲୋକେ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ କଟକ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ଯୋଗୁ ସେଠାରେ ପ୍ରାୟ ୨ ଘଣ୍ଟା ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ପୋଲିସ ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲା। ଶଙ୍ଖାରିଡିହ ନିକଟରେ ଜାତୀୟ ରାଜପଥରେ ଗଳିପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ରଥିଆଠାରେ ଗୋଟିଏ ପଟରାସ୍ତା ବନ୍ଦ କରାଯାଇଛି। ରାସ୍ତା ନିର୍ମାଣକାରୀ ସଂସ୍ଥା ଉପଯୁକ୍ତ ବାଇପାସ୍ ସଙ୍କେତ ଦେଇ ନ ଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

## ■ ନିଯୁକ୍ତି ନାମରେ ଠକେଇ

# ଯାଜପୁରରୁ ବଲାଙ୍ଗୀରକୁ ଲମ୍ୱିଛି ଚେର

■ଭାରତ ସିକ୍ୟୁରିଟି ସର୍ଭିସ ନାମରେ ନିଯୁକ୍ତି ପତ୍ର

■ବେକାର ଯୁବତୀ ଯୁବକଙ୍କଠାରୁ ଆଦାୟ ହେଉଛି ଲକ୍ଷାଧିକ ଟଙ୍କା

ଯାଜପୁର ଅଫିସ,୨୨।୭

ଲେଟରପ୍ୟାଡ ତିଆରି କରୁଛନ୍ତି। ଏହାପରେ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଅସୁଲ କରୁଛନ୍ତି। ଏହିକ୍ରମରେ ଯାଜପୁର ଜିଲା ପାଣିକୋଇଲି ଠିକଣାରେ ଭାରତ ସିକ୍ୟୁରିଟି ସର୍ଭିସ ନାମରେ ଏକ ସଂସ୍ଥା କାର୍ଯ୍ୟ କରୁଛି। ଏହି ସଂସ୍ଥା ଏବେ ବଲାଙ୍ଗୀର ଜିଲାର ବେକାର ଯୁବତୀଯୁବକଙ୍କ ଉପରେ ଆଖି ପକାଇଛି। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଠିକାଶ୍ରମିକ (ଆଉଟ ସୋର୍ସିଂ) ଭାବେ ନିଯୁକ୍ତି ଦେବାକୁ କହି ଏହି ସଂସ୍ଥାର ଏଜେଣ୍ଟଙ୍କ ଜରିଆରେ ଲକ୍ଷାଧିକ ଟଙ୍କା ଅସୁଲ ଚାଲିଛି। ୧୮୭/୯୭/୦୪/୨୦୦୨ ନମ୍ବରରେ ରେଜିଷ୍ଟ୍ରେଶନ ଦର୍ଶାଯାଇଥିବା ଏକ ଲେଟରପ୍ୟାଡରେ ଯୁବତୀଯୁବକଙ୍କୁ ନିଯୁକ୍ତି ସମ୍ପର୍କରେ ସୂଚନା ଦିଆଯାଉଛି । ଉକ୍ତ ଲେଟରପ୍ୟାଡରେ ଯୁବତୀଯୁବକଙ୍କ ନାମ ଓ ଠିକଣା ଦେଇ ଦର୍ଶାଯାଇଛି ଯେ, ଭୀମ ଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଆଉଟ ସୋର୍ସିଂରେ ଆପଣ ପୁରୁଷ ଆଟେଣ୍ଡାଣ୍ଟ ଭାବେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଥିପାଇଁ ଇଣ୍ଟରଭ୍ୟୁ ଓ ପ୍ରମାଣପତ୍ର ଯାଞ୍ଚ ସହ ସ୍କିଲଟେଷ୍ଟ ଦେବାକୁ ପଡିବ। ତେଣୁ ଫଟୋ, ଶିକ୍ଷାଗତ ଯୋଗ୍ୟତା, ଆଧାରକାର୍ଡ ଆଦି ନେଇ ଉପସ୍ଥିତ ରହିବେ। ଏଥିପାଇଁ ସ୍ଥାନ, ତାରିଖ ଓ ସମୟ ଫୋନ ମାଧ୍ୟମରେ ଜଣାଇ ଦିଆଯିବ ବୋଲି ଉକ୍ତ ଲେଟରପ୍ୟାଡରେ ଦର୍ଶାଇଥିବା ଦେଖିବାକୁ ମିଳିଛି। ଆଶ୍ଚର୍ଯ୍ୟ ବିଷୟ ଯେ, ୪୨୪୨/୧୯ ପତ୍ରସଂଖ୍ୟାରେ ଦିଆଯାଇଥିବା ଉକ୍ତ ଲେଟରପ୍ୟାଡରେ ଭୁଲ ତାରିଖ ୩୧।୭।୨୦୧୯ ଉଲ୍ଲେଖ ରହିଛି। ଏହି ତାରିଖ ଆସି ନଥିଲେ ହେଁ ଭୁଲ ତାରିଖ ଦେବା ପଛର ଉଦ୍ଦେଶ୍ୟ ଜଣାପଡୁ ନାହିଁ। ଏହି ଭାରତ ସିକ୍ୟୁରିଟି ସର୍ଭିସ ସଂସ୍ଥାର ମୁଖ୍ୟ ପାଣିକୋଇଲି ଥାନା ଯମୁନା ଗ୍ରାମର ବିଜୟ ମହାପାତ୍ର ବୋଲି ସୂଚନା ମିଳିଛି । ତେବେ ବିଜୟ ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଯେଉଁ ପତ୍ର ସମ୍ପର୍କରେ କହୁଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଏଭଳି ନମ୍ବରରେ ସେ କାହାରିକୁ କୌଣସି ନିଯୁକ୍ତିପତ୍ର ଦେଇ ନାହାନ୍ତି। ଭାରତ ସିକ୍ୟୁରିଟି ସର୍ଭିସ ନାମରେ ଆଉଟସୋର୍ସିଂ ପାଇଁ ଆବେଦନ କରିଥିଲେ ହେଁ ସେ ଏପର୍ଯ୍ୟନ୍ତ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜଠାରୁ କୌଣସି ନିର୍ଦ୍ଦେଶ ପାଇନାହାନ୍ତି କିମ୍ବା ଚୁକ୍ତି ହୋଇନାହିଁ। ନିର୍ଦ୍ଦେଶ ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



M/s. BHARAT SECURITY SERVICE
AT/P.O. - PANIKOILI, DIST. - JAJPUR, PIN - 755043
Regd. No. 187/97/04/2002
Tel : 06726 - 24
Fax : 06726 - 24
Sub: Provisional Offer Letter for the post of Male Attendant for The Bhima Bhoi Medical College & Hospital, Balangir
Dear Brushabha,

# ଜମିହରାଙ୍କୁ ନିଯୁକ୍ତି ଦାବିରେ କାରଖାନା ସମ୍ମୁଖରେ ଧାରଣା

କଳିଙ୍ଗନଗର,୨୨।୭(ଡି.ଏନ୍.ଏ.)

କଳିଙ୍ଗନଗର ଶିଳ୍ପାଞ୍ଚଳ ଯଖପୁରା ଥାନା ଅନ୍ତର୍ଗତ ମାଣତିରା ମୌଜାର ମାଣତିରାଠାରେ ଥିବା ଇମାମୀ ସିମେଣ୍ଟ ଓ ନିଜନ୍ ଟିୟୁବ୍ସ କାରଖାନାରେ ନିଯୁକ୍ତି ଦାବିରେ ସୋମବାର ଜମିହରା ପରିବାର ପକ୍ଷରୁ ଧାରଣା ଦିଆଯାଇଛି। ଖବର ପାଇ ଇମାମୀ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ ଧାରଣା ସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଏ ଦିଗରେ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ସନ୍ଧ୍ୟାରେ ଫେରୋକ୍ରମ କାରଖାନା ଗେଷ୍ଟହାଉସ୍‌ରେ ଆଲୋଚନା ପାଇଁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ହେଲେ ସନ୍ଧ୍ୟାରେ ଏଦିଗରେ କୌଣସି କୌରସି ଆଲୋଚନା ହୋଇ ନ ଥିବା ଜଣାପଡିଛି। ଅପରପକ୍ଷେ ନିଜନ୍ କାରଖାନା ସମ୍ମୁଖରେ ଜମିହରାମାନେ ଧାରଣାରେ ବସିଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ଧାରଣାସ୍ଥଳକୁ ଆସି ନ ଥିଲେ। ଏହାକୁ ନେଇ ଆନ୍ଦୋଳନ କାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧ ପାଇବାରେ ଲାଗିଛି। ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ମାଣତିରା ଗ୍ରାମର ଶେଷଦେବ ଜେନା, ରଞ୍ଜନ ଘଡ଼େଇ, ଅଭିଜିତ ସିଂ, ସୂର୍ଯ୍ୟକାନ୍ତ ନାୟକ, ନିରଜ ମହାନ୍ତି, ଚନ୍ଦ୍ରକାନ୍ତ ପାଲ, ନରେନ୍ଦ୍ର ସାମଲ, ଦେବେନ୍ଦ୍ର ଘଡାଇ, ଦେବେନ୍ଦ୍ର ସାମଲ, ପ୍ରଶାନ୍ତ ଦେଓ ପ୍ରମୁଖଙ୍କ ନେତୃତ୍ୱରେ ବହୁ ଜମିହରା ଧାରଣାରେ ସାମିଲ ହୋଇଛନ୍ତି। ଏ ଦିଗରେ କାରଖାନା କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।



ଜମିହରା ପରିବାର ପକ୍ଷରୁ କାରଖାନା ସମ୍ମୁଖରେ ଧାରଣା ଦିଆଯାଇଛି।

# ୨ କୋଇଲା କାରଖାନା, କ୍ରଶରକୁ ବନ୍ଦ ନୋଟିସ୍

**ତହସିଲ ପକ୍ଷରୁ ଚଢାଉ**

ଧର୍ମଶାଳା/ ଜେନାପୁର,୨୨।୭(ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଅଧୀନସ୍ଥ ବାରମାଣରେ ପୁରୀ ଜଗନ୍ନାଥଙ୍କ ଜମି ଉପରେ ନିର୍ମିତ ୨ଟି କୋଇଲା କାରଖାନା ଓ ନୁଣୀବରଠାରେ ବେଆଇଭାବେ ଚାଲୁଥିବା ଏକ କ୍ରଶରକୁ ତହସିଲ ଓ କଳିଙ୍ଗନଗର ପ୍ରଦୂଷଣ ବୋର୍ଡ ପକ୍ଷରୁ ଚଢାଉ କରାଯାଇ ବନ୍ଦ ପାଇଁ ନୋଟିସ୍ କରାଯାଇଛି। ସୋମବାର ତହସିଲ ଓ କଳିଙ୍ଗନଗର ପ୍ରଦୂଷଣ ବୋର୍ଡ ପକ୍ଷରୁ ଚଢାଉ କରାଯାଇ ଏହି ନୋଟିସ ଜାରି କରାଯାଇଥିବା ତହସିଲଦାର ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ବାରମାଣଠାରେ ଜଗନ୍ନାଥଙ୍କ ଜମିରେ ଜଗାବଳିଆ କୋଇଲା କାରଖାନା ବେଆଇନ ଭାବେ ଚାଲୁଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲାଥିଲା। ସେହପରି ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବାରମାଣ ମୌଜାରେ ଚାଲୁଥିବା ନୀଳାଚଳ କୋଇଲା କାରଖାନା ଉପରେ ଚଢାଉ କରାଯାଇ ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ନୋଟିସ କରାଯାଇଥିଲା। ନୁଣୀବରଠାରେ ମୁଦୁଲି କ୍ରଶର ବେଆଇନ ଭାବେ ଚାଲୁଥିବାରୁ ତାକୁ ବନ୍ଦ କରାଯିବା ପାଇଁ ନୋଟିସ ହୋଇଛି। ଏହି ଚଢାଉରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, କଳିଙ୍ଗନଗର ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ପ୍ରମୋଦ କୁମାର ବେହେରା, ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଶ୍ରୀବ୍ୟାସଦେବଜୀଉ ପୁସ୍ତକ ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ

ଦଶରଥପୁର,୨୨।୭ (ଡିଏନ୍ଏ)

ହିନ୍ଦୁ ଧର୍ମ ସଂସ୍କୃତି ଉପରେ ଲିଖିତ ଶ୍ରୀବ୍ୟାସଦେବଜୀଉ ପୁସ୍ତକକୁ ସୋମବାର କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାତ ଷଡଙ୍ଗୀ ଉନ୍ମୋଚନ କରିଛନ୍ତି। ଦିଲ୍ଲୀସ୍ଥିତ ଜଗନ୍ନାଥ ମନ୍ଦିରର ପଣ୍ଡିତ ସତ୍ୟବ୍ରତ ମିଶ୍ରଙ୍କ ସମ୍ପାଦନାରେ ଏହି ହିନ୍ଦୁ ଧର୍ମୀୟ ଭାବନାର ବାର୍ଷିକ ପତ୍ରିକାରେ ଧର୍ମ ସମ୍ବନ୍ଧରେ ବହୁ ପୁରାତନ କଥା ରହିଛି। ହିନ୍ଦୁଧର୍ମ ଶାସ୍ତ୍ରର ଭଗବତ୍ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ପଣ୍ଡିତ ମିଶ୍ର ସମର୍ପଣ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ଓ ପ୍ରତାପ ଷଡ଼ଙ୍ଗୀ ଓଡିଶା ଭବନଠାରେ ଏହି ପୁସ୍ତକ ଉନ୍ମୋଚନ କରିଛନ୍ତି। ଜଗନ୍ନାଥ ମନ୍ଦିର (ଦିଲ୍ଲୀ) ପକ୍ଷରୁ ପ୍ରକାଶ ପାଉଥିବା ଉକ୍ତ ପତ୍ରିକାର ଚିଫ୍ ଆଡଭାଇଜର ଭାବେ ଶ୍ରୀଧର ନାୟକ, ସଭାପତି ଭାବେ ବିରେନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ଭାବେ ସତ୍ୟବ୍ରତ ମିଶ୍ର, କ୍ଷେତ୍ରମୋହନ ମିଶ୍ର, ଅଭୟ ପଣ୍ଡା, ହରିଶ୍ଚନ୍ଦ୍ର ପୃଷ୍ଟି ଏବଂ ଦର୍ପନାରାୟଣ ମହାପାତ୍ର ୨ ମନ୍ତ୍ରୀଙ୍କୁ ସାଧୁବାଦ ଜଣାଇବା ସହ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ପତ୍ରିକାରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଦଶରଥପୁର ବ୍ଲକ ପୂର୍ବତନ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କ ସହ ରାଜ୍ୟ ଓ ରାଜ୍ୟ ବାହାରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସେମାନଙ୍କ ବାର୍ତ୍ତା ଦେଇଥିବା ଦେଖାଯାଇଛି।

## ଜୋତା ବୋଝେଇ କଣ୍ଟେନର ଅପହରଣ ମାମଲା

# ୩ ଦିନ ପରେ ଅଭିଯୁକ୍ତ ଗିରଫ



ପୋଲିସ ଗହଣରେ ଗିରଫ ଅଭିଯୁକ୍ତ ।

ରସୁଲପୁର,୨୨।୭(ଡିଏନଏ)

କୁଆଖିଆ ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜୋତା ବୋଝେଇ କଣ୍ଟେନର (ଏନଏଲ-୦୨ଏଲ-୮୨୨୪)କୁ ପୋଲିସ ୨୪ଘଣ୍ଟା ମଧ୍ୟରେ ଜବତ କରିଥିଲା। ଏହାର ୩ଦିନ ପରେ ରବିବାର ପୋଲିସ ଅପହରଣରେ ସମ୍ପୃକ୍ତ ଚାଳକ ଲାଲା ଖାନ୍(୪୮)ଙ୍କୁ ଧର୍ମଶାଳା ଥାନା ଅଞ୍ଚଳରୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଚାଳକଙ୍କ ଘର ଭଦ୍ରକ ଗ୍ରାମାଞ୍ଚଳ ଥାନା ବହୁଦରଡା ଗ୍ରାମରେ ହୋଇଥିବାବେଳେ ସେ ପ୍ରାୟ ୧୦/୧୫ ବର୍ଷ ହେଲା ଧର୍ମଶାଳା ଥାନା ଚହଟା ଗ୍ରାମରେ ରହି ଆସୁଥିଲେ। ପ୍ରକାଶ ଯେ, ପଶ୍ଚିମବଙ୍ଗ ରାଜ୍ୟ କଲିକତାର କ୍ରିଷ୍ଣାପୁର ଅଞ୍ଚଳରୁ ଏକ ଜୋତା ବୋଝେଇ କଣ୍ଟେନର ବାଙ୍ଗାଲୋର ଅଭିମୁଖେ ଯାଉଥିଲା। ଉକ୍ତ କଣ୍ଟେନରରେ ଚାଳକ ଦିପୁ ପ୍ରସାଦ ଯାଦବଙ୍କୁ ଛାଡିଦେଲେ ଅନ୍ୟ କେହି ସହଯୋଗୀ ନ ଥିଲେ। ଚାଳକଙ୍କୁ ଏକୁଟିଆ ଦେଖି ଦୁର୍ବୃତ୍ତମାନେ ତାଙ୍କୁ ପିଛା କରି ଆସିଥିଲେ। ଯାଜପୁର ଜିଲାର ପାଣିକୋଇଲି ଟୋଲଗେଟ ନିକଟରେ ଭିଡ଼ର ସୁଯୋଗରେ ଅଭିଯୁକ୍ତ ଲାଲୁ ଗାଡି ଉପରକୁ ଚଢି ଯାଇଥିଲେ । ଉକ୍ତ ସ୍ଥାନରୁ ପ୍ରାୟତଃ ୬ କି.ମି. ରାସ୍ତା ଅତିକ୍ରମ କରିବା ପରେ କୁଆଖିଆ ଥାନା ଅଞ୍ଚଳର ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ସତ୍‌ସଙ୍ଗ ବିହାର ନିକଟସ୍ଥ ଡାଇଭର୍ସନରେ କଣ୍ଟେନର ଗତି ମନ୍ଥର ହୋଇଯିବା ସୁଯୋଗରେ ଅଭିଯୁକ୍ତ ଗାଡିର କେବିନ ଭିତରକୁ ପଶି ଆସିଥିଲେ। କିଛିବାଟ ଯିବା ପରେ ଆଉ ୨ ଦୁର୍ବୃତ୍ତ ଏକ ଗାଡିରେ ଆସି କଣ୍ଟେନର ସମ୍ମୁଖରେ ଛିଡା କରିଥିଲେ। ଜୋତା ବୋଝେଇ ଗାଡି ଅଟକିଯିବା ଫଳରେ ଦୁର୍ବୃତ୍ତମାନେ ଦିପୁଙ୍କୁ ମାଡ଼ ମାରି ତାଙ୍କଠାରୁ ଗାଡି ଛଡାଇ ନେଇଥିଲେ। ଚଣ୍ଡିଖୋଲ-ପାରାଦୀପ ରାସ୍ତାର ବାଲିଚନ୍ଦ୍ରପୁର ଥାନା ନାନାପୁର ଛକ ନିକଟ ଚାଉଳ କଳ ନିକଟରୁ ୧୯ତାରିଖରେ ପୋଲିସ କଣ୍ଟେନରକୁ ଜବତ କରିବା ସହ ବାଟରେ ଖଲାସ ହୋଇଥିବା ଜୋତା କାର୍ଟୁନଗୁଡିକୁ ଜବତ କରିଥିଲା। ପୋଲିସ ଅଭିଯୁକ୍ତ ନିକଟରୁ ତାର ମୋବାଇଲ ଫୋନ ଜବତ କରିଛି। ଏ ନେଇ ଚାଳକ ଦିପୁଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ-୧୮୫/୧୯) ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି । ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର

ଧର୍ମଶାଳା,୨୨।୭(ଡି.ଏନ୍.ଏ.)

ଜାରକା ରୋଟାରୀ ଓ ଇନରହୁଇଲ କ୍ଲବ ପକ୍ଷରୁ ଦାୟୀତ୍ୱ ହସ୍ତାନ୍ତର ପ୍ରକ୍ରିୟା ରବିବାର ସନ୍ଧ୍ୟାରେ କଳ୍ପତରୁ ଦାସ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀଆନ ପ୍ରଦୀପ କୁମାର ବରାଳଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ଦେବାଶିଷ ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଇନରହୁଇଲ କ୍ଲବ ଜିଲା ସଭାନେତ୍ରୀ ନଳିନୀ ମହାପାତ୍ର, ଜିଲା ଉପାଧକ୍ଷା ଇନା ପୁରୀ, ପ୍ରଥମ ମହିଳା ଅପର୍ଣ୍ଣା ମିଶ୍ର, ଏ.ଜି ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ପ୍ରମୋଦ ସାମଲ ବିଗତବର୍ଷଗୁଡିକରେ କରାଯାଇଥିବା ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ୧୯-୨୦ ବର୍ଷ ପାଇଁ ରୋଟାରୀ କ୍ଲବର ନୂତନ କର୍ମକର୍ତ୍ତା ଅଜାମ୍ବର ସାହୁ ସଭାପତି ଓ ହରିହର ପଣ୍ଡା ସାଧାରଣ ସମ୍ପାଦକଙ୍କୁ ଦାୟୀତ୍ୱ ହସ୍ତାନ୍ତର କରାଯାଇଥିଲା। ସେହିପରି ଇନର ହୁଇଲର ସଭାନେତ୍ରୀ ପ୍ରତିଭା ସାହୁ ନୂତନ ସଭାନେତ୍ରୀ କଳ୍ପନା ପରିଡାଙ୍କୁ ଦାୟୀତ୍ୱ ହସ୍ତାନ୍ତର କରିଥିଲେ। ଆଗାମୀ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପାଦକ ଲୋପାମୁଦ୍ରା ଷଣ୍ଢ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମମତା ଦଣ୍ଡପାଟ, ଲକ୍ଷ୍ମୀ ଖମାରୀ, ସ୍ମିତା ବେହେରାଙ୍କୁ ଇନରହୁଲିଲ କ୍ଲବ ସଦସ୍ୟଭାବେ ଗ୍ରହଣ କରାଯାଇଛି। ରୋଟାରୀ କ୍ଲବରେ ଧରଣୀଧର ଦାସ, ରବୀନ୍ଦ୍ର କୁମାର ମଲ୍ଲିକ, ସତ୍ୟବ୍ରତ ନାୟକ, ଶରତ ଶତପଥୀ, ବିଜୟ କୁମାର ମିଶ୍ର, ପ୍ରଶାନ୍ତ କୁମାର ବେହେରା, ରଜନୀକାନ୍ତ କର ସଦସ୍ୟଭାବେ ଗ୍ରହଣ କରାଯାଇଛି। ଲକ୍ଷ୍ମୀକାନ୍ତ ଚାଉପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ଶକୁନ୍ତଳା ମହାନ୍ତି ସ୍ୱାଗତ ଜଣାଇଥିଲେ। ମିନତି ସାହୁ , ମାଧୁରୀ ଶତପଥୀ, ବିଜୟ କୁମାର ଶତପଥୀ, ଡାକ୍ତର ରମେଶ ଚନ୍ଦ୍ର ସାହୁ , ବିନୋଦ ବିହାରୀ ପରିଡା , ଇନ୍ଦ୍ରମଣି ନାୟକ ପ୍ରମୁଖ ନୂତନ ସଭ୍ୟଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ଜଣାଇଥିଲେ। ଶେଷରେ ନିରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୨୨।୭(ଡିଏନଏ)

ଯାଜପୁରରେ ୭୩ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ଏକ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଅଧକ୍ଷତା କରିଥିଲେ। ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହା ଠିକ ସମୟରେ କାର୍ଯ୍ୟକାରୀ କରିବାକୁ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଯେଉଁ ଅଧିକାରୀ ସାଧାରଣ ଜନତାଙ୍କୁ ଉଲ୍ଲେଖନୀୟ ଓ ଉନ୍ନତ ସେବା ଯୋଗାଇଛନ୍ତି ସେମାନଙ୍କୁ ପୁରସ୍କୃତ କରିବାକୁପ୍ରସ୍ତାବ ଦେଇଥିଲେ। ସକାଳ ୭ଟା ୩୦ରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଏବଂ ନିଜସ୍ୱ ଗୃହରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଗାନ୍ଧୀ ଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଓ ଗୌତମ ବୃଦ୍ଧ ସଂସ୍କୃତି ଭବନଠାରେ ଥିବା ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସକାଳ ୮ଟା ୫୦ରୁ ମାଲ୍ୟାର୍ପଣ କରାଯିବ। ସ୍ୱାଧୀନତା ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ସକାଳ ୯ଟା ୧୫ରେ ଏନ୍.ସି. କଲେଜ ପଡିଆରେ ଜାତୀୟ ପତାକା ଉତ୍ତୋଳନ କରାଯିବ।। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଓ ଇଂଲିଶ ବକ୍ତୃତା, ଦେଶାତ୍ମବୋଧ ସଂଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅଗଷ୍ଟ ୩ ତାରିଖ ପୂର୍ବାହ୍ନ ୧୧ଟାରେ ଜିଲା ସ୍କୁଲଠାରେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସାଂସ୍କୃତିକ ଦଳ ଚୟନ ୬ତାରିଖ ପୂର୍ବାହ୍ନ ୧୦ ଘଟିକାରେ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସଂସ୍କୃତି ବିଭାଗ ପକ୍ଷରୁ ଓପନ୍ କ୍ୱିଜ୍ ପ୍ରତିଯୋଗିତା ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅଗଷ୍ଟ ୧୧ ତାରିଖ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ। ଅଭ୍ୟାସ ପରେଡ ଅଗଷ୍ଟ ୧୧ ଓ ୧୨ ତାରିଖ ଅପରାହ୍ନ ୩ଟା ଓ ୧୩ ତାରିଖ ପୂର୍ବାହ୍ନ ୮ଟାରେ ଏନ୍.ସି. କଲେଜ ପଡିଆଠାରେ ଅନୁଷ୍ଠିତ ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ, କାହ୍ନୁ ଚରଣ ମାରାଣ୍ଡି, ପ୍ରଫୁଲ୍ଲ ସାମଲ, ଉଦୟ ନାରାୟଣ ପରିଡା, ବାଇଧର ମହାପାତ୍ର, ପ୍ରଭାତ ରାଉତରାୟ, ଦିଗମ୍ବର କର, ବୃନ୍ଦାବନ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।




ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

# ଏନ୍‌ଏଚ୍‌ରେ ଗୋରୁ ଚାଲାଣ ଅଣାୟତ୍ତ

■ଦୁଇ ଦିନରେ ୨ ଦୁର୍ଘଟଣା, ୩୦ରୁ ଉର୍ଦ୍ଧ୍ୱ ଗୋରୁ ମୃତ

■କାର୍ଯ୍ୟାନୁଷ୍ଠାନ ଶିଥିଳ, ବଢୁଛି କାରବାର

ଯାଜପୁର ଅଫିସ/ଧର୍ମଶାଳା,୨୨।୭

୧୬ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍)ର ଚଣ୍ଡିଖୋଲ ଓ ଜାରକା ମଧ୍ୟବର୍ତ୍ତୀ ରଥିଆ ଛକ ନିକଟରେ ସୋମବାର ଭୋର ସମୟରେ ଏକ ଗୋରୁ ବୋଝେଇ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୩୦ରୁ ଉର୍ଦ୍ଧ୍ୱ ଗୋରୁଙ୍କର ମୃତ୍ୟୁ ହୋଇଛି । ଧର୍ମଶାଳା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ପୋଲିସ ଏକ ମାମଲା (୨୯୫/୧୯) ରୁଜୁ କରି ଗାଡି ଜବତ କରିବା ସହ ମାଲିକ ସେକ୍ ଜବାରକୁ ଥାନାରେ ଅଟକ ରଖିଛି। ଅପରପକ୍ଷେ ଏହାକୁ ନେଇ ଜିଲା ବଜରଙ୍ଗଦଳର କର୍ମକର୍ତ୍ତାମାନେ ଜାତୀୟ ରାଜପଥରେ ବେଆଇନ୍ ଗୋଚାଲାଣକୁ ବିରୋଧ କରି ଧର୍ମଶାଳା ଥାନାରେ ଧାରଣା ଦେଇଥିଲେ। ଏସ୍‌ଡିପିଓ ସେମାନଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

ଯାଜପୁର ଜିଲା ଦେଇ ଯାଇଥିବା ବିଭିନ୍ନ ରାଜପଥରେ ଗୋଚାଲାଣ ଅଣାୟତ୍ତ ହେବାରେ ଲାଗିଛି। ଅନ୍ୟପକ୍ଷେ ରବିବାର ବିଳମ୍ବିତ ରାତିରେ ବେଆଇନ ଗୋରୁ ଚାଲାଣ ଉପରେ କମିଶନରେଟ ପୋଲିସର ଏସ୍‌ଟିଏଫ୍ ଚଢ଼ାଉ କରି ଗୋଟିଏ ଗୋରୁ ବୋଝେଇ କଣ୍ଟେନର ସହ ଗୋଟିଏ ବୋଲେରୋ ଓ ସ୍କୋର୍ପିଓ ଗାଡିକୁ ଜବତ କରିଛି । ଏଥିରେ ସମ୍ପୃକ୍ତି ଅଭିଯୋଗରେ ୯ଜଣଙ୍କୁ ଗିରଫ କରାଯାଇଛି। କଣ୍ଟେନରରେ ଥିବା ଶତାଧିକ ଗାଈଙ୍କୁ ମଙ୍ଗରାଜପୁରରେ ଥିବା ଗୋଶାଳାରେ ଛଡ଼ାଯାଇଛି। ଏହି ଗାଈଗୁଡ଼ିକୁ ଅତି ଦୟନୀୟ ଅବସ୍ଥାରେ ଚାଲାଣ କରାଯାଉଥିବାରୁ ଶ୍ୱାସରୁଦ୍ଧ ହୋଇ ସେଥିରୁ ଅନେକ ମରିଯାଇଥିବା ମଧ୍ୟ ଦେଖିବାକୁ ମିଳିଛି । ସେହିପରି ବାଲେଶ୍ୱର ଜିଲା ସିମୁଲିଆ ଥାନାରୁ ପ୍ରାୟ ୧୦୦ ମିଟର ଦୂର ୧୬ ନମ୍ବର ଜାତୀୟ ରାଜପଥର ମାର୍କୋଣ୍ଡା ଛକର ବଜାରସାହି ନିକଟରେ ରବିବାର ସକାଳ ୭ଟାରେ ଏକ ଗୋରୁ ବୋଝେଇ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୨ଗୋରୁଙ୍କ ମୃତ୍ୟୁ ହୋଇଥିବାବେଳେ ୩୭ ଗୋରୁ ଉଦ୍ଧାର ହୋଇଥିଲେ। ରାଜ୍ୟରୁ ବେଆଇନ ଗୋଚାଲାଣ ଏବେ ନିତିଦିନିଆ ବ୍ୟାପାରରେ ପରିଣତ ହୋଇଛି। ବେପାରୀମାନେ ବିଭିନ୍ନ ଅଞ୍ଚଳରୁ ଗୋରୁ ସଂଗ୍ରହ କରି କଣ୍ଟେନର ଦ୍ୱାରା ସେଗୁଡ଼ିକୁ ବିଳମ୍ବିତ ରାତିରେ ଜାତୀୟ ରାଜପଥରେ ହିଁ ଓଡ଼ିଶା ସୀମା ପାର କରି ବାଂଲାଦେଶକୁ ଚାଲାଣ କରୁଛନ୍ତି। ଜାତୀୟ ରାଜପଥ କଡ଼ରେ ଥିବା ସମସ୍ତ ଥାନା ଓ ଫାଣ୍ଡି ଅଧିକାରୀଙ୍କ ଜାଣତରେ ହିଁ ଏଭଳି ବେଆଇନ କାର୍ଯ୍ୟ ହୋଇଆସୁଥିବା ଅଭିଯୋଗ ହୋଇଛି। ସବୁ ଥାନା ଓ ଫାଣ୍ଡିରେ ଏହି କାରବାରରୁ ମାସିକିଆ ମହାସୁଲ ପହଞ୍ଚୁଛି। ଏହି କାରବାର ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ବାଂଲାଦେଶର କିଛି ଲୋକଙ୍କୁ ନେଇ ଏକ ବଡ଼ ଧରଣର ଅନ୍ତର୍ଜାତୀୟ ର୍‍ୟାକେଟ ଦ୍ୱାରା ପରିଚାଳିତ ହେଉଛି। ଏଥିପ୍ରତି ରାଜ୍ୟରେ ଶାସକ ଦଳ ସମେତ ବିରୋଧି ଦଳର ଶିଥିଳତା ଗୋରୁ ବେପାରୀଙ୍କୁ ବେଶ ଉତ୍ସୁକାଉଛି ବୋଲି ମତପ୍ରକାଶ ପାଉଛି । ଏହି ମର୍ମରେ ଆଇନଜୀବୀ ଉଦୟନାଥ ସାହୁ ସୋମବାର ମୁଖ୍ୟମନ୍ତ୍ରୀ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ଟୁଇଟ କରି ଦୃଷ୍ଟି ଆକର୍ଷଣ କରିଛନ୍ତି ।



ଗୋରୁ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ।



ଭଲ ବହି ପଢ଼ି ଭଲ କାମ କଲେ ଖରାପ
ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ ।
- ଆରିଷ୍ଟଟଲ



# ଶ୍ରେଣୀଗୃହ ପାଲଟିଛି ଛାତ୍ରାବାସ

**ଉଛବାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ**

- ୫ ବର୍ଷ ହେବ ଚାଲିଛି ଛାତ୍ରାବାସ
- ୩ ଶ୍ରେଣୀ ଗୃହରେ ଚାଲିଛି ପାଠପଢା
- ତଦାରଖରେ ଉଚ୍ଚ କର୍ତ୍ତୃପକ୍ଷ ଆସୁ ନାହାନ୍ତି

କଳିଙ୍ଗନଗର,୨୨।୭(ଡି.ଏନ୍.ଏ.)

ଦାନଗଦୀ ଶିକ୍ଷାମଣ୍ଡଳ ଅର୍ନ୍ତଗତ ଉଛବାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟରେ ସରକାରୀ ସ୍ତରରେ ବର୍ତ୍ତମାନ ପର୍ଯ୍ୟନ୍ତ ଛାତ୍ରାବାସ ପାଇଁ ବ୍ୟବସ୍ଥା କରାଯାଇ ନାହିଁ କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଶ୍ରେଣୀ ଗୃହକୁ ଛାତ୍ରାବାସ କରି ପିଲାଙ୍କଠାରୁ ବାର୍ଷିକ ଟଙ୍କା ଆଦାୟ କରୁଛନ୍ତି। ଅପରପକ୍ଷେ ଇଂଲିସ ଶିକ୍ଷକ ବହୁ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଏହି ବିଦ୍ୟାଳୟ ରହିଥିବାରୁ ଶିକ୍ଷାବିଭାଗର ଅଧିକାରୀ ନିୟମିତଭାବେ ପରିଦର୍ଶନରେ ଅସୁନାହାନ୍ତି। ଏହାର ସୁଯୋଗରେ କର୍ତ୍ତୃପକ୍ଷ ଏପରି ମନମାନି କରୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। କେନ୍ଦୁଝର ଓ ଯାଜପୁର ଜିଲା ସୀମାନ୍ତରେ ଉଛବାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ବ୍ୟବସ୍ଥା ରହିଛି।




ଏଠାରେ ୮ମ ଶ୍ରେଣୀରେ ୮୮, ୯ମରେ ୯୦ ଏବଂ ଦଶମରେ ୮୯ ଜଣ ଛାତ୍ରୀଛାତ୍ର ପାଠପଢୁଛନ୍ତି। ବିଦ୍ୟାଳୟରେ ୭ଜଣ ଶିକ୍ଷକ, ଜଣେ କିରାଣୀ ଏବଂ ୩ ଜଣ ପିଅନ କାର୍ଯ୍ୟରତ ରହିଛନ୍ତି। ବିଦ୍ୟାଳୟକୁ କୌଣସି ଉଚ୍ଚ ଅଧିକାରୀ ତଦନ୍ତରେ ଆସୁ ନ ଥିବାରୁ ପ୍ରଧାନ ଶିକ୍ଷକ ନିଜର ମନମାନି ଚଳାଇଛନ୍ତି। ବିଦ୍ୟାଳୟର ୯ ଶ୍ରେଣୀ ଗୃହରୁ ୬ଟିରେ ୫ ବର୍ଷ ହେବ ଛାତ୍ରାବାସ କରାଯାଇ ପିଲା ମାନଙ୍କଠାରୁ ଟଙ୍କା ରଖାଯାଉଛି। ଏପରିକି ଛାତ୍ରୀଛାତ୍ରଙ୍କ ପାଇଁ ନିର୍ମିତ ସାଇକେଲ ଷ୍ଟାଣ୍ଡକୁ ମଧ୍ୟ ଛାତ୍ରବାସ କରାଯାଇଛି। ଏହି ଛାତ୍ରବାସଗୁଡିକରେ ୧୫୦ ଛାତ୍ର ରହୁଛନ୍ତି। ସେମାନଙ୍କଠାରୁ ଆବେଦନବେଳେ ୩ ହଜାର ୫ଶହ ଟଙ୍କା ନିଆଯାଉଛି। ଏଥିସହ ମାସିକ ଅନ୍ୟାନ୍ୟ ଖର୍ଚ୍ଚବାବଦକୁ ୨ହଜାର ଟଙ୍କା ସ୍କୁଲ କର୍ତ୍ତୃପକ୍ଷ ନେଉଥିବା ବହୁଛାତ୍ର କହିଛନ୍ତି। ଛାତ୍ର ବାସକୁ ଆସୁଥିବା ଚାଉଳ ମଧ୍ୟ ବେଆଇନଭାବେ ସ୍ଥାନୀୟ ଅଞ୍ଚଳର ଜଣେ ଡିଲରଙ୍କଠାରୁ ଅଣାଯାଉଛି। ଯାହାକୁ ପ୍ରଧାନ ଶିକ୍ଷକଙ୍କ କୋଠରୀ ମଧ୍ୟରେ ଥିବା ଷ୍ଟୋର୍‌ରୁମ୍ ରଖାଯାଉଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ବିଦ୍ୟାଳୟରେ ୩ଟି ଶ୍ରେଣୀରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ ରହୁଥିବାରୁ ଗୋଟିଏ ବେଞ୍ଚରେ ୬ରୁ ୭ଣ ବସି ପାଠ ପଢୁଛନ୍ତି। ଇଂଲିସ ଶିକ୍ଷକ ବସନ୍ତ କୁମାର ନାୟକ ପ୍ରତ୍ୟେକ ରବିବାର ଛାତ୍ରବାସ ଦାଇତ୍ୱରେ ରହୁଛନ୍ତି। ତେଣୁ ଶନିବାର ତାଙ୍କୁ ପ୍ରଧାନ ଶିକ୍ଷକ ଛୁଟି ଦେଉଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ଅଭିଭାବକ କହିଛନ୍ତି। ଘଟଣା ବାବଦରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ଇଂଲିସ ଶିକ୍ଷକ ଗତ ଶନିବାର କୌଣସି ଏକ କାମରେ ତାଙ୍କ ଝିଅ ଘରକୁ ଯାଇଥିବାରୁ ଅନୁପସ୍ଥିତ ରହିଥିଲେ। କିନ୍ତୁ ଛାତ୍ରାବାସ ସମ୍ବନ୍ଧରେ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ବିଦ୍ୟାଳୟ ଶ୍ରେଣୀଗୃହକୁ କିପରି ଭାବେ ଜାଣିଶୁଣି ପ୍ରଧାନ ଶିକ୍ଷକ ଛାତ୍ରାବାସ କରବାକୁ ନୁମାତି ପାଇଲେ ଏବଂ ଆଦାୟ କରାଯାଉଥିବା ଟଙ୍କା ସବୁ ଯାଉଛି କୁଆଡେ ଏ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟଙ୍କୁ ପଚାରିବାରୁ ଏହି ଘଟଣା ତାଙ୍କ ନଜରକୁ ଆସିନାହିଁ। ଯଦି ପ୍ରକୃତରେ ଏପରି କିଛି ହୋଇଛି। ତାହାଲେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## ମା’ଙ୍କୁ ଘରୁ ତଡ଼ିଦେବା ଘଟଣା
## ଏସ୍‌ପିଙ୍କୁ ଭେଟିଲେ ମା’, ବାପା

ଯାଜପୁରରୋଡ,୨୨।୭(ନି.ପ୍ର.)– ବାପା, ମା’ ପୁଅ ପାଇଁ କେତେ ସ୍ୱପ୍ନ ଦେଖିଥାନ୍ତି। ହେଲେ ସେମାନେ ବଡ଼ ହେଲା ପରେ ସେମାନଙ୍କ ମୂଲ୍ୟ ବୁଝନ୍ତିନି। ଏପରିକି ମାଡ଼ ମାରି ଘରୁ ତଡ଼ିଦେବା ଭଳି କାମ କରିବାକୁ ମଧ୍ୟ ପଛାଉନାହାନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କେନ୍ଦୁପିଢ଼ି ଗ୍ରାମରେ। ଗତ ୧୬ ତାରିଖରେ ବାବନ ସାହୁଙ୍କ ସ୍ତ୍ରୀ ଜୟନ୍ତୀଙ୍କୁ ତାଙ୍କୁ ପୁଅ ନିରଞ୍ଜନ ଓ ବୋହୂ ଟୁନି ମାଡ଼ ମାରି ଗୋଡ଼ହାତ ଭାଙ୍ଗିଦେବା ସହ ଘରୁ ତଡ଼ିଦେଇଥିଲେ। ଏ ନେଇ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଫଳରେ ବାବନ ଓ ଜୟନ୍ତୀ ସୋମବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ଭେଟି ନ୍ୟାୟ ମାଗିଛନ୍ତି। ଅତିରିକ୍ତ ଜିଲାପାଳ ମିଶ୍ର ଅଭିଯୋଗ ଶୁଣି ବିଚାର କରିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦରଖାସ୍ତ ପଠାଇଛନ୍ତି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଫୋନ୍ ଯୋଗେ ସମସ୍ତ ବିଷୟ ଜଣାଇଛନ୍ତି।

**ସଂକ୍ଷେପରେ**

## ଟ୍ରକ୍ ପଛରେ ପିଟିଲା ଟ୍ରକ୍: ଜଣେ ମୃତ

ଚଣ୍ଡିଖୋଲ,୨୨।୭(ଡି.ଏନ.ଏ.)- ବଡ଼ଚଣା ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର କତାର ଛକ ନିକଟରେ ସୋମବାର ଏକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ସିରିଆପୁରର କୃଷ୍ଣଚନ୍ଦ୍ର ଦଳାଇ (୪୮) ଓ ଗୁରୁତର ହେଲେ ମୁନା ଦାସ। ଖବରପାଇ ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୁନାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏଥିସହ ମୃତକ କୃଷ୍ଣଚନ୍ଦ୍ରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା (ନଂ. ୧୬୧/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଏକ କୋଇଲା ବୋଝେଇ ଟ୍ରକ୍ ରାସ୍ତା କଡ଼ରେ ଛିଡ଼ା ହୋଇଥିଲା। ଏହି ସମୟରେ କଟକରୁ ଚଣ୍ଡିଖୋଲ ଅଭିମୁଖେ ଆସୁଥିବା ଏକ ଆଇରନ୍ ବୋଝେଇ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଖଲାସି ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ୨ ମାସ ମଧ୍ୟରେ ୧୬ ନଂ. ଜାତୀୟ ରାଜପଥର ବଡ଼ଚଣାରୁ ଛତିଆ ମଧ୍ୟରେ ଦୁର୍ଘଟଣାରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଜାତୀୟ ରାଜପଥରେ ବେଆଇନ ଭାବେ ଗାଡି ପାର୍କିଂ ଯୋଗୁ ଏହି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଓଡ଼ିଶା ରେଲୱେ ହକର୍ସ ୟୁନିୟନ ପକ୍ଷରୁ ଦାବିପତ୍ର

ଯାଜପୁରରୋଡ,୨୨।୭(ନି.ପ୍ର.)- ବିଭିନ୍ନ ଦାବିରେ ସୋମବାର ଓଡ଼ିଶା ରେଲୱେ ହକର୍ସ ୟୁନିୟନ୍ ପକ୍ଷରୁ ଯାଜପୁର-କେନ୍ଦୁଝର ରେଲୱେ ଷ୍ଟେଶନର ଆରପିଏଫ୍ ଇନିସପେକ୍ଟରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆରିପିଏଫ୍ ଇନିସପେକ୍ଟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ପୂର୍ବତଟ ରେଳ ବିଭାଗର ଜେନେରାଲ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜୁନ୍ ୧ରୁ ହକ୍କରଙ୍କ ବନ୍ଦ ହୋଇଥିବା ବ୍ୟବସାୟ ଚାଲୁ କରିବା, ହକରଙ୍କୁ ପରିଚୟ ପ୍ରଦାନ, ପ୍ରସ୍ତାବିତ ରେଲୱେ ଡିଭିଜନ୍ କାର୍ଯ୍ୟାଳୟ ଯାଜପୁର ରୋଡଠାରୁ ଖୋଲିବା, ସାଇମନ୍ଦିର ଓ ଡାକବଙ୍ଗଳା ଛକ ନିକଟରେ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ, ଯାଜପୁରରୋଡ ରେଳ ଷ୍ଟେଶନରେ ସମସ୍ତ ସୁପରଫାଷ୍ଟ ଏକ୍ସପ୍ରେସ୍ ଓ ରାଜଧାନୀ ଏକ୍ସପ୍ରେସ୍ ରହଣି ବ୍ୟବସ୍ଥା ଆଦି ଦାବି ସାମିଲ ଥିଲା। ହକର୍ସ ୟୁନିୟନର ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ନାରାଦେଇ ରେଲୱେ ଷ୍ଟେଶନରେ ପହଂଚିଥିଲା। ସିଆଇଟିୟୁର ଜିଲା ସଭାପତି ଏବଂ ଓଡ଼ିଶା ରେଲୱେ ହକର୍ସ ୟୁନିୟନର ରାଜ୍ୟ ଉପଉପସଭାପତି ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ହକ୍କରଙ୍କୁ ସେମାନଙ୍କ ବ୍ୟବସାୟ କରିବାକୁ ସୁଯୋଗ ଦିଆ ନ ଗଲେ ଆଗାମୀ ଦିନରେ ଏକ ବଡ ଧରଣର ଶ୍ରମିକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ହକ୍କରଙ୍କ ତରଫରୁ ବିନୋଦ ନାଥ, ଅରୁଣ ଦଲାଇ, ବଳରାମ ନାୟକ, ରମେଶ ଭୁୟାଁ, ସନ୍ତୋଷ ବରାଳ, ଉଦୟ ଦଲାଇ, ହାଡିବନ୍ଧୁ ଦାସ, ଗୌରାଙ୍ଗ ସେଠୀ, ଗଙ୍ଗାଧର ସେଠୀ, ଅରିକ୍ଷିତ ବେହେରା ପ୍ରମୁଖ ଯୋଗଦେଇଥିଲେ।

**ଅର୍ଥନୈତିକ ଅବରୋଧ ବିରୋଧରେ ଘଡେଇଙ୍କ ମନ୍ତବ୍ୟ ପ୍ରସଙ୍ଗ**

# ଜବାବ ରଖିଲା କୁହିକା ଟ୍ରକ୍ ମାଲିକ ସଂଘ

କାଳିଆପାଣି,୨୨।୭(ଡି.ଏନ୍.ଏ.)

ଖଣିରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମ ଲାଗୁ କରିବା ଦାବିରେ ଅର୍ଥନୈତିକ ଅବରୋଧ ସୋମବାର ୪ର୍ଥ ଦିନରେ ପହଞ୍ଚିଛି। ଏ ଦିଗରେ କୌଣସି ସମାଧାନ ହୋଇପାରି ନ ଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ଖଣି ଅଞ୍ଚଳକୁ ଆସୁଥିବା ଟ୍ରକ୍‌ଗୁଡିକୁ ଅନ୍ୟ ରାସ୍ତାଦେଇ ଛଡାଯାଉଛି। ଏହାକୁ ନେଇ ଟ୍ରକ୍ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ରବିବାର ମିନେରାଲ ଟ୍ରକ୍ ମାଲିକ ସଂଘ ଉପଦେଷ୍ଟା ପ୍ରଫୁଲ ଚନ୍ଦ୍ର ଘଡ଼େଇ ରାଜନୈତିକ ଦୃଷ୍ଟି କୋଣ ରଖି କେତେଜଣ ବ୍ୟକ୍ତି ବିଶେଷ ଅର୍ଥନୈତିକ ଅବରୋଧରେ ସାମିଲ ହୋଇଥିବା ଅଭିଯୋଗ କରିବା ସହ ଘଟଣାକୁ ନିନ୍ଦା କରିଥିଲେ। ଏହାକୁ ନେଇ ଉଭୟ ଟ୍ରକ୍ ମାଲିକ ସଂଘ ମଧ୍ୟରେ ବିବାଦ ବଢିବାରେ ଲାଗିଛି। ସୋମବାର ଘଡ଼େଇଙ୍କ ବିରୋଧରେ ହାଇକୋର୍ଟଙ୍କ ଆଦେଶ ଅବମାନନା ମାମଲା ରୁଜ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କୁହିକା ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ।

କାହିଁକି ହୋଇପାରିବ ନାହିଁ ବୋଲି ଏକ ଖବାରଦାତା ସମ୍ମିଳନୀରେ କୁହିକା ଟ୍ରକ ମାଲିକ ସଂଘ ସଭାପତି ବିଶ୍ୱଜିତ୍ ରାଜ କହିଛନ୍ତି। ୨୦୦୯ରେ ଲୋଡିଂ କ୍ଷେତ୍ରରେ ଲେବର ବ୍ୟାଚ୍ ପ୍ରଥା ଉଚ୍ଛେଦ ସହ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିମୟ ଲାଗୁ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହା ଠିକ୍‌ଭାବେ କାର୍ଯ୍ୟକାର ହୋଇ ନ ପାରିବାରୁ ଲୋଡିଂରୁ ବଞ୍ଚିତ ହେଉଥିବା ଟ୍ରକ୍ ମାଲିକମାନେ ପୁଣି ହାଇକୋର୍ଟରେ ଆବେଦନ କରିଥିଲେ। ଏହାପରେ ୨୦୧୫ରେ ମଧ୍ୟ ଫାଷ୍ଟ କମ୍ ଫାଷ୍ଟ ଲୋଡିଂକୁ କଡାକଡି ପାଳନ କରିବା ପାଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଘଡ଼େଇ ନିଜେ ସଂଘର ଉପଦେଷ୍ଟା ଥାଇ ମଧ୍ୟ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନ ନେବା ଦୁର୍ଭାଗ୍ୟ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ମିନେରାଲ ଟ୍ରକ ମାଲିକ ସଂଘ ପକ୍ଷରୁ ଖଣିରେ ଲୋଡିଂ ପାଇଁ ଟୋକନ ବ୍ୟବସ୍ଥା କରି ଅର୍ଥ ଆଦାୟ ଏବ ଲୋଡିଂ କ୍ଷେତ୍ରରେ ପାତର ଅନ୍ତର କରୁଥିବା ନେଇ ବହୁ ଟ୍ରକ୍ ମାଲିକ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏ ଦିଗରେ ସମାଧାନ ହୋଇ ନ ପାରିବାରୁ ଶୁକ୍ରବାରଠାରୁ ସୁକିନ୍ଦା କ୍ରୋମାଇଟ ଖଣି ଟ୍ରକ ମାଲିକ ସଂଘ ନେତୃତ୍ୱରେ କୁହିକା ଓ ଟମକା ଛକରେ ଅର୍ଥନୈତିକ ଅବରୋଧ ଆରମ୍ଭ ହୋଇଛି। ଖବରଦାତା ସମ୍ମିଳନୀରେ କୁହିକା ମାଲିକ ସଂଘ ସମ୍ପାଦକ ଅରୁଣ ପରିଡ଼ା, ଉପସଭାପତି ରଞ୍ଜନ ନାୟକ, ଶଙ୍କର୍ଷଣ ସାହୁ, ଅଭିମନ୍ୟୁ ଦାସ, ମନୋଜ ବାରିକ, ସତ୍ୟବ୍ରତ ସାହୁ, ବିଜୟ ମହାପାତ୍ର, ସଞ୍ଜୟ ଶତପଥୀ, ନାରାୟଣ ବେହେରା, ରସାନନ୍ଦ ନାୟକ ପ୍ରମୁଖଙ୍କ ସମେତ ବହୁ ଟ୍ରକ୍ ମାଲିକ ଉପସ୍ଥିତ ଥିଲେ।

**ଶିକ୍ଷକ ନିଯୁକ୍ତି ଦାବି**

# ବିଦ୍ୟାଳୟ ସମ୍ମୁଖରେ ଧାରଣା



ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ।

ଚଣ୍ଡିଖୋଲ,୨୨।୭(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଗରଗାଲିସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ନିଯୁକ୍ତି ଦାବିରେ ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବିଜୟ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ୭ ଦିନ ମଧ୍ୟରେ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଖୁବ୍‌ଶୀଘ୍ର ପ୍ରଧାନ ଶିକ୍ଷକ ନିଯୁକ୍ତି ନେଇ ପ୍ରୟାସ ଆରମ୍ଭ କରାଯାଇଛି ବୋଲି କହିଥିଲେ। ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ ରହିଥିଲା। ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଧୀରାମଣି ବିଶ୍ୱାଳ, କଳ୍ପନା ସାମଲ, ପାର୍ବତୀ ସାମଲ ପ୍ରମୁଖ ବହୁ ଅଭିଭାବକ ଧାରଣାରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ୧୯୧୦ରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଦୀର୍ଘ ୨ ବର୍ଷ ହେଲା ପ୍ରଧାନ ଶିକ୍ଷକ ଅବସର ନେବା ପରେ ଏପର୍ଯ୍ୟନ୍ତ ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇନାହାନ୍ତି। ସେହିଭଳି ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୨୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ୪ ଜଣ ନିଯୁକ୍ତି ପାଇଛନ୍ତି। ବିଜ୍ଞାନ ଶିକ୍ଷକ ନ ଥିବାରୁ ପାଠପଢାରେ ସମସ୍ୟା ହେଉଛି। ୮ଟି ଶ୍ରେଣୀ ପାଇଁ ୮ ଗୃହର ଆବଶ୍ୟକତା ଥିଲାବେଳେ ବର୍ତ୍ତମାନ ୩ ଗୃହରେ ପାଠପଢା ହେଉଛି। ଅନ୍ୟ ସମସ୍ତ ଶ୍ରେଣୀଗୃହ ଅସୁରକ୍ଷିତ ହୋଇପଡ଼ିଛି। ଏ ସମ୍ପର୍କରେ ବିଦ୍ୟାଳୟ ଶିକ୍ଷା କମିଟି ଓ ଗ୍ରାମ୍ୟ କମିଟି ତରଫରୁ ବାରମ୍ବାର ବ୍ଲକ ଶିକ୍ଷାଧିକାରିଣୀ ଓ ସ୍ଥାନୀୟ ବିଧାୟକଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

# ବନୀକରଣ ନାଁରେ ଅର୍ଥ ହଡ଼ପ ମସୁଧା

**ସାଦକପୁର ପଞ୍ଚାୟତ**

କୋରେଇ,୨୨।୭(ସ୍ୱ.ପ୍ର.)

କୋରେଇ ବ୍ଲକ ଅର୍ନ୍ତଗତ ସାଦକପୁର ପଞ୍ଚାୟତରେ ଦିନକୁ ଦିନ ଦୁର୍ନୀତିର ଗୁମର ଫିଟିବାରେ ଲାଗିଛି। ଏହି ପଞ୍ଚାୟତରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ସରକାରୀ ଅନୁଦାନ ହଡ଼ପ କରାଯିବାକୁ ମସୁଧା କରାଯାଉଥିବା ଅଭିଯୋଗ ହେଉଛି। ଏବେ ଏକ ବନୀକରଣ ପ୍ରକଳ୍ପରେ ଅର୍ଥ ତୋଷାରପାତ କରିବାକୁ ଯୋଜନା ହେଉଥିବା ଦେଖିବାକୁ ମିଳିଛି।

ଖାରଜବଟିରା ବଡ଼ ପୋଖରୀଠାରୁ ଚମାର ଗଡ଼ିଆ ପର୍ଯ୍ୟନ୍ତ ବନୀକରଣ କରାଯିବାକୁ ଯୋଜନା ଚାଲିଛି। ଏହି ଯୋଜନାରେ ଆନୁମାନିକ ୮ଶହ ଗଛ ଲଗାଯାଇଥିବା ବେଳେ ୧୬ ଶହ ଗଛ ଲଗାଯାଇଥିବା ଦର୍ଶାଇ ବିଲ୍ କରିବାକୁ ମାସୁଧା ଚାଲିଛ। ୧୬ ଶହ ଗଛର କ୍ରୟ ରସିଦ ବ୍ଲକରେ ଦାଖଲ କରାଯାଇଛି। ଏହି ରସିଦ୍ ଜାରକା ଅଞ୍ଚଳର ସନ୍ତିବଜାରସ୍ଥିତ ଭାଟିକା ନର୍ସରିର ବୋଲି ଜଣାପଡ଼ିଛି। କିନ୍ତୁ ଗଛ କିଣାଯାଇଥିବା ତାରିଖ ରସିଦ୍‌ରେ ଉଲ୍ଲେଖ ନାହିଁ। କିନ୍ତୁ ସରକାରୀ ନିୟମାନୁଯାୟୀ, ବନିକରଣ ପ୍ରକଳ୍ପ ନିମନ୍ତେ ଯେଉଁ ଗଛ ଆବଶ୍ୟକ, ତାହା ସରକାରୀ ଅନୁମୋଦିତ ହଟିକଲଚର ବିଭାଗ ଓ ଜଙ୍ଗଲ ବିଭାଗରୁ କିଣାଯାଇ ସରକାରୀ ରସିଦ ଜମା କରିବା କଥା। ଅନ୍ୟପକ୍ଷରେ ସାଦକପୁର ନିର୍ବାହି ଅଧିକାରୀ ଏକ ପ୍ରାଇଭେଟ ସଂସ୍ଥାଠାରୁ ଚାରା କିଣି ୩୩ ହଜାର ଟଙ୍କାର ଜାଲ୍ ରସିଦ ଜମା କରି ଟଙ୍କା ହଡ଼ପ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି। କ୍ରୟ ରସିଦ୍‌ରେ ଅଷ୍ଟ୍ରେଲିଆ ସାଗୁଆନ ୧ ହଜାର , ଆକାଶିଆ ୬୦୦, ନିମ୍ବ ୧୦, ୧୦ କୃଷ୍ଣଚୁଡା ଚାରା କିଣାଯାଇଥିବା ଦର୍ଶାଯାଇଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ନେହେରୁ ବେହେରାଙ୍କୁ ପଚାରିବାରୁ, ଏହାର ତଦନ୍ତ କରି ବିଲ୍ କରାଯିବ ବୋଲି କହିଛନ୍ତି।

## ଏଡିଏମ୍‌ଙ୍କୁ ଭେଟିଲା ବ୍ୟାସନଗର ଭାଜପା ମଣ୍ଡଳ

ଯାଜପୁରରୋଡ,୨୨।୭(ନି.ପ୍ର.)

ବ୍ୟାସନଗର ଭାଜପା ମଣ୍ଡଳ ପକ୍ଷରୁ ସଭାପତି ନିତ୍ୟାନନ୍ଦ ମହାଲିକଙ୍କ ନେତୃତ୍ୱରେ ସୋମବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳ (ଏଡିଏମ୍) ସନ୍ତୋଷ କୁମାର ମିଶ୍ରଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବ୍ୟାସନଗରକୁ ସବ୍‌ଡିଭିଜନ ମାନ୍ୟତା, ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତିକୁ ଅଗ୍ରାଧିକାର ଦାବି ସାମିଲ ଥିଲା। ଏଥିରେ ଚନ୍ଦ୍ରଶେଖର ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି ବିଜୟ ପଣ୍ଡା, ମଣ୍ଡଳ ଉପସଭାପତି ସରୋଜ ଦେ, ଅଶୋକ ପୁହାଣ, ମଣ୍ଡଳ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ବୋଇତେଇ, ଯୁବନେତା ଅସିତ ଦାସ, ବୁଥ୍ ପ୍ରମୁଖ ଗଣେସ ମାଝି, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଛାତ୍ରୀଙ୍କ ମୃତ୍ୟୁ

ସୁକିନ୍ଦା,୨୨।୭(ଡି.ଏନ୍.ଏ.)

୫୩ ନମ୍ବର ଜାତୀୟ ରାଜ ପଥର ଯାଜପୁର ଜିଲା ସୁକିନ୍ଦା ନିକଟରେ ସୋମବାର ଟ୍ରକ୍ ଧକ୍କାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଙ୍ଗଳପୁର ନିକଟସ୍ଥ ସ’ ମିଲ ସାହିର ଜୟରାମ ପୂର୍ତ୍ତିଙ୍କ ଝିଅ ଦେବଜାନି (୧୦)। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ଧରି ମାଡ ମାରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସୁକିନ୍ଦା ଅତିରିକ୍ତ ତହସିଲଦାର ଓ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସୁକିନ୍ଦା ପୋଲିସ ଡ୍ରାଇଭରଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

**ଜିଲାପାଳଙ୍କ ଜନଶୁଣାଣି ଶିବିର**

# ୧୬୫ ଅଭିଯୋଗର ତତ୍କାଳ ସମାଧାନ




ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ।

କୋରେଇ,୨୨।୭(ସ୍ୱ.ପ୍ର.)

କୋରେଇ ବ୍ଲକରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ରଞ୍ଜନ କୁମାର ଦାସ, ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, କୋରେଇ ବ୍ଲକ ଅଧ୍ୟକ୍ଷା ମାଳତୀ ଟୁଡୁ, କୋରେଇ ବିଡିଓ ଉମାକାନ୍ତ ପରିଡା, କୋରେଇ ଥାନାଧିକାରୀ ରଞ୍ଜିତ ମହାନ୍ତି, ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା, ଜିଲା ଜନଶୁଣାଣି ଅଧିକାରୀଙ୍କ ସମେତ ଅନ୍ୟ ବିଭାଗର ପଦାଧିକାରୀ ମାନେ ଯୋଗଦେଇଥିଲେ। ଏହି ଜନଶୁଣାଣି ଶିବିରରେ ସମୁଦାୟ ୪୨୯ ଅଭିଯୋଗ ହୋଇଥିଲା। ସେଥିମଧ୍ୟରେ ୪୦୮ ବ୍ୟକ୍ତିଗତ ଓ ୧୧ ସାମୂହିକ ଅଭିଯୋଗ ଥିଲା। ଏହାଛଡା ତତ୍‌କ୍ଷଣାତ ୧୬୫ ଅଭିଯୋଗର ସମାଧାନ ହୋଇଥିଲାବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮ ଜଣଙ୍କୁ ୬୫ ହଜାର ଟଙ୍କା ଓ ଜଣଙ୍କୁ ଜିଲା ରେଡକ୍ରସ ତରଫରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି।

# ଯାଜପୁରରୋଡକୁ ସବ୍‌ଡିଭିଜନ ମାନ୍ୟତା ଦାବି

ଯାଜପୁରରୋଡ,୨୨।୭(ନି.ପ୍ର.)

ଯାଜପୁର ଜିଲାର ମାନ୍ୟତା ପାଇବା ପରେ ଯାଜପୁରରୋଡକୁ ସବ୍‌ଡିଭିଜନରେ ପରିଣତ କରିବା ପାଇଁ ୧୯୯୯ରେ ଦାବି ହୋଇଥିଲା। ଏ ନେଇ ବହୁ ଆନ୍ଦୋଳନ ମଧ୍ୟ ହୋଇଛି। ଯାଜପୁରରୋଡକୁ ସବ୍‌ଡିଭିଜନ ଘୋଷଣା ପାଇଁ ଏକ ପ୍ରତିନିଧି ଦଳ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭେଟିଥିଲେ। ବିଜୁବାବୁ ଯାଜପୁରରୋଡକୁ ରାଜସ୍ୱ ସବ୍‌ଡିଭିଜନରେ ପରିଣତ କରିବା ପାଇଁ ବୁଦ୍ଧିଜୀବୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଯାଜପୁରରୋଡ ଲୟର୍ସ ଫୋରମ ପକ୍ଷରୁ ୨୦୧୭ରେ ସବ୍‌ଡିଭିଜନ ଦାବି କରି କୋର୍ଟ ଅଚଳ କରାଯାଇଥିଲା। ଏଥିରେ ଜନସାଧାରଣ ସହଯୋଗ କରିଥିଲେ। ତତ୍କାଳୀନ ବିଧାୟକ ଆକାଶ ଦାସ ନାୟକ ଏ ନେଇ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ବ୍ୟାସନଗର ପୌର ପରିଷଦ, କୋରେଇ, ଦାନଗଦି, ସୁକିନ୍ଦାକୁ ଏହି ସବ୍‌ଡିଭିଜନର ଅନ୍ତର୍ଭୁକ୍ତ କରାଯିବ। ଅପରପକ୍ଷରେ ବ୍ୟାସନଗର ପୌର ପରିଷଦ, କୋରେଇ, ଦାନଗଦୀ ପ୍ରଭୃତି ଅଞ୍ଚଳରେ ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଉପଜିଲାପାଳଙ୍କ ସ୍ୱତନ୍ତ୍ର କ୍ଷମତା ରହିଛି। ହେଲେ ଉପଜିଲାପାଳ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଅନେକ ମକଦ୍ଦମା ବହୁଦିନ ଧରି ପଡିରହିଛି। ଲୋକେ ଖର୍ଚ୍ଚାନ୍ତ ହୋଇ ଯାଜପୁର ଯାଇ ଫେରୁଛନ୍ତି। ବିବାହ, ବ୍ରତ, ସଭା, ସମିତି କ୍ଷେତ୍ରରେ ଅନୁମତି ନେବା ପାଇଁ ଯାଜପୁର ଯିବାକୁ ପଡୁଛି। ଯାଜପୁରରୋଡ ବୁଦ୍ଧିଜୀବୀ ଓ ଲୟର୍ସ ଫୋରମ୍ ପକ୍ଷରୁ ଆନ୍ଦୋଳନ ଫଳରେ ଅନୁମତି ଦେବାର କ୍ଷମତା କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ମିଳିଛି। ଯାଜପୁରରୋଡ ସହରର ଅଭିବୃଦ୍ଧି ଘଟୁଥିବାବେଳେ ଏହା କଳିଙ୍ଗନଗର ଶିଳ୍ପାଞ୍ଚଳର ଦ୍ୱାରଦେଶ ହୋଇଥିବାରୁ ଅନ୍ୟାନ୍ୟ ସବଡିଭିଜନାଲ ଅଫିସ୍ ରହିଛି। ହେଲେ ସବ୍‌ଡିଭିଜନ ମାନ୍ୟତା ମିଳିପାରିନାହିଁ। ଯାଜପୁରରୋଡକୁ ସବଡିଭିଜନ୍ କରା ନ ଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବା ନେଇ ବିଭିନ୍ନ ସଂଗଠନ ପକ୍ଷରୁ ବୈଠକ ମାଧ୍ୟମରେ ପ୍ରସ୍ତୁତି ଚାଲିଛି।

ଆଇଏନଟିୟୁସି ଜିଲା ସଭାପତି ବିଦ୍ୟାଧର ମହାନ୍ତି କୁହନ୍ତି, ଯାଜପୁରରୋଡକୁ ସବଡିଭିଜନରେ ପରିଣତ କରିବା ପାଇଁ ଆଇଏନଟିୟୁସି ତରଫରୁ ବହୁଥର ଦାବି କରାଯାଇଛି। ଉପଜିଲାପାଳଙ୍କ ନିକଟରେ ଜନସାଧାରଣଙ୍କର ବହୁ କାର୍ଯ୍ୟ ଥିବାରୁ ଯାଜପୁର ଯାଉଛନ୍ତି। ଉପଜିଲାପାଳଙ୍କୁ ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତ ରହୁଥିବାରୁ ବହୁ ମକଦ୍ଦମା ଫଇସଲା ହୋଇପାରୁନାହିଁ। ରାଜ୍ୟ ସରକାର ସବଡିଭିଜନ ଘୋଷଣା ନ କଲେ ଆଗାମୀ ଦିନରେ ଦଳବଳ ନିର୍ବିଶେଷରେ ଆନ୍ଦୋଳନ ଜୋରଦାର କରାଯିବ। ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପତି କୁହନ୍ତି, ଯାଜପୁର ରୋଡ ଲୟର୍ସ ଫୋରମ ପକ୍ଷରୁ ଯାଜପୁରରୋଡକୁ ସବଡିଭିଜନ ପାଇଁ ଦାବି କରାଯାଇଥିଲା। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରିଥିଲେ। ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିଲା। ରୋଟ୍ରାକ୍ଟ କ୍ଲବ ପୂର୍ବତନ ସଭାପତି ଅଭିଳାଷ ବୋଇତାଇଙ୍କ ମତରେ ଯାଜପୁରରୋଡ ସବଡିଭିଜନ ମାନ୍ୟତା ପାଇଁ ଉପଯୁକ୍ତ। ଏହି ସହରରେ ଦିନକୁ ଦିନ ଲୋକସଂଖ୍ୟା ବୃଦ୍ଧି ପାଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ଦ୍ୱାରଦେଶରେ ରହିଥିବାରୁ ସହରର ଆଇନ ଶୃଙ୍ଖଳା ବ୍ୟାହତ ହେଉଛି। ଯାଜପୁରରୋଡଠାରେ ରାଜସ୍ୱ ଡିଭିଜନ କରିବା ପାଇଁ ୧୦ ବର୍ଷ ଧରି ଦାବି ହେଉଛି।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ୨୪ରେ ନୟାଗଡ଼ ବନ୍ଦ ଡାକରା ସ୍ଥଗିତ

**ନୟାଗଡ଼ ଅଫିସ,୨୨।୭:** ଦୀର୍ଘ ୫ ବର୍ଷ ହେଲାଣି ବନ୍ଦ ହୋଇପଡ଼ିଥିବା ଚିନିକଲକୁ ଖୋଲିବା ଦାବିରେ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ନୟାଗଡ଼ ବନ୍ଦ ପାଳନକୁ ସ୍ଥଗିତ ରଖାଯାଇଛି। ଚିନିକଲ ପୁନରୁଦ୍ଧାର କ୍ରିୟାନୁଷ୍ଠାନ କମିଟିର ଆବାହକ ବିଶ୍ୱନାଥ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସୋମବାର ଭୁବନେଶ୍ୱରଠାରେ କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ସହିତ କମିଟିର ସଦସ୍ୟମାନେ ଆଲୋଚନା କରିଥିଲେ। ଆସନ୍ତା ଅଗଷ୍ଟ ୨ତାରିଖରେ ମନ୍ତ୍ରୀ , ଜିଲାପାଳ, କମିଟି ସଦସ୍ୟଙ୍କ ସହିତ ନୟାଗଡ଼ରେ ଏକ ବୈଠକ କରାଯାଇ ଏ ନେଇ ଆଲୋଚନା କରାଯିବ। ବିଧାନସଭା ଅଧିବେଶନ ସରିବା ପରେ ସମବାୟ ମନ୍ତ୍ରୀଙ୍କ ସହିତ ଏ ନେଇ ଆଲୋଚନା କରାଯିବ। ଚିନିକଲ ଖୋଲିବା ନେଇ ମିଳିତ ଭାବେ ପ୍ରଚେଷ୍ଟା କରାଯିବ ବୋଲି ସୋମବାର ହୋଇଥିବା ଆଲୋଚନାରେ ନିଷ୍ପତ୍ତି ହୋଇଥିଲା । ତେଣୁ ଆସନ୍ତା ୨୪ ତାରିଖ ନୟାଗଡ଼ ବନ୍ଦ ଡାକରାକୁ ସ୍ଥଗିତ କରାଯାଇଥିବା ଆବାହକ ବିଶ୍ୱନାଥ ପ୍ରକାଶ କରିଛନ୍ତି। କମିଟିର ଅନ୍ୟ ସଦସ୍ୟମାନେ ଆଲୋଚନାରେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଚିନିକଲକୁ ଖୋଲିବା ଓ ପୁନରୁଦ୍ଧାର ଦାବିରେ ଗତ ୧୬ ତାରିଖରେ ଚିନିକଲ ପୁନରୁଦ୍ଧାର କ୍ରିୟାନୁଷ୍ଠାନ କମିଟି ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ସେହିଭଳି କମିଟିର ସଦସ୍ୟମାନେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିନିକଲ ଖୋଲିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।

### ଦୁଇ ଯୁବକଙ୍କ ମହାନତା ରାସ୍ତାରୁ ପାଇଥିବା ମୋବାଇଲ୍ ଫେରାଇଲେ

**ଜଟଣୀ, ୨୨।୭(ଡି.ଏନ.ଏ.):** କାର୍‌ରୁ ଓହ୍ଲାଇବା ସମୟରେ ଆଇନଜୀବୀ ସୁବାସ ଶତପଥୀଙ୍କ ପକେଟ୍‌ରୁ ତାଙ୍କ ମୋବାଇଲଟି ଖସି ପଡ଼ିଥିଲା। ଘରକୁ ଗଲା ପରେ ପକେଟ୍‌ରେ ମୋବାଇଲଟି ନ ଥିବା ସେ ଜାଣିବାକୁ ପାଇଥିଲେ। ଜଟଣୀ ମେଡିକାଲ ରୋଡ୍‌ରେ ରହୁଥିବା ସୁବାସଙ୍କ ଏହି ଦାମୀ ମୋବାଇଲଟି ରବିବାର ସନ୍ଧ୍ୟାରେ ଏପରି ଅବସ୍ଥାରେ ହଜି ଯାଇଥିଲା। ଜାଣିବା ପରେ ବ୍ୟସ୍ତ ହୋଇ ସେ ଖୋଜିଥିଲେ ମଧ ପାଇ ନ ଥିଲେ। ହେଲେ ମ୍ୟୁନିସିପାଲିଟି ଛକର ମୁଖ୍ୟ ରାସ୍ତା ଉପରେ ପଡ଼ିଥିବା ଏହି ମୋବାଇଲକୁ ଦୁଇ ଯୁବକ ପାଇଥିଲେ। ମୋବାଇଲ ପାଇଥିବା ଯୁବକ ଦ୍ୱୟ ହେଲେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମସିଷ୍ଟ ଯଜ୍ଞଦତ୍ତ ସେଠୀ ଓ ତାଙ୍କ ବନ୍ଧୁ ସଂଗ୍ରାମ କେଶରୀ ହୋତା। ପାଇଲା ପରେ ମୋବାଇଲରୁ ସୁବାସଙ୍କ ଫଟୋ ଦେଖିବାକୁ ପାଇଥିଲେ। ଫଟୋରୁ ଅନୁମାନ କରି ତାଙ୍କ ଘର ଠିକଣାରେ ପହଞ୍ଚିଥିଲେ। ସେଠାରେ ସୁବାସଙ୍କୁ ହଜି ଯାଇଥିବା ତାଙ୍କ ମୋବାଇଲକୁ ହସ୍ତାନ୍ତର କରିଥିଲେ। ଦୁଇ ଯୁବକଙ୍କ ଏପରି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## ଶ୍ରାବଣ ମାସର ପ୍ରଥମ ସୋମବାର

# ଲଡୁବାବାଙ୍କୁ ଜଳଲାଗି କଲେ ୩୯୦୦ କାଉଡ଼ିଆ

**ନୟାଗଡ଼ ଅଫିସ,୨୨।୭**

ଓଡ଼ିଶାର ପ୍ରସିଦ୍ଧ ଅନ୍ୟତମ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାରରେ ୩୯୦୦ କାଉଡିଆ ଜଳ ଲାଗି କରିଛନ୍ତି। ନିଜର ମନସ୍କାମନା ପୂରଣ କରିବା ଲାଗି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କାଉଡିଆମାନେ ଜଳଲାଗି କରିବା ପାଇଁ ଲଡୁବାବାଙ୍କ ପୀଠକୁ ଆସିଥିଲେ। ଶନିବାର ସନ୍ଧ୍ୟା ପରଠାରୁ ପୀଠରେ କାଉଡିଆମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରଥମ ସୋମବାରରେ କାଉଡିଆମାନେ କିପରି ସୁରୁଖୁରରେ ଜଳଲାଗି କରିବେ ସେଥିପାଇଁ ମନ୍ଦିର ସେବାୟତ ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସେମାନେ ସୁବିଧାରେ ଜଳ ଢାଳିବା ପାଇଁ ମନ୍ଦିର ବାହାରେ ଓ ଭିତରେ ବ୍ୟାରିକେଡ଼ର ବନ୍ଦୋବସ୍ତ କରାଯାଇଥିଲା। ସମସ୍ତ କାଉଡିଆ ଶାନ୍ତିଶୃଙ୍ଖଳା ରକ୍ଷା କରି ଜଳ ଲାଗି



ଲଡୁବାବାଙ୍କ ପୀଠରେ ଜଳଲାଗି ପାଇଁ କାଉଡିଆମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

### ରାତି ୨ଟାରେ ଖୋଲିଲା ପହଡ଼

କରିବା ପାଇଁ ଲମ୍ବା ଲାଇନ୍‌ରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। କାଉଡିଆମାନେ ବିଶ୍ରାମ ନେବା ପାଇଁ ଯାତ୍ରା ପଡିଆରେ ଅସ୍ଥାୟୀ ଟେଣ୍ଟ କରାଯାଇଥିଲା। ସେହିପରି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଥିଲା। ରବିବାର ରାତ୍ର ୨ଟାରେ ମନ୍ଦିର ଖୋଲାଯାଇ ଠାକୁରଙ୍କ ପହଡ଼ ଭଙ୍ଗାଯାଇଥିଲା। ପରେ ଠାକୁରଙ୍କ ଅବକାଶ ନୀତି ଓ ମହାସ୍ନାନ କରାଯାଇ ସେବାୟତମାନେ ପ୍ରଥମେ ଲଡୁବାବାଙ୍କ ଉପରେ ଜଳ ଲାଗି କରିଥିଲେ। ଏହା ପରେ ପ୍ରଥମେ ଛୋଟ ପିଲା ଓ ମହିଳା ଭକ୍ତମାନଙ୍କୁ ଲଡୁବାବାଙ୍କ ଠାରେ ଜଳ ଲାଗି କରିବା ପାଇଁ ସୁଯୋଗ ଦିଆଯାଇଥିଲା। ପରେ ପୁରୁଷ ଭକ୍ତମାନେ ସକାଳ ୮ଟା ପର୍ଯ୍ୟନ୍ତ ଜଳ ଲାଗି କରିଥିଲେ। ତାପରେ ଜଳଲାଗି ବନ୍ଦ କରାଯାଇଥିଲା। ଏହା ପରେ ଠାକୁରଙ୍କ ବଲ୍ଲଭନୀତି , ସକାଳ ଧୂପ, ସେବାୟତଙ୍କ ଚୂଡ଼ାଭୋଗ, କ୍ଷୀରାଭିଷେକ ଭୋଗ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ପୁନର୍ବାର ଜଳଲାଗି କାର୍ଯ୍ୟ ଆରମ୍ଭ ହୋଇଥିଲା। ଅବଶିଷ୍ଟ କାଉଡିଆମାନେ ଜଳଲାଗି କରି ସାରିବା ପରେ ଅପରାହ୍ନ ୧ଟାରେ ଏହା ଶେଷ ହୋଇଥିଲା। ଏହା ପରେ ଠାକୁରଙ୍କ ମଧ୍ୟାହ୍ନ ଧୂପ କରାଯାଇ ପହଡ଼ ପଡ଼ିଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତ ସେବାୟତ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟ, ଶରଣକୁଳ ପୋଲିସ ଶାନ୍ତିଶୃଙ୍ଖଳାର ସହିତ ଏହାକୁ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ଶୈବପୀଠରେ ମଧ କାଉଡିଆମାନେ ଜଳଲାଗି କରିଥିଲେ।

### ନୂଆ ସ୍ୱର, ନିଆରା କଥା କାର୍ଯ୍ୟକ୍ରମ

**ନୟାଗଡ଼ ଅଫିସ,୨୨।୭**

ଉତ୍କଳ ସମ୍ମିଳନୀ ନୟାଗଡ଼ ଜିଲା ଶାଖା ପକ୍ଷରୁ ସାହିତ୍ୟିକମାନଙ୍କୁ ନେଇ ନୂଆ ସ୍ୱର, ନିଆରା କଥା ଆଲୋଚନା ଚକ୍ର ରବିବାର ସ୍ଥାନୀୟ ମୈତ୍ରୀ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକା ବସନ୍ତିନ୍ ବିବିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ଅଧିବେଶନର ୪ଟି ପର୍ଯ୍ୟାୟରେ ହୋଇଥିବା ଆଲୋଚନା ଚକ୍ରରେ କବି ଓ ସାହିତ୍ୟିକମାନେ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଅରୁଣ ମହାନ୍ତି, ସୁକାନ୍ତି ମହାନ୍ତି, ଅନୀଲ କୁମାର ପଣ୍ଡା, ଜୟଶ୍ରୀ ଦେବୀ, ଉତ୍ପଳ କୁମାର ସାହୁ, ଦୁଃଖୀଶ୍ୟାମ ଦାସଙ୍କ ସମେତ ଏକାଧିକ କବି ଓ ସାହିତ୍ୟିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସାହିତ୍ୟିକା ବସନ୍ତିନ୍ ବିବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗୀତାରେ ପ୍ରଥମ ହୋଇଥିବା ପ୍ରତୀକ୍ଷା ପଣ୍ଡା ଏବଂ ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ ହୋଇଥିବା ଶ୍ରେୟାଶ୍ରୀ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଜେଲ ସମ୍ମୁଖରେ ଗଣଧାରଣା ୮ ଦିବସରେ



ସବ୍‌ଜେଲ ସମ୍ମୁଖରେ ଧାରଣାରତ କମିଟି ସଦସ୍ୟ ଓ ଅନ୍ୟମାନେ।

**ଦଶପଲ୍ଲା,୨୨।୭ (ଡି.ଏନ.ଏ.)**
ଦଶପଲ୍ଲା ସବ୍‌ଜେଲ ସମ୍ମୁଖରେ ଚାଲିଥିବା ଗଣଧାରଣା ସୋମବାର ୮ମ ଦିନରେ ପହଞ୍ଚିଛି। ଦଶପଲ୍ଲା ସବ୍‌ଜେଲକୁ ବାଳ ଅପରାଧୀମାନଙ୍କ ସୁରକ୍ଷିତସ୍ଥଳ ଭାବେ ଘୋଷଣା ଓ ସବ୍‌ଜେଲରେ ଥିବା ଅନ୍ତେବାସୀଙ୍କୁ ନୟାଗଡ଼ ସ୍ଥାନାନ୍ତରକୁ ବିରୋଧ କରି କ୍ରିୟାନୁଷ୍ଠାନ କମିଟି ତରଫରୁ ଗତ ୧୫ ତାରିଖରୁ ଗଣଧାରଣା ଚାଲୁ ରହିଛି। ୧୫ ରେ ଦଶପଲ୍ଲା ବନ୍ଦ ପାଳନ ପରେ ଗଣଧାରଣା ଦିଆଯାଇଥିଲା। ଅଷ୍ଟମ ଦିବସରେ ଦଶପଲ୍ଲା ଖବରଦାତା କ୍ରିୟାନୁଷ୍ଠାନ କମିଟି ଏବଂ ଗଣିଆ ବ୍ଲକର ଖବରଦାତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସେମାମାନଙ୍କ ମଧ୍ୟରେ ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ନାୟକ, ସିପିଆଇଏମ୍‌ର ଶରତ ବେହେରା, ଗଣେଶ୍ୱର ନାୟକ, ଶିକ୍ଷାବିତ୍ ପ୍ରଫେସର ନନ୍ଦ କିଶୋର ମିଶ୍ର, ଖବରଦାତା ସୁରେଶ ମିଶ୍ର, ବେଣୁଧର ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇ ସ୍ଥାନାନ୍ତରକୁ ବିରୋଧ କରିଥିଲେ। ସ୍ଥାନାନ୍ତର ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଏହି ଗଣଧାରଣା ଚାଲୁ ରହିବ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି।

## ଝାଡ଼ଖଣ୍ଡରେ ଖୋର୍ଦ୍ଧାର ନାଟକ

**ଖୋର୍ଦ୍ଧା ଅଫିସ,୨୨।୭:** ଝାଡଖଣ୍ଡର ଧାନବାଦ୍‌ଠାରେ ୪ର୍ଥ ସର୍ବଭାରତୀୟ ସାଂସ୍କୃତିକ ପ୍ରତିଯୋଗିତା କଳାହିରା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରୟାଗ ସଙ୍ଗୀତ ସମିତି ଅନୁକୂଲ୍ୟରେ ଲୋକନୃତ୍ୟ, ଲୋକ ସଙ୍ଗୀତ ପ୍ରମୁଖ ସମାଲି ହୋଇଥିଲେ। ଏଥିରେ ଖୋର୍ଦ୍ଧାର ମଞ୍ଚ ନାଟକ ଅଟୋବାଲା ମଞ୍ଚସ୍ଥ ହୋଇଥିଲା। ନାଟକ କ୍ଷେତ୍ରରେ ଅବଦାନ ପାଇଁ ନାଟ୍ୟକାର ଧନେଶ୍ୱର ସାହୁ, ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି କଳାହିରା ନାଟ୍ୟ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିରେ ୨୨ ରାଜ୍ୟର ୨୧୦୦ କଳାକାର ଯୋଗଦେଇ କଳା ନୈପୁଣତା ପ୍ରଦର୍ଶନ କରିଥିଲେ।

### ୨ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କଲା ସିଡବ୍ଲ୍ୟୁସି

**ନୟାଗଡ଼ ଅଫିସ,୨୨।୭**

୨ନାବାଳିକା ରବିବାର ଓଡ଼ଗାଁ ବ୍ଲକ ରୋହିବାଙ୍କ ଉଦୟପୁର ରାସ୍ତାରେ ଥିବା ପଥର ଖାଦାନପାଣିରେ ବୁଡ଼ି ଆତ୍ମହତ୍ୟା କରିବାକୁ ଆସିଥିବା ବେଳେ କେତେକ ମହିଳା ସେମାନଙ୍କୁ ଦେଖି ଉଦ୍ଧାର କରିଥିଲେ। ଉଭୟଙ୍କୁ ଓଡ଼ଗାଁ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ସେମାନଙ୍କୁ ପଚରାଉଚୁରା କରିବା ପରେ ନାବାଳିକାଦ୍ୱୟ ଭିନ୍ନ ଭିନ୍ନ ମତ ଦେଇଥିଲେ। ଏହାପରେ ଉଭୟ ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି)ଙ୍କୁ ହସ୍ତାନ୍ତର କରାଯାଇଥିଲା। ସୋମବାର ଶିଶୁ ମଙ୍ଗଳ ସମିତିର ସଦସ୍ୟାମାନେ ଉଭୟ ନାବାଳିକାଙ୍କୁ ପଚାରାଉଚୁରା କରିବା ପରେ ସେମାନଙ୍କ ଘର କୋମଣ୍ଡ ଅଞ୍ଚଳରେ ବୋଲି ଜାଣିବାକୁ ପାଇଥିଲେ। ଏହାପରେ ଜିଲା ଶିଶୁ ମଙ୍ଗଳ ସମିତି ପରିବାର ଲୋକଙ୍କୁ ଡକାଇଥିଲା। ଦୁଇ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜଣେ ନାବାଳିକା ତାଙ୍କ ଘରକୁ ଯାଇଥିବା ବେଳେ ଆଉ ଜଣେ ନାବାଳିକାଙ୍କୁ ତାଙ୍କ ଆଈଙ୍କ ପାଖକୁ ପଠାଯାଇଥିଲା ବୋଲି ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ସୂଚନା ଦିଆଯାଇଛି।

## ଅଥଚ ଆନନ୍ଦ ଉପନ୍ୟାସ ଉନ୍ମୋଚିତ

**ନୟାଗଡ଼ ଅଫିସ,୨୨।୭**

ଲେଖକ ତଥା ଔପନାସିକ ବିଶ୍ୱନାଥ ମହାପାତ୍ରଙ୍କ ଅଥଚ ଆନନ୍ଦ ଉପନ୍ୟାସ ରବିବାର ସ୍ଥାନୀୟ ରୋଟାରୀ ଭବନଠାରେ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ଏମ୍‌ପି ଶିବାଜୀ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମାଜିକକର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଚିବ କବି ଅଶ୍ୱିନ କୁମାର ମିଶ୍ର ଉପନ୍ୟାସଟି ଆଦୃତ ଲାଭ କରିବ ବୋଲି ପ୍ରକାଶ କରିଥିଲେ। ଆଜିର ଦିନରେ ପ୍ରଗତିଶୀଳ ସାହିତ୍ୟ ଉପରେ ପ୍ରତିକ୍ରିୟାଶୀଳ ଗୋଷ୍ଠୀର ଆକ୍ରମଣ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ବର୍ତ୍ତମାନ ଲେଖକ, ବୁଦ୍ଧିଜୀବୀ ଓ ସାମ୍ବାଦିକମାନଙ୍କ ଉପରେ ହେଉଥବା ଆକ୍ରମଣ ଏବଂ ହତ୍ୟାର ତାଣ୍ଡବ କିଭଳି ଅମୂଲ୍ୟ ଜୀବନର ଅନ୍ତ ଘଟାଉଛି ତାହା ଉପରେ ବିଶଦ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଣୁବାଳା ପ୍ରକାଶନୀର ମୁଖ୍ୟ ଶରତ ଚନ୍ଦ୍ର ବେହେରା, ଡ. ବିଜୟ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଚୌଧୁରୀ ଉପନ୍ୟାସକୁ ସମୀକ୍ଷା କରି ପ୍ରଗତିଶୀଳ ସାହିତ୍ୟକୃତି, ଯାହାକି ମଣିଷର ନିକଟତମ ଆଶ୍ରୟସ୍ଥଳୀ ପରିବାର ଓ ଗାଁର ସଂସ୍କାର ସହିତ ଯୋଡ଼ି ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବ୍ୟଙ୍ଗକବି ସତ୍ୟାନାଶ, ସତ୍ୟବାଦୀ ସାପ୍ତାହିକ ଜନବାଦୀର ସମ୍ପାଦକ ଚକ୍ରଧର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଆଶୁତୋଷ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ କବିୟିତ୍ରୀ ସୌଦାମିନୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ଉପନ୍ୟାସକୁ ଉନ୍ମୋଚନ କରୁଛନ୍ତି।

## ମେଗା ଆଇନ ସଚେତନତା ଶିବିର

**ନୟାଗଡ଼ ଅଫିସ,୨୨।୭**

ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରବିବାର ନୟାଗଡ଼ ଈଶ୍ୱରକଲ୍ୟାଣ ମଣ୍ଡପଠାରେ ଏକ ମେଗା ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଚାରପତି ପଣ୍ଡା ନିଜ ବକ୍ତବ୍ୟରେ ସାଧାରଣ ଲୋକଟିଏ କିପରି ଆଇନ୍‌ର ସୁବିଧା ପାଇପାରିବ ସେ ବିଷୟରେ ସୂଚନା ଦେଇଥିଲେ। ଆଇନ୍ ସେବା ପ୍ରାଧିକରଣ ସହଯୋଗରେ ଜଣେ ସାଧାରଣ ଲୋକ ମାମଲା ଲଢ଼ିବା ନେଇ ଥିବା ସୁବିଧା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଶିବିରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଯୋଜନା ବିଷୟରେ ୨୩ଟି ଷ୍ଟଲ ଖୋଲାଯାଇଥିଲା। ଜଙ୍ଗଲ, ସ୍ୱାସ୍ଥ୍ୟ, ଶିଳ୍ପ, ଶିକ୍ଷା ବିଭାଗ, ଓରମାସ, ବେଟି ବଚାଓ ବେଟି ପଢ଼ାଓ ଭଳି ଷ୍ଟଲ ଖୋଲାଯାଇଥିଲା। ଶିବିରରେ ଜନସାଧାରଣଙ୍କୁ ଜମିପଟ୍ଟା, ଶ୍ରମିକ ପରିଚୟ ପତ୍ର, ଜବ୍‌କାର୍ଡ଼, ଟ୍ରାଇସାଇକେଲ ଆଦି ବଣ୍ଟନ କରାଯାଇଥିଲା। ସେହିପରି ଅନ୍ୟ ଜାତିରେ ବିବାହ କରିଥିବା ୨ ଦମ୍ପତିଙ୍କୁ ୫ ଲକ୍ଷ ଓ ଜାତିଆଣ ନିର୍ଯାତନାର ଶିକାର ହୋଇଥିବା ୨ ଜଣ ପୀଡ଼ିତାଙ୍କୁ ଦେଢ଼ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ଶିବିରରେ ଓଡ଼ିଶା ଆଇନ୍ ସେବା ପ୍ରାଧିକରଣ ସଦସ୍ୟ ସଚିବ ଦେବାଶିଷ ନାୟକ, ଉପସଚିବ ଦୀପକ ରଞ୍ଜନ ସାହୁ, ସଚିବ ଜ୍ୟୋତିପ୍ରକାଶ ଦାସ ଯୋଗ ଦେଇ ବକ୍ତବ୍ୟ ପଦାନ କରିଥିଲେ। ଜିଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପରିବାର ଅଦାଲତ ଜଜ୍ ରାଜେଶ ଏକ୍କା, ଅତିରିକ୍ତ ଜିଲା ଦୌରାଜଜ୍ ପ୍ରସନ୍ନ କୁମାର ପଣ୍ଡା, ସବଜଜ୍ ମୁସାରିତ ଜାହିନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଡ. ଏନ୍ ତିରୁମାଲା ନାୟକ, ଏସ୍‌ପି ଶଶିଭୂଷଣ ଶତପଥୀ, ଡିଏଫଓ ଧନରାଜ ଏଚ୍‌ଡ଼ିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ରଞ୍ଜୁଲତା ଲେଙ୍କା ଧନ୍ୟବାଦ ଦେଇଥିଲେ।




ହିତାଧିକାରୀଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ କରାଯାଉଛି।

# ସ୍ୱଳ୍ପ ବୃଷ୍ଟି, ଶୁଖିଲା ପଡ଼ିଛି ଚାଷଜମି

## ମୁଣ୍ଡରେ ହାତଦେଇ ବସିଛି ଚାଷୀ

**ରଣପୁର,୨୨।୭ (ସ୍ୱ.ପ୍ର.)**

ବର୍ଷା ଅଭାବରୁ ରଣପୁର ବ୍ଲକ ଅଞ୍ଚଳରେ ଜମି ଫାଟି ଆଁ କଲାଣି। କେଉଁଠି ବର୍ଷା ପାଇଁ ବେଙ୍ଗ ବିବାହ ତ ଆଉ କେଉଁଠି ଡାଳମାଙ୍କୁଡି ନୃତ୍ୟ କରାଗଲାଣି । ତଥାପି ଇନ୍ଦ୍ର ଦେବଙ୍କ କୋପ ଚାଷୀଙ୍କ ଉପରୁ ଦୂର ହେଉନି । ସରକାର ଚାଷ ପାଇଁ ଜଳସେଚନକୁ ଗୁରୁତ୍ୱ ଦେଉଥିବାବେଳେ ଏଠାରେ କେନାଲରେ ପାଣି ନାହିଁ। ବୋରୱେଲ୍ ଥିଲେ ବି କାମରେ ଲାଗୁନି। ସେହିପରି ଚେକ୍‌ଡ୍ୟାମ ଅବସ୍ଥା ନ କହିବା ଭଲ । ଏଭଳି ସ୍ଥିତିରେ ଚାଷୀର ଭରସା ହେଉଛି ବର୍ଷା ଜଳ। ହେଲେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟି କାରଣରୁ ଚାଷ କାର୍ଯ୍ୟରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି। ଯେଉଁ ସମୟରେ ଧାନକ୍ଷେତରେ ବେଉଷଣ କରିବା କଥା ସେତେବେଳେ ଚାଷୀ ହାତବାନ୍ଧି ବସିଛି। ଏହି ପରିସ୍ଥିତି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଚାଷୀଙ୍କ ଚିନ୍ତା ବଢାଇଦେଇଛି।

ଏହି ବ୍ଲକରେ ସମୁଦାୟ ୨୦ହଜାର ୨୨୭ ହେକ୍ଟର ଚାଷ ଜମି ରହିଛି । ଚାଷୀମାନେ ଧାନଚାଷ ପାଇଁ ମୁଖ୍ୟତଃ ବର୍ଷାଜଳ ଉପରେ ନିର୍ଭର କରିଥାନ୍ତି। ଯେଉଁ ବର୍ଷ ଭଲ ବର୍ଷା ହୁଏ ସେବର୍ଷ ଚାଷୀ ମନରେ ଉତ୍ସାହ ଦେଖିବାକୁ ମିଳେ। ଚାଷ କାର୍ଯ୍ୟ ମଧ ଭଲ ହୋଇଥାଏ। ବ୍ଲକରେ ଜଳସେଚନର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି



ଧାନ ଜମି ଫାଟି ଆଁ କରିଛି।

ଚେକ୍‌ଡ୍ୟାମ୍, ବନ୍ଧ ଆଦି ନିର୍ମାଣ କରିଛନ୍ତି। ହେଲେ ନିମ୍ନମାନର ଯୋଗୁ ଚାଷୀମାନେ ସେଥିରୁ ସୁଫଳ ପାଇପାରୁ ନ ଥିବା ପ୍ରକାଶ କରିଛନ୍ତି। ଅପରପକ୍ଷେ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ବୋର୍‌ୱେଲ ଖନନ କରାଯାଇଛି। ସେଥିମଧ୍ୟରୁ କେଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ ତ କେଉଁଠି ଖୁଣ୍ଟି ପୋତା ନ ଯିବାରୁ ସେଗୁଡିକ ଚାଷୀଙ୍କ କାମରେ ଆସୁନି। ବ୍ଲକର ମାତ୍ର ୧୫ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ରହିଛି, ଯାହା ସମୁଦ୍ରକୁ ଶଙ୍ଖେ। ଚଳିତବର୍ଷ ବ୍ଲକରେ ୧୭ହଜାର ୩୨୫ ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଛି। କମ୍ ଜମିରେ ଧାନରୁଆ ହୋଇଥିଲା ବେଳେ ଅଧିକ ଜମିରେ ଚାଷୀମାନେ ଧାନ ବୁଣିଛନ୍ତି। ଅକ୍ଷୟତୃତୀୟାଠାରୁ ଅଖିମୁଠି ଅନୁକୂଳ କରି ଚାଷୀମାନେ ଧାନ ବୁଣିଥିଲେ। ମାତ୍ର ବର୍ଷା ଅଭାବରୁ ଜମିରେ ଧାନ ଗଜା ନ ହୋଇ ନଷ୍ଟ ହୋଇଗଲାଣି। ଯେଉଁଠି ଗଜା ବାହାରି ଗଛ ହୋଇଥିଲା ପାଣି ଅଭାବରୁ ଉକ୍ତ ଜମି ଫାଟି ଆଁ କରିଛି। ବର୍ଷା ପରିମାଣ ଦେଖିଲେ ଜୁନ ୨୦୧୮ରେ ବ୍ଲକରେ ୧୬୪.୪ ମିଲିମିଟର ବର୍ଷା ହୋଇଥିଲା ବେଳେ ୨୦୧୯ ଜୁନରେ ତାହା ୮୫.୦୦ ମିମିରେ ସୀମିତ ରହିଛି । ସେହିପରି ଜୁଲାଇ ୨୦୧୮ରେ ୩୪୩.୮ ମିଲିମିଟର ବର୍ଷା ହୋଇଥିଲାବେଳେ ୨୦୧୯ ଜୁଲାଇ ୨୧ ତାରିଖ ସୁଦ୍ଧା ୧୬୪.୨ମିମି ବର୍ଷା ରେକର୍ଡ ହୋଇଛି । ଏହି ତଥ୍ୟରୁ କେତେ ପରିମାଣ କମ୍ ବର୍ଷା ହୋଇଛି ତାହା ସ୍ପଷ୍ଟ ହେଉଛି।

ଏ ସମ୍ପର୍କରେ ରଣପୁର କୃଷି ବିଭାଗ ଅଧିକାରିଣୀ ରାଜଶ୍ରୀ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଅଗଷ୍ଟ, ସେପ୍ଟେମ୍ବର ମାସରେ ଭଲ ବର୍ଷା ହେଲେ ଚାଷୀଙ୍କ ଖରିଫ ଧାନ ଚାଷ ଭଲ ହେବ। ଯଦି ନ ହେବ ଚାଷକାର୍ଯ୍ୟ କ୍ଷତିଗ୍ରସ୍ତ ହେବ । ଏଠାରେ କରାଯାଇଥିବା ଜଳସେଚନ ପ୍ରକଳ୍ପଗୁଡିକରେ ଜଳ ନ ରହିବାରୁ ଚାଷୀମାନେ ଚାଷ କାର୍ଯ୍ୟରେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ବିଲଗାଡିଆ ଗ୍ରାମର ଚାଷୀ ଅଖିଳ ପଟ୍ଟନାୟକ କୁହନ୍ତି, ଅକ୍ଷୟ ତୃତୀୟାଠାରୁ ଜମିରେ ଧାନ ବୁଣିଥିଲେ ମଧ ଗଜା ହେଉ ନ ଥିବାରୁ ମରୁଡି ହେବା ଆଶଙ୍କା ଦେଖାଦେଇଛି। ସରକାର ଜଳସେଚନ ବ୍ୟବସ୍ଥା କରି ନ ଥିବାରୁ ଚାଷୀମାନେ ବର୍ଷା ଜଳ ଉପରେ ନିର୍ଭର କରି ହଇରାଣ ହେଉଛନ୍ତି। ଚାଷୀ ଭିକାରୀ ବୈରୀଗଞ୍ଜନ, ରାଉଳ ମାଝି, ସଦାଶିବ ପରିଡା, କୋଳଥପଙ୍ଗି ଗ୍ରାମର ଗୋଲଖ ବିହାରୀ ସାହୁ, ହରିହର ପ୍ରଧାନ, ଭିକାରୀ ସାହୁ କୁହନ୍ତି, ଜମିରେ ବୁଣିଥିବା ଧାନ ଗଛ ଛୋଟ ହୋଇଥିଲା ବେଳେ ବର୍ଷା ଓ ଜଳସେଚନ ଅଭାବରୁ ଜମି ଫାଟି ଆଁ କରିଛି । ଆମେ ଧାରକରଜ କରି ଚାଷ କରିଛୁ । ଯଦି ଭଲ ବର୍ଷା ନ ହେବ ଫସଲ ନଷ୍ଟ ହେବ।

**ରଣପୁର ବ୍ଲକରେ ବର୍ଷା ପରିମାଣ**
- ଜୁଲାଇ ୨୦୧୮ରେ ୩୪୩.୮ ମିଲିମିଟର
- ୨୦୧୯ ଜୁଲାଇ ୨୧ ତାରିଖ ସୁଦ୍ଧା ୧୬୪.୨ମିମି

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ଜୁଲାଇ, ୨୦୧୯



ଭଲ ବହି ପଢ଼ି ଭଲ କାମ କଲେ ଖରାପ
ଲୋକଟି ମଧ ଧୀରେ ଧୀରେ ଭଲ ହୋଇଯାଏ ।
- ଆରିଷ୍ଟଟଲ



## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ
### ସ୍ୱାମୀଙ୍କ ନାମରେ ଅଭିଯୋଗ

ନୟାଗଡ଼ ଅଫିସ/ନୂଆଗାଁ (ଡି.ଏନ.ଏ.),୨୨।୭-ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଏକ ଆଶ୍ରମ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ହୋଇଛି। ଏ ନେଇ ଶିକ୍ଷୟିତ୍ରୀ ଜଣକ ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟ କେହି ନୁହେଁ ନିଜ ସ୍ୱାମୀ ଏହିଭଳି କାଣ୍ଡ ଘଟାଇଥିବା ନେଇ ଶିକ୍ଷୟିତ୍ରୀ ଏତଲାରେ ଦର୍ଶାଇଛନ୍ତି। ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଞ୍ଚଳର ସମ୍ପୃକ୍ତ ଶିକ୍ଷୟିତ୍ରୀ ନୂଆଗାଁ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ୨୦୧୭ ମସିହାରେ ବିବାହ କରିଥିଲେ । ବିବାହ ସମୟରେ ଦାବି ମୁତାବକ ଯୌତୁକ ପ୍ରଦାନ କରାଯାଇଥିଲା। ବିବାହ ପରେ ବିଭିନ୍ନ ସମୟରେ ଶାଶୁ ଘର ପରିବାର ଲୋକ ବୋହୂଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଇ ଆସୁଥିଲେ। ଗତ ୧୮ ତାରିଖରେ ଶିକ୍ଷୟିତ୍ରୀ ଜଣକ ଜାଣିବାକୁ ପାଇଥିଲେ ଯେ ତାଙ୍କର ଅଶ୍ଳୀଳ ଫଟୋ ତାଙ୍କ ମୋବାଇଲ୍‌ରୁ ବିଭିନ୍ନ ଆଡ଼େ ଭାଇରାଲ୍ ହୋଇଛି। ଏ ନେଇ ଅନୁସନ୍ଧାନ କରିବାରୁ ସ୍ୱାମୀ ଏହିଭଳି କାଣ୍ଡ ଘଟାଇଥିବା ଜାଣିବାକୁ ପାଇଥିଲେ। ସ୍ତ୍ରୀଙ୍କ ଅଜ୍ଞାତସାରରେ ସ୍ୱାମୀ ତାଙ୍କ ମୋବାଇଲ୍‌ରେ ଅଶ୍ଳୀଳ ଫଟୋ ଓ ଭିଡ଼ିଓ ରେକର୍ଡିଂ କରିଥିଲେ। ଏହାପରେ ଫଟୋ ଓ ଭିଡ଼ିଓ ଅତି ଚତୁରତାର ସହିତ ଶିକ୍ଷୟିତ୍ରୀଙ୍କ ଅଜାଣତରେ ତାଙ୍କ ମୋବାଇଲ୍‌କୁ ଆଣି ଏହାକୁ ଭାଇରାଲ୍ କରିଥିଲେ। ଏହି ଘଟଣା ଜାଣିବା ପରେ ଶିକ୍ଷୟିତ୍ରୀ ସ୍ୱାମୀଙ୍କୁ ପଚାରିବାରୁ ସେ ଓ ଶାଶୁଘର ଲୋକେ ମିଶି ତାଙ୍କ ଉପରେ ଅତ୍ୟାଚାର କରିଥିଲେ। ସୋମବାର ଶିକ୍ଷୟିତ୍ରୀ ଜଣକ ଏ ନେଇ ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ୫୫/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିବା ଥାନା ଅଧିକାରୀ ମନୋରମା ମଲ୍ଲିକ ପ୍ରକାଶ କରିଛନ୍ତି। ସେହିଭଳି ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଫେରାର୍ ହୋଇଯାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଦମ୍ପତିଙ୍କର ୧୧ ମାସର ପୁତ୍ର ସନ୍ତାନ ଅଛି।

### ଅଗଷ୍ଟ ୧୦ରେ ସୁଆର ମହାସୁଆର ନିର୍ବାଚନ

**ପୁରୀ ଅଫିସ, ୨୨।୭:** ଆସନ୍ତା ଅଗଷ୍ଟ ୧୦ ତାରିଖରେ ଶ୍ରୀମନ୍ଦିରର ସୁଆର ମହାସୁଆର ନିଯୋଗ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ନାମାଙ୍କନପତ୍ର ଦାଖଲ କରାଯାଇଛି। ମୋଟ ୩୭ ଜଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୨୬ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ଯଦି କୌଣସି ପ୍ରାର୍ଥୀ ଚାହିଁବେ ତେବେ ୨୭ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ଏହିଦିନ ପ୍ରାର୍ଥୀମାନଙ୍କର ନାମ ତାଲିକା ପ୍ରକାଶ ପାଇବ। ୧୦ ତାରିଖରେ କୋଇଲି ବୈକୁଣ୍ଠ ପରିସରରେ ଥିବା ନିଯୋଗ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯିବ। ସକାଳ ୯ଟାରୁ ଅପରାହ୍ନ ୫ଟା ମଧ୍ୟରେ ଭୋଟ ଗ୍ରହଣ ହେବ। ୧୧ ତାରିଖ ସକାଳ ୯ଟାରୁ ଗଣତି ହୋଇ ସେହିଦିନ ଫଳାଫଳ ପ୍ରକାଶ ପାଇବ। ପ୍ରାର୍ଥୀଙ୍କ ମଧ୍ୟରୁ ୧୫ ଜଣ ନିର୍ବାଚିତ ହେବେ। ସମ୍ପୃକ୍ତ ୧୫ ଜଣଙ୍କ ମଧ୍ୟରୁ ସଭାପତି, ସମ୍ପାଦକ ଆଦି ଚୟନ କରାଯିବ।

## ■ ଏମାର ମଠ ପରିସରରେ ପାର୍କିଂ ଯୋଜନା
# ମଠ ଜମି ସମତୁଲ ନେଇ ବିବାଦ

**ପୁରୀ ଅଫିସ, ୨୨।୭**

ବିବାଦରେ ପ୍ରଶାସନର ସଂସ୍କାର। ଶ୍ରୀମନ୍ଦିର ଏବଂ ବଡ଼ଦାଣ୍ଡର ଚିତ୍ର ବଦଳାଇବା ଲାଗି ଜିଲା ପ୍ରଶାସନ ଏକାଧିକ ସଂସ୍କାରର ସ୍କେଚ୍ ପ୍ରସ୍ତୁତ କରିଛି। ଏହାକୁ ବାସ୍ତବତାର ରୂପ ଦେବା ଲାଗି ଧୀରେ ଧୀରେ ଆଗକୁ ବଢୁଛି। ତେବେ ସୋମବାର ଏମାର ମଠର କିଛି ଅଂଶକୁ ପ୍ରଶାସନ ନିଜ ଦଖଲକୁ ନେବା ଘଟଣାକୁ ନେଇ ବିବାଦ ଘନେଇବାରେ ଲାଗିଛି। ରବିବାର ରାତିରେ ଏମାର ମଠ ପାଚେରୀ ଭଙ୍ଗାଯାଇଥିବା ବେଳେ ଏହା ମଧ୍ୟରେ ଥିବା ଫାଙ୍କା ଜାଗାରେ ପାର୍କିଂ କରାଯିବା ଲାଗି ଯୋଜନା କରିଛି ପ୍ରଶାସନ। ଏହି ଅନୁଯାୟୀ ସୋମବାର ଜେସିବି ଏବଂ ଟ୍ରାକ୍ଟର ଲଗାଯାଇ ଏମାର ମଠ ପରିସର କିଛି ଜାଗାକୁ ସମତୁଲ କରାଯାଇଛି। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ମଠ ମହନ୍ତ। ଜୋର୍ ଜବରଦସ୍ତ ପ୍ରଶାସନ ଏହିଭଳି କାର୍ଯ୍ୟ କରୁଛି ବୋଲି ଗଣମାଧ୍ୟମ

**ଜୋର ଜବରଦସ୍ତ କରାଯାଉଥିବା କହିଲେ ମହନ୍ତ**


ପାର୍କିଂ ନିମନ୍ତେ ଜମି ଖୋଳାଯାଉଛି।

ସମ୍ମୁଖରେ ମତ ରଖିଛନ୍ତି। ପାର୍କିଂ ପାଇଁ ଐତିହ୍ୟ ସମ୍ପନ୍ନ ମଠକୁ ଦଖଲ କରିବା ବେଆଇନ ବୋଲି ସେ କହିଛନ୍ତି।

ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ତେଣୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଯିବା ଆସିବା ଲାଗି ଜିଲା ପ୍ରଶାସନ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଏବଂ ନୋ ଭେଣ୍ଡିଂ ଜୋନ କରି ଏ ଦିଗରେ ପଦକ୍ଷେପ ଆରମ୍ଭ କରିଦେଇଛି। ସେହିପରି ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳରେ କୌଣସି ଉଠାଦୋକାନୀ, ଭିକାରୀ ବସିବେ ନାହିଁ କିମ୍ବା ଗାଡ଼ି ପାର୍କିଂ କରାଯିବ ନାହିଁ। ପ୍ରଶାସନର ଏଭଳି ନିଷ୍ପତ୍ତି ଯୋଗୁ ବହୁ ଉଠାଦୋକାନୀ ପ୍ରଭାବିତ ହୋଇଥିବା ବେଳେ ସୋମବାର ଏମାର ମଠର କିଛି ଅଂଶକୁ ପ୍ରଶାସନ ଦଖଲକୁ ନେଇଛି। ମଠର ମଝି ଅଂଶ କିଛିବର୍ଷ ହେଲା ଫାଙ୍କା ପଡିଥିଲା। ଅଳିଆ ଆବର୍ଜନା ସହ ମଠର ଭଙ୍ଗାରୁଜା କାନ୍ଥର ଇଟାପଥର ପଡିରହିଥିଲା। ସୋମବାର ସେହି ସ୍ଥାନକୁ ଜେସିବି ଲଗାଇ ସମତୁଲ କରିଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ଯେଉଁ ସଂସ୍କାର ମୂଳକ କାର୍ଯ୍ୟ ଆରମ୍ଭ କରିଛି ସଥିପାଇଁ ଯଥେଷ୍ଟ ପାର୍କିଂର ଆବଶ୍ୟକତା ରହିଛି। ତେଣୁ ୪ ଦିନ ହେଲାଣି ଶ୍ରୀମନ୍ଦିର ଆଖପାଖ ବୁଲି ପାର୍କିଂ ପାଇଁ ଜାଗା ଖୋଜୁଛନ୍ତି ପ୍ରଶାସନିକ ଅଧିକାରୀ। ଏମାର ମଠରୁ ପାର୍କିଂ ଅଭିଯାନ ଆରମ୍ଭ କରିଛି ଜିଲା ପ୍ରଶାସନ। ତେବେ ମହନ୍ତଙ୍କ ଅସନ୍ତୋଷ ଉପରେ ଉପଜିଲାପାଳ ଭବତାରଣ ସାହୁ କିଛି କହି ନ ଥିବାବେଳେ ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ କେତେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି।

# ମାରଣାସ୍ତ୍ରରେ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ହାଣିଲେ: ଯୁବକ ଗୁରୁତର

**ବୋଲଗଡ଼,୨୨।୭(ଡି.ଏନ.ଏ.)**

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ସାନକୁମାରୀସ୍ଥିତ ମା'ମଙ୍ଗଳା ମନ୍ଦିର ନିକଟରେ ରବିବାର ରାତିରେ କେହି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଛନ୍ତି। ଗୁରୁତର ଯୁବକ ହେଉଛନ୍ତି ସାନକୁମାରୀ ଗ୍ରାମର ଗଣେଶ ଖଣ୍ଡାଇ(୨୫)। ତାଙ୍କୁ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରାଯାଇଥିବା ନେଇ ଫାଣ୍ଡି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଗଣେଶ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ପର୍ଯ୍ୟନ୍ତ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ନ ଥିଲେ ମଧ୍ୟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ବିଳମ୍ବିତ ରାତିରେ ମଙ୍ଗଳା ମନ୍ଦିରଠାରେ କେହି ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ମୁଖଶାଳା ଓ ଅନ୍ୟ ସ୍ଥାନରେ ପଡ଼ିଥିବା ପ୍ରଚୁର ରକ୍ତସ୍ରାବରୁ ଜଣାପଡ଼େ ଯେ, ଆକ୍ରମଣବେଳେ ନିଜ ଜୀବନ ବଞ୍ଚାଇବାକୁ ସେ ମନ୍ଦିର ଭିତରକୁ ପଶି ଆସିଥିଲେ। ଗଣେଶଙ୍କ ମୁହଁ, ଛାତି ଓ ହାତରେ ଗଭୀର ଆଘାତ ଲାଗିଛି। ଗୁରୁତର ଭାବେ ଚିକିତ୍ସାଧୀନ ଥିବାରୁ ସେ କଥାବାର୍ତ୍ତା କରିବାରେ ସକ୍ଷମ ନ ଥିବାରୁ ଆକ୍ରମଣକାରୀ ଓ ଘଟଣା ସମ୍ପର୍କରେ ତାଙ୍କଠାରୁ ବିଶେଷ ତଥ୍ୟ ମିଳିପାରିନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ପରିବାର ଲୋକେ ଡାକ୍ତରଖାନାରେ ଥିବା ବେଳେ ଥାନାରେ ଏ ନେଇ କୌଣସି ଅଭିଯୋଗ କରି ନ ଥିବା ଜଣାପଡ଼ିଛି । ତେବେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାଙ୍କୋଇ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ପଣ୍ଡା ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରକ୍ତ ନମୂନା ସଂଗ୍ରହ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

# ବୋଲ୍‌ବମ୍ ଧ୍ୱନିରେ କମ୍ପିଲା ତାରେଶ୍ୱରଦେବ ପୀଠ


କାଉଡ଼ିଆମାନେ ଜଳଲାଗି କରିବାକୁ ଯାଉଛନ୍ତି।

**ବୋଲଗଡ଼,୨୨।୭(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ତାରେଶ୍ୱରଦେବଙ୍କୁ ଶ୍ରାବଣ ମାସ ପ୍ରଥମ ସୋମବାର ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଛନ୍ତି। ଏହି ଶିବଭକ୍ତଙ୍କ ବୋଲ୍‌ବମ୍ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହେବା ସହ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାଉଡ଼ିଆମାନେ ମହାନଦୀରୁ ଜଳଭାର ଆଣି ରବିବାର ରାତିରୁ ସୋମବାର ସକାଳ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ଭଗବାନ ଶିବଙ୍କ ନାମ ଧ୍ୱନି ଦେଇ ଏହି ଶୈବପୀଠରେ ପହଞ୍ଚିଥିଲେ। ପ୍ରାତଃ ସମୟରେ ଠାକୁରଙ୍କ ନୀତି ସମ୍ପନ୍ନ ହେବା ପରେ ଭକ୍ତମାନେ ଧାଡ଼ିରେ ଆସି ପ୍ରଭୁଙ୍କୁ ଜଳଲାଗି କରିଥିଲେ। ଏହି କାର୍ଯ୍ୟରେ ପୋଲିସ ଓ ସାମାଜିକ କର୍ମୀମାନେ ସହଯୋଗ କରିଥିଲେ। ପ୍ରତିବର୍ଷ ଭଳି କାଉଡ଼ିଆମାନଙ୍କ ପାଇଁ ରବିବାର ରାତ୍ରରେ ମାଗଣାରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ■ ୩ ଲୁଟେରା ଗିରଫ
### ଟାଟାସୁମୋ ସହ ୧୦ ବାଇକ୍ ଜବତ

**ପୁରୀଅଫିସ, ୨୨।୭**

ପିପିଲି ପୋଲିସ ସୋମବାର ଏକ ଲୁଟେରା ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଧାନଗୋହିରୀର ତାହିର ଆଖତର(୨୨), ଏମଡି.କରିମ(୨୮) ଓ ଅସିଫ ଖାନ୍(୨୨)। ସେମାନଙ୍କଠାରୁ ପୋଲିସ ଏକ ଟାଟା ସୁମୋ ଏବଂ ୧୦ଟି ବାଇକ ଜବତ କରିଛି। ୩ଜଣଙ୍କ ନାମରେ ପୁରୀ ସମେତ ଭୁବନେଶ୍ୱର ଚନ୍ଦ୍ରଶେଖରପୁର, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର ଥାନା ସମେତ ବାଣପୁର, ଖୋର୍ଦ୍ଧା ଏବଂ ନୟାଗଡ ଥାନାରେ ଏକାଧିକ ମାମଲା ରହିଛି। ଏହି ଥାନା ଅଞ୍ଚଳରୁ ବିଭିନ୍ନ ସମୟରେ ଚୋରି ଯାଇଥିବା ବାଇକ ପଛରେ ଏମାନଙ୍କ ସଂପୃକ୍ତି ରହିଥିବା ଜେରା ବେଳେ ସ୍ୱିକାର କରିଥିବା ପୋଲିସ କହିଛି। ଏକ ଆନ୍ତ ରାଜ୍ୟ ଲୁଟେରା ଗ୍ୟାଙ୍ଗ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ, ଖୋର୍ଦ୍ଧା, ନୟାଗଡ ପ୍ରଭୃତି ଅଞ୍ଚଳରେ ରାସ୍ତାରେ ଯାଉଥିବା ଲୋକଙ୍କୁ ଭୟଭୀତ କରି ମାରଣାସ୍ତ୍ର ଦେଖାଇ ବାଇକ୍‌ଲୁଟ୍‌କରୁଥିଲେ।

## ■ ଶ୍ରାବଣ ପ୍ରଥମ ସୋମବାର
# ଜଳଲାଗି ପାଇଁ ଶିବାଳୟରେ କାଉଡିଆଙ୍କ ଭିଡ଼

**ଗଣିଆ,୨୨।୭(ଡି.ଏନ.ଏ.)**

ଶ୍ରାବଣ ମାସର ପ୍ରଥମ ସୋମବାରରେ ଜଳଲାଗି ପାଇଁ ଗଣିଆ ବ୍ଲକର ବିଭିନ୍ନ ଶିବାଳୟରେ କାଉଡିଆ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭୋରୁ କାଉଡିଆଙ୍କ ବୋଲବମ୍ ଧ୍ୱନିରେ ମନ୍ଦିରଗୁଡିକ ଚଳଚଞ୍ଚଳ ହୋଇଉଠିଥିଲା। ଛାମୁଣ୍ଡିଆ ପଞ୍ଚୁପଲ୍ଲୀ ପ୍ରଗଣାସ୍ଥିତ ଗୁପ୍ତେଶ୍ୱର ମହାଦେବ ମନ୍ଦିର ପରିସରରେ ସକାଳୁ ୪ଶହରୁ ଊର୍ଦ୍ଧ୍ୱ ଭକ୍ତ ପହଞ୍ଚି ଜଳଲାଗି କରିଥିଲେ। ବୋଲବମ୍ ସେବା କମିଟି ଓ ମନ୍ଦିର ସେବା ଦଳ ତରଫରୁ ରବିବାର ସନ୍ଧ୍ୟାରେ କାଉଡିଆ ଭକ୍ତଙ୍କ ପାଇଁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହ ଆଶ୍ରୟସ୍ଥଳୀ, ପାନୀୟଜଳ ଓ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ସେହିପରି ରାଉତପଡାସ୍ଥିତ ଭୋଳେଶ୍ୱର ଦେବ, ପତଣ୍ଡା ଓ ଗଣିଆସ୍ଥିତ ଲିଙ୍ଗରାଜ ଦେବ, ଡଙ୍ଗାରିସାହିର ଗଣପତିଶ୍ୱର ଦେବ, ଇନ୍ଦିପଙ୍ଗାର ବିଶ୍ୱନାଥ ଦେବ, ବଡମୂଳର କପିଳେଶ୍ୱର ଦେବ ଓ ଜଗନ୍ନାଥପ୍ରସାଦର ବାଲୁଙ୍କେଶ୍ୱର ଦେବ ଶୈବପୀଠରେ ବହୁ କାଉଡିଆ ଭକ୍ତ ଜଳଲାଗି ପାଇଁ ଭିଡ଼ ଲଗାଇଥିଲେ। ଗଣିଆ ବଜାରରେ ମଧ୍ୟ କାଉଡିଆ ଭକ୍ତଙ୍କ ଲାଗି ଆଶ୍ରୟସ୍ଥଳୀ ଓ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା।


ଜଳଲାଗି ପାଇଁ ଗୁପ୍ତେଶ୍ୱର ମହାଦେବ ମନ୍ଦିରକୁ କାଉଡିଆ ଭକ୍ତମାନେ ଯାଉଛନ୍ତି।

# ପରିବେଶ ପାଇଁ ଚାରାରୋପଣ କାର୍ଯ୍ୟକ୍ରମ

**ନୟାଗଡ଼ ଅଫିସ,୨୨।୭**

ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗ୍ରୀନ ଆର୍ଥ ସଙ୍ଗଠନ ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ପକ୍ଷରୁ ଓଡ଼ଗାଁ ବ୍ଲକ ପଞ୍ଚମୁ ପଞ୍ଚାୟତ ପଙ୍କଳବାରୀ ଗ୍ରାମରେ ଥିବା ଭାଲୁଝର ପାହାଡ଼ର ପାଦଦେଶରେ ଚାରାରୋପଣ କରଯାଇଥିଲା। ଗ୍ରାମବାସୀଙ୍କ ସହାୟତାରେ ଆମ୍ବ, ପଣସ, ଲିମ୍ବ, ଜାମୁ ଆଦି ଶତାଧିକ ଚାରାରୋପଣ କରାଯାଇଥିଲା। ସେହିପରି ଗ୍ରାମରେ ପଡ଼ିଥିବା ପ୍ଲାଷ୍ଟିକ ଆର୍ବଜନାକୁ ମଧ ସଫା କରାଯାଇଥିଲା। ବର୍ତ୍ତମାନ ଗଛ କଟାଯିବା ସହିତ ପରବେଶ ପଦୂଷଣ ମାତ୍ରା ବୃଦ୍ଧି ପାଉଛି। ତେଣୁ ପରିବେଶର ସୁରକ୍ଷା ପାଇଁ ଗଛଟିଏ ଲଗାଇବା ପାଇଁ ଗ୍ରାମବାସୀଙ୍କୁ ଆହ୍ୱାନ ଦିଆଯାଇଥିଲା। ସୁସ୍ଥ ପରିବେଶ ଗଠନ ପାଇଁ ଗଛ ଲଗାଇବା ଏକମାତ୍ର ମାଧ୍ୟମ ବୋଲି କୁହାଯାଇଥିଲା। ଗ୍ରୀନ୍ ଆର୍ଥ ସମ୍ପାଦିକା ସଂଘମିତ୍ରା ମିଶ୍ର, ଗ୍ରାମ ସଭାପତି ଦଣ୍ଡପାଣି ଜାନି, ତ୍ରିଲୋଚନ ଜାନୀ, ଜୟକୃଷ୍ଣ ସାହୁ ପ୍ରମୁଖ ଚାରାରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ପାହାଡ଼ର ପାଦଦେଶରେ ଚାରାରୋପଣ କରାଯାଉଛି।

# ଜିଲାପାଳଙ୍କ ଜନଶୁଣାଣି ଶିବିର

**ଖଣ୍ଡପଡା,୨୨।୭(ସ୍ୱ.ପ୍ର.)**

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ଗୌରବମୟ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲାପାଳ ଡ. ଏନ୍. ତିରୁମାଲା ନାୟକ ଓ ଏସ୍‌ପି ଶଶିଭୂଷଣ ଶତପଥୀ ଯୋଗଦେଇଥିଲେ। ବ୍ଲକ ଅନ୍ତର୍ଗତ ସମସ୍ତ ୨୨ ପଞ୍ଚାୟତରୁ ଶତାଧିକ ଅଭିଯୋଗକାରୀ ଉପସ୍ଥିତ ରହି ସେମାନଙ୍କ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଜିଲାପାଳ ବିଭିନ୍ନ ଅଭିଯୋଗର ଶୁଣାଣି କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୨ଶହରୁ ଊର୍ଦ୍ଧ୍ୱ ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ବିଭିନ୍ନ ଅଭିଯୋଗ ମଧ୍ୟରେ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ, ସ୍ୱଚ୍ଛ ଭାରତ ମିଶନ ଜରିଆରେ ପାଇଖାନା ନିର୍ମାଣ କରି ବିଲ୍ ପାଇ ନ ଥିବା ହିତାଧିକାରୀଙ୍କୁ ତୁରନ୍ତ ବିଲ୍ ପ୍ରଦାନ, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ଅନ୍ୟତମ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାର ଅଗ୍ରଗତି ସମ୍ପର୍କରେ ଜିଲାପାଳ ବିଡିଓଙ୍କଠାରୁ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଦିଲୀପ କୁମାର ସାହୁ, ଡିଆରଡିଏ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ସନ୍ତୋଷୀ ସାହୁଙ୍କ ସମେତ କୃଷି, ଜଳସେଚନ, କ୍ଷୁଦ୍ର ଜଳସେଚନ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଉପସ୍ଥିତ ଥିଲେ। ଏବିଡିଓ ଦୁର୍ଗାମାଧବ ରଥ ଓ ଅନ୍ୟ ଅଧିକାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

# ଗାଁ ମାଟିରୁ ଅର୍ଥ ସାଉଁଟୁଛନ୍ତି ନଡିଆ ତୋଳାଳି ବୈକୁଣ୍ଠ

**ଓଡ଼ଗାଁ,୨୨।୭(ସ୍ୱ.ପ୍ର.)**

ଗ୍ରାମର ଅନ୍ୟମାନଙ୍କ ଭଳି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ରୋଜଗାର କରିବାକୁ ଉଚିତ ମନେ କଲେନି ସେ। ଗାଁରେ ରହି ଅର୍ଥ ଉପାର୍ଜନ କରି ପରିବାର ସଦସ୍ୟଙ୍କ ସୁଖଦୁଃଖରେ ସାମିଲ ହେବାକୁ ସେ ମନସ୍ଥ କଲେ। ଶିକ୍ଷାଗତ ଯୋଗ୍ୟତା ମାତ୍ର ସପ୍ତମ ପାସ ହୋଇଥିବାବେଳେ ତାହା ତାଙ୍କ କର୍ମଚଞ୍ଚଳ ଜୀବନରେ ବାଧକ ସୃଷ୍ଟି କରିପାରିନି। ନିଜର ଦୃଢ ଇଛାଶକ୍ତି ଓ ପରିଶ୍ରମ ବଳରେ ସେ ଏବେ ମାସକୁ ୨୫ ରୁ ୩୦ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ସେ ହେଲେ ନୟାଗଡ ଜିଲା ଓଡ଼ଗାଁ ବ୍ଲକ ସୁନାମୁହିଁ ପଞ୍ଚାୟତ ଲଣ୍ଡାବାଦୁ ଗ୍ରାମର ବୈକୁଣ୍ଠ ପ୍ରଧାନ(୪୨) । ମା'ବାପାଙ୍କ ସାନ ପୁଅ ବୈକୁଣ୍ଠ। ପାଠପଢା ନାମକୁ ମାତ୍ର ଥିଲା ବେଳେ ପିଲାବେଳୁ ବାପାଙ୍କୁ ଚାଷ କାମରେ ସହଯୋଗ କରି ଯୁବାବସ୍ଥାରେ ପହଞ୍ଚିଥିଲେ । ବିବାହ ବନ୍ଧନରେ ଆବଦ୍ଧ ହୋଇ ଗ୍ରାହ୍ୟସ୍ଥ ଜୀବନାରମ୍ଭ କଲେ। ଧୀରେ ଧୀରେ ପରିବାର ସଦସ୍ୟଙ୍କ ସଂଖ୍ୟା ବଢିବାରୁ ରୋଜଗାର ଚିନ୍ତା ବଢିଲା। ମା, ବାପା, ସ୍ତ୍ରୀ ଓ ଦୁଇ ଝିଅଙ୍କ ଦାୟିତ୍ୱ ମୁଣ୍ଡ ଉପରେ ପଡିଲା। ସୁନାମୁହିଁରେ ଥିବା ଆଇସକ୍ରିମ ଫ୍ୟାକ୍ଟ୍ରିରୁ


ନଡ଼ିଆ ଗଛରେ ଚଢୁଛନ୍ତି ବୈକୁଣ୍ଠ।

ଆଇସ କ୍ରିମ ଆଣି ଗାଁ ଗାଁ ସାଇକେଲରେ ବୁଲାଇ ବିକ୍ରି କରୁଥିଲେ । ସେ ଦୈନିକ ହଜାରେ ବାରଶ ଟଙ୍କାର ଆଇସ୍‌କ୍ରିମ ବିକ୍ରି କଲେ ସେଥିରୁ ମାତ୍ର ୩୦୦ ରୁ ୩୫୦ ଟଙ୍କା ପାରିଶ୍ରମିକ ବାବଦକୁ ପାଉଥିଲେ। ଫଳରେ ସେ ଆଇସ କ୍ରିମ ବିକ୍ରି ସହିତ କେତେକ ଗ୍ରାମକୁ ଯାଇ ନଡିଆ ଗଛ ଚଢି ନଡିଆ ତୋଳି ଆଉ କିଛି ଅର୍ଥ ଉପାର୍ଜନ କରୁଥିଲେ। ଏଥିନିମନ୍ତେ ତାଙ୍କୁ ବିପଦଜନକ ସ୍ଥିତିରେ ନଡିଆ ଗଛ ଚଢିବାକୁ ପଡୁଥିବା ବେଳେ ଶାରୀରିକ ପରିଶ୍ରମ ମଧ କରିବାକୁ ପଡୁଥିଲା । ଦିନରେ ଗୋଟିଏ ଦୁଇଟି ଗଛ ଚଢିଲାପରେ ଆଉ ଅଧିକ ପାଇଁ ସେ ସାହସ ଜୁଟାଇ ପାରୁନଥିଲେ । ଏହି ସମୟରେ ଆଇସ କ୍ରିମ ଫ୍ୟାକ୍ଟ୍ରିରୁ ଫ୍ରିଜ୍ ସଂଲଗ୍ନ ଆଇସକ୍ରିମ ଗାଡି ପାଇଲେ । ତା' ସାଙ୍ଗକୁ ଲୁଣି ଗ୍ରାମର ଜନୈକ ବ୍ୟକ୍ତି ତାଙ୍କର୍ ନଡିଆ ଗଛ ଚଢିବା ଆଗ୍ରହ ଦେଖି ତାଙ୍କୁ ଗୋଟିଏ ମାନୁଏଲ ନଡିଆ ଗଛ ଚଢିବା ଯନ୍ତ୍ର ପ୍ରଦାନ କରିଥିଲେ । ଏହାଦ୍ୱାରା ସେ ଏକରକମ ରୋଜଗାରର ମାଧ୍ୟମଟିଏ ପାଇ ସାରିଥିବା ଅନୁଭବ କରିବା ସହିତ ସଂପୃକ୍ତ ବ୍ୟକ୍ତିଙ୍କ ପ୍ରତି ସେ ଚିର କୃତଜ୍ଞତା ପ୍ରକାଶ କରିଥିଲେ । କିଛି ଦିନ ଆଇସକ୍ରିମ ଗାଡି ସହିତ ନଡିଆ ଗଛ ଚଢିବା ଯନ୍ତ୍ର ବାନ୍ଧି ଆଇସ କ୍ରିମ ବିକିବା ସାଙ୍ଗକୁ ଲୋକଙ୍କ ଚାହିଦା କ୍ରମେ ନଡିଆ ଗଛରେ ଚଢି ନଡିଆ ତୋଳିଲେ। ଏଥିସହିତ ନଡିଆ ଗଛ ଝାଡ଼ିବା ଏବଂ ଗଛ ଉପରେ ଲୁଣ ସାର ଆଦି ଦେବାରେ ତାଙ୍କର ରୋଜଗାରରେ ଉନ୍ନତି ପରିଲକ୍ଷିତ ହେଲା। ଫଳରେ ସେ ପ୍ରାୟ ବର୍ଷେ ହେଲା ଆଇସ୍‌କ୍ରିମ ବେପାର ଛାଡି ଗାଁ କୁ ଗାଁ ବୁଲି ଯନ୍ତ୍ର ସାହାଯ୍ୟରେ ନଡ଼ିଆ ଗଛରେ ଚଢି ଭଲ ରୋଜଗାର କରିବା ସହିତ ଏକ ବିଦ୍ୟା ହାସଲ କରି ପାରିଛନ୍ତି। ଦୈନିକ ସେ ୧୦ରୁ ୧୨ ନଡିଆ ଗଛ ଚଢୁଥିବା ବେଳେ ଏଥିନିମନ୍ତେ ସେ ପ୍ରତି ଗଛ ପିଛା ଶହେ ଟଙ୍କା ପାରିଶ୍ରମିକ ସହିତ ଗୋଟିଏ ନଡିଆ କିମ୍ବା ପଇଡ ଦାବି କରିଥାନ୍ତି । ଫଳରେ ଏ ବାବଦରେ ସେ ଦିନକୁ ହଜାରେ ଟଙ୍କାରୁ ବାରଶ ପର୍ଯ୍ୟନ୍ତ ନିଶ୍ଚିତ ରୋଜଗାର କରିଥାନ୍ତି । ମାସିକ ୨୫ ରୁ ୩୦ ହଜାର ଟଙ୍କା ହୋଇଥାଏ ବୋଲି ସେ ପ୍ରକାଶ କରିଥିଲେ । ଏଥିପାଇଁ ସେ ସକାଳୁ ନିତ୍ୟକର୍ମ ସାରି ଘରେ ପେଟପୂରା ପଖାଳ ଖାଇ ମୋପେଡରେ ନଡିଆ ଗଛ ଚଢିବା ଯନ୍ତ୍ର ବାନ୍ଧି ଗନ୍ତବ୍ୟ ପଥରେ ବାହାରିଯାନ୍ତି । ସେ ନିଜେ ପ୍ରସ୍ତୁତ କରିଥିବା ରୋଡ ମ୍ୟାପ ଅନୁସାରେ ପଡୋଶୀ ଗଞ୍ଜାମ ଜିଲାର ଜଗନ୍ନାଥପ୍ରସାଦ, ନୟାଗଡ ଜିଲାର ବାହାଡ଼ାଖୋଲା ଓ ଓଡ଼ଗାଁ ଅଞ୍ଚଳର ବିଭିନ୍ନ ଗ୍ରାମକୁ ଯାଇଥାନ୍ତି । ଏପରିକି ଲୋକଙ୍କ ଫୋନ କଲ୍ ପାଇ ସେଠାରେ ପହଞ୍ଚି ତାଙ୍କର ନଡିଆ ଗଛରେ ଚଢି ସମସ୍ତ କାର୍ଯ୍ୟ ସମ୍ପାଦନ କରି ଲୋକଙ୍କ ଆଦର ସାଉଁଟି ଲୋକପ୍ରିୟ ହୋଇପାରିଛନ୍ତି । ଥରେ ସେ ଘରୁ ବାହାରିଲେ ଯାଇ ସନ୍ଧ୍ୟାରେ ଘରକୁ ଫେରନ୍ତି। ମଧ୍ୟାହ୍ନ ଭୋଜନ କୌଣସି ଗାଁରେ ହିଁ କରିବାକୁ ପଡିଥାଏ। ରାତ୍ରି ଭୋଜନ ପରିବାର ସହିତ କରିଥାନ୍ତି । ସେ ତାଙ୍କ ଦୁଇ ଝିଅଙ୍କୁ ଉଚ୍ଚ ଶିକ୍ଷା ଦେବାକୁ ଲକ୍ଷ୍ୟ ରଖିଥିବା ବେଳେ ପରିବାରର ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ସେ ବେଶ ସଚେତନ ବୋଲି ବୈକୁଣ୍ଠ କହିଥିଲେ । ରୋଜଗାର କରିବାକୁ ନିଜ ଗାଁ ମାଟିରେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଥିବା ବେଳେ ଏସବୁର କୌଶଳ ହାସଲ କରି ସଫଳ ହେବା ନିମନ୍ତେ ସେ ଯୁବ ପିଢିଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି।

**ପ୍ରସ୍ତୁତି : ଆଦର୍ଶ କୁମାର ପଟ୍ଟନାୟକ**